# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, March 12/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 106 | ମୂଲ୍ୟ ₹୭/-




**ପ୍ରଥମରେ ରହିଲେ ଅଭିଷେକ**

ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ବ୍ୟାଟର ର୍ୟାଙ୍କିଙ୍ଗ୍ ତାଲିକାରେ ଅଭିଷେକ ଶର୍ମା ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି।

୧୪

୦୮

**ସ୍ୱାମୀଙ୍କଠାରୁ ଅଲଗା ହେଲେ ହଂସିକା**

୪ ବର୍ଷର ବୈବାହିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଅଭିନେତ୍ରୀ ହଂସିକା ମୋଟ୍ୱାନୀ ଓ ତାଙ୍କ ବ୍ୟବସାୟୀ ସ୍ୱାମୀ ସୋହେଲ କାଥୁରିଆ।





ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ବୁଧବାର ଆକ୍ରମଣ ପରେ ଥାଇଲାଣ୍ଡ ଜାହାଜ 'ମୟୂରୀ ନାରୀ' ଜଳିଯାଉଥିବା ବେଳର ଦୃଶ୍ୟ।

## ୨ୟ ଶ୍ରେଣୀ ଛାତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

**ଜଙ୍ଗଲରେ ଫିଙ୍ଗିଦେଲେ**

ସୁନ୍ଦରଗଡ଼,୧୧।୩ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଞ୍ଚଳରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କ ତଣ୍ଟି ଚିପି ହତ୍ୟା କରାଯାଇଛି। ପୋଲିସ ଛାତ୍ରୀଙ୍କ ଗଳିତ ମୃତଦେହକୁ ବୁଧବାର ଏକ ଜଙ୍ଗଲ ମଧ୍ୟରୁ ଜବତ କରିଛି। ଏହି ଘଟଣାରେ ରାଜଗାଙ୍ଗପୁର ପୋଲିସ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତ ଜଣଙ୍କ ଛାତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ନେଇ ସ୍ୱୀକାର କରିଥିବା ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୂଷଣ ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏନେଇ ପୋଲିସ ପୂର୍ବରୁ ରୁଜୁ ହୋଇଥିବା ନିଖୋଜ ମାମଲାକୁ ହତ୍ୟା ମାମଲାକୁ ପରିବର୍ତ୍ତନ କରିଛି।

ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ଗତ ୯ ତାରିଖରୁ ନିଖୋଜ ହୋଇଥିଲେ। ଏନେଇ ୧୦ ତାରିଖରେ ପରିବାର ଲୋକେ ରାଜଗାଙ୍ଗପୁର ଥାନାରେ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ଏକ ନିଖୋଜ ମାମଲା (ନଂ. ୧୫୭/୨୬)ରୁଜୁ କରି ୨ରୁ ୩ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କୁ ତଣ୍ଟିଚିପି ହତ୍ୟା କରି ନିକଟ ଏକ ଜଙ୍ଗଲରେ ମୃତଦେହ ପକାଇ ଚାଲିଆସିଥିବା ପୋଲିସ ଜେରା ବେଳେ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ ପୋଲିସ ବୁଧବାର ଜଙ୍ଗଲ ମଧ୍ୟରୁ ଛାତ୍ରୀଙ୍କ ଗଳିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡିବ ବୋଲି ଏସଡିପିଓ ଭୋଇ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ** ଦୁଇ ଭିନ୍ନ ଦେଶ

## ୧ ଡଲାର = ୯୨.୦୧ ଟଙ୍କା



ମୁମ୍ବାଇ, ୧୧।୩ (ପି.ଟି)

ବୁଧବାର ଶେୟାର ବଜାର ପରେ ମୁଦ୍ରା ବଜାରରୁ ମଧ ନିରାଶାଜନକ ଖବର ଆସିଛି। ଦିନର କାରବାର ଶେଷ ସୁଦ୍ଧା ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ୧୬ ପଇସା ହ୍ରାସ ପାଇ ୯୨.୦୧ ରେ ପହଞ୍ଚିଛି। ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତୈଳ (ବ୍ରେଣ୍ଟ କ୍ରୁଡ୍) ଦର ୫.୪୪% ବୃଦ୍ଧି ପାଇ ବ୍ୟାରେଲ ପିଛା ୯୨.୫୮ ଡଲାରରେ ପହଞ୍ଚିଛି। ଏହାର ସିଧାସଳଖ ପ୍ରଭାବ ଟଙ୍କା ଉପରେ ପଡ଼ିଛି। ବିଶ୍ୱର ପ୍ରମୁଖ ୬ଟି ମୁଦ୍ରା ତୁଳନାରେ ଡଲାରର ସୂଚକାଙ୍କ ୦.୧୪% ବୃଦ୍ଧି ପାଇ ୯୮.୯୬ ରେ ରହିଛି। ବୁଧବାର ମୁଦ୍ରା ବଜାର ଖୋଲିବା ବେଳେ ଟଙ୍କା ୯୧.୯୨ ସ୍ତରରେ ଥିଲା। ଦିନସାରା ଏହା ୯୧.୮୫ ରୁ ୯୨.୦୬ ମଧ୍ୟରେ କାରବାର କରି ଶେଷରେ ୯୨.୦୧ ରେ ବନ୍ଦ ହୋଇଛି। ମଙ୍ଗଳବାର ଟଙ୍କା ୯୧.୮୫ ସ୍ତରରେ ବନ୍ଦ ହୋଇଥିଲା। ☞ପୃଷ୍ଠା-୪

# ଭାରତ ଆସୁଥିବା ଜାହାଜକୁ ଆକ୍ରମଣ

- **୨ ଭାରତୀୟ ମୃତ, ଜଣେ ନିଖୋଜ**
- **ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଫସିଛି ୨୮ ଭାରତୀୟ ଜାହାଜ, ୭୭୮ କ୍ରିଉ**

ଦୁବାଇ/ନୂଆଦିଲ୍ଲୀ,୧୧।୩ (ଏ.ପି./ରଏଟର୍ସ)

ମଧ୍ୟପ୍ରାଚ୍ୟର ଯୁଦ୍ଧର ଭୟଙ୍କର ପରିଣାମ ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଦେଖିବାକୁ ମିଳିଛି। ଏହି ସାମୁଦ୍ରିକ ଜଳପଥ ଦେଇ ଆସୁଥିବା ତୈଳ ପରିବହନକାରୀ ବାଣିଜ୍ୟିକ ଜାହାଜଗୁଡ଼ିକୁ ଇରାନ୍ ଆକ୍ରମଣ କରୁଥିବାରୁ ବିଭିନ୍ନ ଦେଶରେ ତୈଳ ଓ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଏହିକ୍ରମେ ଭାରତକୁ ଆସୁଥିବା ଥାଇଲାଣ୍ଡର ଏକ ଜାହାଜ ଉପରେ ବୁଧବାର ଅଜ୍ଞାତ ସ୍ଥାନରୁ ଅତର୍କିତ ଆକ୍ରମଣ ହୋଇଛି। ରୟାଲ ଥାଇ ନେଭିର ମୟୂରୀ ନାରୀ ନାମକ ଉକ୍ତ ଜାହାଜରେ ୩ ଭାରତୀୟଙ୍କ ସମେତ ୨୩ କ୍ରିଉ ମେମ୍ବର ଥିଲେ। ଜାହାଜ ଉପରେ ପ୍ରୋଜେକ୍ଟାଇଲ ଆକ୍ରମଣ ପରେ ସେଥିରେ ନିଆଁ ଲାଗିଯିବାରୁ ଏହାର ଇଞ୍ଜିନ ନଷ୍ଟ ହୋଇଯିବା ସହ ୨ ଭାରତୀୟଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଛନ୍ତି। ମୟୂରୀ ନାରୀ ଜାହାଜରୁ ଥାଇଲାଣ୍ଡର ୨୦ କ୍ରିଉ ମେମ୍ବରଙ୍କୁ ଉଦ୍ଧାର କରାଯାଇଛି।

ଇରାନ୍ ସହ ଆମେରିକା-ଇସ୍ରାଏଲ୍‌ର ଯୁଦ୍ଧ ପରିପ୍ରେକ୍ଷୀରେ ବୈଶ୍ୱିକ ତୈଳ ଓ ପ୍ରାକୃତିକ ବାଷ୍ପ ବଜାର ଫୁଲି ଉଠିଥିବାବେଳେ ଉଭୟ ପକ୍ଷରୁ ବାକ୍ୟ ବିନିମୟ ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ବିରୋଧୀ ଯୁଦ୍ଧକୁ ନେଇ ବିଭିନ୍ନ ସମୟରେ ନିଜ ମତ ବଦଳାଇ ଚାଲିଥିବାରୁ ଆଗକୁ କ'ଣ ହେବ ତାହା କହିହେଉନାହିଁ। ଏଭଳି ସ୍ଥିତିରେ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକରେ ଭାରତ ସମେତ ଅନେକ ରାଷ୍ଟ୍ରର ତୈଳ ପରିବହନକାରୀ ଜାହାଜ ଫସିରହିଛି। ସ୍ଥିତିରେ ସାମାନ୍ୟ ସୁଧାର ପରିଲକ୍ଷିତ ହେଲେ ଜାହାଜଗୁଡ଼ିକ ଜଳପଥ ଦେଇ ଅଗ୍ରସର ହେଉଛନ୍ତି। ଇରାନ୍ ସେଗୁଡ଼ିକୁ ଆକ୍ରମଣ କରୁଥିବାରୁ ଧନଜୀବନ ହାନି ହେଉଛି। ଏହାର ପ୍ରଭାବରୁ ଭାରତ ନିଜକୁ ମୁକ୍ତ କରିପାରି ନାହିଁ। ଥାଇଲାଣ୍ଡ ଜାହାଜରେ ଆକ୍ରମଣ ପରେ ନିଆଁ ଲାଗିଯିବାରୁ ୩ ଭାରତୀୟ ନିଖୋଜ ହୋଇଯାଇଥିବା ନେଇ ଜାହାଜ ପରିଚାଳନାକାରୀ ପ୍ରେସିଅସ୍ ଶିପିଂ ପକ୍ଷରୁ ବୁଧବାର ଏକ ବିବୃତିରେ କୁହାଯାଇଛି। କିନ୍ତୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ୨ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ଓ ଜଣେ ନିଖୋଜ ହୋଇଯାଇଥିବା ସ୍ପଷ୍ଟ କରିଛି। ଜାହାଜଗୁଡ଼ିକର ଚଳାଚଳ ଉପରେ ନଜର ରଖୁଥିବା ୱେବ୍‌ସାଇଟ୍ ଭେସେଲ୍ ଫାଇଣ୍ଡର ନିଜ ୱେବ୍‌ସାଇଟ୍‌ରେ ଦର୍ଶାଇଛି ଯେ ଜାହାଜଟି ଗୁଜରାଟର କାଣ୍ଡଲା ଅଭିମୁଖେ ଯାତ୍ରା କରୁଥିଲା। ଆକ୍ରମଣ ପରେ ଉକ୍ତ ଜାହାଜରୁ ୨୦ ଜଣଙ୍କୁ ଓମାନ ନୌସେନା ପକ୍ଷରୁ ଉଦ୍ଧାର କରାଯାଇଛି।

ପାରସ୍ୟ ଉପସାଗରରେ ଅଦ୍ୟାବଧି ୨୮ଟି ଭାରତୀୟ ଜାହାଜ ଫସିରହିଛି। ସେଗୁଡ଼ିକରେ ୭୭୮ ଜଣ କ୍ରିଉ ମେମ୍ବର ରହିଥିବା ଭାରତ ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରୁ ୨୪ ଭାରତୀୟ ଜାହାଜରେ ଥିବା ୭୭୮ ଜଣଙ୍କ ମଧ୍ୟରୁ ୬୭୭ କ୍ରିଉ ମେମ୍ବର କେବଳ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପଶ୍ଚିମ ଭାଗରେ ଫସି ରହିଛନ୍ତି। ଅନ୍ୟ ପୂର୍ବ ଭାଗରେ ଥିବା ୪ ଜାହାଜରେ ୧୦୧ ଜଣ ରହିଛନ୍ତି। ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସ୍ଥିତି ଉପରେ ସକ୍ରିୟ ନଜର ରଖାଯାଇଛି। ଉକ୍ତ ଜାହାଜଗୁଡ଼ିକ ସହ ସେଥିରେ ଥିବା ସମସ୍ତ କ୍ରିଉ ମେମ୍ବରଙ୍କୁ ସୁରକ୍ଷିତ ଭାବେ କିପରି ଉଦ୍ଧାର କରାଯିବ ତାହା ଉପରେ ସରକାର ଜୋର୍ ଦେଉଛନ୍ତି। ଏଥିପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ମଧ୍ୟପ୍ରାଚ୍ୟରେ ଥିବା ଭାରତୀୟ ଦୂତାବାସ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଜରୁରୀ ପଦକ୍ଷେପ ନେଉଥିବା ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା ସୂଚନା ଦେଇଛନ୍ତି। ଇତିମଧ୍ୟରେ ସ୍ଥିତି ଉପରେ ନଜର ରଖିବା ପାଇଁ ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

# ବିବାଦୀୟ ଅଧ୍ୟାୟର ଲେଖକଙ୍କଠାରୁ ସରକାର ଦୂରେଇ ରୁହନ୍ତୁ: ସୁପ୍ରିମକୋର୍ଟ

**ଏନ୍‌ସିଇଆର୍‌ଟି ବହି ବିବାଦ**

- **ଅଧ୍ୟାୟ ପୁନର୍ଲିଖନକୁ ନେଇ ଖଣ୍ଡପୀଠ ଅସନ୍ତୁଷ୍ଟ**
- **ଅନୁମୋଦନ ବିନା ପ୍ରକାଶନ ମନା**

**ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଥିବା ବିବାଦୀୟ 'ନ୍ୟାୟପାଳିକା' ଅଧ୍ୟାୟକୁ ନେଇ ଚାଲିଥିବା ମାମଲାରେ ସୁପ୍ରିମ୍‌କୋର୍ଟ ବୁଧବାର କେନ୍ଦ୍ର ସରକାର ଏବଂ ରାଜ୍ୟଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବାଦୀୟ ଅଧ୍ୟାୟ ଲେଖିଥିବା ତିନିଜଣ ବିଶେଷଜ୍ଞ ପ୍ରଫେସର ମିସେଲ ଡାନିନୋ, ସୁପର୍ଣ୍ଣା ଦିବାକର ଏବଂ ଆଲୋକ ପ୍ରସନ୍ନ କୁମାରଙ୍କଠାରୁ ସରକାର ନିଜକୁ ଦୂରେଇ ରଖନ୍ତୁ ବୋଲି କୋର୍ଟ କହିଛନ୍ତି। ଏହି ଲେଖକମାନଙ୍କର ବିଚାରଧାରା ପାଠ୍ୟପୁସ୍ତକରେ ପ୍ରତିଫଳିତ ହେବା ଉଚିତ ନୁହେଁ। ତେଣୁ ସେମାନଙ୍କଠାରୁ ସମସ୍ତ ସମ୍ପର୍କ ତୁଟାଇବାକୁ କୁହାଯାଇଛି। ଉକ୍ତ ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ଏବଂ କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରାଯାଇଥିଲା। ଏହାକୁ ନେଇ କୋର୍ଟ କିଛିଦିନ ତଳେ ପ୍ରବଳ ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ ପାଠ୍ୟପୁସ୍ତକକୁ ନିଷିଦ୍ଧ କରିଥିଲେ।**

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିବାଦୀୟ ଅଧ୍ୟାୟ ଲେଖିଥିବା ତିନିଜଣ ବିଶେଷଜ୍ଞ ପ୍ରଫେସରଙ୍କ ସହ ସମସ୍ତ ସମ୍ପର୍କ ତୁରନ୍ତ ଛିନ୍ନ କରାଯାଉ। ସେହିପରି ସରକାରୀ ପାଣ୍ଠି ବ୍ୟବହୃତ ହେଉଥିବା କୌଣସି ବି ପ୍ରକଳ୍ପ ବା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏହି ୩ଜଣଙ୍କୁ ନ ଦେବାକୁ କୋର୍ଟ କହିଛନ୍ତି। କୋର୍ଟଙ୍କ ଅନୁସାରେ, ଏମାନେ ଜାଣିଶୁଣି ଛାତ୍ରୀଛାତ୍ରଙ୍କ ଆଗରେ ନ୍ୟାୟପାଳିକାର ଏକ ନକାରାତ୍ମକ ଚିତ୍ର ଉପସ୍ଥାପନ କରିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କୁ ଏକ ସପ୍ତାହ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିବାକୁ କୁହାଯାଇଛି। ଏହି କମିଟିରେ ଜଣେ ପୂର୍ବତନ ବରିଷ୍ଠ ବିଚାରପତି, ଜଣେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଜଣେ ପ୍ରତିଷ୍ଠିତ ଆଇନଜୀବୀ ରହିବେ। ଏହି କମିଟି କେବଳ ଅଷ୍ଟମ ଶ୍ରେଣୀ ନୁହେଁ, ବରଂ ଉଚ୍ଚତର ଶ୍ରେଣୀଗୁଡ଼ିକ ପାଠ୍ୟକ୍ରମର ଯାଞ୍ଚ ଓ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବ। ଏଥିପାଇଁ ଭୋପାଳସ୍ଥିତ ନ୍ୟାଶନାଲ ଜୁଡିସିଆଲ ଏକାଡେମୀର ସହାୟତା ନେବାକୁ ପରାମର୍ଶ ଦିଆଯାଇଛି।

କୋର୍ଟ କହିଛନ୍ତି, ଫେବୃଆରୀ ୨୬ରେ ଜାରି ହୋଇଥିବା ନିର୍ଦ୍ଦେଶ ପରେ କିଛି 'ଅସାମାଜିକ ତତ୍ତ୍ୱ' ସୋସିଆଲ ମିଡିଆରେ ଦାୟିତ୍ୱହୀନ ଭାବେ ପ୍ରତିକ୍ରିୟା ରଖିଛନ୍ତି। ଏହିଭଳି ଉତ୍ପାତକାରୀଙ୍କୁ ଚିହ୍ନଟକରି ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ☞ପୃଷ୍ଠା-୪

# ଆରାବଳୀ: ବର୍ଷକୁ ୧୩.୮% ମୃତ୍ତିକା କ୍ଷୟ

ନୂଆଦିଲ୍ଲୀ, ୧୧।୩ (ପି.ଟି.)

ଆରାବଳୀ ପର୍ବତମାଳାର ପରିବେଶ କ୍ଷୟକ୍ଷତିକୁ ନେଇ ଏକ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ୨୦୧୭ରୁ ୨୦୨୪ ମଧ୍ୟରେ ଆରାବଳୀ ଅଞ୍ଚଳରେ ବାର୍ଷିକ ହାରାହାରି ମୃତ୍ତିକା କ୍ଷୟ ୧୩.୮% ବୃଦ୍ଧି ପାଇଛି। ଏହା ବର୍ଷକୁ ୧.୫୯ ଟନ ହେକ୍ଟରରୁ ବଢ଼ି ୧.୮୧ ଟନ ହେକ୍ଟରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଆରାବଳୀରେ ସହରୀକରଣ ଏବଂ ନିର୍ମାଣ କାର୍ଯ୍ୟ ୫୩% ବୃଦ୍ଧି ପାଇଛି। ଚାଷଜମି ଏବଂ ଘାସପଡ଼ିଆକୁ ନଷ୍ଟ କରି ଏହି ନିର୍ମାଣ କରାଯାଇଛି। ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଆଇଆଇଟି



ଖଡ଼ଗପୁରର ଗବେଷକମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଏହି ତଥ୍ୟ ଜଣାପଡ଼ିଛି।

ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ଆଶ୍ଚର୍ଯ୍ୟଜନକ ଭାବେ ବନୀକରଣ ବୃଦ୍ଧି ପାଇଥିଲେ ମଧ ମୃତ୍ତିକା କ୍ଷୟ କମିନାହିଁ। ଗବେଷକମାନେ କହିଛନ୍ତି, କେବଳ ଗଛ ଲଗାଇବା ଦ୍ୱାରା ବ୍ୟାପକ ସ୍ତରରେ ହେଉଥିବା ଜମିର ରୂପାନ୍ତରଣକୁ ରୋକାଯାଇପାରିବ ନାହିଁ। ଆରାବଳୀ ଭାରତର ପୁରାତନ ଏବଂ ଖଣିଜ ସମ୍ପଦରେ ଭରପୂର ପର୍ବତମାଳା ହୋଇଥିବାରୁ ଏଠାରେ ବହୁଳ ଭାବେ ଖଣି ଖନନ ଚାଲିଛି। ମାନବୀୟ କାର୍ଯ୍ୟକଳାପ ସହିତ ପରିବର୍ତ୍ତିତ ପାଣିପାଗ ମୃତ୍ତିକା କ୍ଷୟକୁ ଅଧିକ ତ୍ୱରାନ୍ୱିତ କରିଛି। ପ୍ରାକୃତିକ ପରିବେଶକୁ କଂକ୍ରିଟ ଜଙ୍ଗଲରେ ପରିଣତ କରିବା ଫଳରେ ମାଟିର ପ୍ରାକୃତିକ ପ୍ରତିରକ୍ଷା ବ୍ୟବସ୍ଥା ନଷ୍ଟ ହୋଇଯାଇଛି। ଉପରୋକ୍ତ ଅଧ୍ୟୟନ ଚେତାଇ ଦେଇଛି ଯେ ଯଦି ସ୍ଥାନୀୟ ସଂରକ୍ଷଣ କାର୍ଯ୍ୟ ଅପେକ୍ଷା ଜମିର ଅଣକୃଷି ବ୍ୟବହାର (ନିର୍ମାଣ) ଅଧିକ ହୁଏ, ତେବେ ପାରିପାର୍ଶ୍ୱିକ ସନ୍ତୁଳନ ରକ୍ଷା କରିବା ଅସମ୍ଭବ ହୋଇପଡ଼ିବ।




## ସଂକ୍ଷେପରେ

### ନିର୍ଦ୍ଦୋଷରେ ଖଲାସ ହେଲେ ବଳାତ୍କାର ଅଭିଯୁକ୍ତ

**ରାଉରକେଲା, ୧୧।୩(ସଙ୍ଗୀତା ଜେନା):** ନିର୍ଦ୍ଦୋଷରେ ବୁଧବାର ଜଣେ ବଳାତ୍କାର ଅଭିଯୁକ୍ତ ଖଲାସ ହୋଇଥିବା ସୂଚନା ମିଳିଛି। ଦୀର୍ଘ ୮ ମାସ ବିଚାରଧୀନ ରହିବା ପରେ ଅଭିଯୁକ୍ତ ଖଲାସ ହୋଇ ଘରକୁ ଫେରିଛନ୍ତି। ସେ ହେଉଛନ୍ତି ଇନ୍ଦ୍ରମଣି ସାମଲ। ୨୦୨୫ ଜୁଲାଇ ୧୮ରେ ସୁନ୍ଦରଗଡ଼ ଜିଲା ବିରମିତ୍ରପୁର ଥାନାରେ ଜଣେ ମହିଳାଙ୍କ ଅଭିଯୋଗ କ୍ରମେ ରାଉରକେଲାର ଇନ୍ଦ୍ରମଣି ସାମଲଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ଆଇପିସି ୩୭୬, ୫୦୬ ଓ ପୋକସୋ, ଏସସି/ଏସଟି ଭଳି ସଙ୍ଗୀନଦଫାରେ ମାମଲା ବିଚାର ହେଉଥିଲା। ରାଉରକେଲା ଏଡିଜେ ପୋକସୋ କୋର୍ଟରେ ଉକ୍ତ ମାମଲା ଚାଲୁଥିଲା। ଇନ୍ଦ୍ରମଣିଙ୍କ ପକ୍ଷରୁ ଆଇନଜୀବୀ ଶାନ୍ତନୁ ଦାଶ ମାମଲା ଲଢୁଥିବା ବେଳେ ମହିଳାଙ୍କ ପକ୍ଷରୁ ସରକାରୀ ଓକିଲ ପରିଚାଳନା କରୁଥିଲେ। ତେବେ ସାକ୍ଷ୍ୟ ଅଭାବରୁ କୋର୍ଟ ଇନ୍ଦ୍ରମଣିଙ୍କୁ ଦୋଷମୁକ୍ତ କରିବା ସହ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

### ଗଛରୁ ପଡ଼ି ଯୁବକ ମୃତ

**ରାଉରକେଲା, ୧୧।୩(ସଙ୍ଗୀତା ଜେନା):** ଲାଠିକଟା ଥାନା ଅନ୍ତର୍ଗତ ଲୋହଦାର ଗ୍ରାମରେ ବୁଧବାର ସକାଳେ ଜଣେ ଯୁବକ ଗଛରୁ ପଡି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଯୁବକ ହେଉଛନ୍ତି ଦିବାକର ଭୂମିଜ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦୨୬)ରୁଜୁ କରି ତଦନ୍ତ କରୁଛି।

### କଲୁଙ୍ଗାରେ ହନୁମାନ ମନ୍ଦିର ପ୍ରତିଷ୍ଠା

**ରାଉରକେଲା, ୧୧।୩(ସଙ୍ଗୀତା ଜେନା):** ଲାଠିକଟା ବ୍ଲକ କଲୁଙ୍ଗାରେ ବନବାସୀ ହିନ୍ଦୁ ଜାଗୃତି ମଣ୍ଡଳ ପ୍ରତୀତା ସମିତି ତରଫରୁ ଅଷ୍ଟମ ତଥା ନବମ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ମଙ୍ଗଳବାର ଓ ବୁଧବାର ଯଥାକ୍ରମେ ବଲଣ୍ଡା ପଞ୍ଚାୟତରେ ଖୋରା ଡୁବେନ୍ ଗ୍ରାମରେ ଏବଂ ବୀରକେରା ପଞ୍ଚାୟତ ନାକୋଖାଇଡି ଗ୍ରାମରେ ପ୍ରତିଷ୍ଠା ହୋଇଥିଲା। ହନୁମାନ ମନ୍ଦିର କମିଟିର ନିର୍ଦ୍ଦେଶକ ଶଙ୍କର ବର୍ମା କହିଛନ୍ତି, ଧର୍ମାନ୍ତରୀକରଣ ବନ୍ଦ ନ କରାଯାଏ, ତେବେ ଏପରି ଏକ ଦିନ ଆସିବ ଯେତେବେଳେ ଗାଁରେ ଖୋଜିଲେ ମଧ୍ୟ ହିନ୍ଦୁମାନେ ମିଳିବେ ନାହିଁ। ହିନ୍ଦୁ ସମ୍ପ୍ରଦାୟକୁ ଧର୍ମାନ୍ତରୀକରଣ ବନ୍ଦ କରିବା ବିଷୟରେ ଚିନ୍ତା କରିବାକୁ ପଡିବ। ଧର୍ମାନ୍ତରୀକରଣ ବନ୍ଦ କରିବା ପାଇଁ ହିନ୍ଦୁ ସମ୍ପ୍ରଦାୟକୁ ଜାଗ୍ରତ କରିବାକୁ ପଡିବ। ପ୍ରତି ଶନିବାର, କମିଟି ହିନ୍ଦୁ ସମ୍ପ୍ରଦାୟକୁ ଧର୍ମ ପ୍ରତି ଜାଗ୍ରତ କରିବା ପାଇଁ ହିନ୍ଦୁ ସଭା ଭଜନ ଏବଂ କୀର୍ତ୍ତନ ମାଧ୍ୟମରେ ବିଭିନ୍ନ ଗ୍ରାମରେ ସଚେତନତା ଅଭିଯାନ ଚଳାଇଥାଏ। କମିଟି ଦ୍ୱାରା ପ୍ରତ୍ୟେକ ଗାଁରେ ଏକ ହନୁମାନ ମନ୍ଦିର ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।



ହନୁମାନ ମନ୍ଦିର ପ୍ରତିଷ୍ଠାରେ ଉପସ୍ଥିତ ଶ୍ରଦ୍ଧାଳୁ।

# ରନ୍ଧନ ଗ୍ୟାସ ଅଭାବୀ ଯୋଗାଣ: ଖାଉଟି ହନ୍ତସନ୍ତ

ରାଉରକେଲା, ୧୧।୩(ସଙ୍ଗୀତା ଜେନା)

ରାଉରକେଲାରେ ଏଲ୍‌ପିଜି ଗ୍ୟାସର ଅଭାବ ଦେଖାଯାଇଛି। ଫଳରେ ଗ୍ରାହକଙ୍କ ମଧ୍ୟରେ ଏ ନେଇ ଅଧିକ ଭୟର ସ୍ଥିତି ରହିଛି। ଦିନକୁ ଦିନ ଅଧିକ ସଂଖ୍ୟାରେ ଗ୍ୟାସ ବୁକିଂ ହେଉଛି। ଗ୍ୟାସ ଏଜେନ୍ସିଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏଲ୍‌ପିଜି ସିଲିଣ୍ଡର ଯୋଗାଣ କରିପାରୁ ନାହାନ୍ତି। ମାର୍କେଟ ମାନଙ୍କରେ ଚା'ଜଳଖିଆ ଦୋକାନରେ ଘରୋଇ ଏଲପିଜି ବହୁଳ ବ୍ୟବହାର ହେଉଥିବାବେଳେ ଖାଉଟିମାନଙ୍କ ଚାହିଦା ପୂରଣ ହେଉ ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷରେ, ରାଉରକେଲାରେ ପର୍ଯ୍ୟାପ୍ତ ଏଲ୍‌ପିଜି ମହଜୁଦ ଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ରାଉରକେଲା ସମେତ ସମଗ୍ର ଜିଲାରେ ସିଲିଣ୍ଡର ଅଭାବି ଯୋଗାଣ ନେଇ ଗ୍ରାହକ ବା ଖାଉଟି ହନ୍ତସନ୍ତ ହେଉଥିବା କୁହାଯାଇଛି। ସେହିପରି ବ୍ୟବସାୟିକ ସିଲିଣ୍ଡର ଯୋଗାଣ କମିଛି। ଏହାର ପ୍ରଭାବ ସହରରେ ପ୍ରତ୍ୟକ୍ଷଭାବେ ପରିଲକ୍ଷିତ ହୋଇଛି। ଗ୍ୟାସ ଘରେ ଘରେ ମହଜୁଦ ରଖିବା ପାଇଁ ଖାଉଟି ଅଧିକ ସଂଖ୍ୟାରେ ବୁକିଂ କରୁଛନ୍ତି। ଏଥିରୁ ଡିଷ୍ଟ୍ରିବ୍ୟୁଟର ଉପରେ ଚାପ ବଢ଼ିଯାଇଛି ଓ ଯୋଗାଣ ବିଳମ୍ବ ହେଉଛି। ଅଧିକ ବୁକିଂ ଓ ଯୋଗାଣରେ ପ୍ରାୟ ୨୦-୨୫ ଦିନ ଲାଗୁଥିବା ଯୋଗୁ ଏହାର କଳାବଜାରୀ ଆରମ୍ଭ ହୋଇଯାଇଛି। ଏଲ୍‌ପିଜି ସିଲିଣ୍ଡର ପିଛା ୨ ହଜାର ଟଙ୍କାରେ ବିକ୍ରୟ ହେଉଥିବା ଜଣାପଡ଼ିଛି। ରାଉରକେଲାରେ ଆ।ଇଓସିଏଲ୍(ଇଣ୍ଡାନ), ବିପିସିଏଲ୍(ଭାରତ ଗ୍ୟାସ), ଏଚପିସିଏଲ୍‌ର ସହର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୫ରୁ ଉର୍ଦ୍ଧ୍ୱ ବିତରକ ଅଛନ୍ତି। ଆଇଓସିର ସେକ୍ଟର-୬, ପାୱାର ହାଉସରୋଡ଼, ମେନ୍‌ରୋଡ, କୋଏଲନଗର, କଳୁଙ୍ଗା ଶିଳ୍ପାଞ୍ଚଳ, ଏଚପିସିଏଲର ଶକ୍ତିନଗର, ସିଭିଲଟାଉନଶିପ୍ ଆଦିରେ ୫ଟି ଓ ଅନ୍ୟର ୫ଟି ସମେତ ମୋଟ ୧୫ଟି ବିତରକ ଅଛନ୍ତି। ରାଉରକେଲା ଯୋଗାଣ ବିଭାଗ ତଥ୍ୟ ଅନୁଯାୟୀ, ବୁଧବାର ବିଭିନ୍ନ ଡିପୋରୁ ଆସିଥିବା ତଥ୍ୟ ହେଉଛି, ବିପିସିଏଲ ଘରୋଇ ୫୭୮, ବ୍ୟବସାୟିକ ୮୧୨, ଆଇଓସିଏଲର ଘରୋଇ ୬୯୨ ଓ ବ୍ୟବସାୟିକ ୧୩୮, ଏଚ୍‌ପିସିଏଲର ଘରୋଇ ୨୦୩୩ ଓ ବ୍ୟବସାୟିକ ୩୩ ସଂଖ୍ୟା ରହିଛି। ସମଗ୍ର ରାଉରକେଲାରେ ଦୈନିକ ୮ହଜାର-୧୨ ହଜାର, ସୁନ୍ଦରଗଡ଼ ଜିଲାରେ ୧୦ହଜାର-୧୫ ହଜାର ସିଲିଣ୍ଡର ଚାହିଦା ରହିଛି। ପ୍ରତ୍ୟେକ ବିତରକ( ସହର)ରେ ୧୦ରୁ ୧୮ ହଜାର ଖାଉଟି ବା ଗ୍ରାହକ, ଗ୍ରାମୀଣ ବିତରକ ପିଛା ୫ରୁ ୮ହଜାର ଗ୍ରାହକ ରହିଥାନ୍ତି। ଅଭାବୀ ଯୋଗାଣ ସମ୍ପର୍କରେ ଯୋଗାଣ ବିଭାଗ(ରାଉରକେଲା) ଅଧିକାରୀ ଝସକେତନ ସରଭଙ୍ଗିଆଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସ୍ଥିତିକୁ ଆୟତ କରିବା ପାଇଁ ପ୍ରତ୍ୟେକ ଦିନ ବିତରକମାନଙ୍କ ଠାରୁ ଏଲ୍‌ପିଜି ମହଜୁଦ ଓ ଯୋଗାଣ ରିପୋର୍ଟ ସଂଗ୍ରହ କରାଯାଉଛି। କଳାବଜାରୀକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ତିଆରି କରାଯାଇଛି। ସେହିକ୍ରମରେ ପେଟ୍ରୋଲ ପମ୍ପ ମାନଙ୍କରେ ଅଭାବୀ ବିକ୍ରିରୋକିବା ପାଇଁ ବୁଧବାର ଏକ ବୈଠକ ଆୟୋଜିତ ହୋଇଥିଲା। ତେବେ ଏଲ୍‌ପିଜି ସହରରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି ବୋଲି ସରଭଙ୍ଗିଆ କହିଥିଲେ।

**ଜଳଖିଆ ଦୋକାନରେ ବ୍ୟବହୃତ ହେଉଛି ଘରୋଇ ଏଲ୍‌ପିଜି ସିଲିଣ୍ଡର**



ରାଉରକେଲା ମେନ୍‌ରୋଡ ଅଞ୍ଚଳରେ ଏକ ଜଳଖିଆ ଦୋକାନରେ ବ୍ୟବହୃତ ହେଉଛି ଘରୋଇ ଏଲ୍‌ପିଜି ସିଲିଣ୍ଡର।

# ରାଉରକେଲା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ରାଉରକେଲା, ୧୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୪ସ୍ଥିତ ରାଉରକେଲା ମହାବିଦ୍ୟାଳୟ ସଭାଗୃହରେ ବୁଧବାର ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଓଡିଆ ସାହିତ୍ୟ ଏକାଡେମୀ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ଏବଂ ରାଉରକେଲା ମହାବିଦ୍ୟାଳୟ ମିଳିତ କ୍ରମେ ଆୟୋଜିତ ହୋଇଥିଲା। ଏନେଇ ଶାସ୍ତ୍ରୀୟ ଓଡିଆ ଭାଷା ଶୀର୍ଷକ ଉପରେ ଦ୍ୱି-ଦିବସୀୟ ଆଲୋଚନାଚକ୍ର ମଧ ବୁଧବାର ଶୁଭାରମ୍ଭ ହୋଇଯାଇଛି। ଆଲୋଚନାଚକ୍ର ଶିବିର ରାଉରକେଲା କଲେଜ ଅଧକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ସୁଜାତା ପ୍ରଧାନଙ୍କ ସଭାପତିତ୍ୱ କ୍ରମେ ଆଲୋଚନାଚକ୍ର ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବିଶିଷ୍ଟ ନାଟ୍ୟକାର ତଥା କବି ରାଜୀବ ପାଣି ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଇନ୍ଦ୍ରମଣୀ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ନିଜ ବକ୍ତବ୍ୟ ରଖିଥିଲେ,ଓଡିଆ ଜାତି ଏକ ମହାନ ଜାତି ଏବଂ ଏହାର ଭାଷା ଅତି ମଧୁର। ଏଣୁ ନିଜର ମାତୃଭାଷା ପ୍ରତି ସରାଗ ରଖିବା ପ୍ରତିଟି ଓଡିଆର ନୈତିକ କର୍ତବ୍ୟ ଓ ଦାୟିତ୍ୱ। ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ସହିତ ଆଜିର ଯୁବଗୋଷ୍ଠୀ ଅଧିକରୁ ଅଧିକ ଜଡିତ ହେଲେ ଓଡିଆ ଭାଷାର ଉତଥାନ ନିଶ୍ଚିତ ବୋଲି କହିଥିଲେ। ଏହାପରେ ମୁଖ୍ୟବକ୍ତା ବକ୍ତବ୍ୟରେ ଓଡିଆ ଭାଷା ଏବଂ ଓଡିଆ ଭାଷା ପ୍ରତି ହେଉଥିବା ସରକାରୀ ଉଦାସୀନତା ଉପରେ ଉଲ୍ଲେଖ କରିଥିଲେ। ପରେ ଓଡିଆ କବିତା ଆବୃତି ଅଧିବେଶନ ହୋଇଥିଲା। ଏଥିରେ ରାଉରକେଲାର ବହୁ କବୟିତ୍ରୀ କବିମାନେ ଯୋଗଦେଇ ନିଜ କବିତା ପାଠ କରିଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ରଶ୍ମୀ ସାହୁ ସଂଯୋଜନା କରିଥିଲେ। ଅମୀୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀପବନ ପୁତ୍ର ହନୁମାନ ଆଖଡ଼ା କମିଟି ପକ୍ଷରୁ ପତାକା ପୂଜା



ରାଉରକେଲା, ୧୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଏସଟିଆଇ ଛକ ରେଳଫାଟକ ନିକଟରେ ଶ୍ରୀ ପବନ ପୁତ୍ର ହନୁମାନ ଆଖଡ଼ା କମିଟି ପକ୍ଷରୁ ରାମ ନବମୀ ତଥା ହନୁମାନ ଜୟନ୍ତୀ ଅବସରରେ ମଙ୍ଗଳବାର ରାତିରେ ପତାକା ପୂଜା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ହନୁମାନ ମନ୍ଦିରର ପୁରୋହିତଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ପରେ ଢୋଲ ଏବଂ ଝାଞ୍ଜ ସହିତ ସହର ପରିକ୍ରମା କରାଯାଇ ରାତି ୮ଟା ପରେ ଏସଟିଆଇ ଛକରେ ଶ୍ରୀହନୁମାନଙ୍କ ପତାକାକୁ ପୂଜା କରାଯିବା ସହ ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଆଖଡ଼ା କମିଟି ସଭାପତି ପିଙ୍କୁ ଜୟସ୍ୱାଲ, ସମ୍ପାଦକ ରାଜେଶ ଶେଟ୍ଟି, କୋଷାଧ୍ୟକ୍ଷ ଭୋଲା ଯାଦବ, ଗୋବିନ୍ଦ ଶେଟ୍ଟି, ସୁରେନ୍ଦ୍ର ଶେଟ୍ଟି, ମନୋଜ ଶେଟ୍ଟି, ସଞ୍ଜୟ ଶେଟ୍ଟି, ସୁନୀଲ ଶେଟ୍ଟି, ସନ୍ତୋଷ ଗୁପ୍ତା, ବିନୋଦ ଶେଟ୍ଟି ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଆଖଡ଼ା କମିଟି ସଭାପତି ପିଙ୍କୁ ଜୟସୱାଲ କହିଛନ୍ତି, ପ୍ରତିବର୍ଷ ଏହି ଆଖଡ଼ା କମିଟି ହନୁମାନ ଜୟନ୍ତୀରେ ଏକ ଆଖଡା ଶୋଭାଯାତ୍ରା ଏବଂ ନଗର ପରିକ୍ରମା ଆୟୋଜନ କରିଥାଏ। ଚଳିତବର୍ଷ ମାର୍ଚ୍ଚ ୨୭ ତାରିଖ ଶୁକ୍ରବାର ପତାକା ପୂଜା ସହିତ ରାମାୟଣ ପାଠ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ମାର୍ଚ୍ଚ ୨୮ ସନ୍ଧ୍ୟାରେ ଏହା ଶେଷ ହେବ ବୋଲି କୁହାଯାଇଛି। ଏପ୍ରିଲ ୨ରେ ଆଖଡ଼ା ଶୋଭାଯାତ୍ରା ଏବଂ ନଗର ପରିକ୍ରମାର କାର୍ଯ୍ୟକ୍ରମ ରହିଛି।

### ରାମନବମୀ ପାଇଁ ସୀତାରାମ ଆଖଡ଼ାର ଝଣ୍ଡା ପୂଜା ସମ୍ପନ୍ନ

**ବନ୍ଧମୁଣ୍ଡା, ୧୧।୩(ସୁବ୍ରତ ଦେ):** ରାମନବମୀ ପର୍ବକୁ ନଜରରେ ରଖି ବନ୍ଧମୁଣ୍ଡାର ଡିଜେଲ ଛକସ୍ଥିତ ସୀତାରାମ ଆଖଡ଼ା କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଝଣ୍ଡା ପୂଜା ଆୟୋଜନ କରାଯାଇଥିଲା। ହନୁମାନ ମନ୍ଦିର ପରିସରରେ ପୂଜାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବିଧିବିଧାନ ଅନୁସାରେ ଏହି ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜକ କମିଟିର ସଦସ୍ୟମାନେ ସଂକଳ୍ପ ନେଇଥିଲେ ଯେ, ଚଳିତବର୍ଷ ରାମନବମୀ ପର୍ବକୁ ଭବ୍ୟ, ଆକର୍ଷଣୀୟ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବ। ସେଥିପାଇଁ ଆଖଡ଼ା କମିଟିର ପାରମ୍ପରିକ ଖେଳ ଓ କଳା କୌଶଳର ଅଭ୍ୟାସ ମଧ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ରମାକାନ୍ତ ପରିଡ଼ା, ଉପାଧ୍ୟକ୍ଷ ଶେରୁ ଶର୍ମା, ସଚିବ ଆଇ. ରାଜା ରମେଶ, ସହସଚିବ ପବିତ୍ର ପ୍ରମାଣିକ, କୋଷାଧ୍ୟକ୍ଷ ସୁଶୀଳ ମହାତୋ, ସହ କୋଷାଧ୍ୟକ୍ଷ ରାଜେନ୍ଦ୍ର ରଜକ, ସୁନୀଲ ସିଂହ, ଅମରଜିତ୍ ରଜକ, ସୁଶାନ୍ତ ତାନ୍ତି, ଚନ୍ଦନ ପ୍ରସାଦ, ଅଜୟ ଖଟୁଆ, ପି. ଶ୍ୟାମଳ ରାଓ, ରାମ ପ୍ରସାଦ ଓରାମ, ଦିଲୀପ ପ୍ରଧାନ, ଏଲ୍.ଡି. ଓରାମ ଓ ସନ୍ତୋଷ ରାୟଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାମନବମୀ ପାଇଁ ହନୁମାନ ଝଣ୍ଡାପୂଜନ ଆରମ୍ଭ



ଜୟ ବଜରଙ୍ଗ ଆଖଡ଼ା ପକ୍ଷରୁ ଝଣ୍ଡା ପୂଜନ କରାଯାଇଛି।

ରାଉରକେଲା, ୧୧।୩(ସଙ୍ଗୀତା ଜେନା)

ରାଉରକେଲା ଓ ଆଖପାଖ ଅଞ୍ଚଳରେ ସବୁବର୍ଷ ୬୮ଟି ହନୁମାଡ଼ ଆଖଡା ପକ୍ଷରୁ ପୂଜା ଆୟୋଜନ ହୋଇଥାଏ। ଏହି କ୍ରମରେ ରାଉରକେଲା ମେନରୋଡର ପ୍ରମୁଖ ୧୬ଟି କମିଟିର ପୂଜା ଖ୍ୟାତିଲାଭ କରିଆସିଛି। ପବିତ୍ର ରାମନବମୀ ପାଇଁ ସପ୍ତାହର ମଙ୍ଗଳବାର, ଗୁରୁବାର ଓ ଶନିବାର ଝଣ୍ଡା ପୂଜନ କରାଯାଇଥାଏ। ମଙ୍ଗଳବାର ଶ୍ରୀଶ୍ରୀ ଜୟବଜରଙ୍ଗ ଆଖାଡା, ମାଲଗୋଦାମ, ପାୱାରହାଉସ, ଡିଲକ୍ସ ଗଳି, ଟ୍ରାଫିକ୍ ଗେଟ୍, ଭୂତନାଥ ଆଖଡା ସମେତ ବିଭିନ୍ନ ଆଖଡା ପକ୍ଷରୁ ଝଣ୍ଡା ପୂଜନ କରାଯାଇଛି। ୧୯୮୧ରେ ସ୍ଥାପିତ ପଞ୍ଚତୀର୍ଥ ମନ୍ଦିର ଟ୍ରାଫିକ୍ ଗେଟ୍ ପକ୍ଷରୁ ପୂର୍ବତନ ସଭାପତି ଜଗଦେବ ସିଂହ, ବର୍ତ୍ତମାନ ସଭାପତି ପ୍ରମୋଦ ଜୟସ୍ୱାଲ, ଗୋଲୁ ଜୟସ୍ୱାଲ, ସଞ୍ଜୟ ସିଂହ, ବିଦ୍ୟା ମୂଳଚନ୍ଦାନୀ, ରାଜା ଜୟସ୍ୱାଲ, ଜସମିତ୍ ସିଂହ, ଅମନପ୍ରୀତ ସିଂହ, କମଳ ସିଂହ, ଦଳଜିତ ସିଂହ, ବଲ୍ଲୁ ସିଂ, ପ୍ରବୀଣ ଛୋଟରାନୀ, ଜିତେନ୍ଦ୍ର ପ୍ରସାଦ ସମେତ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ରାଉରକେଲା, ୧୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଲାବତୀ ସରକାରୀ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ବୁଧବାର ଓଡିଆ ଶାସ୍ତ୍ରୀୟ ଭାଷା ପରିଷଦ ଭୁବନେଶ୍ୱରଙ୍କ ମିଳିତ ସହଯୋଗ କ୍ରମେ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ପିର ମହାପ୍ରବନ୍ଧକ ସମୀର ରଞ୍ଜନ ମହାପାତ୍ର ଯୋଗଦେଇ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ଅପର୍ତ ବେହେରା ଯୋଗଦାନ କରି ଓଡିଆ ଭାଷା ସାହିତ୍ୟର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ନିଆ ଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଦିଗଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଇପସିବା ଏକ୍କା ଅଧକ୍ଷତା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଡ. ସଞ୍ଜୟ ହାତୀ ଏ ନେଇ ଓଡିଆ ଭାଷାର ଗୁରୁତ୍ୱ ଓ ବୈଭବ ବିଷୟରେ ଆଲୋକପାତ କରିବା ସହିତ ସ୍ୱରିଚତ ତାଙ୍କ ଓଡିଆ ନାଟକ ଉଦ୍ଧରଣକୁ ଉପସ୍ଥାପନ କରିଥିଲେ। ଦିବସ ପାଳନ ନେଇ ମହାବିଦ୍ୟାଳୟ ପକ୍ଷରୁ ଓଡିଆ ଶୁଦ୍ଧ ଲିଖନ, ଓଡିଆ ପ୍ରବନ୍ଧ ଲିଖନ ଓ ଓଡିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ମହାବିଦ୍ୟାଳୟ ସହିତ ଅନ୍ୟାନ୍ୟ ମହାବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ତଦପରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ସମ୍ୟକ ବିବରଣି ପାଠ କରିଥିଲେ ଅଧାପିକା ମହେଶ୍ୱତା ସାହୁ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀମାନେ ୧୯୭୦/୮୦ ମସିହାର ବହୁ ପୁରୁଣା ଓଡିଆ ଗୀତ ସଙ୍ଗୀତ ଗାନ କରିବା ସହିତ ଓଡିଶାର ପାରମ୍ପାରିକ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ସଭାପର୍ବ ପରିଚାଳନା କରିଥିଲେ ଚନ୍ଦ୍ରିକା ରାଣୀ ପଣ୍ଡା ଓ ଧନ୍ୟବାଦ ଜ୍ଞାପନ କରିଥିଲେ ଅଧାପିକା ଲିପିକା କେରକେଟା। ଦିବସ ପାଳନ କାର୍ଯ୍ୟକ୍ରମ ଆୟୋଜନରେ ସ୍ଥାନୀୟ ମହାବିଦ୍ୟାଳୟର ପ୍ରଶାସନିକ ଦାୟିତ୍ୱରେ ଥିବା ମାନସ ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧାପିକା/ଅଧାପକ ସହଯୋଗ କରିଥିଲେ।



ସୁଶୀଲାବତୀ ସରକାରୀ ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ବିଶ୍ୱ କିଡ୍‌ନୀ ଦିବସ ପରିପ୍ରେକ୍ଷୀରେ ୱକଥାନ

**ରାଉରକେଲା, ୧୧।୩(ସଙ୍ଗୀତା ଜେନା):** ବିଶ୍ୱ କିଡ୍‌ନୀ ଦିବସ ଅବସରରେ, ରାଉରକେଲା ଆପୋଲୋ ହସ୍ପିଟାଲ୍ସ ପକ୍ଷରୁ କିଡନୀ ସମ୍ବନ୍ଧୀୟ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ପ୍ରତିରୋଧର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ୱାକାଥନ୍ ଏବଂ କିଡନୀ ସ୍ୱାସ୍ଥ୍ୟ ଆଲୋଚନା ଆୟୋଜିତ ହୋଇଯାଇଛି। ଏହି ୱାକାଥନ୍ ବୁଧବାର ଅପରାହ୍ନ ୪ଟାରେ ରାଉରକେଲାର ଆପୋଲୋ ହସ୍ପିଟାଲର ମୁଖ୍ୟ ଫାଟକରୁ ଆରମ୍ଭ ହୋଇ ଆମ୍ବାଗାନ ଚୌକ ଅଭିମୁଖେ ଯାଇ ହସ୍ପିଟାଲ ପରିସରକୁ ଫେରିଥିଲା। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଜୀବନଶୈଳୀ ପରିବର୍ତ୍ତନ ମାଧ୍ୟମରେ ସୁସ୍ଥ କିଡନୀ ବଜାୟ ରଖିବା ବିଷୟରେ ସାମାଜିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ସଚେତନତାକୁ ପ୍ରୋତ୍ସାହିତ କରିବା। ୱାକାଥନ୍ ପରେ ସନ୍ଧ୍ୟା ୫ଟା ୩୦ରେ ଆପୋଲୋ ହସ୍ପିଟାଲ୍ସ ଅଡିଟୋରିୟରେ କିଡନୀ ସ୍ୱାସ୍ଥ୍ୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ନେଫ୍ରୋଲୋଜି ବିଭାଗ ଏବଂ ୟୁରୋଲୋଜି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇଥିଲେ।

# ରେଳଧାରଣାରେ ହାତୀ: ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ରାଉରକେଲା, ୧୧।୩(ସଙ୍ଗୀତା ଜେନା)

ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ କାଂଶବାହାଲ ଏବଂ କଲୁଙ୍ଗା ଅପ୍ ଲାଇନ୍ ରେଳଧାରଣାରେ ମଙ୍ଗଳବାର ରାତିରେ ଏକ ହାତୀ ଆସିଯିବାରୁ ୫ରୁ ଉର୍ଦ୍ଧ୍ୱ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କାଂଶବାହାଲ ଓ କଲୁଙ୍ଗା ସ୍ତମ୍ଭ ନଂ. ୪୨୮/୧୮-୨୦ରେ ଏକ ହାତୀ ଫାଟକ ଗେଟ୍ ନଂ. ୨୧୬କୁ ଭାଙ୍ଗି ଦେଇଥିଲା। ଏହାର ସୂଚନା ମିଳିବା ପରେ ରେଳ କର୍ତ୍ତୃପକ୍ଷ ସତର୍କତା ପୂର୍ବକ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ଗୁଡ଼ିକୁ ତତ୍କାଳ ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ। ହାତୀ ସୁରକ୍ଷିତ ଭାବେ ସ୍ଥାନ ଛାଡିବା ପରେ ରାତି ୧୧ଟାରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିଲା।



# ସିଭିଲ ସୋସାଇଟି ପ୍ରତିନିଧିଙ୍କ ଓଡ଼ିଶା ମୁଖ୍ୟ ସଚିବଙ୍କ ସହିତ ସାକ୍ଷାତ

ରାଉରକେଲା, ୧୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ବିଭିନ୍ନ ରାଜନୈତିକ ସାମାଜିକ ସଙ୍ଗଠନମାନଙ୍କ ପ୍ରତିନିଧିମାନେ ଭୁବନେଶ୍ୱରରେ ଓଡ଼ିଶାର ମୁଖ୍ୟ ସଚିବଙ୍କୁ ଏକ ସ୍ମାରକପତ୍ର ଦାଖଲ କରି ସୁନ୍ଦରଗଡ଼ ଜିଲା ଓ ବୃହତ୍ତର ରାଉରକେଲା ଅଞ୍ଚଳର ସମଗ୍ର ଉନ୍ନୟନ ପାଇଁ ନୀତିଗତ ଧ୍ୟାନ ଆକର୍ଷଣ କରିବା ନେଇ ବୁଧବାର ସାକ୍ଷାତ କରିଛନ୍ତି। ସ୍ମାରକପତ୍ରରେ ସଙ୍ଗଠନମାନେ ଉଲ୍ଲେଖ କରିଛନ୍ତି, ରାଉରକେଲା-ସୁନ୍ଦରଗଡ଼ ଅଞ୍ଚଳ ଶିଳ୍ପ ଭିତ୍ତିଭୂମି, ଖଣିଜ ସମ୍ପଦ ଓ ପ୍ରମୁଖ ଶିକ୍ଷା ସଂସ୍ଥାନମାନଙ୍କ ଉପସ୍ଥିତି ହେତୁ ରାଜ୍ୟ ପାଇଁ ଏକ ରଣନୀତିଗତ ଗୁରୁତ୍ୱ ରଖେ। ପ୍ରତିନିଧିମାନେ ଜଣାଇଛନ୍ତି ଯେ, ଓଡ଼ିଶାର ପ୍ରମୁଖ ଶିଳ୍ପ ଅଞ୍ଚଳମାନଙ୍କ ମଧ୍ୟରୁ ଏହା ଗୋଟିଏ ହେଉଥିଲେ ମଧ୍ୟ ଏଠାରେ ଅନେକ ଉନ୍ନୟନ ସୁଯୋଗ ଠିକ ଭାବରେ ବିନିଯୋଗ ହୋଇ ପାରୁନାହିଁ ବୋଲି ଦର୍ଶାଇବା ସହିତ ସ୍ମାରକପତ୍ରରେ ଅଞ୍ଚଳର ପ୍ରମୁଖ ବିଷୟ ଗୁଡିକ ଉଲ୍ଲେଖ କରାଯାଇଛି। ଏଥିରେ ରାଉରକେଲା ଇସ୍ପାତ କରଖାନା ସହିତ ଅନେକ ଉତ୍ପାଦନ କାରଖାନା, ପାୱାର ପ୍ଲାଣ୍ଟ, ସିମେଣ୍ଟ ଶିଳ୍ପ ଓ ଏମଏସଏମଇ ଉଦ୍ୟମ ଅନ୍ତର୍ଭୁକ୍ତ। ସଙ୍ଗଠନମାନେ ଜୋର ଦେଇ କହିଛନ୍ତି, ଠିକ ଯୋଜନା ଓ ସରକାରୀ ସମର୍ଥନ ମିଳିଲେ ରାଉରକେଲା ଓ ସୁନ୍ଦରଗଡ଼ ଅଞ୍ଚଳ ପୂର୍ବ ଭାରତରେ ଶିଳ୍ପ, ଉଚ୍ଚ ଶିକ୍ଷା, କ୍ରୀଡ଼ା, ପର୍ଯ୍ୟଟନ ଓ ପ୍ରଯୁକ୍ତିକ ଉନ୍ନୟନର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇପାରିବ। ଏହିପରି ଉନ୍ନୟନ ପାଇଁ ସଂରଚିତ ଯୋଜନା ଗ୍ରହଣ କରିବାକୁ ସେମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ସ୍ମାରକପତ୍ର ରାଉରକେଲା ଇଞ୍ଜିନିୟର୍ସ ଆସୋସିଏସନ, ଥିଙ୍କର୍ସ ଫୋରମ୍, ଏନଆଇଟି ରାଉରକେଲା ଆଲୁମନି ଗ୍ରୁପ୍, ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ ଓ ଅନ୍ୟାନ୍ୟ ସ୍ଥାନୀୟ ସଙ୍ଗଠନଙ୍କ ପ୍ରତିନିଧିମାନଙ୍କ ପକ୍ଷରୁ ଯୁକ୍ତ ଭାବେ ଦାଖଲ କରାଯାଇଥିଲା। ଏହି ଅବସରରେ ରାଉରକେଲା ଇଞ୍ଜିନିୟର୍ସ ଆସୋସିଏସନର ସଭାପତି ବିମଳ ବିସି କହିଥିଲେ, ଏହି ପଦକ୍ଷେପ ଅଞ୍ଚଳବାସୀଙ୍କ ଆଶା ଓ ଆକାଂକ୍ଷାର ପ୍ରତିଫଳନ। ଏହା ରାଜ୍ୟର ସମତୁଳିତ ଉନ୍ନୟନକୁ ସହାୟତା କରିବ। ଥିଙ୍କର୍ସ ଫୋରମ କନଭିନର୍ ନଳିନୀ କାନ୍ତ ଧର କହିଥିଲେ, ଓଡ଼ିଶା ସରକାର ଏହି ପ୍ରସ୍ତାବଗୁଡ଼ିକୁ ସକାରାତ୍ମକ ଭାବରେ ବିଚାର କରି ରାଉରକେଲା-ସୁନ୍ଦରଗଡ଼ ଅଞ୍ଚଳର ଉନ୍ନୟନକୁ ତ୍ୱରାନ୍ୱିତ କରିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଏହି ଆଲୋଚନା ସମୟରେ ସୁନିଲ କୁମାର ପଟେଲ ଓ ଅଜୟ କୁମାର ପ୍ରଧାନ ମଧ ବଡ଼ଗାଁ ଅଞ୍ଚଳ ସମ୍ବନ୍ଧୀୟ ବିଷୟ ଉପସ୍ଥାପନ କରିଥିଲେ। ଏହି ସ୍ମାରକପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଶିଳ୍ପ, ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଆଇଟି, ନଗର ଉନ୍ନୟନ ଓ ସଂସ୍କୃତି ବିଭାଗକୁ ବିଚାରାର୍ଥ ପ୍ରେରଣ କରାଯାଇଛି। ସଙ୍ଗଠନମାନେ ଆଶା ବ୍ୟକ୍ତ କରିଛନ୍ତି ଯେ ଏହି ପ୍ରସ୍ତାବଗୁଡ଼ିକୁ ଯଥୋଚିତ ଗୁରୁତ୍ୱ ଦିଆଯିବ ଓ ରାଜ୍ୟର ସମତୁଳିତ ଆଞ୍ଚଳିକ ଉନ୍ନୟନରେ ଏହା ଉପକାରୀ ହେବ।



ମୁଖ୍ୟ ସଚିବଙ୍କୁ ସାକ୍ଷାତ ଅବସରରେ ସାମାଜିକ ସଙ୍ଗଠନମାନଙ୍କ ପ୍ରତିନିଧିମାନେ।

## ସଂକ୍ଷେପରେ

### ରନ୍ଧାମଦ,ମହୁଲ ପୋଚ ନଷ୍ଟ



ଲୋଇସିଂହା,୧୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ମଙ୍ଗଳବାର ଉଛବାହାଲ ଗାଁରେ ଚଢାଉ କରି ବେଆଇନ ଦେଶୀ ରନ୍ଧା ମଦ ଭାଟି ନଷ୍ଟ କରିଦେଇଛି। ଉଛବାହାଲ ଗାଁ ନିକଟସ୍ଥ ଚାଷଜମିରେ ବେଆଇନ ଭାବେ ରନ୍ଧାମଦ ପ୍ରସ୍ତୁତ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ବିପୁଳ ପରିମାଣର ମହୁଲ ପୋଚ ଓ ପ୍ରାୟ ୭୦ ଲିଟର ରନ୍ଧାମଦକୁ ନଷ୍ଟ କରିଥିଲେ । ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସାମଗ୍ରୀକୁ ଜବତ କରାଯାଇ ଥାନାକୁ ଅଣାଯାଇଥିବା ଥାନା ଅଧିକାରୀ ଅନିତା ନାୟକ କହିଛନ୍ତି ।

### ଖଣି ବିଭାଗର ଚଢ଼ାଉ: ହାଇୱା, ମେଶିନ ଜବତ

ଲୋଇସିଂହା,୧୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅଧୀନ ଅଙ୍ଗନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବରେ ବାଲି ଚୋରାଚାଲାଣ ହେଉଛି । ବୁଧବାର ଲୋଇସିଂହା ଥାନା ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସାନଫାସଡ ଅଙ୍ଗନଦୀ ପଠାରୁ ବେଆଇନ ବାଲି ଚାଲାଣ ଖବର ପାଇ ବଲାଙ୍ଗୀର ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଖଣି ବିଭାଗ ଅଧିକାରୀଙ୍କୁ ଦେଖି ଚାଲାଣକାରୀ ସେଠାରୁ ଖସି ଯାଇଥିବା ବେଳେ ବାଲି ଚୋରା ଚାଲାଣରେ ନିୟୋଜିତ ଥିବା ଗୋଟିଏ ହାଇୱା (ନଂ ଓଆର୧୫ କ୍ୟୁ ୬୮୮୭) ଓ ଗୋଟିଏ ଚେନ୍ ମାଉଣ୍ଟିଂ ମେଶିନକୁ ଜବତ କରାଯାଇଛି । ବଲାଙ୍ଗୀର ଖଣି ବିଭାଗର ଜୁନିୟର ଖଣି ଅଧିକାରୀ ଦେବାଶିଷ ଦେହୁରୀ, ଶୁଭମ୍ ବିଶ୍ୱାଳ ଓ ଉମେଶ ପଟେଲ ପ୍ରମୁଖ ଚଢାଉ କରିଥିଲେ । ଜବତ ଗାଡି ଓ ମେଶିନ ସାଲେଭଟାର ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡିଛି ।

### ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଧାରଣା

ବଲାଙ୍ଗୀର,୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଟାଟା ପାୱାର ଅଧୀନରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥାଗୁଡିକ ଦ୍ୱାରା ନିୟୋଜିତ ଠିକା ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଦାବି ନେଇ ଏହି ଧାରଣା ଦିଆଯାଇଥିଲା । ଏଥିରେ ବହୁ ଠିକା ଶ୍ରମିକ ସାମିଲ ଥିଲେ। ରାତି ଅଧରେ ଛଟେଇ, ଠିକା ଶ୍ରମିକ ମାନଙ୍କୁ ସର୍ବନିମ୍ନ ମଜୁରି ଦିଆ ନ ଯିବା, ସର୍ବନିମ୍ନ ମଜୁରି ଅଧିନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ କରାଯାଇଛି। ଭାରତୀୟ ମଜଦୁର ସଂଘ ବଲାଙ୍ଗୀର ଜିଲା ସଭାପତି କାହ୍ନୁ ଶତପଥୀ, ଦୟାନିଧି ଦୀପ, ଅଶୋକ ସାହୁ, ସୁବାସ କୁଅଁର, ଯତୀନ୍ଦ୍ର ସାହୁ, ଆରୁଣ ନାଏକ, ପ୍ରମୋଦ ବିଶି, ସିଦ୍ଧାନ୍ତ ସାହୁ, ବିଶ୍ୱରଥ ବହିଦାର ଓ ନିଖିଳ ଓଡିଶା ବିଦ୍ୟୁତ୍ ମଜଦୁର ମହାସଂଘର ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା ପ୍ରମୁଖ ସାମିଲ ଥିଲେ।

### ସାହାଯ୍ୟ ଅପେକ୍ଷାରେ ଅସହାୟ ବୃଦ୍ଧା ସୁଶୀଳା

ଖପ୍ରାଖୋଲ,୧୧।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଝାକ୍ରିପାଲି ଗାଁରେ ରହୁଥିବା ସୁଶୀଳା ହଂସ (୬୫) ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସେ କିଛି ବର୍ଷ ପୂର୍ବରୁ ସ୍ୱାମୀଙ୍କ ସହ ଝାକ୍ରିପାଲି ଗାଁକୁ ଆସି ମୂଲ ଲାଗି ଚଳୁଥିଲେ। ଗତ ଦୁଇ ବର୍ଷ ହେଲା ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଏବେ ଏକାକୀ ରହୁଛନ୍ତି। ଏବେ କୌଣସି କାମ କରିବାକୁ ସକ୍ଷମ ନ ଥିବା ବେଳେ ଗାଁରେ ତାଙ୍କର କେହି ନିକଟ ସମ୍ପର୍କୀୟ ମଧ୍ୟ ନ ଥିବା ଜଣାଯାଇଛି। କିଛି ଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିବା ଜଣାଯାଇଛି। ଏନେଇ ଗାଁର ସାମାଜିକ କର୍ମୀ ଡୋଳାମଣି ସାହୁ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ସୁଶୀଳାଙ୍କୁ ବୃଦ୍ଧାଶ୍ରମ ପଠାଇବାକୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କୁ ପଚାରିବାରେ ତଥ୍ୟ ସଂଗ୍ରହ କରାଯାଇ ଆବଶ୍ୟକ ହେଲେ ବୃଦ୍ଧାଙ୍କୁ ଉଦ୍ଧାର କରି ଚିକିତ୍ସା ସହିତ ବୃଦ୍ଧାଶ୍ରମରେ ଥଇଥାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ‘ଶିଳ୍ପ ବନ୍ଦ , ଶିକ୍ଷାନୁଷ୍ଠାନରେ ପଦବୀ ଖାଲି’

ବଲାଙ୍ଗୀର,୧୧।୩(ବୀରେନ୍ଦ୍ର କୁମାର ଝାଙ୍କର)

- ଖବରଦାତା ସମ୍ମିଳନୀରେ ନରସିଂହଙ୍କ ଉଦ୍‌ବେଗ
- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଲଟିଛି ସାଇନ୍ ବୋର୍ଡ ଶିକ୍ଷାନୁଷ୍ଠାନ
- ମହିଳା କଲେଜ ଯୁକ୍ତ ୨ ବିଜ୍ଞାନରେ ଜଣେ ବି ଅଧ୍ୟାପକ ନାହାନ୍ତି
- ଦେଓଗାଁ ଚିନି କଳ ଖୋଲିବା କଥା ଭୁଲିଗଲେଣି

ଶିକ୍ଷା ଓ ଶିଳ୍ପ ସହ ସବୁକ୍ଷେତ୍ରରେ ବଲାଙ୍ଗୀରକୁ ଅବହେଳା କରାଯାଉଛି। ପୂର୍ବ ସରକାର ଯେଭଳି ଅବହେଳା ଜାରି ରଖିଥିଲେ ଠିକ୍ ସେଭଳି ଅବହେଳା ନୂଆ ସରକାର ବି କରୁଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୧୨୬ ପଦବୀରୁ ୧୦୬ ପଦବୀ ଖାଲି ପଡିଛି । ୧୦୦ ଅଣଶିକ୍ଷକ ପଦବୀରେ ଜଣେ ବି ନାହାନ୍ତି । ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ବିଭାଗରେ ଅଧ୍ୟାପକ ନିଯୁକ୍ତି ହେଉନାହିଁ। ସଂସ୍କୃତ ମହାବିଦ୍ୟାଳୟରେ ଦୁଇଜଣ ଅଧ୍ୟାପକ ଅଛନ୍ତି। ଏଭଳି ଜିଲାର ଅନ୍ୟ ସ୍କୁଲ, କଲେଜର ତଥ୍ୟ ରହିଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଗବେଷଣା ହେବା କଥା। ସେଠାରେ ଅଧ୍ୟାପକ ନ ଥିବାରୁ ପାଠପଢ଼ା ଠିକ୍ ଭାବେ ହେଉନାହିଁ। ନୂଆ ସରକାର ବିଭିନ୍ନ ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ ନୂଆ ଶିଳ୍ପ ପ୍ରତଷ୍ଠା କଥା ଉଠାଇଥିଲେ। ନୂଆ ସରକାରକୁ ଦୁଇବର୍ଷ ପୂରିବାକୁ ବସିଲାଣି। ଦେଓଗାଁ ଚିନିକଳ ବି ପୁନଃ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏଥିରୁ ବଲାଙ୍ଗୀର ପ୍ରତି କିଭଳି ଅବହେଳା ଜାରି ରହିଛି ସ୍ପଷ୍ଟ ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଛନ୍ତି। ସ୍ଥାନୀୟ ସର୍କିଟ ହାଉସ ଠାରେ ବୁଧବାର ଅନୁଷ୍ଠିତ ପ୍ରେସମିଟ୍‌ରେ ମିଶ୍ର ଜିଲାର କିଛି ଗୁରୁତ୍ୱପୂର୍ଣ୍ଣ



ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗୀର ସର୍କିଟ ହାଉସଠାରେ ପ୍ରେସମିଟ୍ କରୁଛନ୍ତି।

ପ୍ରସଙ୍ଗ ଉଠାଇ ଏବର ଭାଜପା ଏବଂ ବିଜେଡି ସରକାରକୁ କଡା ସମାଲୋଚନା କରିଥିଲେ।

ମିଶ୍ର ଆହୁରି କହିଥିଲେ, ପୂର୍ବ ସରକାର କେବିକେ ଜିଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଥିଲେ। ଏବେ ବଲାଙ୍ଗୀର ଜିଲାରୁ ରାଜ୍ୟର କୃଷିମନ୍ତ୍ରୀ ଅଛନ୍ତି। ଏଠାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଛାଡି କୃଷି ମହାବିଦ୍ୟାଳୟ ଖୋଲିବେ ବୋଲି କହୁଛନ୍ତି। ସେହିପରି ଚିନିକଳ ପ୍ରକ୍ରିୟା ଚାଲୁ ରହିଲେ ସରକାରଙ୍କ ସମୟ ସରିଯିବ ବୋଲି କହି ସମାଲୋଚନା କରିଥିଲେ। ବିଜେଡି ସରକାର ଅଧାପନ୍ତରିଆ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ । ସରକାର ବଦଳିବାର ପ୍ରାୟ ଦୁଇବର୍ଷ ହେଲାଣି ସୁକ୍‌ତେଲ ପ୍ରକଳ୍ପରୁ ପାଣି ମିଳିନାହିଁ। ବଲାଙ୍ଗୀରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି। ପ୍ରାୟ ଦୁଇବର୍ଷ ହେବ କିଛି ବି ପ୍ରକଳ୍ପ ବଲାଙ୍ଗୀରରେ ହୋଇନାହିଁ। ସ୍ଥାନୀୟ ଜନପ୍ରତିନିଧି ବିଧାନସଭାରେ ସ୍ୱର ଉତ୍ତୋଳନ କରୁନାହାନ୍ତି ବୋଲି ମିଶ୍ର କହିଥିଲେ। ଯଦି ଏହି ପରିସ୍ଥିତି ଜାରି ରହେ ତେବେ ବଲାଙ୍ଗୀର ପୁଣି ୨୦୧୪ ପୂର୍ବର ସମୟକୁ ଫେରିଯାଇପାରେ ବୋଲି ମିଶ୍ର ଆଶଙ୍କା ବ୍ୟକ୍ତ କରିଥିଲେ। ପ୍ରେସମିଟ୍‌ରେ କଂଗ୍ରେସ ନେତା ମନୀଷ ମିଶ୍ର, ଅସିତ ମିଶ୍ର, ବୁଲୁ ଦାନି, କୈଳାଶ ମିଶ୍ର, ଚିନ୍ମୟ ବେହେରା, କିରନ ସେଠ, ସଞ୍ଜୟ ମିଶ୍ର, ମାନସ ମହାନ୍ତି, ଟିଟୁ ରଣା, ଜ୍ୟୋତିଷ ମୁଗ୍ରୀ, ସାନନ୍ଦ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭୀମପାହାଡ଼ର ମୁଖ୍ୟଗେଟ ଭାଙ୍ଗିଲା

ଦେଓଗାଁ,୧୧।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

### ନିମ୍ନମାନର କାମ ଅଭିଯୋଗ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀ ଗାଁ ନିକଟରେ ରହିଛି ଭୀମପାହାଡ ପର୍ଯ୍ୟଟନସ୍ଥଳୀ । ଏହି ପର୍ଯ୍ୟଟନସ୍ଥଳୀର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ହେଲେ ନିମ୍ନମାନର କାମ ଯୋଗୁ ଅନେକ ପ୍ରକଳ୍ପ ବର୍ଷେ ନ ପୂରୁଣୁ ନଷ୍ଟ ହୋଇଯାଉଛି । ଏନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଦୁଇ ଦିନ ତଳେ ଏହି ପର୍ଯ୍ୟଟନସ୍ଥଳୀର ପାର୍କ ନିକଟରେ ରହିଥିବା ମୁଖ୍ୟଗେଟ ହଠାତ୍ ଭାଙ୍ଗିପଡିଥିଲା । ଏହି ସମୟରେ ସୌଭାଗ୍ୟବଶତଃ ଗେଟ୍ ନିକଟରେ କୌଣସି ପର୍ଯ୍ୟଟକ ନ ଥିଲେ। ଫଳରେ ବଡ ଦୁର୍ଘଟଣାରୁ ରକ୍ଷା ମିଳିଛି।

ଅପରପକ୍ଷରେ ଗେଟ୍ ଭାଙ୍ଗି ପଡିବା ପରେ ମାଟିତଳୁ ଲୁହାରଡ ଲାଗି ନ ଥିବା ନଜରକୁ ଆସିଛି । ଏଣୁ କିଭଳି ଭାବେ ଉନ୍ନୟନ କାମରେ ଦୁର୍ନୀତି ହୋଇଛି ତାହା ସହଜରେ ଅନୁମେୟ । ବନବିଭାଗ ତଥା ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ଅନେକ ଉନ୍ନୟନମୂଳକ କାମ କରାଯାଉଥିବା ବେଳେ ସଂପୃକ୍ତ ବିଭାଗ କେମିତି ଏଭଳି ନିମ୍ନମାନର କାମକୁ ପ୍ରଶ୍ରୟ ଦେଉଛି ତାହା



ଭୀମପାହାଡର ପାର୍କ ନିକଟରେ ଥିବା ପ୍ରବେଶ ଦ୍ୱାରର ଗେଟ୍ ଭାଙ୍ଗିପଡିଛି।

ପରିତାପର ବିଷୟ ବୋଲି ଆମ ଆଦ୍‌ମୀ ପାର୍ଟିର ରାଜ୍ୟ ପ୍ରବକ୍ତା ତଥା ଜିଲା ମୁଖ୍ୟ ଅଶିଷ କୁମାର ପାଣ୍ଡେ ପ୍ରଶ୍ନ ଉଠାଇଛନ୍ତି । ଦେଓଗାଁ ବ୍ଲକର ଭୀମପାହାଡ ଓ ଦେଷଣ୍ଡ ପଞ୍ଚାୟତର ଚାନ୍ଦିଲି ପାହାଡରେ ଚାଲିଥିବା ଉନ୍ନୟନ କାମଗୁଡିକର ତଦନ୍ତ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି ।

# ବିନା ପଲ୍ଲୀସଭା, ଗ୍ରାମସଭାରେ ଖଣି ନିଲାମ

ବଲାଙ୍ଗୀର,୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ଇତିମଧ୍ୟରେ ବଲାଙ୍ଗୀର ଜିଲାର ୬ଟି ଗ୍ରାଫାଇଟ୍ ଏବଂ ମାଙ୍ଗାନିଜ୍ ଖଣି ନିଲାମ କରାଯାଇଛି। ସେଗୁଡିକ ହେଲା, ବିଆରପାଲି ଗ୍ରାଫାଇଟ ବ୍ଲକ୍, ବବ୍‌ଜା ଗ୍ରାଫାଇଟ୍ ଏବଂ ମାଙ୍ଗାନିଜ ବ୍ଲକ୍, ସାଲେପାଲି ଗ୍ରାଫାଇଟ ବ୍ଲକ୍, ଭରତବାହାଲ ଗ୍ରାଫାଇଟ ଏବଂ ମାଙ୍ଗାନିଜ ବ୍ଲକ୍, ଲରମ୍ଭା ଗ୍ରାଫାଇଟ୍ ଓ ମାଙ୍ଗାନିଜ ଏବଂ କହ୍ନେଇଟାଲ ଗ୍ରାଫାଇଟ ଓ ମାଙ୍ଗାନିଜ ବ୍ଲକ୍। ୨୦୨୪ରୁ ୨୦୨୬ ବର୍ଷରେ ଏହି ୬ଟି ଗ୍ରାଫାଇଟ୍ ଏବଂ ମାଙ୍ଗାନିଜ ବ୍ଲକର ନିଲାମ କରାଯାଇଛି। ତେବେ ୬ଟି ଯାକ ଖଣି ନିଲାମ ପ୍ରକ୍ରିୟା ବିନା ପଲ୍ଲୀସଭା ଏବଂ ଗ୍ରାମସଭାରେ କରାଯାଇଛି । ଏହାକୁ ତୁରନ୍ତ ବାତିଲ କରାଯାଉ ବୋଲି ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ପାର୍ଲାମେଣ୍ଟରେ ଦାବି କରିଛନ୍ତି। ବିଶି ଏଭଳି ଆପତ୍ତି ଉଠାଇବା ପରେ ବଲାଙ୍ଗୀର ଜିଲାର ୬ଟି ଯାକ ଖଣି ନିଲାମ ପ୍ରକ୍ରିୟା ଏବେ ବିବାଦୀୟ ହୋଇପଡିଛି। ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ବିଶି ଗ୍ରାମସଭାର ବିନା ଅନୁମୋଦନରେ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣି ବ୍ଲକ ଲିଜ୍ ଏବଂ ନିଲାମ କରାଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ଓଡିଶା ହେଉଛି ଭାରତର ତୃତୀୟ ଆଦିବାସୀ ବହୁଳ ରାଜ୍ୟ। ଆଦିବାସୀ ଜନସଂଖ୍ୟା ପ୍ରାୟ ୧ କୋଟି। ଯାହା ମୋଟ ଜନସଂଖ୍ୟାର ୨୫ ପ୍ରତିଶତ। ଆଦିବାସୀ ରହୁଥିବା ଅଞ୍ଚଳରେ ଜଳ,



ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ପାର୍ଲାମେଣ୍ଟ ଅଧିବେଶନରେ ଓଡ଼ିଶାର ଖଣି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି।

- ବଲାଙ୍ଗୀର ଜିଲାରେ ୬ଟି ଗ୍ରାଫାଇଟ୍, ମାଙ୍ଗାନିଜ ବ୍ଲକ୍ ନିଲାମ ପ୍ରସଙ୍ଗ
- ପାର୍ଲାମେଣ୍ଟରେ ଉଠାଇଲେ ରାଜ୍ୟସଭା ସଦସ୍ୟ

ଜଙ୍ଗଲ, ଜମି ଓ ପରିବେଶ ସୁରକ୍ଷିତ ରହିଛି। ଆଦିବାସୀମାନେ ମୋଗଲ ଓ ଇଂରେଜମାନଙ୍କ ସହିତ ଲଢେଇ କରି ଜଙ୍ଗଲ ସୁରକ୍ଷା କରିଛନ୍ତି। ଅଥଚ ଓଡିଶାର ବଲାଙ୍ଗୀର ଜିଲାରେ ୬ଟି ଗ୍ରାଫାଇଟ ଓ ମାଙ୍ଗାନିଜ ଖଣିକୁ ୬ଟି କମ୍ପାନୀକୁ ଖଣି ବିଭାଗ ଲିଜ୍ ଦେଇଛନ୍ତି। ଏହାଦ୍ୱାରା ୧୦ ହଜାର ଏକର ପ୍ରାକୃତିକ ଜଙ୍ଗଲ ଧ୍ୱଂସ ହେବ ଏବଂ ଆଦିବାସୀମାନେ ଜୀବନ ଜୀବିକା ହରାଇବେ। ଏହି ଖଣି ଲିଜ ଏବଂ ନିଲାମ କରିବା ପୂର୍ବରୁ ଗ୍ରାମସଭା କି ପଲ୍ଲୀସଭାର ଅନୁମୋଦନ ନିଆଯାଇନାହିଁ। ଏହାଛଡା ଖଣି ଲିଜ୍ ପାଇଁ ଜନଶୁଣାଣି କରାଯାଇ ଗାଁ ଲୋକଙ୍କ ସମ୍ମତି ନିଆଯାଇନାହିଁ ବୋଲି ସେ କହିଛନ୍ତି। ଜିଲାରେ ଏସବୁ ଖଣି ଖନନ ହେଲେ ୧୦୦ରୁ ଉର୍ଦ୍ଧ୍ୱ ଗାଁ ପ୍ରଭାବିତ ହେବ। ଖଣି ଲିଜ୍ ବେଳେ ପେସା ଆଇନକୁ ମଧ୍ୟ ଉଲ୍ଲଂଘନ କରାଯାଇଛି। ଅପରପକ୍ଷରେ ଏସବୁ ଖଣି କାର୍ଯ୍ୟକାରୀ ହେଲେ ଜିଲାର ମହଦାସନୀ, ଅନ୍ଧାରୀ ଜଙ୍ଗଲ, ବରାପୁଟା ଡ଼ଙ୍ଗର, ଡୁର୍ଲାମାଲ କାର୍ଲାମାଲ ଜଙ୍ଗଲ, ବୁଢ଼ାଡଙ୍ଗର, ବନ୍ଦ୍ରେନଡ଼ଙ୍ଗର, କାଳୀଡ଼ଙ୍ଗର ଏବଂ ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ପର୍ବତ ପ୍ରଭାବିତ ହେବ ବୋଲି ସେ କହିଛନ୍ତି। ଏବେ ବଲାଙ୍ଗୀର ଜିଲାରେ ୧୮ ପ୍ରତିଶତ, ବରଗଡ଼ ଜିଲାରେ ୧୩ ପ୍ରତିଶତ ଏବଂ ଝାରସୁଗୁଡା ଜିଲାରେ ୧୦ ପ୍ରତିଶତ ପ୍ରାକୃତିକ ଜଙ୍ଗଲ ରହିଥିବାରୁ ଆଗକୁ ବିପଦ ଆହୁରି ଘନେଇବ ବୋଲି ସେ କହିଛନ୍ତି। ତେଣୁ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଏସବୁ ଖଣି ଲିଜ୍‌ର ସମୀକ୍ଷା କରି ତୁରନ୍ତ ଏହାକୁ ବାତିଲ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

### ଖଣି ଖନନ ହେଲେ ଜୋରଦାର ଆନ୍ଦୋଳନ ହେବ: ନରସିଂହ

ବଲାଙ୍ଗୀର, ୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ପଲ୍ଲୀସଭା ଏବଂ ଗ୍ରାମସଭାର ବିନା ଅନୁମୋଦନରେ ବଲାଙ୍ଗୀର ଜିଲାର ୬ଟି ଗ୍ରାଫାଇଟ୍ ଏବଂ ମାଙ୍ଗାନିଜ୍ ଖଣି ନିଲାମ କରାଯାଇଥିବା ପ୍ରସଙ୍ଗ ଉପରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ମନ୍ତ୍ରୀ ମିଶ୍ର କହିଛନ୍ତି ନିୟମ ଉଲ୍ଲଂଘନ କରାଯାଇ ଜିଲାରୁ ଖଣିଖନନ କରାଗଲେ ଲୋକେ ଏହାର ଉଚିତ୍ ଜବାବ ଦେବେ । ବଲାଙ୍ଗୀର ଜିଲାରେ ଶିଳ୍ପ ପ୍ରତିଷ୍ଠା କଥା ଉଠାଇ ଦୀର୍ଘ ବର୍ଷରୁ ବନ୍ଦ ପଡିଥିବା ଦେଓଗାଁ ଚିନିକଳ ଶୀଘ୍ର ଚାଲୁ କରନ୍ତୁ। ଏହାଦ୍ୱାରା ଚାଷୀ ଓ ଜନସାଧାରଣଙ୍କ ବିକାଶ ହୋଇପାରିବ। ପୂର୍ବରୁ ସରକାର ଗନ୍ଧମାର୍ଦ୍ଦନ ପାହାଡରେ ଖଣି ଖନନ ଉଦ୍ୟମ କରିଥିଲେ। ଆନ୍ଦୋଳନ ଜରିଆରେ ଲୋକେ ଏହାର ଉଚିତ୍ ଜବାବ ଦେଇଥିଲେ। ଏବେ ବିନା ଗ୍ରାମସଭା ଅନୁମୋଦନରେ ଖଣି ଖନନ କଥା ଉଠିଛି। ଏଭଳି ଉଦ୍ୟମ କଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ମିଶ୍ର ସ୍ଥାନୀୟ ସର୍କିଟ ହାଉସ ଠାରେ ବୁଧବାର ଅନୁଷ୍ଠିତ ଏକ ପ୍ରେସ ମିଟ୍‌ରେ କହିଛନ୍ତି।

### ଲେଡ଼ା ଜଙ୍ଗଲରେ ନିଆଁ ଲିଭିଲା

କଣ୍ଟାବାଞ୍ଜି,୧୧।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଚାଉଳସୁଖା ପଞ୍ଚାୟତର ଚାଉଳସୁଖା ଓ ରେଙ୍ଗାଲି ଗ୍ରାମ ନିକଟ ଲେଡା ଡଙ୍ଗର ଜଙ୍ଗଲରେ ଗତ ଦୁଇ ଦିନ ହେଲା ନିଆଁ ଲାଗିଥିଲା । ଫଳରେ ଜଙ୍ଗଲରେ ଥିବା ବହୁ ଗଛଲତା ପୋଡି ଯାଇଥିବା ବେଳେ କେତେକ ବନ୍ୟଜନ୍ତୁଙ୍କ ମୃତ୍ୟୁ ଘଟିଛି । ଏ ସମ୍ପର୍କରେ ଖବର ପାଇ ମୁରିବାହାଲ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବନ ବିଭାଗ କର୍ମଚାରୀ ମିଳିତ ଭାବେ ନିଆଁକୁ ଲିଭାଇଥିବା ଜଣାଯାଇଛି ।

# ଚୋରି ଟ୍ରାକ୍ଟର ଆନ୍ଧ୍ରରୁ ଉଦ୍ଧାର,୫ ଗିରଫ



ଜବତ ଟ୍ରାକ୍ଟର ସହ ଗିରଫ ଅଭିଯୁକ୍ତମାନେ।

ଲୋଇସିଂହା,୧୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାହାଜଛାପର ଗ୍ରାମରୁ ଚୋରି ହୋଇଥିବା ଏକ ଟ୍ରାକ୍ଟର (ନଂ ଓଡି୦୩ ଏବି ୯୬୪୦) କୁ ୫ ମାସ ପରେ ଆନ୍ଧ୍ରରୁ ଉଦ୍ଧାର କରାଯାଇଛି । ଏହି ଟ୍ରାକ୍ଟର ଚୋରି ଘଟଣାରେ ସମ୍ପୃକ୍ତ ୫ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣପୁର ଜିଲା ବିନିକା ଥାନା ବିଶାଳପାଲି ଗ୍ରାମର ରୁଦ୍ର ପେରା(୨୧), ଘଡାଧରର ସୁନୀଲ ବାଗ୍ନୀ(୨୩), ତିତେଇପାଲିର ଦୀପକ ଦୀପ(୩୮), ଆଖିଦାଦରର ଜୟ ସାଗର (୩୭) ଓ ବରଗଡ ଜିଲା ଅତାବିରା ଥାନା ଗୋଲକନଗରର ପିଚକୁଲା ଶ୍ରୀହରି(୩୮)।

ପୋଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ମାସରେ ଧାନ ଅମଳ ସମୟ ଥିବାରୁ ବଲାଙ୍ଗୀର ସଦର ଥାନା ହରିପାଲି ଗ୍ରାମର ଜମିଦାର ପଧାନ ସାହାଜଛାପର ଗ୍ରାମର ତାଙ୍କ ସମ୍ପର୍କୀୟ ଚୂଡାମଣି ବେହେରାଙ୍କ ନିକଟକୁ ଉକ୍ତ ଟ୍ରାକ୍ଟର ଇଞ୍ଜିନ, ଟ୍ରଲି ଓ ଧାନକଟା ମେଶିନ ଆଦି ପଠାଇଥିଲେ। କିନ୍ତୁ ଅକ୍ଟୋବର ୨୨ତାରିଖ ରାତିରେ ଚୂଡାମଣି ଘର ଆଗରେ ରଖିଥିବା ଟ୍ରାକ୍ଟର ଇଞ୍ଜିନ ଓ ଟ୍ରଲିକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ନେଇ ତା ପରଦିନ ଟ୍ରାକ୍ଟର ମାଲିକ ଜମିଦାର ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲୋଇସିଂହା ଥାନାରେ ଏ ନେଇ ଏକ ମାମଲା (ନଂ୩୦୩।୨୫) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା । ଦୁର୍ବୃତ୍ତମାନେ ଚୋରି କରି ଅତାବିରା ଥାନା ଗୋଲକନଗର(ଗୋଡଭଗା)ର ପିଚକୁଲାଙ୍କ ଜରିଆରେ ଆନ୍ଧ୍ରରେ ଉକ୍ତ ଟ୍ରାକ୍ଟରକୁ ବିକ୍ରି କରିଥିବା ଜାଣି ସେଠାରେ ଚଢାଉ କରିଥିଲେ । ଚଢାଉ ସମୟରେ ଚୋରି ଟ୍ରାକ୍ଟରକୁ ଜବତ କରାଯାଇ ବୁଧବାର ଗାଡି ମାଲିକଙ୍କୁ ହସ୍ତାନ୍ତର କରାଯାଇଛି ।

# ସରକାରୀ ମହିଳା କଲେଜରେ ଶାସ୍ତ୍ରୀୟ ଭାଷା ଦିବସ

ବଲାଙ୍ଗୀର,୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ଏବଂ ସମ୍ମାନିତ ଅତିଥି ଭାବେ ଡ଼. ସିଦ୍ଧେଶ୍ୱର ପଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମୁଖ୍ୟ ନିରଞ୍ଜନ ସେଟ୍, ରତିକାନ୍ତ ନାଏକ, ଡ଼. ସରୋଜ କୁମାର ଜଗଦଲା, ବିପ୍ଳବ ପଧାନ, ଯୁଗେଶ୍ୱର ପଧାନ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷାର ଐତିହାସିକ ବିକାଶକ୍ରମ ତଥା ଶାସ୍ତ୍ରୀୟ ମାନ୍ୟତା ପାଇବାର ଯଥୋଚିତ ମାନଦଣ୍ଡ ଉପରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଓଡ଼ିଆ ଛାତ୍ରୀଛାତ୍ର କିଭଳି ବିଶୁଦ୍ଧ ଭାଷା ବ୍ୟବହାର କରିପାରିବେ ତା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡ. ସରୋଜ କୁମାର ଜଗଦଲା ସଞ୍ଚାଳନ କରିଥିଲେ। ଯୁଗେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ରକ୍ତଦାନ ଶିବିର: ୧୬ ୟୁନିଟ ରକ୍ତ ସଂଗ୍ରହ

ବଲାଙ୍ଗୀର, ୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ତଥା ବ୍ଲଡ ବ୍ୟାଙ୍କ, ବଲାଙ୍ଗୀରର ମିଳିତ ସହଯୋଗରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଏନଏସଏସ ଅଧିକାରୀ ଡ. ବଂଶୀଧର ଦୀପ, ଡ. ଅନୁରାଧା ମିଶ୍ର, ଡ. ମୀନତି ଦେବତା, ଅଜିତ କୁମାର ପଣ୍ଡା, ଡ. ଅଶୋକ କୁମାର ମିଶ୍ର, ସ୍ୱାଗତିକା ରାଉଳ, ଦେବେନ୍ଦ୍ର ନନ୍ଦ ସହଯୋଗ କରିଥିଲେ । ଶିବିରରେ ମୋଟ ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ଚଳଚ୍ଚିତ୍ର ‘ସଂଘର୍ଷ’ ପାଇଁ ପ୍ରସ୍ତୁତି ବୈଠକ




‘ସଂଘର୍ଷ’ ଚଳଚ୍ଚିତ୍ରର ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୧୧।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଏକେ ଫିଲ୍ମର ଆଗାମୀ ଚଳଚ୍ଚିତ୍ର ‘ସଂଘର୍ଷ’ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରସ୍ତୁତି ବୈଠକରେ ପୌରାଧ୍ୟକ୍ଷା ଲିକା ସାହୁ, ଗୁରୁଶ୍ରୀ ଘାସିରାମ ମିଶ୍ର, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ଓ ବାର୍ ଆସୋସିଏଶନ ସଭାପତି ବାସୁଦେବ ରଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଦୀପ୍ତି ପ୍ରସାଦ ଦାଶ ବୈଠକ ପରିଚାଳନା କରିଥିଲେ। ବିଶିଷ୍ଟ କଳାକାର ମାନେ ଏଥିରେ ଯୋଗ ଦେଇଥିଲେ। ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅଶୋକ ମିଶ୍ର ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇଥିଲେ । ରାମଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଚଳଚ୍ଚିତ୍ରର ଏକ ପ୍ରମୋ ପ୍ରଦର୍ଶିତ ହୋଇଥିଲା ।

# ନିଆରା ପରମ୍ପରା | ବିବାହ ପୂର୍ବରୁ କୁଣାବରା

ଲାଠୋର,୧୧।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ କାହିଁ କେଉଁ କାଳରୁ କୁଣାବରା ବା କୁମାରୀ ବ୍ରତ ପାଳନ କରିବା ଏକ ନିଆରା ପରମ୍ପରା। ଏହି ବ୍ରତ ବିଶେଷ କରି ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି ଏବଂ ନୂଆପଡ଼ା ଜିଲାରେ ପାଳନ ହେଉଥିବା ଦେଖାଯାଏ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଲୋକ ଏହି ବ୍ରତ ମୁଖ୍ୟତଃ ପାଳନ କରନ୍ତି। କେତେକ ଜାଗାରେ ଓବିସି ବର୍ଗର ଲୋକ ମଧ୍ୟ କରୁଛନ୍ତି । ସାମାଜିକ ରୀତିନୀତି ଅନୁସାରେ ଝିଅ ରଜବତୀ ହେବା ପୂର୍ବରୁ ତାର କୁଣାବରା ବ୍ରତ କରିବା ଅନିବାର୍ଯ୍ୟ। ଯଦି କୌଣସି ଝିଅଙ୍କ କୁଣାବରା ବ୍ରତ ହେବା ପୂର୍ବରୁ ସେ ରଜବତୀ ହୁଅନ୍ତି ତାହେଲେ ସମସ୍ୟା ସୃଷ୍ଟି ହୁଏ। ସେ ଝିଅକୁ କୌଣସି ପୁଅ ବାହା ହେବାକୁ ଆସନ୍ତି ନାହିଁ। ଏମିତି ଅନେକ ଝିଅ ବାହା ହୋଇ ନ ପାରି ଘରେ ରହିଥିବାର ନଜିର ମଧ୍ୟ ରହିଛି। ଏଣୁ ଝିଅର ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ମା’ ବାପା ଝିଅକୁ ୭-୮ ବର୍ଷ ହେବା ମାତ୍ରେ ତାର କୁଣାବରା କରିବା ପାଇଁ ପ୍ରସ୍ତୁତ ହୁଅନ୍ତି । ଗୋଟେ ଝିଅର ବାହାଘର ଯେମିତି ହୁଏ ଠିକ୍ ସେହିପରି ବାହାଘର ପୂର୍ବରୁ କୁଣାବରା ମଧ୍ୟ ହୁଏ । ସେହି ପରମ୍ପରା ଅନୁଯାୟୀ ନିକଟରେ ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅଧୀନ ସୁନାମୁଦି ଗ୍ରାମର କୁଳମଣି ବାଗଙ୍କ ଝିଅ ସୁଭାଙ୍ଗିନୀ ଏବଂ ଜିତ ବାଗଙ୍କ ଝିଅ ସୁନୀତାଙ୍କ କୁଣାବରା ବ୍ରତର ଆୟୋଜନ ଧୂମଧାମରେ ହୋଇଥିବା ଦେଖିବାକୁ ମିଳିଥିଲା । ପ୍ରଥମେ କୁଣାବରା ମଣ୍ଡପରେ ଦୁଇ ଝିଅଙ୍କୁ ତେଲ ହଳଦୀ ଲଗାଇଲା ପରେ ସେଠାରେ ସ୍ଥାପନ ହୋଇଥିବା ମହୁଲି ଗଛର ଡାଳ ସହ ବାହା କରାଯାଇଥିଲା । ଏହି ଉପଲକ୍ଷେ ବାଜା, ନାଚ ଗୀତର ଆସର ଜମିଥିଲା । ବ୍ରତରେ ଯୋଗ ଦେଇଥିବା ବନ୍ଧୁବାନ୍ଧବ ତଥା ସମ୍ପର୍କୀୟଙ୍କ ପାଇଁ ଭୋଜିଭାତର ବ୍ୟବସ୍ଥା କରାଯାଇଥିଲା । ସମସ୍ତେ ଭୋଜିଭାତ ଖାଇ ଦୁଇ ଝିଅଙ୍କୁ ଆଶୀର୍ବାଦ ଦେବା ସହ ଉପହାର ପ୍ରଦାନ କରିଥିଲେ । ଏହି ପରମ୍ପରା ବଜାୟ ରଖିବାରେ ଥିଲାବାଲାଙ୍କ ପାଇଁ କିଛି ଅସୁବିଧା ହେଉନାହିଁ । କିନ୍ତୁ କେତେକ ଜାଗାରେ ଗରିବ ଲୋକ ଏହାର ଆୟୋଜନ କରି ଆର୍ଥିକ ବୋଝର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ ସେମାନେ ଧାର କରଜ କରି କୁଣାବରା ଆୟୋଜନ କରି ପୁରୁଣା ପରମ୍ପରାକୁ ଆଜି ବି ବଞ୍ଚାଇ ରଖିଛନ୍ତି ।



କୁଣାବରା ବ୍ରତ ପାଳନ ଅବସରରେ ଦୁଇ ବାଳିକା ।

**ବାଣିଜ୍ୟିକ ଗ୍ୟାସ ଯୋଗାଣ ବନ୍ଦ**

ସମ୍ବଲପୁର,(ପ୍ରମୋଦ ବହିଦାର): ଉପସାଗରୀୟ ଯୁଦ୍ଧ ଦେଶର ରୋଷେଇ ଗ୍ୟାସ ବିରତଣକୁ ପ୍ରଭାବିତ କରିଛି। ବିଶେଷ ଭାବେ ବ୍ୟବସାୟିକ ରୋଷେଇ(ଏଲ୍‌ପିଜି) ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି। ଏହାକୁ ନେଇ ହୋଟେଲ୍ ବ୍ୟବସାୟୀ ଚିନ୍ତିତ ହୋଇ ପଡ଼ିଛନ୍ତି। ସମ୍ବଲପୁର ମଣ୍ଡଳ ଦାୟିତ୍ୱରେ ଥିବା ସେଲ୍ସ ଅଧିକାରୀ ବିକ୍ରମାଦିତ୍ୟ ପଟେଲ କହିଛନ୍ତି, କେନ୍ଦ୍ରୀୟ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ନିର୍ଦ୍ଦେଶାଳୟର ନୂତନ ଗାଇଡଲାଇନ ଅନୁଯାୟୀ ତୈଳ କମ୍ପାନୀଗୁଡ଼ିକ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ଯୋଗାଣକୁ ସମ୍ପୂର୍ଣ୍ଣ ବନ୍ଦ ରଖିଛନ୍ତି।

## ଜିଏମୟୁରେ ପରୀକ୍ଷା ଚାପ ଓ ଷ୍ଟ୍ରେସ ମ୍ୟାନେଜମେଣ୍ଟ କର୍ମଶାଳା

ସମ୍ବଲପୁର,୧୧।୩(ବି.ଶଙ୍କର)

ଆର୍ଟ ଅଫ ଲିଭିଂ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ)ର ଯୋଗ ଏବଂ ୱେଲନେସ କ୍ଲବର ମିଳିତ ଆୟୋଜନରେ ପରୀକ୍ଷା ଚାପ ଓ ଷ୍ଟ୍ରେସ ମ୍ୟାନେଜମେଣ୍ଟ କର୍ମଶାଳା ଆୟୋଜିତ ହୋଇଛି । ଡା. ନାରାୟଣୀ ପଣ୍ଡା ରିସୋର୍ସ ସେଣ୍ଟରରେ କନେକ୍ଟିଙ୍ଗ ତତ୍ୱ ଶୀର୍ଷକରେ ପ୍ରଥମେ କାର୍ଯ୍ୟକ୍ରମ ହୋଇଥିଲା। କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଆର୍ଟ ଅଫ୍ ଲିଭିଂର ମୁଖ୍ୟ ବକ୍ତା ହିମାଂଶୁ ପଣ୍ଡା ଓ ତାଙ୍କ ସହଯୋଗୀ ମଧୁ ଲାଠ ଏବଂ ସୁଜିତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଏମୟୁ ମନୋବିଜ୍ଞାନ ବିଭାଗ ଅଧ୍ୟାପିକା ଡା. ସଞ୍ଜୁକ୍ତା ପାଢ଼ୀ କର୍ମଶାଳାର ଉଦ୍ଦେଶ୍ୟର ଅବତାରଣା କରିଥିଲେ । ମୁଖ୍ୟବକ୍ତା ପଣ୍ଡା ଷ୍ଟ୍ରେସ ଓ ପରୀକ୍ଷା ଚାପ ପରିଚାଳନା, ସ୍ୱଷ୍ଟ କ୍ୟାରିୟର ଦିଗ ନିର୍ମାଣ, କେନ୍ଦ୍ରୀକରଣ ଓ ଧ୍ୟାନବଳ ବୃଦ୍ଧି, ଭାବନାତ୍ମକ ସମତୁଳନ ଓ ଆନ୍ତରିକ ସ୍ଥିରତା ଇତ୍ୟାଦି ବିଷୟରେ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ । କ୍ଲବ ସଂଯୋଜକ ଡା. ଦାଶରଥୀ ବେହେରା ଓ ବିଶ୍ୱବିଦ୍ୟାଳୟର ଆଇଏସଟି ବିଭାଗର ଇଞ୍ଜିନିୟର ସତ୍ୟବାନ ବେହେରା ଏହି କର୍ମଶାଳାକୁ ପରିଚାଳନା କରିଥିଲେ ।

# ଆଉଟର ରିଂରୋଡ ହେବ ବ୍ୟବସାୟିକ କରିଡର

ସମ୍ବଲପୁର,୧୧।୩ (ଭବାନୀ ଶଙ୍କର ଭୋଇ)

**ସୁଗମ ଯାତ୍ରା ପାଇଁ ହେବ ଆଲ୍‌ସେସ କଣ୍ଟ୍ରୋଲ ସିଷ୍ଟମ**


ଆଉଟର ରିଂରୋଡ ସଂଯୋଗ କରିବାକୁ ଥିବା କବରାପାଲି ଏନ୍ଏଚ ୫୩।

ସମ୍ବଲପୁର ସହରରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଖୁବଶୀଘ୍ର ଆଉଟର ରିଂରୋଡ କାମ ଆରମ୍ଭ ହେବାକୁ ଯାଉଛି। ୩୫ କିଲୋମିଟର ବିଶିଷ୍ଟ ଏହି ବାଇପାସ୍ ନିର୍ମାଣ ହେବାପରେ ସମ୍ବଲପୁର ସହର ଭିତରକୁ ଆଉ ଭାରୀଯାନ ପଶିବ ନାହିଁ। ସହର ବାହାରେ ଭାରୀଯାନ ଚଳାଚଳ କରିବା ଦ୍ୱାରା ସହରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା ଦୂର ହେବା ସହ ଦୁର୍ଘଟଣା ହାର କମିବାର ଆଶା କରାଯାଉଛି। ଦୀର୍ଘବର୍ଷରୁ ଏହି ଆଉଟର ରିଙ୍ଗରୋଡ ନିର୍ମାଣ ନେଇ ଚର୍ଚ୍ଚା ହୋଇ ଆସୁଥିଲା। ପୂର୍ବରୁ ନେକଲେସ ରୋଡ ନାମରେ ଏହାର ଡିଜାଇନ ତିଆରି ହୋଇଥିଲା। ବର୍ତ୍ତମାନ ଏହାର ଡିଜାଇନ ପରିବର୍ତ୍ତନ ହୋଇ ଆଉଟର ରିଙ୍ଗରୋଡ ନାମରେ ଚାରିଥାକିଆ ବିଶିଷ୍ଟ ୩୫.୩୮ କିମି ରାସ୍ତା ନିର୍ମାଣ ନେଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଏହାର ନିର୍ମାଣ ପାଇଁ ୧ ହଜାର ୩୧୪ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ବଜେଟ ଅଟକଳ କରାଯାଇଛି । ଏଥିରେ ୪୦ ପ୍ରତିଶତ ସରକାରୀ ଅର୍ଥ ଖର୍ଚ୍ଚ ହେବାକୁ ଥିବା ବେଳେ ୬୦ପ୍ରତିଶତ ନିର୍ମାଣାଧୀନ କମ୍ପାନୀ ଖର୍ଚ୍ଚ କରିବ। ଏହି ରିଂରୋଡ କାମ ଫେବୃଆରୀ ମାସରୁ ଆରମ୍ଭ ହେବାକୁ ଯୋଜନା ହୋଇଥିଲା। କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା ପାଇଁ ହୋଇପାରି ନଥିଲା। ତେବେ ଇତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନେତୃତ୍ୱରେ ହୋଇଥିବା ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ ହେବା ପରେ କାର୍ଯ୍ୟ ଶୀଘ୍ର ହେବା ନେଇ ଆଶା ସଞ୍ଚାର ହୋଇଛି ।

ଆଉଟର ରିଂରୋଡ ନିର୍ମାଣ ହେବା ପରେ ଝାରସୁଗୁଡ଼ାକୁ ଯାଇଥିବା ବିଜୁ ଏକ୍ସପ୍ରେସରେ ସଂଯୋଗ ହୋଇ ୫୩ ନମ୍ବର ରାଷ୍ଟ୍ରୀୟ ରାଜପଥର ଜୟନ୍ତପୁର କବରାପାଲି ମଝିରେ ସଂଯୋଗ କରିବ। ପୁଣି ସେଠାରୁ ୫୫ ନମ୍ବର ଜାତୀୟ ରାଜପଥ କଟକ ରୋଡକୁ ସଂଯୋଗ କରୁଥିବା ମାନେଶ୍ୱରକୁ ଛୁଇଁବ। ସେଠାରୁ ସୋନପୁରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ଗୁଣ୍ଡେରପୁର ଦେଇ ବରଗଡ ରୋଡକୁ ସଂଯୋଗ କରୁଥିବା ରାସ୍ତାର ଗୋଶାଲା କଳାମାଟିଠାରେ ସଂଯୋଗ କରିବ। ଏହି ଆଉଟର ରିଂରୋଡ ୨ଟି ଜାତୀୟ ରାଜପଥ ଓ ୨ଟି ରାଜ୍ୟ ରାଜପଥକୁ ଅତିକ୍ରମ କରିବ। ଫଳରେ କଟକ, କେନ୍ଦୁଝର, ସୋନପୁର ଏବଂ ଝାରସୁଗୁଡାକୁ ଯାଉଥିବା ଭାରୀଯାନଗୁଡିକ ସହର ଭିତରକୁ ପ୍ରବେଶ ନକରି ଆଉଟର ରିଙ୍ଗରୋଡ ଦେଇ ଯାଇପାରିବ। ଏହି ରାସ୍ତାରେ ରାଜପଥ ଉପରକୁ ଯେପରି କୌଣସି ଗୋରୁ ପଶି ପାରିବେ ନାହିଁ ସେ ନେଇ ଆଲ୍‌ସେସ କଣ୍ଟ୍ରୋଲ ସିଷ୍ଟମ ବା ବାରିକେଡ ବ୍ୟବସ୍ଥା କରାଯିବ। ତେବେ ରିଂରୋଡ ନିର୍ମାଣ ହେଲେ ପାର୍ଶ୍ୱରେ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନମାନ ନିର୍ମାଣ ହେବ ଯାହାଦ୍ୱାରା ଏହା ବ୍ୟବସାୟିକ କରିଡରରେ ପରିଣତ ହୋଇପାରିବ ବୋଲି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି। ଏହାର ନିର୍ମାଣ ନେଇ ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ସହଯୋଗ ଯୋଇ ଦିଆଯାଉଥିବା ଜିଲାପାଳ କହିଛନ୍ତି। ଏହି ଆଉଟର ରିଂରୋଡରେ ନିର୍ମାଣ ହେବାକୁ ଥିବା ବ୍ୟବସାୟିକ କରିଡର କିଭଳି ପ୍ରଦୂଷଣ ବିହୀନ ବ୍ୟବସାୟିକ କେନ୍ଦ୍ର ହୋଇପାରିବ ସେ ନେଇ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି ।

# କୁଳପତିଙ୍କୁ ଘେରିଲା ଏବିଭିପି


କୁଳପତିଙ୍କ ଅଫିସରେ ଏବିଭିପି ସଙ୍ଗଠନ ସଦସ୍ୟଙ୍କ ସହ ଛାତ୍ରୀମାନେ ।

**ଜିଏମ୍‌ୟୁ ଛାତ୍ରୀନିବାସରେ ନିମ୍ନମାନର ଖାଦ୍ୟ ଅଭିଯୋଗ**

■ ୧୫ଦିନ ମଧ୍ୟରେ ସମାଧାନ ପ୍ରତିଶ୍ରୁତି ଦେଲେ କୁଳପତି

ସମ୍ବଲପୁର,୧୧।୩ (ଭବାନୀ ଶଙ୍କର ଭୋଇ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ଛାତ୍ରୀନିବାସ-୧ରେ ଦିଆଯାଉଥିବା ଖାଦ୍ୟର ମାନକୁ ନେଇ ବୁଧବାର ଛାତ୍ରୀମାନେ ପ୍ରତିବାଦ କରିଛନ୍ତି। ଦିଆଯାଉଥିବା ଖାଦ୍ୟରେ ପୋକ ବାହାରିବା ପରେ ପ୍ରଥମେ ଅନ୍ତେବାସୀମାନେ ଛାତ୍ରୀନିବାସ ମୁଖ୍ୟଙ୍କୁ ଜଣାଇଥିଲେ। ସମସ୍ୟା ସମ୍ପର୍କରେ ଅବଗତ ହେବା ସତ୍ତ୍ୱେ ସେ ସମସ୍ୟାର ସମାଧାନ ନେଇ କୌଣସି ପଦକ୍ଷେପ ନେଇ ନଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ଘଟଣା ବିଷୟରେ ଏବିଭିପି ବିଶ୍ୱବିଦ୍ୟାଳୟ ସଂଯୋଜକ ଯଶବର୍ଦ୍ଧନ ତିୱାରୀଙ୍କୁ ଜଣାଇବା ପରେ ସେ ଛାତ୍ରୀମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଭେଟି ବିଶ୍ୱବିଦ୍ୟାଳୟର ବାଳିକା ଛାତ୍ରୀନିବାସ-୧ର ସମସ୍ୟାକୁ ତାଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଛାତ୍ରୀମାନଙ୍କୁ ଦିଆଯାଉଥିବା ଖାଦ୍ୟରେ ପୋକ ବାହାରିବା ଯୋଗୁ ସେଭଳି ଖାଦ୍ୟ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ସେଥିପାଇଁ ଅନେକ ଛାତ୍ରୀ ଭୋକ ଉପାସରେ ରହୁଥିବା ନେଇ କୁଳପତିଙ୍କୁ ଅବଗତ କରାଯାଇଥିଲା। କୁଳପତି ସୁଶାନ୍ତ କୁମାର ମିଶ୍ର ଅଭିଯୋଗ ଶୁଣିବା ପରେ ୧୫ଦିନ ଭିତରେ ଅଭିଯୋଗର ତଦନ୍ତ କରାଯାଇ ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏବିଭିପି ପକ୍ଷର ୭ଦିନ ଭିତରେ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଥିଲା । ତେବେ କୁଳପତି ସମସ୍ୟାର ଯଥାଶୀଘ୍ର ସମାଧାନ କରିବାକୁ କହିଥିଲେ। ତେବେ ସମସ୍ୟାର ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ କରାଯିବା ନେଇ ଏବିଭିପି ପକ୍ଷରୁ ଚେତାବନୀ ଦିଆଯାଇଛି । ଯଶବର୍ଦ୍ଧନ ତିୱାରୀଙ୍କ ନେତୃତ୍ୱରେ ସ୍ୱାଧୀନ କୁମାର ଆଚାର୍ଯ୍ୟ, ବିବେକ ତିୱାରୀ, ଦେବାଶିଷ ସେହ୍ନିଆ, ଦୀପ୍ତି ବିଶ୍ୱାଳ, ପ୍ରଜ୍ଞା କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ନାତକ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ, ୧୧।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ଷ୍ଟାଫ କାଉନସିଲ ତଥା ପ୍ରଥମ ଓ ଦ୍ୱିତୀୟ ବର୍ଷ ବିଦ୍ୟାର୍ଥୀମାନଙ୍କ ତରଫରୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ଭଜମୋହନ ପ୍ରଧାନ, ହିମାଂଶୁ ବାରିକ, ଗ୍ରନ୍ଥଗାରିକ ବିଭୂତି ଭୂଷଣ ସାହୁ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶିନୀ, ଜୟନ୍ତୀ ସାହୁ ଓ ଗିରିଶବାଳା ନାୟକ ଯୋଗଦେଇ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଯୋଗଦେବ ୭୮ ଶାଖାର ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି

**୧୫ରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ରାଜ୍ୟସ୍ତରୀୟ ଅଧିବେଶନ**


ଖବରଦାତା ସମ୍ମିଳନୀରେ ସମ୍ବଲପୁର ଶାଖା କର୍ମକର୍ତ୍ତା ।

ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)

ସମ୍ବଲପୁରଠାରେ ଆସନ୍ତା ୧୫ତାରିଖରେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନର ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହେବ। ଏନେଇ ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ମେଳନର ସମ୍ବଲପୁର ଶାଖା ପ୍ରବକ୍ତା ଶମ୍ଭୁ ବରେଲିଆ ସୂଚନା ଦେଇଛନ୍ତି। ସମ୍ବଲପୁର ହୋଟେଲ ରିଭର ଇନ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହରେ ମୁଖ୍ୟଅତିଥିଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଧିବେଶନକୁ ଉଦ୍‌ଘାଟନ କରିବେ। ଏଥିରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଥିବା ୭୮ଟି ଶାଖାର ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅଧିବେଶନରେ ବିଶେଷ କରି ସମ୍ମେଳନ ପକ୍ଷରୁ କରାଯାଉଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରାଯିବ। ଏହା ସହିତ ଆଗାମୀ ଦିନରେ ସମାଜର ବିକାଶ ଏବଂ ପ୍ରଗତି ପାଇଁ ନିଆଯିବାକୁ ଥିବା ନୂତନ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରାଯିବ ବୋଲି ମୁଖପାତ୍ର ବରେଲିଆ ସୂଚନା ଦେଇଛନ୍ତି। ସମାରୋହରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଜୟନାରାୟଣ ମିଶ୍ର, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମେଳନର ଜାତୀୟ ସଭାପତି ପୱନ ଗୋଏଙ୍କା, ଉପସଭାପତି ପୁରୁଷତ୍ତୋମ ସିଂଘାନିଆ, ଜାତୀୟ ସମ୍ପାଦକ କେଦାରନାଥ ଗୁପ୍ତା, ପୂର୍ବତନ ଜାତୀୟ ଉପସଭାପତି ଅଶୋକ କୁମାର ଜଲାନ, କୈଳାସପତି ତୋଡ଼ି, ଯୁବାମଞ୍ଚ ରାଜ୍ୟ ସଭାପତି ଅଜୟ ଶର୍ମା, ନବନିଯୁକ୍ତ ମହିଳା ସମିତି ରାଜ୍ୟ ଅଧ୍ୟକ୍ଷା ରୀତା ଅଗ୍ରୱାଲ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ସେ କହିଛନ୍ତି। ସମ୍ମେଳନରେ ବର୍ତ୍ତମାନର ରାଜ୍ୟ ସଭାପତି ଦିନେଶ ଅଗ୍ରୱାଲ ନବ ନିର୍ବାଚିତ ସୁଭାଷ ଅଗ୍ରୱାଲଙ୍କୁ ଦାୟିତ୍ୱ ଅର୍ପଣ କରିବେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଶାଖାଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବ। ସମ୍ବଲପୁର ଶାଖା ସଭାପତି ଶିଶରାମ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜୋନାଲ ଉପସଭାପତି ମଙ୍ଗତୁରାମ ଅଗ୍ରୱାଲ, ଅଧିବେଶନ ଆୟୋଜନ କମିଟି ଅଧ୍ୟକ୍ଷ ରାଜକୁମାର ପୋଦ୍ଦାର, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଶମ୍ଭୁ ତୁଲସ୍ୟାନ ଉପସ୍ଥିତ ଥିଲେ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ


ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ଅତିଥି ଓ ବକ୍ତାମାନେ ।

ସମ୍ବଲପୁର,୧୧।୩(ବି.ଶଙ୍କର)

ସମ୍ବଲପୁର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍ଏସ୍‌ସିବି) ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଆଭାସୀ ମାଧ୍ୟମରେ ବଲାଙ୍ଗୀର ସହର ସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷକ ନିୟନ୍ତ୍ରକ ଡ. ଶ୍ୟାମ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମାର୍ଜିତ ଭାଷା ହିଁ ପ୍ରକୃତ ପକ୍ଷେ ତିଆରି କରେ ଶାସ୍ତ୍ରୀୟ ଭାଷାର ମୂଳଦୁଆ ବୋଲି ଡ.ଭୋଇ ମତବ୍ୟକ୍ତ କରିଥିଲେ। ଭୁବନେଶ୍ୱର ଓଡ଼ିଆ ଭାଷା ଅଧ୍ୟୟନ ଓ ଗବେଷଣା ସଂସ୍ଥାର ମୁଖ୍ୟ ଡ. ସୁବ୍ରତ କୁମାର ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଶ୍ରଦ୍ଧାମୟୀ ପୁରୋହିତ, ଅଧ୍ୟାପିକା ମେଞ୍ଜା ପୂର୍ତ୍ତି, ଅଧ୍ୟାପକ ରୋଶନ ଭୋଇ, ପ୍ରଦୀପ ରୋହିଦାସ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆଇକ୍ୟୁଏସି ସଂଯୋଜକ ତଥା ଇତିହାସ ବିଭାଗ ସହକାରୀ ପ୍ରଫେସର ଡ. ରଘୁମଣି ନାଏକ ଶାସ୍ତ୍ରୀୟ ଭାଷା ଦିବସ ଅବସରରେ ଆପଣାର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୋଜରାଣୀ ତାଣ୍ଡିଆ, କୀର୍ତ୍ତିରାଣୀ କଲେତ, ପଦ୍ମିନୀ ପ୍ରଧାନ, ସୋନାଲି ପାତ୍ର, ମୈତ୍ରୀ ବେହେରା, ପର୍ଶୁରାମ ରାଉଳ, ଶ୍ୱେତାରାଣୀ ପ୍ରମୁଖ ନିଜର ନିଜର ମତ ରଖିଥିଲେ । ଶାସ୍ତ୍ରୀୟ ଭାଷାର ମହତ୍ତ୍ୱ, ଭାଷାର ମହନୀୟତା, ଭାଷା ବର୍ତ୍ତମାନର ପରିପ୍ରେକ୍ଷୀରେ କେତେ ଜରୁରୀ ସେହି ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିସହ ଭାଷା ଆମର ପରିଚୟ ଏବଂ ଏହାକୁ ନେଇ ଆମେ ଗର୍ବ ଅନୁଭବ କରିବା କଥା ବୋଲି ମତ ପ୍ରକାଶ ପାଇଥିଲା । ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ଖୋଲିବ ବିର୍ଲା ଓପନ୍ ମାଇଣ୍ଡସ୍‌ର ଇଣ୍ଟରନ୍ୟାଶନାଲ ସ୍କୁଲ

ଭୁବନେଶ୍ୱର,୧୧।୩ (ଅନୁରାଧା ମହାରଣା)



ସମ୍ବଲପୁରରେ ବିର୍ଲା ଓପନ୍ ମାଇଣ୍ଡସ୍‌ର ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଶୁଭାରମ୍ଭ ହେବ। ମାର୍ଚ୍ଚ ୧୫ରେ ଅନୁଷ୍ଠିତ ହେବାକୁଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେବାର ଯୋଜନା ରହିଛି। ଏନେଇ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବିର୍ଲା ଓପନ୍‌ମାଇଣ୍ଡ୍‌ସ ଗୁଣାତ୍ମକ ଶିକ୍ଷା ସହ ମୂଲ୍ୟବୋଧ, ନବସୃଜନ ଏବଂ ଆଧୁନିକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବା କୁହାଯାଇଛି। କ୍ୟାମ୍ପସ୍‌ରେ ସ୍ମାର୍ଟ ଶ୍ରେଣୀଗୃହ, ରୋବୋଟିକ୍ସ ଲାବ୍ ଏବଂ ଏକ ଆମ୍ଫିଥିଏଟର ସମେତ ଅନ୍ୟାନ୍ୟ ସୁବିଧା ରହିଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ନିର୍ଦ୍ଦେଶକ ଚନ୍ଦନ ଶାହା, ଗିରିରାଜ ରାଠି, ଟ୍ରଷ୍ଟି ଗୋପାଳ ଶାହା, ସଦସ୍ୟ ଦିନେଶ ଅଗ୍ରୱାଲ ଓ ଶ୍ୟାମସୁନ୍ଦର ଅଗ୍ରୱାଲ ଉପସ୍ଥିତ ଥିଲେ।

# ସାଇବର ଅପରାଧ ଅନୁସନ୍ଧାନ ପ୍ରଶିକ୍ଷଣ ଶିବିର



ଶିବିର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ପୋଲିସ ଅଧିକାରୀବୃନ୍ଦ ।

ସମ୍ବଲପୁର,୧୧।୩(ପ୍ରମୋଦ ବହିଦାର)

ସମ୍ବଲପୁର ପୋଲିସ ପକ୍ଷରୁ ସାଇବର ଅପରାଧ ଅନୁସନ୍ଧାନ ଉନ୍ନତ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ମାର୍ଚ୍ଚ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରକୁ ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ୍ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପରିଚାଳିତ ପ୍ରଶିକ୍ଷଣ ଶିବିରରେ ଆଇପିଏସ୍ ଶିକ୍ଷାନବୀଶ କୋମଲ ଗର୍ଗ ଅଂଶଗ୍ରହଣ କରିଛନ୍ତି। ଏଥିରେ ବିଶେଷ କରି ପୋଲିସ ଅଧିକାରୀମାନଙ୍କୁ ସାମ୍ପ୍ରତିକ ସମୟର ସାଇବର ଅପରାଧର ଧାରା, ଅତ୍ୟାଧୁନିକ ଅନୁସନ୍ଧାନ କୌଶଳ, ଡିଜିଟାଲ ପ୍ରମାଣ ସଂଗ୍ରହ ଓ ପରିଚାଳନା, ଅନଲାଇନ ଆର୍ଥିକ ଠକେଇ ଏବଂ ସାଇବର ଫୋରେନସିକ ଉପକରଣର ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଶିବିରକୁ ପରିଚାଳନା କରି ସାଇବର ବିଶେଷଜ୍ଞ ମୁକେଶ ଚୌଧୁରୀ ଓ ରୀମା ସାଇନି ସମ୍ପୂର୍ଣ୍ଣ ବ୍ୟବହାରିକ ଜ୍ଞାନ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଶ୍ଳେଷଣ ମାଧ୍ୟମରେ ପୋଲିସ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସମ୍ପ୍ରତି ସମାଜରେ ବଢୁଥିବା ସାଇବର ଅପରାଧଜନିତ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପୋଲିସ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ଡିଜିଟାଲ ଦୁନିଆରେ ନାଗରିକଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଜିଲାର ବିଭିନ୍ନ ଥାନାର ପରାଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ଏଭଳି ପ୍ରଶିକ୍ଷଣ ଦ୍ୱାରା ପୋଲିସର ତଦନ୍ତ ଦକ୍ଷତା ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ଆଶା କରାଯାଉଛି।

# ନାଟକ ମହୋତ୍ସବ ରଙ୍ଗସଙ୍ଗମ: ନାଟକ ମୁଖାଗ୍ନି ମଞ୍ଚସ୍ଥ

ସମ୍ବଲପୁର,୧୧।୩(ବି.ଶଙ୍କର)


କଟକ ଥିଏଟର ମାରାଥନ ନାଟ୍ୟାନୁଷ୍ଠାନ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ମୁଖାଗ୍ନି ନାଟକର ଏକ ଦୃଶ୍ୟ ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗସଙ୍ଗମର ବୁଧବାର ଥିଲା ତୃତୀୟ ରଜନୀ। ସମ୍ବଲପୁର ସହରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟରେ କଟକ ଜିଲା ଥିଏଟର ମାରାଥନ ନାଟ୍ୟାନୁଷ୍ଠାନର କଳାକାରମାନେ ନାଟକ ମୁଖାଗ୍ନି ମଞ୍ଚସ୍ଥ କରିଥିଲେ। ଉମେଶ ଦାଶ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ସରି ଆସୁଥିବା ଆୟୁଷକୁ ଭରଷା କରି ବଞ୍ଚିଛନ୍ତି ବୁଢ଼ୀବୁଢ଼ା । ସେମାନେ ଯେତେବେଳେ ପୁଅ ଦେଇଥିବା କଥାକୁ ମନେ ପକାନ୍ତି, ସେତେବେଳେ ପୁଅ ଚାଲିଯାଏ ଅତୀତକୁ। ଭୁଲିବାଟା ତା ପାଇଁ ସ୍ୱାଭାବିକ। କାହିଁକି ନା ପାଶ୍ଚାତ୍ୟ ସଭ୍ୟତାର ରଙ୍ଗ ସଂପ୍ରତି ତାର ଦେହସାରା ବୋଲି ହୋଇସାରିଛି । ଘରେ ବୁଢ଼ା ବାପାଟି ଅନ୍ତିମ ଯାତ୍ରା ପାଇଁ ଅପେକ୍ଷା କରିଛି । ଏଭଳି କଥାବସ୍ତୁକୁ ନେଇ ନାଟକ ମୁଖାଗ୍ନି ଗତିଶୀଳ ହୋଇଥିଲା । ସଙ୍ଗୀତ ନିର୍ଦ୍ଦେଶନା ନିର୍ଦ୍ଦେଶନା ବସନ୍ତ କୁମାର ବୋଷ, ଆଲୋକ ସଂପାତ ହେମନ୍ତ ଦାଶ ଏବଂ ପରିଚାଳନା କରିଥିଲେ ନିର୍ଝରିଣୀ ଦାଶ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ମଞ୍ଚ ନାୟକର ସମ୍ପାଦକ ପ୍ରଦୀପ ପଣ୍ଡା ପରିଚାଳନା ଏବଂ ମଞ୍ଚ ଅଭିନେତ୍ରୀ ମମତା ପଣ୍ଡାଙ୍କ ସଂଯୋଜନାରେ କାଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ ଏବଂ ମଞ୍ଚ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ବିପିନ ବିହାରୀ ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ।

# ଭାଷାର ବିକାଶରେ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମହିଳା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

ସମ୍ବଲପୁର,୧୧।୩(ବି.ଶଙ୍କର)


ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସରେ ଅତିଥି, ବକ୍ତା ଓ ଛାତ୍ରୀମାନେ ।

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ ସଂପାନରେ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିଲେ । ଓଡ଼ିଆ ଭାଷାର ପ୍ରକାଶ ଓ ବିକାଶରେ ଲେଖକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ କରି ଆଧୁନିକ ଯୁଗର ଲେଖକମାନେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ କରିଯାଇଛନ୍ତି ବୋଲି ପ୍ରଫେସର ମେହେର ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ପାଢ଼ୀ ଯୋଗଦାନ କରିଥିଲେ । ଡ. ପାଢ଼ୀ ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ଯାଥାର୍ଥ୍ୟ ପ୍ରଦାନ କରିଥିଲେ । ସେ କହିଥିଲେ, ଆମର ପ୍ରାଚୀନ ଶିଳାଲିପି, ତାମ୍ରପତ୍ରଲିପି, ତାଳପତ୍ର ପୋଥିର ଲିଖିତ ପ୍ରାମାଣିକ ଦସ୍ତାବିଜ୍ ରହିଛି । ତାହା ଉତ୍ତର ଭାରତର ଅନ୍ୟ କୌଣସି ଭାଷାରେ ଉପଲବ୍ଧ ନାହିଁ । ଓଡ଼ିଆ ଭାଷାର ଏକ ଅବିଚ୍ଛିନ୍ନ ଶାସ୍ତ୍ରୀୟ ପ୍ରବହମାନ ଧାରା ରହିଛି । ଆଧୁନିକ ପିଢ଼ି ଏହାର ରକ୍ଷଣାବେକ୍ଷଣ ସହ ଗତିଶୀଳ କରିବା ପାଇଁ ପ୍ରୟାସ କରିବା ଆବଶ୍ୟକ । ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଓଡ଼ିଆ ଭାଷାର ଶକ୍ତି ସାମର୍ଥ୍ୟ ଉପରେ ଆଲୋକପାତ କରି କହିଥିଲେ, ରାଜନୀତିକ ଓ ଆର୍ଥନୀତିକ ପ୍ରଗତି ଭାଷାର ପ୍ରଗତିରେ ସହାୟତା କରେ। ଏଣୁ ଆମକୁ ଅର୍ଥନୀତି ଓ ରାଜନୀତି କ୍ଷେତ୍ରରେ ଅଗ୍ରଗତି କରିବାକୁ ପଡ଼ିବ ବୋଲି ପ୍ରଫେସର ପାଣିଗ୍ରାହୀ କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଂପାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଂପାନର ସଂଯୋଜନା କରିଥିଲେ । ଏଥିରେ ଶତାଧିକ ଛାତ୍ରୀ ଯୋଗଦାନ କରିଥିଲେ ।

**ସଂକ୍ଷେପରେ**

## କଫ୍ ସିରପ ଜବତ, ଅଭିଯୁକ୍ତ ଗିରଫ



ବରଗଡ଼, ୧୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନାରେ କଫ୍ ସିରପ୍ କାରବାର ଚାଲିଥିବାବେଳେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ, ଅମ୍ବାଭୋନା ଥାନା ଭୁକ୍ତାର ଚକ୍ରଧର ସାହୁ। ତାଙ୍କ ପାଖରୁ ୩୦ବୋତଲ କଫ୍ ସିରପ୍ ଜବତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ଖଣି ବିଭାଗର ଚଢ଼ାଉ: ହାଇୱା, ମେଶିନ ଜବତ

ଲୋଇସିଂହା, ୧୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅଧୀନ ଅଙ୍ଗନଦୀର ବିଭିନ୍ନ ସ୍ଥାନରୁ ବେଆଇନ ଭାବରେ ବାଲି ଚୋରାଚାଲାଣ ହେଉଛି। ବୁଧବାର ଲୋଇସିଂହା ଥାନା ଆଗଲପୁର ବ୍ଲକ ଲୁହୁରାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ସାନଫାସଡ ଅଙ୍ଗନଦୀ ପଠାରୁ ବେଆଇନ ବାଲି ଚାଲାଣ ଖବର ପାଇ ବଲାଙ୍ଗୀର ଖଣି ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଖଣି ବିଭାଗ ଅଧିକାରୀଙ୍କୁ ଦେଖି ଚାଲାଣକାରୀ ସେଠାରୁ ଖସି ଯାଇଥିବା ବେଳେ ବାଲି ଚୋରା ଚାଲାଣରେ ନିୟୋଜିତ ଥିବା ଗୋଟିଏ ହାଇୱା (ନଂ ଓଆର୧୫ କ୍ୟୁ ୬୮୮୭) ଓ ଗୋଟିଏ ଚେନ୍ ମାଉଣ୍ଟିଂ ମେଶିନକୁ ଜବତ କରାଯାଇଛି। ବଲାଙ୍ଗୀର ଖଣି ବିଭାଗର ଜୁନିୟର ଖଣି ଅଧିକାରୀ ଦେବାଶିଷ ଦେହୁରୀ, ଶୁଭମ୍ ବିଶ୍ୱାଳ ଓ ଉମେଶ ପଟେଲ ପ୍ରମୁଖ ଚଢାଉ କରିଥିଲେ। ଜବତ ଗାଡି ଓ ମେଶିନ ସାଲେଭଟାର ଜଣେ ବ୍ୟକ୍ତିଙ୍କର ବୋଲି ଜଣାପଡିଛି।

## ରନ୍ଧାମଦ, ମହୁଲ ପୋଚ ନଷ୍ଟ



ଲୋଇସିଂହା, ୧୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପୋଲିସ ମଙ୍ଗଳବାର ଉଢବାହାଲ ଗାଁରେ ଚଢାଉ କରି ବେଆଇନ ଦେଶୀ ରନ୍ଧା ମଦ ଭାଟି ନଷ୍ଟ କରିଦେଇଛି। ଉଢବାହାଲ ଗାଁ ନିକଟସ୍ଥ ଚାଷଜମିରେ ବେଆଇନ ଭାବେ ରନ୍ଧାମଦ ପ୍ରସ୍ତୁତ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ବିପୁଳ ପରିମାଣର ମହୁଲ ପୋଚ ଓ ପ୍ରାୟ ୭୦ ଲିଟର ରନ୍ଧାମଦକୁ ନଷ୍ଟ କରିଥିଲେ। ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସାମଗ୍ରୀକୁ ଜବତ କରାଯାଇ ଥାନାକୁ ଅଣାଯାଇଥିବା ଥାନା ଅଧିକାରୀ ଅନିତା ନାୟକ କହିଛନ୍ତି।

# ସିଂହାସନୀ ଜଙ୍ଗଲରେ ଅଫିମ ଚାଷ ଠାବ

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ପ୍ରଥମଥର ପାଇଁ ଅଫିମ ଚାଷ ହୋଇଥିବା ବୁଧବାର ଠାବ ହୋଇଛି। ଉଲୁଣ୍ଡା ବନାଞ୍ଚଳ ସିଂହାସନୀ ସଂରକ୍ଷିତ ଜଙ୍ଗଲର ଅରଖମୁଣ୍ଡାଠାରେ ପ୍ରାୟ ୧ ଏକର ପରିମିତ ଜମିରେ ନିଶା ପାଇଁ ବ୍ୟବହୃତ ହେଉଥିବା ଅଫିମ ଗଛ ଲଗାଯାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ କୌଣସି ବ୍ୟବସାୟୀ ଏହି ଗଛ ଲଗାଇଥିଲେ। ଏସ୍‌ପି ନାରାୟଣ ନାୟକଙ୍କୁ ଏ ସମ୍ପର୍କରେ ସୂଚନା ମିଳିଥିଲା। ଏସ୍‌ପି ନାୟକ ପୋଲିସ, ଅବକାରୀ ଓ ବନ ବିଭାଗର ଟିମ୍ ସହିତ ଘଟଣାସ୍ଥଳକୁ ଯାଇଥିଲେ। ସଂରକ୍ଷିତ ଜଙ୍ଗଲ ବୁଲିବା ପରେ ୨ଟି ପ୍ଲଟରେ ଅଫିସ ଚାଷ ହୋଇଥିବା ଠାବ ହୋଇଥିଲା। ତେବେ ଗଛରୁ ରସ ସଂଗ୍ରହ ସରିଥିଲା ବେଳେ କେବଳ ଫଳଥିବା ଦେଖିବାକୁ ମିଳିଥିଲା।

**ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଛ କାଟି ନିଆଁ ଲଗାଗଲା**



କଟାଯାଇଥିବା ଅଫିମ ଗଛଗୁଡିକରେ ନିଆଁ ଲଗାଯାଉଛି।

ଜିଲାରେ ପ୍ରଥମ ଥର ପାଇଁ ଅଫିମ ଚାଷ ଠାବ ହୋଇଥିବାରୁ ପ୍ରଶାସନ ଏହାକୁ ଗୁରୁତର ସହ ନେଇଥିଲା। ମାଜିଷ୍ଟ୍ରେଟ୍ ତଥା ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ଅଜିତ ମିର୍ଦ୍ଧାଙ୍କ ଉପସ୍ଥିତିରେ ଚାଷ ହୋଇଥିବା ପ୍ରାୟ ୧୫ ହଜାର ଅଫିମ ଗଛ କଟାଯାଇଥିଲା। ପରେ ସେଗୁଡ଼ିକୁ ନିଆଁ ଲଗାଇ ପୋଡି ଦିଆଯାଇଥିଲା। ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ଉଲୁଣ୍ଡା ଆଇଆଇସି ଲିଙ୍ଗରାଜ ସେଠୀ, ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦେବାର୍ଚ୍ଚନ ଛତ୍ରିଆ, ଅବକାରୀ ମୋବାଇଲ ଯୁନିଟ୍‌ର ଇନ୍ସପେକ୍ଟର ଗୋବିନ୍ଦ ନାଏକ ପ୍ରମୁଖ ଟିମ୍ ସହିତ ଗଛ କଟା ଅଭିଯାନରେ ସାମିଲ ହୋଇଥିଲେ। ତେବେ ବନ ବିଭାଗର କର୍ମଚାରୀ କିଭଳି ଅଫିମ ଚାଷ ସମ୍ପର୍କରେ ଜାଣି ପାରିଲେ ନାହିଁ ତାହା ଉଲୁଣ୍ଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ପୋଲିସ ତନାଘନା ଜାରି ରଖିଛି।

## କଲ୍ୟାଣ ମଣ୍ଡପ କର୍ମଚାରୀଙ୍କୁ ଆକ୍ରମଣ, ୪ ଗିରଫ

ତରଭା, ୧୧।୩(ମାନଭଞ୍ଜନ ମିଶ୍ର)

ଡିଜେ ବଜାଇବାକୁ କେନ୍ଦ୍ରକରି ସୁବର୍ଣ୍ଣପୁର ଜିଲା ତରଭା କଲ୍ୟାଣ ମଣ୍ଡପର ଜଣେ କର୍ମଚାରୀଙ୍କୁ ମାଡ ମାରି ମୁଣ୍ଡ ଫଟାଇବା ଅଭିଯୋଗରେ ତରଭା ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ସୋନପୁର ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ସଞ୍ଜୀବ ପଟ୍ଟନାୟକ(୨୮), ହିତେଶ ନାଏକ(୨୯), ଆର୍ଯ୍ୟ ନାଏକ(୨୯) ଓ ଦୀପକ ନାଏକ(୨୪)।

ଅନ୍ୟ ପକ୍ଷରେ ସଞ୍ଜୀବ ପଟ୍ଟନାୟକଙ୍କ ଭାଇ ରଞ୍ଜୀବ ପଟ୍ଟନାୟକଙ୍କ ପକ୍ଷରୁ ଥାନାରେ ମଣ୍ଡପ କର୍ମଚାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରାଯାଇଛି। କଲ୍ୟାଣ ମଣ୍ଡପ କର୍ମଚାରୀ ବୃଷଭ ଦେହେରୀଙ୍କୁ ଡିଜେ ବଜାଇବାକୁ ଅନୁରୋଧ କରୁଥିବା ଯୁବକମାନଙ୍କୁ ଗାଳି ଗୁଲଜ କରିବା, ଠେଲାପେଲା କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ଗତ ୬ତାରିଖ ତରଭାର ଏକ କଲ୍ୟାଣ ମଣ୍ଡପରେ ବିବାହ ଭୋଜିର ଆୟୋଜନ ହୋଇଥିଲା। ଭୋଜିରେ ଡିଜେ ବାଦ୍ୟର ବ୍ୟବସ୍ଥା ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଡିଜେ ବନ୍ଦ କରି ଦିଆଯାଇଥିଲା। ଏହି ସମୟରେ ସଞ୍ଜୀବ ଓ ଅନ୍ୟ ୩ଜଣ କଲ୍ୟାଣ ମଣ୍ଡପ କର୍ମଚାରୀ ବୃଷଭ ଦେହେରୀଙ୍କୁ ଡିଜେ ବଜାଇବାକୁ କହିଥିଲେ। ହେଲେ ସେ ମନା କରିବାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଯୁବକମାନଙ୍କ ମଧ୍ୟରୁ ଜଣେ ଗୋଟିଏ ପଥର ବୃଷଭଙ୍କ ମୁଣ୍ଡରେ ପିଟିଦେବାରୁ ଫାଟି ରକ୍ତ ବୋହି ପଡିଥିଲା। ଏ ନେଇ କଲ୍ୟାଣ ମଣ୍ଡପ ମାଲିକ ସନସିତ ସାହୁ ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ. ୮୫/୨୬) ରୁଜୁ କରି ୪ ଅଭିଯୁକ୍ତଙ୍କୁ ୯ ତାରିଖ ଗିରଫ କରିଥିଲା। ଏଏସଆଇ ନିରୂପମା ସ୍ୱାଇଁ ଉଭୟ ମାମଲାର ତଦନ୍ତ ଦାୟିତ୍ୱ ନେଇଥିବା ଆଇଆଇସି ଅନୀତା କିଡୋ କହିଛନ୍ତି।

# ପାପକ୍ଷୟ ପୀଠରେ ସାମୂହିକ ବ୍ରତୋପନୟନ



ବିନିକା ପାପକ୍ଷୟ ଘାଟରେ ବ୍ରତୋପନୟନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ବିନିକା, ୧୧।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଘାଟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଶ୍ରୀମଦ ଭାଗବତ ସପ୍ତାହ ପାରାୟଣ ଅବସରରେ ବୁଧବାର ୯ ଜଣ ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ପାପକ୍ଷୟ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ୩ ବର୍ଷ ଧରି ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ପୁର, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଜିଲାର ୯ ଜଣ ବାଳକଙ୍କୁ ବ୍ରତୋପନୟନ କରାଯାଇଥିଲା। ପୂଜକଭାବେ ଯୋଗେନ୍ଦ୍ର ହୋତା, ସର୍ବେଶର ପୁରୋହିତ, ବାଲଗୋପଲ ପୁରୋହିତ, ସଦାନନ୍ଦ ପାଣ୍ଡିଆ, ଉପେନ୍ଦ୍ର ଚାନ୍ଦ, ଅଶ୍ୱିନୀ ମିଶ୍ର, ଗଜାନନ ପାଣ୍ଡିଆ ଭକ୍ତରାମ ପାଣିଗ୍ରାହୀ, ହିମାଂଶୁ ପୁରୋହିତ, ଅରବିନ୍ଦ ନାୟକ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟ ବୋର୍ଡ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମହାରାଜା ହାଇସ୍କୁଲର ଇନ୍‌ଚାର୍ଜ ପ୍ରଧାନଶିକ୍ଷକ ନିଲମ୍ବିତ

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପିଏମ୍‌ଶ୍ରୀ ମହାରାଜା ହାଇସ୍କୁଲର ସହକାରୀ ଶିକ୍ଷକ ତଥା ଇନ୍‌ଚାର୍ଜ ପ୍ରଧାନ ଶିକ୍ଷକ ଆଶିଷ ରଞ୍ଜନ ରଥଙ୍କୁ ଜିଲା ଶିକ୍ଷା ଅଧିକାରୀ(ଡିଇଓ) ମୀନାରାଣୀ ମଙ୍ଗଳ ବୁଧବାର ନିଲମ୍ବନ କରିଛନ୍ତି। ଏହି ସମୟରେ ରଥଙ୍କ ମୁଖ୍ୟାଳୟ ଉଲୁଣ୍ଡା ବ୍ଲକ ଧର୍ମଶାଳା ସ୍ଥିତ ଧର୍ମଶାଳା ପଞ୍ଚାୟତ ନୋଡାଲ ହାଇସ୍କୁଲ ସ୍ଥିର କରାଯାଇଛି। ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ଜିଲାପାଳ ଡ. ନୃପରାଜ ସାହୁ ମହାରାଜା ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲାପାଳ ବିଦ୍ୟାଳୟ ପରିଚାଳନାରେ ଅବ୍ୟବସ୍ଥା ଦେଖିବାକୁ ପାଇଥିଲେ। ଏପରିକି ଏହି ହାଇସ୍କୁଲକୁ ସରକାର ପିଏମ୍‌ଶ୍ରୀ ଉତ୍ସବ ଆୟୋଜନ ପାଇଁ ୩ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରିଥିଲେ ମଧ ଏହା ନିର୍ଦ୍ଧାରିତ ସମୟରେ ଆୟୋଜନ ହୋଇ ପାରି ନ ଥିଲା। ମୋ ସ୍କୁଲ ଅଭିଯାନ ଯୁଗ୍ମ ଆକାଉଣ୍ଟରେ ଏହି ଟଙ୍କା ଜମା ଥିଲା ବେଳେ ଅବହେଳାରୁ ଉତ୍ସବ ଆୟୋଜନ ହୋଇନଥିଲା। ଏହି ହାଇସ୍କୁଲର ଡିଡିଓ କ୍ଷମତା ଉଲୁଣ୍ଡା ବିଇଓ ଅଜୟ କୁମାର ଲୁହାଙ୍କ ହାତରେ ନ୍ୟସ୍ତ ଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଥ ସମସ୍ତ ଏକାଡେମିକ ଦାୟିତ୍ୱରେ ଥିଲେ।

## ମହିଳା ଆଇନ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବିନିକା, ୧୧।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଚନ୍ଦ୍ରମା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବିନିକା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀପ୍ରିୟା ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା କମିଶନର ସଦସ୍ୟା ମୁକ୍ତା ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣୀ ମିଶ୍ର, ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ପ୍ରମିଳା କଲତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ସମ୍ପାଦକ ରେୟାର ଅନଙ୍ଗ ନେଗୀ, ସୋନପୁର ପୋଗ୍ରାମ ଅଫିସର ଅନିତା ଗୁରୁ ଉପସ୍ଥିତ ଥିଲେ। ଭ୍ରୁଣହତ୍ୟା, ବାଲ୍ୟବିବାହ, ପୋକ୍‌ସୋ ଆଇନ, ମହିଳା ଓ ଝିଅମାନେ ଦାଦନ ଯାଇ ଅତ୍ୟାଚାରର ଶିକାର ହେଉଥିବା ବିଷୟରେ ଅତିଥିମାନେ ଆଲୋକପାତ କରି ଉପସ୍ଥିତ ମହିଳା ଓ ଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ଶଙ୍କରା ମହିଳା ପରିଦର୍ଶିକା ରେଣୁକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିନିକା ବ୍ଲକର ଅଙ୍ଗନୱାଡି କର୍ମୀ ଓ ସହାୟିକା, ଏମବିକେ, ସିଆରପି, ସ୍କୁଲ ଓ କଲେଜର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ରାମେଶ୍ୱର ମନ୍ଦିର ରତ୍ନମୁଦ କାର୍ଯ୍ୟକ୍ରମ

ବୀରମହାରାଜପୁର, ୧୧।୩ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଁପିାଲିଠାରେ ନବ ନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ପ୍ରାୟ ୪ଟାରେ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ରେ ସଙ୍କିର୍ତ୍ତନ ହରିବୋଲ ହୁଳହୁଳି ମାଧ୍ୟମରେ ପଞ୍ଚ ରତ୍ନ ପଞ୍ଚ ସସ୍ୟ ଦେଇ ବୈଦିକ ରୀତି ନିତିରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସେପଟେ ରାମାୟଣ ନବାହ ପାରାୟଣ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଧାନ୍ୟା ଭିଷେକ ସହ ଜଳନ୍ଧର ଦରବାର ଅନୁଷ୍ଠିତ ହେବ। ଜଳନ୍ଧର ଭୂମିକାରେ ବିଶିଷ୍ଟ କଳାକାର ଗୁରୁ ଭୁବନେଶ୍ୱର ପ୍ରଧାନ ଅଭିନୟ କରିବେ। ବ୍ୟାସ ଗାୟକ ଭାବରେ ବିଶିଷ୍ଟ ପୁରାଣ ଗାୟକ ମନରଞ୍ଜନ ମିଶ୍ର ପୁରାଣ ପାଠ କରୁଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ଭାବରେ ପଣ୍ଡିତ ଚକ୍ରଧର ଚାନ୍ଦଙ୍କ ସହିତ ରାଜିବ ପ୍ରସାଦ ପାଢ଼ୀ, ଗୌରିକାନ୍ତ ମିଶ୍ର, ଗୌତମ ପଣ୍ଡା ଜଗନ୍ନାଥ ଦାସ ଓ ପ୍ରଭଞ୍ଜନ ରଥ କାର୍ଯ୍ୟ ତୁଲାଉଛନ୍ତି। ଟିଁପିାଲି ମଠର ମଠାଧୀଶମଠ ମହନ୍ତ ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା ମୁଖ୍ୟ କର୍ତ୍ତା ଭୀଷ୍ମଦେବ ଅମାତ ଓ ପ୍ରେମଶିଳା ଅମାତ, ନବାହ କର୍ତ୍ତା ଭାବରେ ସୁରୁବାବୁ ପଧାନ ସପତ୍ନୀକ କାର୍ଯ୍ୟ ନିର୍ବାହ କରୁଛନ୍ତି।



ଟିଁପିାଲି ରାମେଶ୍ୱର ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ।

## ବାସନ୍ତିକ ନବରାତ୍ର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି

ବିନିକା, ୧୧।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଧବାର ଟ୍ରଷ୍ଟ ସଭାପତି ଅଶୋକ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବାସନ୍ତିକ ନବରାତ୍ର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୯ ତାରିଖ ଗୁରୁବାରଠାରୁ ମା' ଚରଦେଇଙ୍କଠାରେ ବସାନ୍ତିକା ନବରାତ୍ର ପୂଜା ଆରମ୍ଭ ହେବ। ୨୮ ତାରିଖ ଶନିବାର ପୂର୍ଣ୍ଣାହୁତି ହେବ। ଉକ୍ତ ପୂଜାରେ ମୁଖ୍ୟ ପୂଜକ ପଭାସ୍କର ପୁରୋହିତ, ସୁବାଷ ବଡ଼ପଣ୍ଡା, ମନ୍ଦିର ପୂଜକ ରମେଶ ପୁରୋହିତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଧର୍ମେନ୍ଦ୍ର ଥାନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ସେବାୟତଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ୧୮୦ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ



ଚାଷୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଉଛି।

ଅମରପାଲି, ୧୧।୩(ପୀତାମ୍ୱର ସାହୁ)

ସ୍ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଗୋପପାଲିରେ ବୁଧବାର ଗ୍ରାମୀଣ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଛି। ସୋନପୁରସ୍ଥିତ ଇଣ୍ଟିଗ୍ରେଟେଡ ଫାରମର ପ୍ରଡ୍ୟୁସର କମ୍ପାନୀ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, ମୃତ୍ତିକା ରସାୟନବିଦ ପୂର୍ଣ୍ଣିମା ବିଶ୍ୱାଳ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପ୍ରିୟଦର୍ଶନୀ ସେଠୀ, ଗ୍ରାମୀଣ ମୃତ୍ତିକା ପରୀକ୍ଷାଗାର ସଂଯୋଜକ ଯଜ୍ଞେଶର ନାଏକ, ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ସଂଯୋଜକ ଆଲୋକ ମିଶ୍ର ଉପସ୍ଥିତ ରହି ୧୮୦ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦୁର୍ଯ୍ୟୋଧନ ଡ଼ାଙ୍ଗ, ବୈଦ୍ୟନାଥ ସେଠୀ, ଶଙ୍କର୍ଷଣ ଛନ୍ଦ, ସରସ୍ୱତୀ ଡ଼ାଙ୍ଗ, ଚିନ୍ମୟ ପାଣିଗ୍ରାହୀ, ଅଭିଲାଷୀ ମେଣ୍ଡିଲି ପ୍ରମୁଖ ସହଯୋଗ କରିଥିଲେ।

# ଯାତ୍ରୀଙ୍କ ଅସୁବିଧା ଦେଖି ବିରକ୍ତ ହେଲେ ଜିଲାପାଳ

ସୋନପୁର, ୧୧।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପାରାଜ ସାହୁ ବୁଧବାର ପୂର୍ବାହ୍ନରେ ହାତିଶାଳସ୍ଥିତ ଅସ୍ଥାୟୀ ବସଷ୍ଟାଣ୍ଡ ପରିଦର୍ଶନ କରିଥିଲେ। ତେବେ ଯାତ୍ରୀଙ୍କ ଅସୁବିଧା ଓ ଜନସାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ପାଣି ଟାଙ୍କି ଦୁଇ ଦିନ ଧରି ଉଭାନ ହୋଇଯିବା ପରେ ପାନୀୟ ଜଳକଷ୍ଟ ନେଇ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ବସଷ୍ଟାଣ୍ଡରେ ରହଣି ସ୍ଥାନ ନ ଥିବାରୁ ଯାତ୍ରୀ ଅସୁବିଧା ଭୋଗୁଥିବା ଦେଖି ଜିଲାପାଳ ଶୀଘ୍ର ଏକ ରହଣି ସ୍ଥାନ ତିଆରି ପାଇଁ ପୌର ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହିଳା ଓ ପୁରୁଷ ଶୌଚାଳୟ ତିଆରି ହୋଇ ସାରିଥିଲେ ମଧ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଜିଲାପାଳ ବିରକ୍ତ ହୋଇଥିଲେ। ଶୀଘ୍ର ଶୌଚାଳୟଗୁଡିକୁ କାର୍ଯ୍ୟକ୍ଷମ କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଥଣ୍ଡା ପାଣିର ସୁବିଧା ପାଇଁ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ଦୀପକ କୁମାର ମହାପାତ୍ର ଓ ସମ୍ପାଦକ ସୁଦର୍ଶନ ପଣ୍ଡାଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ବସ୍‌ଷ୍ଟାଣ୍ଡରେ ଥିବା ଉଠା ଦୋକାନୀ କେବଳ ୫ ଫୁଟ ଜାଗା ରଖି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବାକି ଜାଗା ଖାଲି କରିବାକୁ ଜିଲାପାଳ କହିଥିଲେ। ପୌରପରିଷଦ ପକ୍ଷରୁ ଦିଆଯାଇଥିବା ଅଚଳ ପାଣି ଟ୍ୟାପକୁ ଦେଖି ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ।

**ବସ୍‌ଷ୍ଟାଣ୍ଡରେ ଶୌଚାଳୟ କାର୍ଯ୍ୟକ୍ଷମ ହୋଇନି**



ଜିଲାପାଳ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରୁଛନ୍ତି।

# ବୌଦ୍ଧକୁ ପୌରପରିଷଦ ମାନ୍ୟତା ପ୍ରଦାନ

ବୌଦ୍ଧ, ୧୧।୩(ଅଜିତ କୁମାର ବାରିକ)

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବିଧିବଦ୍ଧ ଭାବରେ ମାର୍ଚ୍ଚ ୧୦ରୁ ପୌରପରିଷଦ ମାନ୍ୟତା ପ୍ରଦାନ କରାଯାଇ ବୃତ୍ତାନ୍ତ ଗେଜେଟ୍ ନୋଟିଫିକେସନ ପ୍ରକାଶ ପାଇଛି। ପରିଷଦର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରି ପୌରପରିଷଦ ମାନ୍ୟତା ବୌଦ୍ଧବାସୀଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ବୌଦ୍ଧକୁ ପୌର ପରିଷଦ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଓ କାର୍ଯ୍ୟକାରୀ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଦୀପ କୁମାର ଅମାତ, ନବ ନିର୍ବାଚିତ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଏହି ଲଢେଇରେ ସାମିଲ ହୋଇଥିବା ନାଗରିକ କମିଟି, ସାମ୍ବାଦିକ ସଂଘ, ପରିଷଦର ପୂର୍ବତନ ଅଧ୍ୟକ୍ଷା ସଂଯୁକ୍ତା ନାୟକ ଓ ଦିପ୍ତିପ୍ରଭା ସ୍ୱାଇଁ ଏବଂ ବିଭିନ୍ନ ରାଜନୈତିକ ଦଳ ପ୍ରତି ନିଜର ତଥା ପରିଷଦ ପକ୍ଷରୁ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ଅବସରରେ ମିଶ୍ର ପୌର ପରିଷଦ ପାଇଁ ଦୀର୍ଘବର୍ଷ ଧରି ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ଆଲୋଚନା କରି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବୌଦ୍ଧ ଗସ୍ତ ଅବସରରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ବୌଦ୍ଧ ସର୍କିଟହାଉସଠାରେ ତାଙ୍କୁ ସାକ୍ଷାତ କରି ବୌଦ୍ଧ ପୌରପରିଷଦ ମାନ୍ୟତା ଅଟକି ରହିଥିବା ଜଣାଇଥିଲେ ଏବଂ ପୌର ପରିଷଦ ମାନ୍ୟତା ପ୍ରଦାନ ପାଇଁ ଦାବି କରିଥିଲେ। ଗତ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ ବୌଦ୍ଧକୁ ପୌର ପରିଷଦ ମାନ୍ୟତା ପ୍ରଦାନ ନେଇ ଘୋଷଣା କରିଥିଲେ। ବୌଦ୍ଧ ପୌର ପରିଷଦ ବର୍ତ୍ତମାନ ୨୫ଟି ୱାର୍ଡକୁ ନେଇ ଗଠନ କରାଯାଇଛି। ପରବର୍ତ୍ତି ସମୟରେ ସମସ୍ତ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇ ନୂତନ ପୌର ପରିଷଦର ସୀମା ନିର୍ଦ୍ଧାରଣ କରାଯିବା ପରେ ମାର୍ଚ୍ଚ ୧୦ରୁ ବିଧିବଦ୍ଧ ଭାବରେ ସରକାର ଏନେଇ ଗେଜେଟ୍ ନୋଟିଫିକେସନ ପ୍ରକାଶ କରିଛନ୍ତି। ପୌର ପରିଷଦ ଗଠନ ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିଥିବା ନିର୍ବାହୀ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ପରିଶ୍ରମ ପାଇଁ ମଧ୍ୟ ଏହି ଅବସରରେ ଅଧ୍ୟକ୍ଷ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ତେବେ ବୌଦ୍ଧ ପୌର ପରିଷଦ ଗଠନ ପରେ ବିକାଶମୂଳକ କାର୍ଯ୍ୟ ହୋଇପାରିବ ବୋଲି ମିଶ୍ର ପୁରା ଆଶାବାଦୀ ଅଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉପାଧ୍ୟକ୍ଷା ସୁଭାଷିନୀ ସେଠୀଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।

**କୃତଜ୍ଞତା ଜଣାଇଲେ ଅଧକ୍ଷ, କାଉନସିଲର**



ଖବରଦାତା ସମ୍ମିଳନୀରେ ପୌରପରିଷଦ ଅଧକ୍ଷ ଓ ଅନ୍ୟମାନେ।

# ଧରିତ୍ରୀ
DHARITRI
ଧରିତ୍ରୀ 52 Years





କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନ୍ୟ ବିରୋଧୀ ସଦସ୍ୟମାନେ ବୁଧବାର ସଂସଦ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

# ବିଧାନସଭାରେ ଆଇନଶୃଙ୍ଖଳା ତାତି

**ଭୁବନେଶ୍ୱର, ୧୧।୩(ରବିନାରାୟଣ ଜେନା)**

■ ଜନପ୍ରତିନିଧି ଅସୁରକ୍ଷିତ: ବିରୋଧୀ
■ ଆମ ସରକାର ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉନାହିଁ: ଭାଜପା

ରାଜ୍ୟରେ ସାଧାରଣ ଲୋକଙ୍କ କଥା ଛାଡ଼, ପୋଲିସ ଓ ଜନପ୍ରତିନିଧି ମଧ୍ୟ ଅସୁରକ୍ଷିତ। ଗୁଣ୍ଡାରାଜ୍ ଆଉ ସହିହେଉନାହିଁ। ଲୋକଙ୍କ ସରକାର କହୁଥିବା ସରକାର ଯଦି ଏଭଳି ନୀତି ଆପଣାଇବାକୁ ଚାହୁଁଛନ୍ତି ତେବେ ଖୋଲାଖୋଲି କୁହନ୍ତୁ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ବୁଧବାର ଶୂନ୍ୟକାଳରେ ଗୃହରେ ତୁମ୍ବିତୋଫାନ କରିଛନ୍ତି। ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ବାଚସ୍ପତିଙ୍କଠାରୁ ରୁଲିଂ ଦାବିକରି ଗୃହର ମଧ୍ୟଭାଗରେ ବିଜେଡି ହଟ୍ଟଗୋଳ କରିବା ପର୍ଯ୍ୟନ୍ତ କଥା ଯାଇଛି। ଏହାକୁ ନେଇ ବାଚସ୍ପତି ସୁରମା ପାଢ଼ୀ ୧୦ ମିନିଟ୍ ପର୍ଯ୍ୟନ୍ତ ଗୃହକୁ ମୁଲତବି ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ଏହାର ଦୃଢ଼ ଜବାବ ରଖାଯିବା ସହିତ ୨୪ ବର୍ଷର ଗୋହି ଖୋଲି ବିରୋଧୀଙ୍କୁ ଏକପ୍ରକାର ଧୋଇଦେଇଛନ୍ତି। ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ, ରାଜ୍ୟରେ ଜନପ୍ରତିନିଧିଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବଢ଼ିଚାଲିଛି। ମଙ୍ଗଳବାର ଶେରଗଡ଼ ବ୍ଲକ୍ ଅଧ୍ୟକ୍ଷଙ୍କ ଉପରେ ଦିନଦ୍ୱିପ୍ରହରରେ ଆକ୍ରମଣ ହୋଇଛି। ପ୍ରାୟ ୨୦ ଜଣ ସରକାରୀ ଦଳର ଗୁଣ୍ଡା ତାଙ୍କ କାର୍ଯ୍ୟାଳୟରେ ପଶି ମାଡ଼ ମାରି ତାଙ୍କୁ ଅଚେତ କରିଦେଇଛନ୍ତି। ରାଜ୍ୟରେ କ'ଣ ଏଭଳି ଗୁଣ୍ଡାରାଜ୍ ଚାଲିବ? ସରକାର ଆତଙ୍କରାଜ କରି ସରକାର ଚଳାଇବାକୁ ଚାହୁଁଛନ୍ତି କି? ଯଦି ଚାହୁଁଛନ୍ତି ତେବେ ଖୋଲାଖୋଲି କୁହନ୍ତୁ। ସେ ପୁଣି କହିଥିଲେ, ଭାଜପା ସରକାରକୁ ଆସିବା ପରେ ପ୍ରଥମେ ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଅଧିକାରୀଙ୍କୁ ମାଡ଼ ମାରିଲା। ସେତେବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଶେରଗଡ଼ ଘଟଣା ଅତ୍ୟନ୍ତ ନିନ୍ଦନୀୟ। ଏନେଇ ଗୃହରେ ସର୍ବସମ୍ମତିକ୍ରମେ ନିନ୍ଦା କରାଯିବା ଆବଶ୍ୟକ। ବିଜେଡି ସଦସ୍ୟ ସାରଦା ପ୍ରସନ୍ନ ଜେନା କହିଥିଲେ, ଶେରଗଡ଼ ଘଟଣାରୁ ସ୍ପଷ୍ଟ ହେଉଛି ଯେ ଉଦୟ ପ୍ରଧାନ ଓ ନିରଞ୍ଜନ ଜେନା ଏଭଳି ମରଣାନ୍ତକ ଆକ୍ରମଣ କରିଛନ୍ତି। ମଙ୍ଗଳବାର ନିରଞ୍ଜନ ଜଣେ ସରପଞ୍ଚଙ୍କୁ ମାଡ଼ ମାରିଛନ୍ତି। ଏନେଇ ଭାଜପା ମଣ୍ଡଳ ସଭାପତିଙ୍କୁ ଗିରଫ କରାଯାଇଛି। ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ବାଚସ୍ପତି ରୁଲିଂ ଦେବାକୁ ସେ ଦାବି କରିଥିଲେ। ସଦସ୍ୟ ଧ୍ରୁବ ସାହୁ କହିଥିଲେ, ଏହି ଘଟଣାକୁ ନିନ୍ଦା କରିବା ବଦଳରେ ଭାଜପା ବିଧାୟକଙ୍କ ଯୁକ୍ତି ଆଦୌ ଗ୍ରହଣୀୟ ନୁହେଁ। ବିଜେଡି ସମୟରେ କେତେ ଅପରାଧ ହୋଇଥିଲା ତାକୁ ହିସାବ କରି କ'ଣ ଅପରାଧ କରାଯିବ କି ବୋଲି ସେ ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ, ଏହାପୂର୍ବରୁ ବିଏମ୍‌ସି ଅଧିକାରୀ, ରାଜନଗର ବିଡିଓଙ୍କୁ ଭାଜପା ନେତା ମାଡ଼ ମାରିଥିଲେ। ବିଡିଓଙ୍କ କ୍ଷେତ୍ରରେ ଓଲଟା ତାଙ୍କୁ ବଦଳି କରାଯାଇଥିଲା, ଏହା ହେଉଛି ସରକାରଙ୍କ ନ୍ୟାୟ। ଏବେ ବ୍ଲକ୍‌ରେ ଗୁଣ୍ଡାରାଜ୍ ଚାଲିଛି। ଶେରଗଡ଼ ଘଟଣାରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ସଦସ୍ୟ ଗଣେଶ୍ୱର ବେହେରା କହିଥିଲେ, ଜନପ୍ରତିନିଧିଙ୍କ ସୁରକ୍ଷା ବଦଳରେ ଗୃହରେ ଆପରାଧିକ ଘଟଣାକୁ ନେଇ ବାଦବିବାଦ ଚାଲିଛି। ଏହାର ଅର୍ଥ ଅତୀତରେ ଯାହା ହୋଇଛି, ଏବେ ବି କ'ଣ ସେଇଆ ହେବ? ସରକାର ଏଭଳି ଘଟଣାକୁ ନିନ୍ଦା କରିବା କଥା। ☞ପୃଷ୍ଠା-୪

# ପ୍ରଥମ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

## ହରିଶ ରାଣାଙ୍କ ଜୀବନରକ୍ଷକ ଚିକିତ୍ସା ଉପକରଣ ହଟାଯିବ

**ନୂଆଦିଲ୍ଲୀ, ୧୧।୩(ପି.ଟି./ଲାଇଭ୍ ଲ)**

୩୨ ବର୍ଷୀୟ ହରିଶ ରାଣା ଜଣେ ଜିମ୍ ଓ ଫୁଟ୍‌ବଲ ଖେଳାଳି ଥିଲେ। ୨୦୧୩ରେ ସେ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ବି.ଟେକ୍ ପଢୁଥିବାବେଳେ ଏକ କୋଠାର ଚତୁର୍ଥ ମହଲାରୁ ତଳକୁ ଖସିପଡ଼ିଥିଲେ। ଏଥିଯୋଗୁ ହରିଶଙ୍କ ମସ୍ତିଷ୍କରେ ଆଘାତ ଲାଗିବାରୁ ସେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ୧୩ ବର୍ଷ ଧରି ପର୍ସିଷ୍ଟେଣ୍ଟ ଭେଜିଟେଟିଭ୍ ଷ୍ଟେଟ୍ (ଅଚେତନ ଜାଗ୍ରତ ଅବସ୍ଥା)ରେ ଚିକିତ୍ସିତ ହେଉଥିବା ହରିଶଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଆଗକୁ ମଧ୍ୟ କୌଣସି ସୁଧାରର ଆଶା ନ ଥିବା ହୃଦୟଙ୍ଗମ କରି ବୁଧବାର ସୁପ୍ରିମକୋର୍ଟ ତାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଅନୁମତି ଦେଇଛନ୍ତି। ହରିଶଙ୍କ ଜୀବନରକ୍ଷକ ଚିକିତ୍ସା ହଟାଇଦେବାକୁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି।

ଭାରତରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପାଇଁ ଏହା ହେଉଛି ପ୍ରଥମ ରାୟ। ୨୦୧୮ରେ ସୁପ୍ରିମକୋର୍ଟଙ୍କ କମନ୍ କଜ୍ ଜଜ୍‌ମେଣ୍ଟ (୨୦୨୩ରେ ସଂଶୋଧିତ) ଅନୁସାରେ ସର୍ବୋଚ୍ଚ ଅଦାଲତ ସମ୍ମାନ ସହ ମୃତ୍ୟୁକୁ ଏକ ମୌଳିକ ଅଧିକାର ରୂପେ ସ୍ୱୀକୃତି ଦେଇଛନ୍ତି। ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ୩୨ ବର୍ଷୀୟ ହରିଶଙ୍କ ଜୀବନରକ୍ଷକ ବ୍ୟବସ୍ଥା ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି। କାରଣ ଦୀର୍ଘ ୧୩ ବର୍ଷ ଧରି ସେ ଶଯ୍ୟାଶାୟୀ ଥାଇ ଚିକିତ୍ସିତ ହେଉଥିଲେ କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁ ନ ଥିଲା। ତେଣୁ ହରିଶଙ୍କୁ ବଞ୍ଚାଇ ରଖିବା ଲାଗି ଯାହାକିଛି ଚିକିତ୍ସା ଚାଲିଥିଲା,

### ସମ୍ମାନ ସହ ମୃତ୍ୟୁ ଏକ ମୌଳିକ ଅଧିକାର


ହରିଶ ରାଣା

ସେସବୁକୁ ହଟାଇଦେବା ପାଇଁ ତାଙ୍କ ବାପା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହରିଶ ଏକଦା ଜଣେ ଉଦୀୟମାନ ଯୁବକ ଥିଲେ। ୩ ଭଉଣୀ ଭାଇଙ୍କ ମଧ୍ୟରୁ ସେ ସବାବଡ଼। ୨୦୧୩ ଅଗଷ୍ଟ ୨୦ରେ ସେ ରହୁଥିବା ପେଇଙ୍ଗ୍ ଗେଷ୍ଟ ରୁମ୍‌ରୁ ତଳକୁ ଖସିପଡ଼ିବାରୁ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିଲା। ହରିଶ ସେତେବେଳେ କୋମା ଅବସ୍ଥାକୁ ଚାଲିଯାଇଥିଲେ। ସେହିବର୍ଷ ଅଗଷ୍ଟ ୨୭ରେ ତାଙ୍କୁ ଚଣ୍ଡିଗଡ଼ସ୍ଥିତ ପିଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ହରିଶଙ୍କୁ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ)ର ଜୟ ପ୍ରକାଶ ନାରାୟଣ ଟ୍ରମା କେୟାର ସେଣ୍ଟରରେ ରଖି ଚିକିତ୍ସା କରାଗଲା। ତମାମ ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ଆସି ନ ଥିଲା। ଏପରି କି ସେ ଅଚେତନ ଜାଗ୍ରତ ଅବସ୍ଥା (ପିଏସ୍‌ଭି)କୁ ଚାଲିଯାଇଥିଲେ। ଏନେଇ ଖଣ୍ଡପୀଠ କହିଛନ୍ତି, ହରିଶ କେବଳ ଅସ୍ତ୍ରୋପଚାର ଜରିଆରେ ଲଗାଯାଇଥିବା ପିଇଜି ଟ୍ୟୁବ୍ ଆଧାରିତ କ୍ଲିନିକାଲି ଆଡ୍‌ମିନିଷ୍ଟର୍ଡ ନ୍ୟୁଟ୍ରିଶନ୍ (ସିଏଏନ୍) ବଳରେ ବଞ୍ଚିଛନ୍ତି। ସିଏଏନ୍ ହେଉଛି ☞ପୃଷ୍ଠା-୪

# ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ମୃତ

**ବ୍ରଜରାଜନଗର, ୧୧।୩(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ ସାନଯୋବ-ବେଲପାହାଡ଼ ରାସ୍ତାର ଏକ ସ୍ଥାନରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅଧୀନ ପତ୍ରାପାଲିର ପ୍ରତାପ ମୁଣ୍ଡା(୧୯) ଓ ଜିତେନ ମୁଣ୍ଡା(୨୦)। ସୂଚନା ଅନୁଯାୟୀ, ପ୍ରତାପ ଓ ଜିତେନ ଏକ ବାଇକ୍‌ରେ ବେଲପାହାଡ଼ ପଟୁ ବ୍ରଜରାଜନଗର ଅଭିମୁଖେ ଦ୍ରୁତଗତିରେ ଯାଉଥିଲେ। ହେଲେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ ଗଛରେ ପିଟି ହୋଇଯିବାରୁ ଉଭୟ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୬୯/୨୬) ରୁଜୁ ହୋଇଛି।

# ଖରା, ଗରମ ଭିତରେ ହାଲୁକା ବର୍ଷା

## ୧୩ ସ୍ଥାନରେ ୩୭ ଡିଗ୍ରୀ ପାରକଲା ତାପମାତ୍ରା



ଭୁବନେଶ୍ୱରରେ ବୁଧବାର ପ୍ରବଳ ଖରାରେ ଯାଉଥିବା ମହିଳାମାନେ।

**ଭୁବନେଶ୍ୱର, ୧୧।୩(ବନ୍ଦନା ସେଠୀ)**

ରାଜ୍ୟରେ ଏବେ ବର୍ଷା ସତ୍ତ୍ୱେ ଖରାତାତି ଅସହ୍ୟ ହେଉଛି। ବୁଧବାର ୧୩ ସ୍ଥାନରେ ତାପମାତ୍ରା ୩୭ ଡିଗ୍ରୀ ପାର୍ କରିଥିବାବେଳେ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ହାଲୁକା ବର୍ଷା ହୋଇଛି। ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଜିଲାର ରରୁଆଁଠାରେ ସର୍ବାଧିକ ୮ ମି.ମି. ବର୍ଷା ରେକର୍ଡ ହୋଇଛି। ସେହିପରି ଗୁରୁବାର ମଧ୍ୟ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼ ଜିଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲାକୁ ବର୍ଷା ପବନ ଓ ଘଡଘଡ଼ି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୩ ଓ ୧୪ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ ଏବଂ ପୁନର୍ବାର ୧୫ ଓ ୧୬ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ରହିଥିଲା। ☞ପୃଷ୍ଠା-୪

# ୧୦୮ ମାଓବାଦୀଙ୍କ ଆତ୍ମସମର୍ପଣ

■ ୧୦୮ ମାଓବାଦୀଙ୍କ ନାଁରେ ଥିଲା ୩.୯୫ କୋଟି ଟଙ୍କା ପୁରସ୍କାର ରାଶି ■ ୧କେଜି ସୁନା, ୩.୬ କୋଟି ଟଙ୍କା ଜବତ

**ଛତିଶଗଡ଼ ବସ୍ତର ଜିଲାରେ ବୁଧବାର ୧୦୮ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ନାମରେ ୩.୯୫କୋଟି ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ସୁରକ୍ଷା କର୍ମୀମାନେ ବସ୍ତର ଜିଲାର ଏକ କ୍ୟାମ୍ପ ଉପରେ ଚଢ଼ାଉ କରି ୩.୬୧କୋଟି ଟଙ୍କା ସହ ୧କେଜି ସୁନା ଏବଂ ବହୁ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ସାଧାରଣ ଭାବେ ଦୁର୍ଗମ ଜଙ୍ଗଲରେ ରହୁଥିବା ମାଓବାଦୀଙ୍କଠାରୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ଜବତ ହେଉଥିବାବେଳେ ଏବେ ଗୋଟିଏ ସ୍ଥାନରୁ ଏତେ ପରିମାଣର ଟଙ୍କା ଏବଂ ସୁନା ଜବତ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।**

**ମାଲକାନଗିରି/ଜଗଦଲପୁର(ଛତିଶଗଡ଼), ୧୧।୩(ସୁଚିତ୍ରା ଦାସ/ପି.ଟି.)**

ମାଓବାଦୀ ପ୍ରବଣ ଛତିଶଗଡ଼ ବସ୍ତର ଜିଲାରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବାବେଳେ ବୁଧବାର ପୁନର୍ବାସ ଥଇଥାନ ନୀତି ଅଧୀନରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ୍ କମିଟି (ଡିକେଏସ୍‌ଜେଡ୍‌ସି) ୧୦୮ଜଣ ମାଓବାଦୀ ହିଂସା ମାର୍ଗ ପରିତ୍ୟାଗ କରି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବସ୍ତର ଜିଲାର ଜଗଦଲପୁରସ୍ଥିତ ପୋଲିସ ମୁଖ୍ୟାଳୟରେ ଆତ୍ମସମର୍ପଣ କରିଥିବା ଏହି ମାଓବାଦୀଙ୍କ ମଧ୍ୟରେ ୬ଜଣ ଡିଭିଜନାଲ କମିଟି ସଦସ୍ୟ ରହିଥିବାବେଳେ ସେମାନଙ୍କ ନାମରେ ୮ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ରହିଛି ବୋଲି ସୂତ୍ରରୁ ଜଣାପଡ଼ିଛି। ସିପିଆଇ (ମାଓଇଷ୍ଟ) ଗୋଷ୍ଠୀରୁ ଅଲଗା ହୋଇ ଡିକେଏସ୍‌ଜେଡ୍‌ସି ଗଠିତ ହୋଇଥିବାବେଳେ ଏହାର ସଦସ୍ୟମାନେ ଦକ୍ଷିଣ ବସ୍ତର ଜିଲାରେ ପୂର୍ବରୁ ବହୁ ବଡ଼ ହିଂସାକାଣ୍ଡ ଘଟାଇଛନ୍ତି ବୋଲି ବସ୍ତର ରେଞ୍ଜର ପୋଲିସ ଆଇଜି ସୁନ୍ଦରାଜ ପଟ୍ଟିଲିଙ୍ଗମ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସୂଚନା ଆଧାରରେ ସୁରକ୍ଷା କର୍ମୀ ମାଓବାଦୀ ଡମ୍ପରେ ଚଢ଼ାଉ କରି ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଟଙ୍କା ଏବଂ ସୁନା ଜବତ କରିଥିବାରୁ ଏହା ପୋଲିସକୁ ଏକ ବଡ଼ ସଫଳତା ଦେଇଛି ବୋଲି କୁହାଯାଉଛି। ଜବତ ହୋଇଥିବା ୧୦୧ ଅସ୍ତ୍ରଶସ୍ତ୍ର ମଧ୍ୟରେ ଏକେ-୪୭, ଇନ୍‌ସାସ୍ ଏବଂ ଏସ୍‌ଏଲ୍‌ଆର ରାଇଫଲ୍ସ, ବ୍ୟାରେଲ୍ ଗ୍ରେନେଡ୍ ଆଦି ରହିଛି। ସୁରକ୍ଷା କର୍ମୀଙ୍କ ଏହି ଅପରେଶନ ମାଓବାଦୀ ସଂଗଠନର କାର୍ଯ୍ୟକଳାପକୁ ଏକ ବଡ଼ ଧକ୍କା ଦେବ ବୋଲି ଅନୁମାନ କରାଯାଉଛି।



ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବା ୧୦୮ ମାଓବାଦୀ ଓ ସେମାନଙ୍କଠାରୁ ଜବତ ବନ୍ଧୁକ ଓ ଅଫୁଟା ଗୁଳି, ଟଙ୍କା, ସୁନା।

# କନ୍ଧମାଳ: ଆତ୍ମସମର୍ପଣ କଲେ ୧୦ ମାଓବାଦୀ

**ଫୁଲବାଣୀ, ୧୧।୩(ରାକେଶ କୁମାର ରାଉତ)**

ମାଓବାଦୀ ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର ଦେଇଥିବା ସମୟସୀମା ପାଖେଇ ଆସୁଛି। ମାର୍ଚ୍ଚ ୩୧ ଶେଷ ତାରିଖ ରହିଛି। ଇତିମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଆସି ଫେରିଯାଇଛନ୍ତି। ଏହାକୁ ନଜରରେ ରଖି ପୋଲିସ ମାଓବାଦୀ ଅପରେଶନକୁ ଜୋର୍‌ଦାର କରିଛି। ବୁଧବାର ଜିଲା ପୋଲିସ ରିଜର୍ଭ ପଡ଼ିଆରେ ଏଡିଜି ସଞ୍ଜୀବ ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀଙ୍କ ନିକଟରେ ୧୦ ଦୁର୍ଦ୍ଦାନ୍ତ ମାଓବାଦୀ ଅସ୍ତ୍ର ପରିତ୍ୟାଗକରି ଆତ୍ମସମର୍ପଣ କରିଛନ୍ତି। ସେମାନେ ୨ଟି ଇନ୍‌ସାସ, ୨ଟି ଏସ୍‌ଏଲଆର୍, ୩ଟି ୩୦୩, ୨ଟି ସିଙ୍ଗଲ ସଟ୍, ଗୋଟିଏ ୧୨ ବୋର ବନ୍ଧୁକ, ବିପୁଳ ପରିମାଣର ଗୁଳି ପୋଲିସ ନିକଟରେ ଦାଖଲକରି ସମାଜର ମୁଖ୍ୟଧାରାକୁ ଫେରିଛନ୍ତି। ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏନ୍‌ଏଡବ୍ଲ୍ୟୁଓ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ପଦ୍ମାଲୋକ ଫାଉଣ୍ଡେଶନ ପକ୍ଷରୁ ବେବୀଲତା ଶତପଥୀଙ୍କ ପ୍ରଥମ କବିତା ସଙ୍କଳନ 'ଚିଠି'ର ଉନ୍ମୋଚନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମା'ଦୁଲଣାଙ୍କ ପୀଠରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦୁଲଣା ମନ୍ଦିର, ଦୁଲଣା ସାହି, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:କୂଳ ଶୀତଳା ମଣ୍ଡପ, ରୂପସା, ବାଲେଶ୍ୱର, ସମୟ:ସକାଳ ୮ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସର, ଜଳେଶ୍ୱର, ସମୟ:ସକାଳ୯ଟା।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ତୃତୀୟ ଦିବସ, ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୂପସା ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ:ଚଣ୍ଡୀପୁର, ହଳଦୀପଦା, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:କଟିପୋଲ ପ୍ରିନ୍ସ କଲ୍ୟାଣ ମଣ୍ଡପ, ବସ୍ତା, ସମୟ:ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ପ୍ରବଚନ, ସ୍ଥାନ:ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଅଷ୍ଟମ ଦିବସ, ସ୍ଥାନ:ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ସକାଳ ୯ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଚନ୍ଦ୍ରଭାନୁପୁର ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ପ୍ରସ୍ତୁତି ବୈଠକ,ସ୍ଥାନ: ଇଲେଭେନ ଷ୍ଟାର କ୍ଲବ ପରିସର, ଆଗରପଡ଼ା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ବାର ଆସୋସିଏଶନର ନାମାଙ୍କନ କାଏମ ତାଲିକା ପ୍ରକାଶ, ସ୍ଥାନ: ବାର ଆସୋସିଏଶନ, ବଡ଼ବିଲ, ସମୟ : ପୂର୍ବାହ୍ନ ୧୦ଟା।
- ଅଷ୍ଟମ ପ୍ରହର ନଗର ପରିକ୍ରମା ନାମ ସଂକୀର୍ତ୍ତନ, ସ୍ଥାନ: ସଙ୍ଗମ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଯୋଡ଼ା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ପୌରପାଳିକା ସଭାଗୃହ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଜଗନ୍ନାଥ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ:ମଧୁବନ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର

- ସାଇ ଚରଣ ପାଦୁକା ଦର୍ଶନ ସମାରୋହ,ସ୍ଥାନ: ଖଲ୍ଲିକୋଟ କଲେଜ ପଡିଆ,ସମୟ: ସକାଳ ୭ଟା।

## ଢେଙ୍କାନାଳ

- ୨୬ତମ ସିନ୍‌ଫେଷ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସିନର୍ଜୀ ଇଞ୍ଜିନିୟରିଂ କଲେଜ ପରିସର, ସମୟ:ଅପରାହ୍ନ ୫ଟା।

## ଅନୁଗୋଳ

- ମା' ବିନିକେୟୀଙ୍କ ଅଷ୍ଟଦୋଳ ଯାତ୍ରା, ସ୍ଥାନ: ଆଠମଲ୍ଲିକ ଦରୁହାସ୍ଥିତ ମା'ଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଏମ୍‌ଆର୍‌ସିସି ନାଇଟ ଚ୍ୟାଲେଞ୍ଜ କପ୍ ପଞ୍ଚମ ଦିବସର ମ୍ୟାଚ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା କ୍ରିକେଟ ପଡ଼ିଆ, ସମୟ: ରାତି ୮ଟା।

## ଜଗତ୍‌ସିଂହପୁର

- ହିନ୍ଦୁ ଏକତା ମଞ୍ଚର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ ସମୟ: ପୂର୍ବାହ୍ନ ୧୦ ଟା।
- ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମ ପଞ୍ଚମ ସନ୍ଧ୍ୟାରେ ଇଫ୍‌କୋ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମାନବବାଦୀ ସଂଗ୍ରାମୀ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ସ୍ମୃତିସଭା, ସ୍ଥାନ: ମୁକୁନ୍ଦପୁର, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ପେଣ୍ଡିଂ କୋର୍ଟ ମାମଲାଗୁଡିକ ସଂକ୍ରାନ୍ତରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥ ସେମି ଫାଇନାଲରେ ପତାକା କ୍ଲବ ଅନୁଗୋଳ ସହ ୟୁଥ୍ କ୍ଲବ ବାଇଇଗୁଣିଆ, ସ୍ଥାନ: ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ ୩ୟ ଦିବସ, ସ୍ଥାନ:ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟ, ସମୟ: ଅପରାହ୍ନ ୩ଟା ୩୦ ।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବ ଉଦ୍‌ଯାପନ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁ ଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଜିଲାପରିଷଦ ଉନ୍ନୟନ ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁରସ୍ଥିତ ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ :ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ଅଧିବାସ ନୀତି, ସ୍ଥାନ : ଶ୍ରୀରାମ ବାଟିକା, ସମୟ : ଅପରାହ୍ନ ୫ଟା।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମରେ ରାଉରକେଲା ସ୍ପନ୍ଦନ ନାଟ୍ୟାନୁଷ୍ଠାନର ନାଟକ ଜହର ଜହ୍ନ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୧୫।

## ରାଉରକେଲା

- ୱାର୍ଲ୍ଡ କିଡ୍‌ନୀ ଡେ'ରେ ଆଲୋଚନାଚକ୍ର, ସ୍ଥାନ: କୋଏଲନଗର ରିଟାୟାର୍ଡ ଆସୋସିଏଶନ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ସିଭିଲଟାଉନଶିପ୍ ପାର୍କ, ସମୟ: ପୂର୍ବାହ୍ନ ୧୦ଟା।
- କିଡ୍‌ନୀ ଡେ' ପାଳନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଉଲ୍ଲାସ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ, ସ୍ଥାନ:ବୈତାଳୀ, ଝାରବନ୍ଧ,ସମୟ:ପୂର୍ବାହ୍ନ ୧୦ଟା।
- ପଦ୍ମପୁର ଜିଲା ଗଠନ ପାଇଁ ସମନ୍ୱୟ ବୈଠକ, ସ୍ଥାନ:ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ରବି ଚାଷୀ ପଞ୍ଜୀକରଣ ଉପରେ ତାଲିମ ଶିବିର, ସ୍ଥାନ: ଜୁନାଗଡ଼ ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ତିଜମାଲି ପର୍ବ ଆରମ୍ଭ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ତିଜମାଲି, ସମୟ, ପୂର୍ବାହ୍ନ ୧୦ଟା।
- ରେଲୱେ ପ୍ରକଳ୍ପ ନିର୍ମାଣ ଉପରେ ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପନୀ, ସ୍ଥାନ: ବୌଦ୍ଧ କଚେରୀ ଖେଳ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ୍‌ସ୍ଥିତ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ସୁବର୍ଣ୍ଣପୁର ସହର କଚେରି ଛକ ବାପୁଜୀ କ୍ଲବ ପରିସର, ସମୟ: ସକାଳ ୯ଟା।
- ଟିଠିପାଲି ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଧନ୍ୟାଭିଷେକ କାର୍ଯ୍ୟକ୍ରମ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ଟିଠିପାଲି ମନ୍ଦିର ପ୍ରତିଷ୍ଠା ଅବସରରେ ଜଳନ୍ଧର ଦରବାର, ସ୍ଥାନ: ଟିଠିପାଲି ମଠ ପଡ଼ିଆ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ତରଭା ବ୍ଲକ ସରଗଜରେ ରାମନବମୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପ୍ରଗତି କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା ତୃତୀୟ ଦିବସ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ କ୍ରିଷ୍ଟା ଗାଁ, ସମୟ: ପ୍ରାତଃ ୫ଟା ୧୫।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ହରେକୃଷ୍ଣପୁର ନାମ ମଣ୍ଡପ, ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଗହଣରେ ଆମୋଦ ପ୍ରମୋଦର ମଉକା ଜୁଟିବ ଏବଂ ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ। କୃତ୍ତିକା ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପାରୁ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସାହାଯ୍ୟକାରୀ ଗୁଣ କାରଣରୁ ଆତ୍ମୀୟସ୍ୱଜନଙ୍କ ଆବଶ୍ୟକତା ପୂରଣ ପାଇଁ ଚିନ୍ତା ବଢିପାରେ। ଇଚ୍ଛା ବିରୋଧରେ କାମ କରି ପଶ୍ଚାତାପ କରିବାକୁ ପଡ଼ିପାରେ।

**ବୃଷ** ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରୁଥିବାରୁ ମାନସିକ ସ୍ଥିତି ଭଲ ରହିବନାହିଁ। କର୍ମକ୍ଷେତ୍ରରେ ଅସମର୍ଥିତ ସୂତ୍ରରୁ ଶୁଣା କଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବନ୍ଧୁଙ୍କର ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ରୋହିଣୀ ନକ୍ଷତ୍ରର ମନ ପ୍ରଫୁଲ୍ଲ ରହିବ ଓ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରି ଖୁସି ହେବେ।

**ମିଥୁନ** ହିତୈଷୀବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧହୋଇ ନୂତନ କର୍ମାରମ୍ଭର ଚିନ୍ତା କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ସକାଶେ ଦୂର ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବା ସହ ସମାଜରେ ଆଦୃତି ଲାଭ କରିବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିବ।

**କର୍କଟ** କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟାର ସମ୍ମୁଖୀନ ହେବେ। ଅଶ୍ଳେଷା ନକ୍ଷତ୍ରର ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗି ପାରନ୍ତି। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ, କିନ୍ତୁ ଲାଭ ପରିମାଣ କମିବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ଅବହେଳିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ବନ୍ଧୁଙ୍କ ଜରିଆରେ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଆବଶ୍ୟକତାକୁ ଯଥା ସମୟରେ ପୂରଣ କରିବାରେ ସମର୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଟିକୁ ସମ୍ପନ୍ନ କରି କେତେକାଂଶରେ ଖୁସି ହେବେ।

**କନ୍ୟା** ଗୁରୁଜନଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ ହୋଇପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ର ବାଧ ବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ। ଲେଖାପଢ଼ା, ଅଧ୍ୟୟନ, ଅଧ୍ୟାପନା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ସାହାଯ୍ୟ ସହଯୋଗ ଲାଭକରି ଦିନଟି ସବୁ ଦିଗରୁ ଭଲରେ କଟିବ। ବିଶାଖା ନକ୍ଷତ୍ରର ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବାର ସୂଚନା ରହିଛି।

**ବିଛା** ନିଜର ଭାବୁଥିବା ବନ୍ଧୁଟି ହିଁ ଧୋକା ଦେଇପାରେ। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବାର ଆଶଙ୍କା ରହିଛି। ଜ୍ୟେଷ୍ଠା ନକ୍ଷତ୍ର ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ସାମ୍ବାଦିକତା, ଏଜେନ୍ସିପ୍, ସାହିତ୍ୟ ଚର୍ଚ୍ଚା, କଳାକାରିଗରି ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ନୂତନ କାମଟିର ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ପରିବାରର ଆବଶ୍ୟକତାକୁ ପୂରଣ ସକାଶେ କରଜ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଉତ୍ତରାଷାଢ଼ା ନକ୍ଷତ୍ର ସ୍ଥଗିତ କାମକୁ ସାରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମକର** କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଲାଗିରହିଥିବାରୁ ଶେଷ ମୁହୂର୍ତ୍ତରେ ସୁଯୋଗ ହରାଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଇବାରେ ବ୍ୟସ୍ତ ରହିପାରନ୍ତି। ବ୍ୟବସାୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ଆଶା ରହିଛି। ଧନିଷ୍ଠା ନକ୍ଷତ୍ରର ପରିବାରରେ ଭାଇ ବନ୍ଧୁଙ୍କ କାର୍ଯ୍ୟ କଳାପରୁ ଅଶାନ୍ତି ଅନୁଭବ କରିପାରନ୍ତି।

**କୁମ୍ଭ** ଆଜି ବନ୍ଧୁଟି ଭୁଲ୍ ବୁଝିବେ, କିନ୍ତୁ ପର ମୁହୂର୍ତ୍ତରେ ଭୁଲ୍ ବୁଝାମଣା ଦୂର ହୋଇଯିବ। ମାଙ୍ଗଳିକ କାମ ସକାଶେ ଅଧାପନ୍ତରିଆ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡି ଚାଲିବେ ସତ କିନ୍ତୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଅଭିଯୋଗର ସମାଧାନ କରି ଆତ୍ମୀୟଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ମୀନ** ଆଜି ପାରିବାରିକ ବନ୍ଧୁମିଳନକୁ ନେଇ ହସ ଖୁସିରେ ସମୟ କଟିବ। ମୂଲ୍ୟବାନ୍ ଜିନିଷ କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବେ। ବନ୍ଧୁସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବାର ସୂଚନା ରହିଛି। ପୂର୍ବଭାଦ୍ରପଦ ନକ୍ଷତ୍ର ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ।

ଆଜି ମାର୍ଚ୍ଚ ୧୨ ତାରିଖ, ବିଶ୍ୱ ବୃକ୍କ ଦିବସ (ମାର୍ଚ୍ଚ ୨ୟ ଗୁରୁବାର), ଚୈତ୍ର କୃଷ୍ଣ ନବମୀ ଗୁରୁବାର। ରାଶିନକ୍ଷତ୍ର-ମୂଳା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ. ୦୬।୦୧ ମି. ଗତେ ଘ.୦୭।୩୬ ମି. ମଧ୍ୟେ, ଘ.୧୦।୪୫ମି. ଗତେ ଘ.୦୧।୦୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୫ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁ କାଳ ।

## ୧ ଡଲାର = ...

ଅନ୍ୟପକ୍ଷରେ ବୁଧବାର ସେନ୍‌ସେକ୍ସ ପ୍ରାୟ ୧,୩୪୨ ପଏଣ୍ଟ ଏବଂ ନିଫ୍ଟି ୩୯୪ ପଏଣ୍ଟ ହ୍ରାସ ପାଇବା ଫଳରେ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ବିଦେଶୀ ସଂସ୍ଥାଗତ ନିବେଶକମାନେ ଆଜି ଭାରତୀୟ ବଜାରରୁ ପ୍ରାୟ ୬,୨୬୭.୩୧ କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ଅର୍ଥନୀତି ବିଶେଷଜ୍ଞଙ୍କ ଅନୁସାରେ, ଆଗକୁ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ଏବଂ ଭୂ-ରାଜନୈତିକ ସ୍ଥିତି ଉପରେ ବଜାରର ନଜର ରହିବ। ଆଗାମୀ ଦିନରେ ଟଙ୍କା ୯୧.୭୦ରୁ ୯୨.୪୦ ସୀମା ମଧ୍ୟରେ ରହିପାରେ ବୋଲି ଅନୁମାନ କରାଯାଉଛି। ଟଙ୍କାର ମୂଲ୍ୟ କମିବା ଫଳରେ ବିଦେଶୀ ପାଠପଢ଼ା, ଭ୍ରମଣ ଏବଂ ଆମଦାନୀ ହେଉଥିବା ସାମଗ୍ରୀ (ଯଥା ମୋବାଇଲ ଓ ଇଲେକ୍ଟ୍ରୋନିକ୍ସ) ମହଙ୍ଗା ହେବା ସମ୍ଭାବନା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଡାହି ଖଣ୍ଡେ ବଙ୍କା
ଜାମୁ ଡାହି ଖଣ୍ଡେ ପାଣିକି ପକା
ବଚନ ଷାଠିଏ ଟଙ୍କା।**

ନିଜ କଥା ବା ନିଷ୍ପତ୍ତିରେ ଅଟଳ। କେତେଜଣ ବ୍ୟକ୍ତିଙ୍କ କଥାରେ ଓଜନ ରହିଥାଏ। ପରିସ୍ଥିତି ଯାହା ଘଟିଗଲେ ମଧ୍ୟ ଦେଇଥିବା ବା କହିଥିବା କଥାରୁ କେବେବି ଓହରିଯାଇ ନ ଥାନ୍ତି। କଥା ଦେଇ କଥା ରଖୁଥିବା ଦୃଢ଼ପ୍ରତିଜ୍ଞ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଜି ମଙ୍ଗନ କାଲି ବାହା
କିସ କରୁଛି କନିଆର ମା।**

ଆଜି ମଙ୍ଗନ, ରାତି ପାହିଲେ ବାହାଘର। ବାହାଘରରେ ଝିଅ ପକ୍ଷର ବେଶି ଦାୟିତ୍ୱ। ଝିଅର ବାପା ମା' ବେଶି ବ୍ୟସ୍ତ। କିନ୍ତୁ କିଛି ଯୋଗାଡ଼ ଯନ୍ତ୍ର ହୋଇନି। କନିଆର ବାପା ମାଆ କ'ଣ କରୁଛନ୍ତି କିଛି ଜାଣି ହେଉନି। ତାଙ୍କର ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେଭଳି କିଛି ତତ୍ପରତା ନାହିଁ ବୋଲି ଆଶଙ୍କା ଏବଂ ଆଶ୍ଚର୍ଯ୍ୟ ପ୍ରକଟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ବିବାଦୀୟ ଅଧ୍ୟାୟର ...

କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ କୋର୍ଟ ଏହି ମାମଲାରେ କହିଥିଲେ, ପାଠ୍ୟପୁସ୍ତକରେ ଭୁଲ୍ ତଥ୍ୟ ଦେଇ ନ୍ୟାୟପାଳିକା ଉପରକୁ ଗୁଳି ଚଳାଯାଇଛି। ପାଠ୍ୟକ୍ରମ ପ୍ରସ୍ତୁତିର ଏହି ଶିଥିଳ ବ୍ୟବସ୍ଥାକୁ ସଂସ୍କାର କରିବା ପାଇଁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସିଷ୍ଟମରେ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ବୁଧବାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଏନ୍‌ସିଇଆର୍‌ଟି ଉପରେ ବର୍ଷିଛନ୍ତି। ଏନ୍‌ସିଇଆର୍‌ଟି ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ବିବାଦୀୟ ଅଧ୍ୟାୟଟି ଯଥାବିଧି ପୁନର୍ଲିଖିତ ହୋଇସାରିଛି। କିନ୍ତୁ କୋର୍ଟ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ, କେଉଁ ବିଶେଷଜ୍ଞଙ୍କ ଦ୍ୱାରା ଏହି ଅଧ୍ୟାୟ ପୁଣିଥରେ ଲେଖାଗଲା ଏବଂ ଏହାକୁ କିଏ ଅନୁମୋଦନ କଲା ? ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏକ ସ୍ୱତନ୍ତ୍ର ବିଶେଷଜ୍ଞ କମିଟିର ଯାଞ୍ଚ ଓ ଅନୁମୋଦନ ବିନା ଏହି ନୂତନ ଅଧ୍ୟାୟ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ପ୍ରକାଶ କରାଯାଇପାରିବ ନାହିଁ। ତେବେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ପ୍ରଫେସର ଦିନେଶ ପ୍ରସାଦ ସାକଲାନି କୋର୍ଟରେ ଏକ ସତ୍ୟପାଠ ଦାଖଲ କରି ନିଃସର୍ତ୍ତ କ୍ଷମା ମାଗିଛନ୍ତି। ସେ କହିଛନ୍ତି, ପୂର୍ବରୁ ଥିବା ବିବାଦୀୟ ଅଧ୍ୟାୟଟି ମୂଳ ସିଲାବସ୍ କମିଟି (ଏନ୍‌ଏସ୍‌ସିସି) ନିକଟରେ ଉପସ୍ଥାପନ କରାଯାଇ ନ ଥିଲା, ଯାହା ଅକ୍ଷମଣୀୟ ଭୁଲ୍। ପୂର୍ବ ଲେଖକ ପ୍ରଫେସର ମିସେଲ ଡାନିନୋ ଏବଂ ତାଙ୍କ ଟିମ୍‌କୁ ଏନ୍‌ସିଇଆର୍‌ଟିର ସମସ୍ତ କାର୍ଯ୍ୟରୁ ସବୁଦିନ ପାଇଁ ବାଦ୍ ଦିଆଯାଇଛି। ସେହିପରି ଏନ୍‌ସିଇଆର୍‌ଟି ଜଣାଇଛି ଯେ କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମୋଟ ୮୨,୪୪୦ ବହି ଛପାଯାଇଥିଲା, ଯେଉଁଥିରୁ ୮୨,୪୨୫ କପି ଜବତ କରି ସିଲ୍ କରାଯାଇଛି। ବଜାରକୁ ଯାଇଥିବା ମାତ୍ର ୩୮ଟି ବହିକୁ ମଧ୍ୟ ଫେରାଇ ଅଣାଯାଇଛି। ବହି ମୁଦ୍ରଣ ପାଇଁ ବ୍ୟବହୃତ ହେଉଥିବା ସମସ୍ତ ୬ଟି ପ୍ଲେଟ୍‌କୁ ନଷ୍ଟ କରି ସିଲ୍ କରାଯାଇଛି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଆଶ୍ୱାସନା ଦେଇ କହିଛନ୍ତି, ବିଶେଷଜ୍ଞ କମିଟି ଦ୍ୱାରା ଯାଞ୍ଚ ନ ହେବା ପର୍ଯ୍ୟନ୍ତ କୌଣସି ବିଷୟବସ୍ତୁ ପାଠ୍ୟପୁସ୍ତକରେ ସ୍ଥାନ ପାଇବ ନାହିଁ। କୋର୍ଟ କହିଛନ୍ତି, ନ୍ୟାୟପାଳିକା ପରି ସଂସ୍ଥା ବିଷୟରେ ପିଲାମାନଙ୍କୁ ଦିଆଯାଉଥିବା ସୂଚନା ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଏବଂ ନିରପେକ୍ଷ ହେବା ଆବଶ୍ୟକ।

## ବିଧାନସଭାରେ ଆଇନଶୃଙ୍ଖଳା...

କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଓ ଅଶୋକ ଦାସ ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ ଜଣାଇ ବାଚସ୍ପତିଙ୍କ ରୁଲିଙ୍ଗ୍ ଦାବି କରିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଶେରଗଡ଼ରେ ଘଟିଥିବା ଘଟଣା ନିନ୍ଦନୀୟ। ବିଜେଡି ସରକାର ସମୟରେ ଜଣେ ପୂର୍ବତନ ମନ୍ତ୍ରୀ ଥାନାରେ ପଶି ପୋଲିସଙ୍କୁ ମାଡ଼ ମାରିଥିଲେ। ପୂର୍ବତନ ବ୍ରହ୍ମପୁର ବିଧାୟକ ବିଜେଡି ନେତା ହତ୍ୟା ମାମଲାରେ ଗିରଫ ହୋଇଛନ୍ତି। ସରକାରରେ ଥିବାବେଳେ ବିଜେଡି ଏଭଳି ଅନେକ ଘଟଣାକୁ ଘଣ୍ଟ ଘୋଡ଼ାଇଥିଲା। ପରୀ, ମମିତାଙ୍କ ଭଳି ବହୁ ହତ୍ୟାକାରୀଙ୍କୁ ପୂର୍ବ ସରକାର ସୁରକ୍ଷା ଦେଉଥିଲେ। ସେତେବେଳେ କାହିଁକି ନିନ୍ଦା କରିପାରୁ ନ ଥିଲେ ବୋଲି ଟଙ୍କଧର ପ୍ରଶ୍ନ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ପ୍ରଶ୍ରୟ ଦେଉଥିଲେ, ଏବେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡିର ଏହା ଦୋମୁହାଁ ନୀତି ବୋଲି ସେ କହିଥିଲେ। ସଦସ୍ୟ ସନାତନ ବିଜୁଳି କହିଥିଲେ, ବିଜେଡି ଓ କଂଗ୍ରେସ ଆଇନ ଶୃଙ୍ଖଳା କଥା କହିବାର ନୈତିକତା ହରାଇଛନ୍ତି। ମାହାଙ୍ଗା ଡବଲ ମର୍ଡର, ସୁଶାନ୍ତ ସିଂ ବିଧାୟକ ଥିବାବେଳେ ଥାନାରେ ପଶି ଭଙ୍ଗାରୁଜା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ। ତାଙ୍କ ସରକାର ସମୟରେ ଥାନାକୁ ଲୋକେ ଯାଉ ନ ଥିଲେ। ବିଜେଡିର ଗୁଣ୍ଡାରାଜ୍ ଚାଲିଥିଲା। ବାଙ୍ଗିରିପୋଷି ବିଡିଓ, କପ୍ତିପଦା ତହସିଲଦାରଙ୍କୁ ମାଡ଼ ମାରିଥିଲେ। ତାଙ୍କର ଜଣେ ବିଧାୟକ ପୋଲିସକୁ ଫୋନ୍‌ରେ ବଦଳି ଧମକ ଦେଉଥିବା କଥା ସାମ୍ନାକୁ ଆସିଥିଲା। ସେ କ୍ଷେତ୍ରରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ହେଲେ ଆମ ସରକାରରେ ଲୋକ ନ୍ୟାୟ ପାଉଛନ୍ତି, ଦୋଷୀ ଦଣ୍ଡ ପାଉଛି। ବାବୁ ସିଂ କହିଥିଲେ, ତୋର୍ ମତାଏ ସୋର୍। ୨୪ ବର୍ଷରେ ଏତେ ହତ୍ୟା ଘଟଣା ଘଟାଇଛନ୍ତି ଯେ ଭଗବାନ୍ ମଧ୍ୟ କ୍ଷମା ଦେବେନି। ମାହାଙ୍ଗାରେ ୫ଟି ହତ୍ୟା ହେବା ପରେ ମଧ୍ୟ ସେତେବେଳର ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ଏହିଅସମୟରେ ପ୍ରମିଳା ବିରୋଧ କରିବାରୁ ବାବୁ ସିଂ କହିଥିଲେ, ଅପା ମୁଁ ଡାଲିକଥା କହୁନାହିଁ। ଏହାପରେ ଜଗବନ୍ଧୁ ମାଝୀଙ୍କଠାରୁ ଆରମ୍ଭକରି ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନବ କିଶୋର ଦାସଙ୍କ ହତ୍ୟା ପର୍ଯ୍ୟନ୍ତ ବହୁ ଘଟଣାର ଅବତାରଣା କରି ବାବୁ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭଉଣୀ ବୋଲି ସମ୍ବୋଧନ କରିଥିଲେ। ହେଲେ ପଶ୍ଚିମବଙ୍ଗରେ ଯେତେବେଳେ ତାଙ୍କୁ ଅସମ୍ମାନ କରାଗଲା ସେ କାହିଁକି ଚୁପ୍ ବସିଛନ୍ତି। ଏବେ ବିଜେଡି କଂଗ୍ରେସ ସହ ସନ୍ଧି କରିଛି। କେଉଁ ସର୍ତ୍ତରେ ହୋଇଛି ତାହା ଲୋକ ବୁଝିପାରୁନାହାନ୍ତି। ଯେଉଁମାନେ ଅତୀତରେ ଅପକର୍ମ କରିଛନ୍ତି, ସେମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବାବୁ କହିଥିଲେ। ଏହି ସମୟରେ ବିଜେଡି ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିବାରୁ ୧୨ଟା ୨ ମିନିଟ୍‌ରୁ ୧୦ ମିନିଟ୍ ଯାଏ ଗୃହକୁ ବାଚସ୍ପତି ମୁଲତବି ଘୋଷଣା କରିଥିଲେ।

## ପ୍ରଥମ ଇଚ୍ଛାମୃତ୍ୟୁ...

ଏକ ମେଡିକାଲ ଟ୍ରିଟମେଣ୍ଟ, ଯାହାକୁ ପ୍ରାଥମିକ ଓ ମାଧ୍ୟମିକ ମେଡିକାଲ ବୋର୍ଡର ସର୍ବୋତ୍ତମ ରାୟ ଅନୁସାରେ କଢ଼ାଯାଇପାରେ। ଏଭଳି ସ୍ଥିତିରେ ହରିଶଙ୍କୁ ପ୍ରଦାନ ଚିକିତ୍ସା ଜାରି ରଖିବା ହେଉଛି କେବଳ ଦୀର୍ଘ ସମୟ ଧରି ତାଙ୍କ ଜୈବିକ ଅସ୍ତିତ୍ୱକୁ ବଜାୟ ରଖିବା। ରୋଗୀଙ୍କ ମା'ବାପା, ପ୍ରାଥମିକ ଓ ମାଧ୍ୟମିକ ମେଡିକାଲ ବୋର୍ଡ ଗୋଟିଏ ନିଷ୍କର୍ଷରେ ପହଞ୍ଚିଛନ୍ତି ଯେ ହରିଶଙ୍କୁ ଅଧିକ ଦିନ ଧରି ଚିକିତ୍ସା କରାଯିବା ତାଙ୍କ ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଅନୁକୂଳ ନୁହେଁ। ଏହାକୁ ହଟାଇ ଦିଆଯିବା ଉଚିତ ବୋଲି ପ୍ରାଇମେରି ଓ ସେକେଣ୍ଡାରି ମେଡିକାଲ ବୋର୍ଡ ପ୍ରମାଣୀକୃତ କରିଥିବାରୁ ଅଦାଲତଙ୍କ ହସ୍ତକ୍ଷେପ ଅନାବଶ୍ୟକ। ତେବେ ଏହା ଏହି ଧରଣର ପ୍ରଥମ ଦୃଷ୍ଟାନ୍ତ ହୋଇଥିବାରୁ କୋର୍ଟଙ୍କ ଅବତାରଣା ଅନୁଭୂତ ହୋଇଛି।

ଖଣ୍ଡପୀଠ ଆହୁରି କହିଛନ୍ତି, ଲାଇଫ୍ ସପୋର୍ଟ ସିଷ୍ଟମ୍‌କୁ ମର୍ଯ୍ୟାଦାର ସହ ହଟାଯିବା ଉଚିତ। ସିଏଏନ୍‌କୁ ହଟାଇଦିଆଯିବ। ଏଥିପାଇଁ ରହିଥିବା ୩୦ ଦିନ ଅବଧିକୁ ଆଉ ବିଚାରକୁ ନିଆଯିବ ନାହିଁ। ରାୟ ଶୁଣାଇବାବେଳେ ଖଣ୍ଡପୀଠ ହରିଶଙ୍କ ମା'ବାପାଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଜଣଙ୍କୁ ଭଲ ପାଇବାର ତାତ୍ପର୍ଯ୍ୟ ନୁହେଁ ଯେ କେବଳ ଖୁସି ସମୟରେ ତାଙ୍କର ଯତ୍ନନେବା। ତାଙ୍କ ଜୀବନର ସବୁଠୁ ଅନ୍ଧକାରମୟ ସମୟରେ ମଧ୍ୟ ତାଙ୍କ ପ୍ରତି ଉତ୍ସର୍ଗୀକୃତ ଭାବନା ସହ ସେବା କରିବା, ଯାହାକି ହରିଶଙ୍କ ମାତାପିତାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

## ଖରା, ଗରମ...

ସେହିପରି ଟିଟିଲାଗଡ଼ରେ ତାପମାତ୍ରା ୩୮.୪ ଡିଗ୍ରୀ, ସୁନ୍ଦରଗଡ଼ ୩୮ ଡିଗ୍ରୀ, ନୂଆପଡ଼ା ୩୮ ଡିଗ୍ରୀ, ତାଳଚେର ୩୮ ଡିଗ୍ରୀ, ଢେଙ୍କାନାଳ ୩୭.୯ ଡିଗ୍ରୀ, ଭବାନୀପାଟଣା ୩୭.୫ ଡିଗ୍ରୀ, ସମ୍ବଲପୁର ୩୭.୪ ଡିଗ୍ରୀ, ହୀରାକୁଦ ୩୭.୪ ଡିଗ୍ରୀ, ରାଉରକେଲା ୩୭.୧ ଡିଗ୍ରୀ, ବରଗଡ଼ ୩୭ ଡିଗ୍ରୀ, ବଲାଙ୍ଗୀର ୩୭ ଡିଗ୍ରୀ ଓ ସୋନପୁରରେ ୩୭ ଡିଗ୍ରୀ ରେକର୍ଡ ହୋଇଛି।

## କନ୍ଧମାଳ: ଆତ୍ମସମର୍ପଣ...

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କେକେବିଏନ୍ ଡିଭିଜନ ଚଳାଉଥିଲେ। ସେମାନଙ୍କ ମଧ୍ୟରେ ରାଜ୍ୟ କମିଟି ମେମ୍ବର ସାନୁ ପୋଟାମ ଓରଫ ନୀତୁ, ଡିଭିଜନାଲ କମିଟି ମେମ୍ବର ସାନ୍ତାଏ ସଲାମ ଓରଫ ଅନୁପା, ଏରିଆ କମିଟି ମେମ୍ବର ଲକ୍ଷ୍ମୀ ମାଡଭି ଓରଫ ସଙ୍ଗୀତା ଏବଂ ସୁନୀଲ ତାଲେମ, ପାର୍ଟି ମେମ୍ବର ମଞ୍ଜୁଳା ପୁନେମ ଓରଫ ଶିଲ୍ପା, ରାମବତୀ ଓୟାମ ଓରଫ ଯମୁନା, ଗଣେଶ କୁଞ୍ଜାମ, ସୁଶୀଳା ଦୁଡ଼ି, ସରିତା କୁହୁଦମ ଓ ଚୋଡ଼ିଯୋଗୀ ଓରଫ ରଜନୀ ଅଛନ୍ତି। ନୀତୁଙ୍କ ମୁଣ୍ଡ ଉପରେ ୫୫ ଲକ୍ଷ, ଅନୁପାଙ୍କ ମୁଣ୍ଡରେ ୨୨ ଲକ୍ଷ, ସଙ୍ଗୀତାଙ୍କ ମୁଣ୍ଡରେ ୧୧ ଲକ୍ଷ ଓ ସୁନୀଲଙ୍କ ମୁଣ୍ଡରେ ୧୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ମିଥ୍ୟା ବିଚାରଧାରା ପଛରେ ଦୌଡ଼ି ନିରୀହ ଲୋକଙ୍କ ରକ୍ତ ବୁହାଉଥିଲେ। ପୋଲିସର ବାରମ୍ବାର ଚଢ଼ାଉ ଏବଂ ସରକାରଙ୍କ ବିକାଶମୂଳକ ଯୋଜନା ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ବାଧ କରିଛି ବୋଲି ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କହିଛନ୍ତି। ଜବତ ଅସ୍ତ୍ରଶସ୍ତ୍ର ବାବଦରେ ସେମାନଙ୍କୁ ୧୦ ଲକ୍ଷ ଟଙ୍କା ମିଳିବ। କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ହତ୍ୟା ଏବଂ ପୋଲିସର ନିରନ୍ତର ଅପରେଶନ ପରେ ମାଓବାଦୀମାନେ ହତୋତ୍ସାହିତ ହୋଇ ଆତ୍ମସମର୍ପଣ କରୁଛନ୍ତି। ଏହି ଆତ୍ମସମର୍ପଣ ପରେ ଓଡ଼ିଶାରେ କାର୍ଯ୍ୟ କରୁଥିବା ସଶସ୍ତ୍ର କ୍ୟାଡରଙ୍କ ସଂଖ୍ୟା ପ୍ରାୟ ୨୫କୁ ହ୍ରାସ ପାଇଛି। ସେମାନଙ୍କ କାର୍ଯ୍ୟକଳାପ କନ୍ଧମାଳ, କଳାହାଣ୍ଡି ଏବଂ ରାୟଗଡ଼ା ଜିଲାର ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ରହିଛି। ଆଗାମୀ ଦିନରେ ଏସ୍‌ଓଜି, ଡିଭିଏଫ, ସିଆରପିଏଫ୍ ଏବଂ ବିଏସ୍‌ଏଫ୍‌କୁ ନେଇ ଏହି ଅପରେଶନକୁ ଆହୁରି ତୀବ୍ର କରାଯିବ ବୋଲି ଏଡିଜି ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଆରପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର, ଆଇଜି ଅପରେଶନ ଡ. ଦୀପକ କୁମାର, ଡିଆଇଜି ଅଖିଳେଶ୍ୱର ସିଂ, କନ୍ଧମାଳ ଏସ୍‌ପି ହରିଶ ବିସି ଯୋଗଦେଇଥିଲେ।

# ଭାଜପାରେ ରବୀନ୍ଦ୍ର ଜେନା

## 'ବିଜେଡିର ଉତ୍ତରାଧିକାରୀ ଯୋଜନା ନାହିଁ'

ଭୁବନେଶ୍ୱର, ୧୧।୩(ସୁନିତ୍ ମିଶ୍ର)

ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ମଙ୍ଗଳବାର ବିଜେଡି ଛାଡ଼ିଥିବା ବେଳେ ବୁଧବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ସହ ବାଲେଶ୍ୱର ଜିଲାର ବହୁ ନେତା ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳର ସଭାପତି ମନମୋହନ ସାମଲ ରବୀନ୍ଦ୍ର ଏବଂ ତାଙ୍କ ସମର୍ଥକମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ରବୀନ୍ଦ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆଗାମୀ ଦିନରେ ବିଜେଡି ରାଜ୍ୟବାସୀଙ୍କୁ ସୁଶାସନ ଦେଇପାରିବ ନାହିଁ। ଯେଉଁ ଆଞ୍ଚଳିକ ଦଳ ଉତ୍ତରାଧିକାରୀ ବାଛିପାରିବ ନାହିଁ ସେହି ପାର୍ଟି ତିଷ୍ଠିପାରେନାହିଁ। ବିଜେଡିର ଉତ୍ତରାଧିକାରୀ ଯୋଜନା ନାହିଁ। ଏଭଳି ଉଦାହରଣ ମଧ୍ୟ ଦେଶରେ ଅନେକ ରହିଛି, ଯେଉଁଠି ଦଳଗୁଡ଼ିକ ନିଜର ଉତ୍ତରାଧିକାରୀ ଦେଇପାରିନାହାନ୍ତି ସେମାନେ ପରବର୍ତ୍ତୀ ସମୟରେ ତିଷ୍ଠିନାହାନ୍ତି। କାଂଶୀରାମ ମାୟାବତୀଙ୍କୁ ନିଜର ଉତ୍ତରାଧିକାରୀ କଲେ ବିଏସ୍‌ପି ସଫଳ ହେଲା। ମୁଲାୟମ ସିଂ ଯାଦବ ନିଜ ପୁଅ ଅଖିଳେଶ ଯାଦବଙ୍କୁ ଉତ୍ତରାଧିକାରୀ ବାଛିଲେ। ଅଖିଳେଶ ମଧ୍ୟ ନିଜ ଦଳକୁ ଆଗେଇନେବାରେ ସଫଳ ହେଲେ। ତାମିଲନାଡୁରେ କରୁଣାନିଧି ଷ୍ଟାଲିନ୍‌ଙ୍କୁ ନିଜ ଉତ୍ତରାଧିକାରୀ ବାଛିଥିଲେ ସେମାନେ ମଧ୍ୟ ଡିଏମ୍‌କେ ଦଳକୁ ଆଗକୁ ନେବାରେ ସଫଳ ହେଲେ। କିନ୍ତୁ ଏପରି ଦଳ ଅଛନ୍ତି ଉତ୍ତରାଧିକାରୀ ନ ବାଛିପାରିବାରୁ ବିଫଳତାର ମୁହଁ ଦେଖିଛନ୍ତି।



ଯେମିତି ପଞ୍ଜାବର ଅକାଳୀ ଏବଂ ତାମିଲନାଡୁର ଏଆଇଡିଏମ୍‌କେ ଉତ୍ତରାଧିକାରୀ ଦେଇ ନ ପାରିବାରୁ ଆଗକୁ ବଢ଼ିପାରିଲେନାହିଁ ବୋଲି ରବୀନ୍ଦ୍ର କହିଛନ୍ତି।

ମନମୋହନ କହିଛନ୍ତି, ରବୀନ୍ଦ୍ରଙ୍କ ଯୋଗଦାନ ଯୋଗୁ ଭାଜପା କେବଳ ବାଲେଶ୍ୱର ନୁହେଁ ରାଜ୍ୟରେ ଶକ୍ତିଶାଳୀ ହେବ। ନିର୍ବାଚନ ପୂର୍ବରୁ ଭାଜପା ପ୍ରତିଶ୍ରୁତି ଦେଇ ଶାସନକୁ ଆସିବା ପରେ ସେସବୁ ପୂରଣ କରୁଥିବାରୁ ଲୋକମାନଙ୍କ ବିଶ୍ୱାସ ବଢ଼ିଯାଇଛି। ଭାଜପା ସରକାରର ଜନକଲ୍ୟାଣକାରୀ କାର୍ଯ୍ୟକୁ ଆଗକୁ ନେବା ପାଇଁ ଏବଂ ବିକଶିତ ବାଲେଶ୍ୱର ଗଠନ କରିବା ଲାଗି ସମସ୍ତଙ୍କୁ ଏକାଠି କାମ କରିବାକୁ ପଡିବ ବୋଲି ମନମୋହନ କହିଛନ୍ତି।

ଆଗକୁ ରାଜ୍ୟ ସଭା ନିର୍ବାଚନ ରହିଛି। ଏହା ପୂର୍ବରୁ ରବୀନ୍ଦ୍ରଙ୍କ ଯୋଗଦାନ ନେଇ ସବୁଆଡେ ଚର୍ଚ୍ଚା ଚାଲିଛି। ବହୁ ଆଗରୁ ରବୀନ୍ଦ୍ର ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ଠିକ୍ ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ରବୀନ୍ଦ୍ର ଶାସକ ଦଳ ସହ ମିଶିଯିବା ପରେ ତାଙ୍କ ସ୍ତ୍ରୀ ସୁବାସିନୀ ଜେନା ଯିଏ ବର୍ତ୍ତମାନ ବସ୍ତା ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟିକା ଅଛନ୍ତି ତାଙ୍କୁ ନେଇ ଆଲୋଚନା ଜୋର୍ ଧରିଛି। ଅନ୍ୟପଟେ ରବୀନ୍ଦ୍ର ବଡ଼ ପଟୁଆର ଧରି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ ତାଙ୍କ ସାଙ୍ଗରେ ଜିଲାର ବହୁ ଟାଣୁଆ ନେତା, ବ୍ଲକ୍ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ମଧ୍ୟ ରହିଥିଲେ।

ମିଶ୍ରଣ ପର୍ବରେ ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜ୍ୟ ସଭାପତି ରଞ୍ଜିତ ମହାପାତ୍ର, ବାଲେଶ୍ୱର ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ଗଣେଶ ମହାପାତ୍ର, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ କର, ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳୀ ଦାସ, ବାଲେଶ୍ୱର ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନିତା ବେହେରା, ବଡ଼ସାହି ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସିଂ, ବେତନଟି ପଞ୍ଚାୟତ ସମିତି ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଜିଲା ପରିଷଦ ସଦସ୍ୟ ସୁଜାତାରାଣୀ ଦଣ୍ଡପାଟ, ନିଶାକର ସେଠୀ, ବେଣୁଧର ଜେନା, ସଞ୍ଜୟ ସେଠୀ, ପୂର୍ବତନ ଜିଲା ସଭାପତି ବାଦଲ ଦାସ, ବସ୍ତା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି।




# ୬୪.୭ ଲକ୍ଷ ଉପଭୋକ୍ତା ଦେବେ ୬୫୬ କୋଟି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୩(ରବିନାରାୟଣ ଜେନା)

ଟାଟା ପାୱାର(ଡିସ୍‌କମ୍ସ) ପକ୍ଷରୁ ଅତିରିକ୍ତ ସୁରକ୍ଷା ଜମା (ଏଏସ୍‌ଡି) ବାବଦକୁ ରାଜ୍ୟର ୬୪ ଲକ୍ଷ ୭୦ ହଜାର ୭୮୨ ଉପଭୋକ୍ତାଙ୍କୁ ନୋଟିସ କରାଯାଇଛି। ଏହି ଅତିରିକ୍ତ ସୁରକ୍ଷା ଜମା ବାବଦକୁ ଟାଟା ପାୱାର ୬୫୬.୧୧ କୋଟି ଟଙ୍କା ଆଦାୟ କରିବ ବୋଲି ନୋଟିସ ଦେଇଥିବା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। କଂଗ୍ରେସ ସଦସ୍ୟ ସୋଫିଆ ଫିର୍ଦ୍ଦୋସଙ୍କ ତାରକା ପ୍ରଶ୍ନର ଉତ୍ତରରେ ବୁଧବାର ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି, ଟାଟା ପାୱାରର ସର୍ବାଧିକ ସିଓଡିଏଲ୍ ୧୯ ଲକ୍ଷ ୮୬ ହଜାର ଉପଭୋକ୍ତାଙ୍କଠାରୁ ୨୮୪.୮୭ କୋଟି ଟଙ୍କା ଆଦାୟ କରିବ। ସେହିପରି ଟାଟା ପାୱାରର ଡବ୍ଲୁଓଡିଏଲ୍ ୧୩ ଲକ୍ଷ ୯୧ ହଜାର ୧୯ ଜଣ ଉପଭୋକ୍ତାଙ୍କ ନିକଟରୁ ୧୬୫ କୋଟି ୯୬ ଲକ୍ଷ ଟଙ୍କା ଆଦାୟ କରିବାକୁ ନୋଟିସ ଦେଇଥିବାବେଳେ ଏନ୍‌ଓଡିଏଲ୍ ୧୪ ଲକ୍ଷ ୪୯ ହଜାର ୧୯୯ ଉପଭୋକ୍ତାଙ୍କଠାରୁ ୧୦୭.୦୪ କୋଟି ଏବଂ ଏସ୍‌ଓଡିଏଲ୍‌ର ୧୬ ଲକ୍ଷ ୪୪ ହଜାର ୫୬୪ ଉପଭୋକ୍ତାଙ୍କଠାରୁ ୯୮.୨୪ କୋଟି ଟଙ୍କା ଆଦାୟ କରିବା ଲାଗି ନୋଟିସ ଦେଇଛି ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଟିପି-ଡିସ୍‌କମ୍ସ ପୂର୍ବବର୍ଷର ଆର୍ଥିକ ବର୍ଷର ସର୍ବମୋଟ୍ ସେବାର ମାନ ଆଧାରରେ ଗ୍ରାହକଙ୍କ ପାଖରୁ ସୁରକ୍ଷା ଜମା ସଂଗ୍ରହ କରିବା ନିୟମ ରହିଛି। ଏଥିପୂର୍ବରୁ ଟାଟା ପାୱାର ପକ୍ଷରୁ ପୁନଃପରୀକ୍ଷା କରି ଅତିରିକ୍ତ ସୁରକ୍ଷା ଜମା ଦାବି କରାଯାଇଥାଏ। ଏହା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ବିଦ୍ୟୁତ୍ ଯୋଗାଣ କୋଡ୍-୨୦୧୯ର ନିୟମ ୫୩ ଓ ୫୪ ଅନୁସାରେ କରାଯାଉଛି। ତେବେ ଅତିରିକ୍ତ ସୁରକ୍ଷା ଜମା ଦେବା ପୂର୍ବରୁ ଗ୍ରାହକମାନଙ୍କୁ ୩୦ ଦିନ ପୂର୍ବରୁ ନୋଟିସ ଦିଆଯାଇଥାଏ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଏସ୍‌ଡି ଦେୟ ଆଦାୟ ନ କରାଗଲେ, ବିଦ୍ୟୁତ୍ ଯୋଗାଣ କୋଡ୍‌ର ଧାରା-୫୬ ଅନୁସାରେ ଡିସ୍‌କମ୍ସ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଟାଟା ପାୱାର ପକ୍ଷରୁ ଏଏସ୍‌ଡି ମୂଲ୍ୟାୟନ, ଆଡ୍‌ଜଷ୍ଟମେଣ୍ଟ ଓ ଫେରସ୍ତବେଳେ ସପ୍ଲାଇ କୋଡ୍‌ର ଉଚିତ୍ ଅନୁପାଳନ କରାଯାଉଛି, ଯାହାଦ୍ୱାରା ପାରଦର୍ଶିତା ନିଶ୍ଚିତ ହୁଏ।









ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।–ଶ୍ରୀମା

# ଦୁଇ ଭିନ୍ନ ଦେଶ



ଦେବଦତ୍ତ ପଟ୍ଟନାୟକ

ଚାଇନା ଓ ଭାରତକୁ ବହୁ ସମୟରେ ରାଜନୈତିକ ରୂପେ ସ୍ୱତନ୍ତ୍ର ତଥା ବିକାଶଶୀଳ ଦେଶ ଭାବେ ତୁଳନା କରାଯାଏ। ତାହା ଭ୍ରମାତ୍ମକ। ଚାଇନା ହେଉଛି ସର୍ବପ୍ରଥମ ଓ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଦେଶ, ଯାହା ଏକ ସଭ୍ୟତାକୁ ଗ୍ରହଣ କରିଥିଲା। ଭାରତର ସର୍ବପ୍ରଥମେ ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଭ୍ୟତା ଥିଲା, ଯାହା ଏଯାବତ୍ ଏକ ଭଲ ବ୍ୟବସ୍ଥା ଗଢ଼ିବାକୁ ସଂଗ୍ରାମ କରୁଛି। ଏକ ଦୀର୍ଘ ଅସ୍ତିତ୍ୱଗତ ସଂଘର୍ଷରୁ ସୃଷ୍ଟି ହୋଇଛି ଚାଇନା। ପାଖାପାଖି ପାଞ୍ଚ ଶତାବ୍ଦୀ ଧରି ଖ୍ରୀଷ୍ଟପୂର୍ବ ୪୭୫ରୁ ୨୨୧ ମଧ୍ୟରେ ଅନେକ ସାମ୍ରାଜ୍ୟ ଲଢ଼େଇ କରି ପୁନର୍ଗଠନ ଓ ସଂସ୍କାର ଆଣିଥିଲେ । ସେମାନଙ୍କ ପତନ ଘଟିଥିଲା ଏବଂ ପରେ ଆଉ ଏକ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ସେହି ଅସ୍ତିତ୍ୱଗତ ଲଢ଼େଇ ମଧ୍ୟରୁ ନ୍ୟାୟ ଓ ଯୋଗ୍ୟତା ଆଧାରିତ କିନ୍ ( କିନ୍ ସାମ୍ରାଜ୍ୟ)ସିଦ୍ଧାନ୍ତ ସାମ୍ନାକୁ ଆସିଥିଲା। ଏହି ସମୟରେ ରାଜ୍ୟକୁ ଭାଗ ଭାଗ କରି ପ୍ରଶାସନିକ ବ୍ୟବସ୍ଥା ଲାଗୁ କରାଯାଇଥିଲା। ଗଭର୍ନରମାନେ ବି ଯୋଗ୍ୟତାଭିତ୍ତିରେ ନିଯୁକ୍ତ ହୋଇଥିଲେ। ସେନା ଗଠନ କରାଯାଇ ତାହାର ବିକାଶ କରାଯାଇଥିଲା। ସରକାରୀ ଆଦେଶ ବଳରେ ଗଣନା, ଲେଖା, ମୁଦ୍ରା, ରାସ୍ତା, କେନାଲ, ଶସ୍ୟଭଣ୍ଡାର ଇତ୍ୟାଦିର ଏକୀକରଣ କରାଯାଇଥିଲା।

କିନ୍ ସାମ୍ରାଜ୍ୟ ଦୀର୍ଘଦିନ ତିଷ୍ଠି ରହି ନ ଥିଲେ ମଧ୍ୟ ତାହାର ବ୍ୟବସ୍ଥାଗତ ଗଠନ ରହିଥିଲା। କିନ୍ ସାମ୍ରାଜ୍ୟର ପତନ ପରେ ହାନ୍ ସାମ୍ରାଜ୍ୟ ଗଢ଼ି ଉଠିଥିଲା। ତା'ପର ସାମ୍ରାଜ୍ୟଗୁଡ଼ିକ ନ୍ୟାୟିକ ଯୋଗ୍ୟତା ଏବଂ କନ୍‌ଫୁସିୟସ୍ ବିଚାରଧାରା ମଧ୍ୟରେ ଦୋଦୁଲ୍ୟମାନ ସ୍ଥିତିରେ ରହିଥିଲେ। କନ୍‌ଫୁସିୟସ୍ ସିଦ୍ଧାନ୍ତ ପରିବାରକୁ ଅଧିକ ଗୁରୁତ୍ୱ ଦେବା ସହ ନୈତିକ ଆଧାରରେ ପରିବାରକୁ ନେଇ ରାଜ୍ୟକୁ ଆଗକୁ ବଢ଼ାଉଥିଲା। ଅନ୍ୟ ପଟେ ବୈଧତା ସୂଚିତ କରୁଥିଲା ଯେ, ଦେଶର ଯଥା ଆଇନ, ଅମଲାତନ୍ତ୍ର, ପରୀକ୍ଷା ଏବଂ ଯୋଗ୍ୟତାଭିତ୍ତିରେ ପଦୋନ୍ନତିକୁ ନେଇ ନିଜସ୍ୱ ସିଦ୍ଧାନ୍ତ ରହିଥିଲା। ତା'ପରେ ସାମ୍ରାଜ୍ଞୀ ଵୁ ଙ୍କ ଶାସନ ପରିବାରଗୁଡ଼ିକଠାରୁ ଦୂରେଇ ଯାଇଥିଲା। ଏହା ସହ ରାଜବଂଶର ଷଡ଼ଯନ୍ତ୍ର ଓ ବହୁ ସ୍ତ୍ରୀ ଗ୍ରହଣ କରିବାର ଅତ୍ୟଧିକ ଆଗ୍ରହ ଯୋଗୁ ଦରବାରୀ ରାଜନୀତି କ୍ରମେ କ୍ଷୀଣ ହୋଇଯାଇଥିଲା। ପରେ ମିଙ୍ଗ୍ ରାଜଶାସନରେ କ୍ଷମତାଶାଳୀ ପ୍ରଭାବହୀନ ରାଜସେବକ ଏବଂ ସେମାନଙ୍କ ଗୁପ୍ତ ନୀତି ଯୋଗୁ ଏହା ଏକ ଭୟର ବ୍ୟବସ୍ଥା ପାଲଟିଯାଇଥିଲା। ତେବେ ଏହିସବୁ ପରବର୍ତ୍ତନ ମଧ୍ୟରେ ଚାଇନା ଏକ ହୋଇ ରହିବାର ଧାରଣା ସ୍ଥିର ରହିଥିଲା। ଏକକ ଶାସନ ବ୍ୟବସ୍ଥାରେ ଅନେକ ଯୁଦ୍ଧ, ୱାଲ, କେନାଲ, ଡ୍ୟାମ୍ ଏବଂ ସ୍ପିଡ୍ ଟ୍ରେନ୍ ପାଇଁ ଅନେକ କୋଟି ଚାଇନିଜଙ୍କୁ ଏକାଠି କରିବାର କ୍ଷମତା ରଖିଥିଲା।

ଏହା ଏକ ବିଚିତ୍ର ଶକ୍ତି ହେଲେ ବି ବିଚିତ୍ର ଦୁର୍ବଳତା ସୃଷ୍ଟି



କରିଥିଲା। ଚାଇନା ସରକାର ପାହାଡ଼କୁ ହଟାଇ ପାରେ, ନଦୀର ଗତିପଥ ବଦଳାଇଦେଇ ପାରେ ଏବଂ ସବୁ ସହରର ସ୍ଥାନାନ୍ତରଣ କରିଦେଇ ପାରେ। କ୍ଷମତା ଶୀର୍ଷରେ ରହେ ଏବଂ ତଳଆଡ଼କୁ ଯାଏ। ଯଦି ଉତ୍ତରଦାୟିତ୍ୱ କିଛି ରହିଛି, ତାହା ଶାସନ ବ୍ୟବସ୍ଥାରେ ଶୀଷରେ ରହିଛି। ତେବେ ସମ୍ରାଟ, ପାର୍ଟି, ଅମଲାତନ୍ତ୍ର ନିଜକୁ ଠିକ୍ ରଖି ଶାସନ କରିବେ ବୋଲି ନାଗରିକଙ୍କର ପ୍ରାୟତଃ ବିଶ୍ୱାସ ରହିଥାଏ।

ଭାରତ ବିପରୀତ ପଥକୁ ଅନୁସରଣ କରେ। ଏଠାରେ ଶାସନ ବ୍ୟବସ୍ଥା ଗଠନ ହେବା ପୂର୍ବରୁ ସମାଜ କଠୋର ଥିଲା। କେହି ଭାରତର ଏକ ଆଧୁନିକ ସୀମା ଆଙ୍କିବାର ବହୁ ପୂର୍ବରୁ ବର୍ଣ୍ଣ ଏବଂ ଜାତି ଲୋକଙ୍କୁ ବିଭାଜିତ କରି ଦେଇଥିଲା। ଶିକ୍ଷା ଓ ଆଇନରେ ବ୍ରାହ୍ମଣଙ୍କ ଏକଚାଟିଆ ଅଧିକାର ଥିଲା। ସେମାନଙ୍କର ଜମି କିମ୍ବା ସେନାରେ ଭୂମିକା ରହୁ ନ ଥିଲା। ରାଜା ଏବଂ ସେନାପତିମାନେ ଅସ୍ତ୍ର ଚଳାଉଥିଲେ ବି ନ୍ୟାୟିକ କ୍ଷେତ୍ରରେ ପୂଜାରୀଙ୍କ ଉପରେ ନିର୍ଭର କରୁଥିଲେ। ଆର୍ଥିକ କ୍ଷେତ୍ରକୁ ବଣିକ ଏବଂ ନୀଚଜାତିର ଲୋକେ ନିୟନ୍ତ୍ରଣ କରୁଥିଲେ ମଧ୍ୟ ରୀତିନୀତି ସୀମାକୁ ସହଜରେ ଉଲ୍ଲଂଘନ କରିପାରୁ ନ ଥିଲେ। ଗାଁ ସମୁଦାୟଗୁଡ଼ିକ ରାଜକୀୟ ଆଇନ ତୁଳନାରେ ପରମ୍ପରା ଓ ଜାତିକୁ ଅଧିକ ଗୁରୁତ୍ୱ ଦେଉଥିଲେ। ବିଦେଶୀ ଆକ୍ରମଣକାରୀମାନେ ଏହାକୁ ସ୍ପଷ୍ଟ ଭାବେ ଦେଖିଥିଲେ। ତୁର୍କୀ ସୁଲତାନ ଓ ମୋଗଲ ସମ୍ରାଟମାନେ ଅଶ୍ୱାରୋହୀ ସେନା ଓ ତୋପ ନେଇ ଭାରତରେ ପ୍ରବେଶ କରିଥିଲେ। ହେଲେ ଏଠାରେ ଶାସନ କରିବା ପାଇଁ ସେମାନଙ୍କୁ ସ୍ଥାନୀୟ ଶାସକଙ୍କ ସହ ମୂଲଚାଲ କରିବାକୁ ପଡ଼ିଥିଲା। ସେମାନଙ୍କୁ ଏଠାକାର ଜାତି ନିୟମଗୁଡ଼ିକ ସହ ଖାପଖୁଆଇବାକୁ, ଧର୍ମୀୟ ବିଦ୍ୱାନ୍‌ଙ୍କୁ ସମ୍ମାନ ଦେବାକୁ ପଡୁଥିଲା। ଦିଲ୍ଲୀର ଶାସନ ଗାଁରେ ପହଞ୍ଚିପାରୁ ନ ଥିଲା ବୋଲି ସେମାନେ ଅବଗତ ଥିଲେ। ମୋଗଲ ଶାସନ ଦ୍ୱାରା ସ୍ଥାନୀୟ ସାମାଜିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଅତ୍ୟନ୍ତ କଷ୍ଟକର ଥିଲା।

ବ୍ରିଟିଶ ଶାସକ କିଛି ନୂଆ କରିଥିଲେ। ସେମାନେ ଏକ ମ୍ୟାପ୍ ଆଙ୍କି ତାହାକୁ ଇଣ୍ଡିଆ କହିଲେ ଏବଂ ଏକ ଉପନିବେଶ ଭାବେ ଶାସନ କଲେ । ହେଲେ ଦେଶକୁ ସେମାନେ ଦୁର୍ବଳ କରିରଖିଲେ। ସେମାନେ ରାଜା, ଜମିଦାର ଏବଂ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଶାସନ କରିଥିଲେ। ଏହାସହ ସେମାନେ ଧର୍ମୀୟ ବ୍ୟକ୍ତିଗତ ଆଇନଗୁଡ଼ିକୁ ହଟାଇବା ପରିବର୍ତ୍ତେ ସେଗୁଡ଼ିକ ଆଇନଗତ ଭାବେ ବ୍ୟବସ୍ଥିତ କରିଥିଲେ। ସେମାନେ ମଧ୍ୟ କୋର୍ଟ ଏବଂ ଅମଲାତନ୍ତ୍ର ବ୍ୟବସ୍ଥା ଗଠନ କରିଥିଲେ, ଯାହା ଭଲ ଥିଲେ ବି ସେବାରେ ଖରାପ ରହିଥିଲା। ସେମାନେ କାଗଜରେ ଏବଂ ରେଲ୍‌ୱେ ମାଧ୍ୟମରେ ଭାରତକୁ ଏକାଠି କରିଥିଲେ, କିନ୍ତୁ ବ୍ୟବସ୍ଥାଗତ ସଂସ୍ଥା ମାଧ୍ୟମରେ ନୁହେଁ।

ସ୍ୱାଧୀନ ଭାରତ ମଧ୍ୟ ସେହି ଦୁର୍ବଳ ଓ ଜୀର୍ଣ୍ଣ ସ୍ଥିତିକୁ ଗ୍ରହଣ କରିନେଲା। ଏବେ ନ୍ୟାୟାଳୟଗୁଡ଼ିକ ମନ୍ଥର ହୋଇଯାଇଛି। ଅମଲାତନ୍ତ୍ର ବହୁ ସମୟରେ ନିଷ୍ପ୍ରଭ ଏବଂ ଦୁର୍ନୀତିଗ୍ରସ୍ତ। ଦେଶର ଶାସନ ବ୍ୟବସ୍ଥା ମୌଳିକ ସେବା, ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଯୋଗାଇଦେବାକୁ ସଂଗ୍ରାମ କରୁଛି, କିନ୍ତୁ ସମାଜରେ ଝଗଡ଼ା ଓ ଅଶାନ୍ତିକର ସ୍ଥିତି ଲାଗିରହିଛି। ଆଞ୍ଚଳିକ ଦଳଗୁଡ଼ିକର ଉତ୍ଥାନ ଓ ପତନ ହେଉଛି। ନିର୍ବାଚନ ମାଧ୍ୟମରେ ସରକାର ବଦଳୁଛନ୍ତି। ପ୍ରତିବାଦ ଏଠାରେ ନିତିଦିନିଆ ହୋଇଯାଇଛି। ପରିବାର, ଜାତି, ଧର୍ମୀୟ ସଂସ୍ଥା, ସଙ୍ଗଠନ ଆନ୍ଦୋଳନଗୁଡ଼ିକ ସରକାରଙ୍କ ସହ ସବୁବେଳେ ବୁଝାମଣା କରୁଛନ୍ତି। ବାଧ୍ୟ ହୋଇ ପ୍ରତିବାଦକୁ ବନ୍ଦ କରୁଛନ୍ତି କିମ୍ବା ତାହା ଭିନ୍ନ ମୋଡ଼ ଦେଉଛନ୍ତି।

ଏଣୁ ଶେଷରେ ଦୁଇ ଦେଶର ଦୁଇଟି ବିପରୀତ ଛବି ଉପସ୍ଥାପନ କରାଯାଉଛି। ଚାଇନା: ଦୃଢ଼ ଶାସନ ବ୍ୟବସ୍ଥା, ଦୁର୍ବଳ ସମାଜ। ଭାରତ: ଦୃଢ଼ ସମାଜ, ଦୁର୍ବଳ ଶାସନ ବ୍ୟବସ୍ଥା। ଚାଇନା ପାଇଁ ପ୍ରଶ୍ନ ହେଉଛି, ଦେଶକୁ ବିଭାଜନରୁ କିଭଳି ରୋକିବା। ଭାରତ ପାଇଁ ପ୍ରଶ୍ନ ହେଉଛି, ସମାଜକୁ କ୍ଷତି ହେବାକୁ ନ ଦେଇ କିଭଳି ଦେଶକୁ ଶକ୍ତ କରିବା। ଚାଇନା ପାଇଁ ଯାହା ବିପଦ ତାହା ହେଉଛି ଏକକ କୈନ୍ଦ୍ରିକ କ୍ଷମତା, ଯାହା ତାହାର ଇତିହାସରୁ ଆସିଛି । ଏହା ଉତ୍ତରଦାୟୀ ନୁହେଁ ଏବଂ ଏକ ଗୋଷ୍ଠୀ ଦ୍ୱାରା କବ୍‌ଜା କରାଯାଇଛି। ବିଦ୍ରୋହ ନ ହେବା ପର୍ଯ୍ୟନ୍ତ ଏହା ଭୟ ସୃଷ୍ଟି କରେ। ଯେ ପର୍ଯ୍ୟନ୍ତ ପାର୍ଟି, ଅମଲାତନ୍ତ୍ରୀ ସ୍ୱଚ୍ଛ ଓ ମୁକ୍ତ ରହେ ସେଯାଏ ନ୍ୟାୟଭିତ୍ତିକ ଯୋଗ୍ୟତା କାମ କରେ। ଥରେ ଭୟ ଓ ରାଜନୈତିକ ସମର୍ଥନ ପାଇଁ ସେବା ଯୋଗାଇ ଦେବା କିମ୍ବା ସମ୍ପର୍କବାଦ ବୃଦ୍ଧି ପାଇଲେ, ବ୍ୟବସ୍ଥା ବୈଧତା ପଥରୁ ବିଚ୍ୟୁତ ହୋଇଯାଏ।

ଭାରତ ପାଇଁ ଭିନ୍ନ ବିପଦ ରହିଛି। ପରିଚୟ, ସହାୟତା ଏବଂ ସ୍ଥାନୀୟ ଯୋଜନାକୁ ଅସ୍ୱୀକାର କରିବାରେ ଶାସନ ବ୍ୟବସ୍ଥା ଏତେ ଆସକ୍ତ ଯେ ଆଧୁନିକ ସମାଜ ପାଇଁ ଆବଶ୍ୟକ ରାସ୍ତା, ସ୍କୁଲ, କୋର୍ଟ ଏବଂ ହସ୍ପିଟାଲ ସବୁ ଖୋଲାଯାଇ ପାରିନାହିଁ। ଦକ୍ଷ ବ୍ୟବସ୍ଥା ଯୋଗୁ ନୁହେଁ ବରଂ ଏହା ବିନା ଏଭଳି ଏକ ବ୍ୟବସ୍ଥାରେ ନାଗରିକ ବଞ୍ଚିଯାଉଛି। ପରିବାର ଓ ସମୁଦାୟଗୁଡ଼ିକ ସରକାରୀ ସାମଗ୍ରୀ କିମ୍ବା ସେବାର ବିକଳ୍ପ ହୋଇଯାଇଛନ୍ତି। ଅସମାନତା ଗମ୍ଭୀର ହୋଇଛି।

–devduttofficial@gmail.com

# ଏଇ ଭାରତରେ

ପ୍ରଦୂଷଣ ହ୍ରାସ କରିବା ଲାଗି ରିସାଇକ୍ଲିଂ ପଦ୍ଧତିରେ ଅଦରକାରୀ ଜିନିଷର ପୁନଃ ବ୍ୟବହାର କରିବା ପାଇଁ ବହୁ ଷ୍ଟାର୍ଟଅପ୍ ସାମ୍ନାକୁ ଆସୁଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ସ୍ତରରେ ବିଭିନ୍ନ ଉପାୟରେ ମଧ୍ୟ ଅନେକେ ପ୍ରୟାସ ଜାରି ରଖିଛନ୍ତି, ଯେଉଁମାନଙ୍କ ମଧ୍ୟରେ କେରଳର ଅଞ୍ଜଳି ପାବନ ଅନ୍ୟତମ। ଅଞ୍ଜଳି ଅଦରକାରୀ ଜିନିଷ ବ୍ୟବହାର କରି ଘରେ ଝୁଲନ୍ତା ବଗିଚା କରିଛନ୍ତି। ସେ ଏଭଳି ବଗିଚା କରିବା ସକାଶେ ଅନ୍ୟ ଗୃହିଣୀମାନଙ୍କୁ ବି ପ୍ରୋତ୍ସାହିତ କରୁଛନ୍ତି। ବିଶେଷକରି ବଗିଚାରେ ଅଞ୍ଜଳି ପୁରୁଣା ରଙ୍ଗ କ୍ୟାନ୍, ଟାୟାର, ଷଢ଼େଇ, ନଡ଼ିଆକତା, ପ୍ଲାଷ୍ଟିକ୍ ବୋତଲ, ପୁରୁଣା ସିଲେଇ ମେଶିନ ଓ ଡ୍ରମ୍ ବ୍ୟବହାର କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସେ ଜାପାନର ବଗିଚା ପଦ୍ଧତି (କୋକେଡାମ) ଅନୁସାରେ ଏଭଳି ବଗିଚା କରିଛନ୍ତି, ଯେଉଁଥିରେ ଅଦରକାରୀ ଜିନିଷରେ ମାଟି ଓ ନଡ଼ିଆକତା ରଖି ସେଥିରେ ଗଛ ଲଗାଇ ଝୁଲାଇ ଦିଆଯାଉଛି। କହିବାକୁ ଗଲେ ଅଞ୍ଜଳିଙ୍କ ଦ୍ୱାରା କରାଯାଉଥିବା ଏଭଳି ବଗିଚା ପରିବେଶ ଅନୁକୂଳ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୭୭

- ବିହାର ବିଧାନସଭା ସଦସ୍ୟ ବନୱାରୀ ରାମ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି।
- ପାକିସ୍ତାନ ପ୍ରାଦେଶିକ ଆସେମ୍ବଲିଗୁଡ଼ିକରେ ଭୁଟ୍ଟୋଙ୍କ ପୁପୁଲ୍ସ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ବାଂଲାଦେଶର ପୂର୍ବତନ ରାଷ୍ଟ୍ରପତି ଖଣ୍ଡେକର ମୁସ୍ତାକ ଅହମ୍ମଦଙ୍କୁ ବିନା ଦୋଷରେ ଖଲାସ କରିଦିଆଯାଇଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 1 | | |
| | | 4 | 6 | 7 | 1 | | 5 | |
| 6 | | | 4 | | | | | |
| 2 | | | | 3 | | | | 1 |
| | | | 1 | | | | 6 | |
| 4 | 8 | | | | | 7 | | |
| 3 | 2 | | | 6 | | | | |
| | 4 | 6 | 8 | | | | | 5 |
| | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 7 | 9 | 3 | 5 | 1 | 8 | 2 |
| 3 | 5 | 2 | 1 | 8 | 4 | 7 | 6 | 9 |
| 1 | 8 | 9 | 6 | 2 | 7 | 5 | 4 | 3 |
| 5 | 9 | 6 | 2 | 1 | 8 | 3 | 7 | 4 |
| 8 | 2 | 1 | 7 | 4 | 3 | 6 | 9 | 5 |
| 7 | 4 | 3 | 5 | 9 | 6 | 2 | 1 | 8 |
| 9 | 3 | 5 | 8 | 7 | 1 | 4 | 2 | 6 |
| 2 | 1 | 4 | 3 | 6 | 9 | 8 | 5 | 7 |
| 6 | 7 | 8 | 4 | 5 | 2 | 9 | 3 | 1 |

ଗତକାଲିର ଉତ୍ତର

# ସବୁଠି ଦୁର୍ନୀତି



ପ୍ରମୋଦ ଧଳ

ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀର ସାମାଜିକ ବିଜ୍ଞାନ ବହିରେ ଗୋଟିଏ ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ସନ୍ଦର୍ଭରେ ନିକଟରେ ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନ୍ୟାୟପାଳିକାର ଛାଟରେ ଏନ୍‌ସିଇଆର୍‌ଟି ଲହୁଲୁହାଣ ହେବା ପରେ ସର୍ବସାଧାରଣରେ କ୍ଷମା ମାଗିବା ସହ ସମ୍ପୂର୍ଣ୍ଣ ବହିଟିକୁ ପ୍ରତ୍ୟାହାର କରିନେଇଥିବା ଘୋଷଣା କରିଛି। ଷାଠିଏ ଦଶକର ଶେଷଭାଗରେ ଆମେ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲାବେଳେ ଗୋଟିଏ ଗଳ୍ପ ବିହଙ୍ଗ ବିପ୍ଳବ ମନେପଡ଼ିଲା ଆଜି। ଜୀବନର ପ୍ରଥମଥର ପାଇଁ ଗୋଟିଏ ନୂଆ ଶବ୍ଦଟିଏ, ଲାଞ୍ଚ ବିଷୟରେ ଗୋଟିଏ କୋମଳମତି ଶିଶୁକୁ ବୁଝେଇ ଦିଆଯାଇଛି। ଗଳ୍ପଟି ଏପରି ଥିଲା: ବିଚରା ହଳଦୀବସନ୍ତ ଚଢ଼େଇର ବସାଟିକୁ ହନୁମାଙ୍କଡ଼ ବାରମ୍ବାର ଭାଙ୍ଗିଦେଉଥିଲା, ଏଥିରେ ଅତିଷ୍ଠ ହୋଇ ହଳଦୀବସନ୍ତ ସେତେବେଳର ମୁଖିଆ ଭାଲୁକୁ ଗୁହାରି ହେଲା। ଭାଲୁ ଉଭୟ ପକ୍ଷଙ୍କ ଶୁଣାଣି କରି, ସମସ୍ତ ସାକ୍ଷୀଙ୍କ ଜେରା ପରେ ଦୁଷ୍ଟ ହନୁମାଙ୍କଡକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ସ୍ୱରୂପ ତା'କୁ ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ଆଦେଶ ଦେଲେ। କିନ୍ତୁ ବିଚାରରେ ଅସନ୍ତୁଷ୍ଟ ହୋଇ ହନୁମାଙ୍କଡ ବିଚାରପତିଙ୍କ ସାମ୍ନାରେ ଦଣ୍ଡାୟମାନ ହୋଇ କହିଲା, ଆପଣଙ୍କ ବିଚାର ଠିକ୍ ହୋଇନାହିଁ। ବିଚାର କରିବା ସମୟରେ ଆଗପଛ ଦେଖି ବିଚାର କରାଯାଏ, କିନ୍ତୁ ଆପଣ କେବଳ ଆଗକୁ ଚାହିଁ ବିଚାର କଲେ ? ଏହା ଶୁଣି ଭାଲୁ ବସିଥିବା ଚୌକିର ପଛ ଭାଗକୁ ଚାହିଁ ଦେଖିଲେ ଯେ ଗୋଟିଏ ବଡ଼ ପାଚିଲା ପଣସ ରଖାଯାଇଛି। ଭାଲୁ ପାଟିରୁ ଲାଳ ଗଡ଼ିଲା, ତେଣୁ ସଙ୍ଗେ ସଙ୍ଗେ ବିଚାର ବଦଳି ଗଲା , କହିଲେ, ଯଦିଓ ହନୁ ସେହି ଡାଳରେ ଖେଳାବୁଲା କରୁଛି, ଆଉ କ'ଣ ଭଲ ଡାଳ ନାହିଁ ? ସେହି ଗୋଟିଏ ଡାଳରେ ହଳଦୀବସନ୍ତ ବାରମ୍ବାର ବସା ବାନ୍ଧିବା ଠିକ୍ ନୁହେଁ, ତେଣୁ ତୁରନ୍ତ ସେଠାରୁ ସେ ଅନ୍ୟତ୍ର ଚାଲିଯିବାକୁ ଆଦେଶ ଦେଲେ ବିଚାରପତି ଭାଲୁ। ଛୋଟବେଳୁ ଆମକୁ ଲାଞ୍ଚ/ଦୁର୍ନୀତିର ସୁଫଳ ବିଷୟରେ ଶିକ୍ଷା ଦିଆଯାଇଛି। ଏବେ ଦୁର୍ନୀତି ଆମ ଜୀବନରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଅନେକ ସମୟରେ ଲାଞ୍ଚଦାତା ଓ ଲାଞ୍ଚଗ୍ରହୀତା ଉଭୟ ଖୁସି ଥାଆନ୍ତି, ତେଣୁ କିଛି ଅଭିଯୋଗ ହୋଇ ନ ଥାଏ। ସେମିତି ୧୯୭୮ ମସିହା ବେଳକୁ ଗ୍ରାମ୍ୟ ସ୍ତରରେ ମାଇଲ ମାଇଲ ଚାଲି ଗଲାପରେ ଜଣେ ଗେଜେଟେଡ ଅଫିସର ମିଳନ୍ତି, ତେଣୁ ଦସ୍ତାବିଜ ଆଟେଷ୍ଟେଡ କରିବା ପାଇଁ ଦଶ ଟଙ୍କା ଦେବାକୁ ପଡୁଥିଲା, ତେଣୁ କିଏ କାହିଁକି ମୁହଁ ଖୋଲିଥାଆନ୍ତା ? ଆଜି ମଧ୍ୟ ଜଣେ ସରକାରୀ ଅଫିସର ଚାରି କୋଟି ଟଙ୍କା ଲାଞ୍ଚ ନେବାଯାଏ କେହି ମୁହଁ ଖୋଲି ନ ଥିଲେ, କାରଣ ଉଭୟ ଖୁସିଥିଲେ। କିନ୍ତୁ ଚାଳିଶ ହଜାର ଟଙ୍କା ଲାଞ୍ଚ ଦେବାଲୋକର ଅସନ୍ତୁଷ୍ଟି ପାଇଁ ସେ ଦୁର୍ନୀତିଗ୍ରସ୍ତ ଅଫିସର ଆଜି ଜେଲରେ!

ଦୁର୍ନୀତି ସମାଜର ମୂଳଦୁଆକୁ ଦୁର୍ବଳ କରିଦିଏ। ଦୁର୍ନୀତର ସରଳ ଅର୍ଥ ହେଉଛି ,ନିଜର ସାର୍ଥ ସାଧନ



ପାଇଁ ଅନ୍ୟାୟ ବା ଅନୈତିକ ମାର୍ଗ ଆପଣେଇବା। ଭାରତ ପାଇଁ ଦୁର୍ନୀତି ଏକ ବଡ଼ ପ୍ରତିବନ୍ଧକ ଭାବେ ଠିଆ ହୋଇଛି, ଯାହା ଦେଶର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଛି। ଭାରତରେ ଦୁର୍ନୀତି ବୃଦ୍ଧିର ଅନେକ କାରଣ ଥାଇପାରେ, କିନ୍ତୁ ଏହା ଏକ ମାନସିକ ବ୍ୟାଧି କହିଲେ ଭୁଲ୍ ହେବ ନାହିଁ । ଦୁର୍ନୀତି କେବଳ ଏକ ସଂସ୍ଥାରେ ନୁହେଁ, ବରଂ ଏହା ଏକ ମାନସିକତା ଯାହା ସବୁଠି ବ୍ୟାପିଛି। ଏହାର ନିରାକରଣ ପାଇଁ ପ୍ରତିଟି ବିଭାଗରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ।

ଭାରତରେ ଦୁର୍ନୀତି କେବଳ ଲାଞ୍ଚ ନେବା ମଧ୍ୟରେ ସୀମିତ ନୁହେଁ, ଏହା ବିଭିନ୍ନ ରୂପରେ ଦେଖାଯାଏ, ଯଥା ସ୍ୱଜନପ୍ରୀତି: ନିଜର ଆତ୍ମୀୟସ୍ୱଜନଙ୍କୁ ଅଯୋଗ୍ୟ ହୋଇଥିଲେ ମଧ୍ୟ ଚାକିରି ବା ସୁବିଧା ପ୍ରଦାନ କରିବା। କଳାବଜାରୀ: ଜରୁରୀ ସାମଗ୍ରୀକୁ ମହଜୁଦ ରଖି ଚଢ଼ା ଦରରେ ବିକ୍ରି କରିବା। ଟିକସ ଚୋରି: ଦେଶର ରାଜସ୍ୱ ହାନି କରି ନିଜର ସମ୍ପତ୍ତି ବଢ଼ାଇବା। ନିର୍ବାଚନୀ ଦୁର୍ନୀତି: ଭୋଟ ପାଇଁ ଟଙ୍କା ବା ମଦ ବାଣ୍ଟିବା, ଯାହା ଗଣତନ୍ତ୍ରକୁ କଳଙ୍କିତ କରେ। ଦୁର୍ନୀତି ଯୋଗୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି ଗରିବ ଶ୍ରେଣୀର ଲୋକ।

ଦୁର୍ନୀତି ସମାଜର ପ୍ରତ୍ୟେକ ସ୍ତରରେ ଏବଂ ବିଭିନ୍ନ କ୍ଷେତ୍ରରେ ବ୍ୟାପି ରହିଛି। ଆମ ଦେଶରେ ବିଭିନ୍ନ କ୍ଷେତ୍ରରେ କିଛି ନା କିଛି ମାତ୍ରାରେ ଦୁର୍ନୀତି ଦେଖିବାକୁ ମିଳେ। ପ୍ରଶାସନିକ କ୍ଷେତ୍ର – ସାଧାରଣତଃ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସବୁଠାରୁ ଅଧିକ ଦୁର୍ନୀତିର ଅଭିଯୋଗ ଆସେ ଯଥା ଲାଇସେନ୍ସ, ଜମି ପଟ୍ଟା ବା ସରକାରୀ ପ୍ରମାଣପତ୍ର ପାଇଁ ଅର୍ଥ ଦାବି କରିବା, ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ହିତାଧିକାରୀଙ୍କ ପାଖକୁ ନ ପଠାଇ ମଧ୍ୟସ୍ଥମାନେ ହରିଲୁଟ କରିବା। ରାଜନୈତିକ କ୍ଷେତ୍ର –ଏହାକୁ ଦୁର୍ନୀତିର 'ଗଙ୍ଗୋତ୍ରୀ' ବୋଲି କୁହାଯାଏ, କାରଣ ଏଠାରୁ ଅନେକ ନୀତି ନିର୍ଦ୍ଧାରଣ ହୁଏ ଯଥା ଭୋଟ କିଣିବା ପାଇଁ ଅମାପ କଳାଧନର ବ୍ୟବହାର, ନିଜର ପ୍ରିୟ ଲୋକଙ୍କୁ ବଡ଼ ବଡ଼ ସରକାରୀ ଠିକା ବା ଟେଣ୍ଡର ପ୍ରଦାନ କରିବା। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର – ଏହା ଅତ୍ୟନ୍ତ ଚିନ୍ତାଜନକ, କାରଣ ଏହା ସମାଜର ଭବିଷ୍ୟତ ସହ ଜଡ଼ିତ ଯଥା ମେଡିକାଲ ବା ଇଞ୍ଜିନିୟରିଂ କଲେଜରେ ସିଟ୍ ପାଇଁ ଅହେତୁକ ଅର୍ଥ ଡୋନେଶନ ଦାବି କରିବା, ଶିକ୍ଷକ ବା ଅନ୍ୟାନ୍ୟ ପଦବୀ ପାଇଁ ଯୋଗ୍ୟତା ଅପେକ୍ଷା ଟଙ୍କାକୁ ଅଧିକ ପ୍ରାଧାନ୍ୟ ଦେଇ ଚାକିରି ବିକ୍ରି କରିବା। ନ୍ୟାୟପାଳିକା– ନ୍ୟାୟପାଳିକା ବିଷୟରେ ସମସ୍ତଙ୍କୁ ଜଣା, କିନ୍ତୁ ଏଠାର କହିବାର ସତନ୍ତ୍ରତା ନାହିଁ, ଆପଣ ବିଚାର କରିବେ!

ଦୁର୍ନୀତି ଯୋଗୁ ସମାଜରେ ଅସମାନତା ବୃଦ୍ଧି ପାଇଥାଏ। ଯୋଗ୍ୟ ବ୍ୟକ୍ତି ନିଜର ହକ୍ ପାଆନ୍ତି ନାହିଁ ଏବଂ ଅଯୋଗ୍ୟ ବ୍ୟକ୍ତି ଅର୍ଥ ବଳରେ ଉଚ୍ଚ ସ୍ଥାନ ହାସଲ କରନ୍ତି। ଏହା ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି ବିକାଶରେ ବାଧା ସୃଷ୍ଟି କରେ। ଭାରତ ବର୍ତ୍ତମାନ ବିଶ୍ୱର ଦୁର୍ନୀତି ସୂଚକାଙ୍କରେ ମଧ୍ୟଭାଗରେ ରହିଛି, ଯାହା ଆମ ପାଇଁ ଚିନ୍ତାର ବିଷୟ। ଦୁର୍ନୀତି ଦୂର କରିବା କେବଳ ସରକାରଙ୍କ କାମ ନୁହେଁ, ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ। 'ଲୋକପାଳ' ଏବଂ 'ଲୋକାୟୁକ୍ତ' ଭଳି ସଂସ୍ଥାକୁ ସକ୍ରିୟ କରି ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରାଯିବା ଦ୍ୱାରା ହୁଏତ କିଛିମାତ୍ରାରେ ଏହାର ସୁପ୍ରଭାବ ପଡ଼ିପାରେ । ଭାରତକୁ ଶକ୍ତିଶାଳୀ ଓ ବିକଶିତ ରାଷ୍ଟ୍ର ଭାବେ ଗଢ଼ିବାକୁ ହେଲେ ଆମକୁ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ପଡ଼ିବ। ଯଦି ପ୍ରତ୍ୟେକ ନାଗରିକ 'ଲାଞ୍ଚ ଦେବି ନାହିଁ କି ଲାଞ୍ଚ ନେବି ନାହିଁ' ବୋଲି ଶପଥ ନିଅନ୍ତି, ତେବେ ନିଶ୍ଚିତ ଭାବେ ଭାରତ ଏକ ଦୁର୍ନୀତିମୁକ୍ତ ଦେଶ ହୋଇପାରିବ।

ଶ୍ରୀରାମ ସଦନ, ଅରଗଳ, କେନ୍ଦ୍ରାପଡ଼ା
ମୋ: ୭୦୦୮୮୧୦୧୧୨

# ପାଠକ ଶ୍ରେଷ୍ଠ ବିଚାରକ

## ଶୀତଳଭଣ୍ଡାର ନିର୍ମାଣ କେବେ

ମହାଶୟ,

ଚାରିଆଡ଼େ ବାଜୁଛି ବିକାଶର ନାରା। ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ, ନୂଆ ଡବଲ ଇଞ୍ଜିନ ସରକାର ମଧ୍ୟ ସେଇ ଧାରାରେ ଚାଲିଥିବା ଅଭିଯୋଗ ହେଉଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ର 'ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି' ପରିସରରେ ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳଭଣ୍ଡାର ସରକାର ନିର୍ମାଣ ନ କରିବାକୁ ନେଇ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦରଦାମ୍ ବୃଦ୍ଧି ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ। ମୁଖ୍ୟତଃ ଆଳୁ, ବିଲାତି, ବାଇଗଣ, ଭେଣ୍ଡି, ଜହ୍ନି, ବିନ୍, କଲରା ଆଦି ପରିବା ଅଧିକ ଦାମ୍‌ରେ ବିକ୍ରି ହେଉଛି। ମାତ୍ର ଶୀତଳଭଣ୍ଡାର ଅଭାବରୁ ବଳକା ପନିପରିବା ପଚିଶଢ଼ି ନଷ୍ଟ ହେଉଛି। ଏଥିପାଇଁ ସତ୍ୟବାଦୀ(ସାକ୍ଷୀଗୋପାଳ) ଅଞ୍ଚଳର ଚାଷୀଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଫଳରେ ଚାଷ କରିବା ପାଇଁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅତିଶୀଘ୍ର ପନିପରିବାର ବଜାର ସୃଷ୍ଟି ପାଇଁ ଶୀତଳଭଣ୍ଡାର କରାଇପାରିଲେ ଚାଷୀଙ୍କ ମାନଦଣ୍ଡ ମଜଭୁତ ହୋଇପାରିବ, ଚାଷୀ ଉପକୃତ ହୋଇପାରନ୍ତେ।

–ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତ୍ୟାଗ ଓ ନିନ୍ଦା



ଦୀପ୍ତିମୟୀ ନାୟକ

ଆଜିର ସମାଜରେ ତ୍ୟାଗ କରିବ ତ ଭୋଗିବ। ଭୋଗିବାର ମାନେ ଆଉ କ'ଣ କି କେବଳ ନିନ୍ଦା। ଏହି ନିନ୍ଦା ସେତେବେଳେ ମିଳେ ଯେତେବେଳେ ମଣିଷର ସ୍ୱାର୍ଥ ପୂରଣ ହୋଇଯାଏ। ପ୍ରଥମତଃ ମୁଁ ଏକଥା ଏଠି କହିବି, ଯଦି ଆପଣ ଆପଣଙ୍କ ଜୀବନରେ କିଛି ତ୍ୟାଗ କରିଛନ୍ତି। ତା'ପରେ ପ୍ରଶଂସା ବଦଳରେ ଯଦି ଆପଣ ନିନ୍ଦା ପାଉଛନ୍ତି, ତେବେ ନିଶ୍ଚିନ୍ତ ଭାବରେ ବୁଝିଯାଆନ୍ତୁ ଆପଣ ଏପରି କିଛି ଭଲ କାମ କରିଛନ୍ତି ଯାହାକୁ ନିନ୍ଦୁକମାନେ ସହିପାରୁନାହାନ୍ତି। ସେମାନେ ତୁମର ପ୍ରଶଂସା କରିବା ବଦଳରେ ତୁମକୁ ନିନ୍ଦା କରୁଛନ୍ତି। ନିନ୍ଦା ହେଉଛି ସେହି ମୂଲ୍ୟ, ଯାହା ଜଣେ ମହାନ୍ ମଣିଷକୁ ଏହି ସ୍ୱାର୍ଥପର ଦୁନିଆରେ ରହିବା ପାଇଁ ହେଲେ ଦେବାକୁ ପଡିଥାଏ।

ତେବେ ମଣିଷ ଜନ୍ମହେବା ପରଠାରୁ ସମ୍ପର୍କ ଜାଲରେ ବାନ୍ଧି ହୋଇଛି, କିନ୍ତୁ ବିଡମ୍ବନାର ବିଷୟ ଆଜିର ଏହି ସ୍ୱାର୍ଥକୈନ୍ଦ୍ରିକ ସମାଜରେ ତ୍ୟାଗର ମୂଲ୍ୟ ପ୍ରଶଂସା ନୁହେଁ ବରଂ ନିନ୍ଦାରେ ମପାଯାଏ। ଯଦି ଆମେ ତ୍ୟାଗର ସଂଜ୍ଞାକୁ ଖୋଜିବା ତେବେ ଜାଣିପାରିବା ତ୍ୟାଗରେ ଆଶା ନ ଥାଏ। ଯେମିତି କି ଜଣେ ମା' ନିଜ ସନ୍ତାନ ପାଇଁ ନିଜର ନିଦ, ଭୋକ ଓ ସ୍ୱପ୍ନକୁ ତ୍ୟାଗ କରିଥାଏ। ଜଣେ ବାପା ନିଜର ସୁଖ–ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ପରିବାରର ବୋଝ ମୁଣ୍ଡାଇ ଥାଆନ୍ତି। କିନ୍ତୁ ସମୟଚକ୍ରରେ ଯେତେବେଳେ ସେହି ସନ୍ତାନ ବଡ଼ ହୁଏ କିମ୍ବା ଏ ସମାଜର କୌଣସି ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ହୋଇଥାଏ, ସେତେବେଳେ ସେ ତା'ର କର୍ତ୍ତବ୍ୟ ଭୁଲିଯାଏ। ହୁଏତ ସବୁ ପିଲା ସମାନ ନୁହନ୍ତି, କିନ୍ତୁ କିଛି ପିଲା ନିଜ ମା'ବାପାଙ୍କ ତ୍ୟାଗର ମହତ୍ତ୍ୱ ବୁଝି ନ ଥାନ୍ତି। ଓଲଟା କହିଦେଇଥାନ୍ତି ତୁମେ ଆମ ପାଇଁ କ'ଣ କରିଛ। ଆଉ ଏହିକଥା ଶୁଣି କିଛି ମା'ବାପା କହିଥାଆନ୍ତି ସ୍ୱାର୍ଥର ପୂରଣ ନିନ୍ଦାର ଆରମ୍ଭ। ସେମାନଙ୍କୁ କଷ୍ଟ ହୁଏ। ହେଲେ ସେମାନେ କଷ୍ଟକୁ ସହିଯାଆନ୍ତି। ଆଉ କୁହନ୍ତି ଏମାନଙ୍କୁ ଏତେ କଷ୍ଟରେ ଛୋଟଟିରୁ ବଡ଼ କଲୁ ଆଉ କି କଷ୍ଟ। ଏମାନେ ଭଲରେ ରୁହନ୍ତୁ। ଏମାନଙ୍କ ଉପରେ ଆମ ଅଶାନ୍ତି କେବେ ନ ପଡୁ। କାହିଁକି ନା ମା'ବାପା କେବେ ନିଜ ପିଲାର ଖରାପ ଚିନ୍ତା କରନ୍ତିନି କି ସେମାନେ ନିଜ ତ୍ୟାଗର ପ୍ରଶଂସା ପାଇବାକୁ ଆଶା କରନ୍ତିନି। ହେଲେ ଯେଉଁ ମା'ବାପାଙ୍କ ପିଲା ଭଲ ହୋଇଥାଏ ବୋଧହୁଏ ସେ ମା'ବାପାଙ୍କୁ ତାଙ୍କ ତ୍ୟାଗର ଫଳ ମିଳିଥାଏ।

ତେବେ ଏହି ନିନ୍ଦାର ଆରମ୍ଭ କେବଳ କିଛି ପରିବାରରେ ସୀମିତ ନ ଥାଏ। ଏହି ନିନ୍ଦାର ଆରମ୍ଭ ସବୁଠି ହୋଇଥାଏ, ଯେଉଁଠି ଲୋକଙ୍କ ସ୍ୱାର୍ଥ ପୂରଣ ହୋଇଥାଏ। ଖୁବ୍ କମ୍ ଲୋକ ଅନ୍ୟର ତ୍ୟାଗକୁ ବୁଝନ୍ତି। ଅନ୍ୟର ତ୍ୟାଗକୁ ବୁଝିବାକୁ ହେଲେ ଯେଉଁ ମାନସିକତା ଦରକାର ତାହା ସମସ୍ତଙ୍କ ପାଖରେ ନ ଥାଏ। ତେଣୁ ଆପଣ ଯଦି କାହାଠାରୁ ନିନ୍ଦା ଶୁଣୁଛନ୍ତି ତେବେ ମନଦୁଃଖ କରନ୍ତୁନି। ନିନ୍ଦା ଏକ ପରମ୍ପରା ବୋଲି ଭାବିଦିଅନ୍ତୁ। ଯେମିତି କି ଯଦି ଆମେ ପୁରାଣକୁ ଦେଖିବା ଭଗବାନ ରାମଚନ୍ଦ୍ର ନିଜ ପିତାଙ୍କ ସତ୍ୟ ରକ୍ଷା ପାଇଁ ରାଜସୁଖ ତ୍ୟାଗକରି ବନବାସ ଗଲେ। କିନ୍ତୁ ଶେଷରେ ତାଙ୍କୁ ମଧ୍ୟ ନିନ୍ଦା ସହିବାକୁ ପଡିଲା। ସେହିପରି ମହାଦାନୀ କର୍ଣ୍ଣ ନିଜର କବଚ–କୁଣ୍ଡଳ ତ୍ୟାଗ କରିବା ପରେ ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିଲା। ଏଥିରୁ ବୁଝିବାକୁ ପଡିବ ଯେ ତ୍ୟାଗୀକୁ ନିନ୍ଦା ମିଳିବା ଏକ ପୁରୁଣା ପରମ୍ପରା। ଯଦିଓ ନିନ୍ଦା କଷ୍ଟଦାୟକ କିନ୍ତୁ ତ୍ୟାଗ ଏକ ଆତ୍ମସନ୍ତୋଷ। ତ୍ୟାଗ କରୁଥିବା ଲୋକଙ୍କ ମନରେ ଯେଉଁ ଶାନ୍ତି ଥାଏ, ଅନ୍ୟକୁ ନିନ୍ଦା ଦେଉଥିବା ଲୋକ ମନରେ ସେହି ଶାନ୍ତି ନ ଥାଏ। ହୁଏତ ନିନ୍ଦୁକ ଅନ୍ୟର ନିନ୍ଦା କରି କିଛି ସମୟ ପାଇଁ ତାକୁ ଖୁସି ମିଳିଥାଏ। କିନ୍ତୁ ସେ ବି କେଉଁଠି ନା କେଉଁଠି ନିଜର ଭଲ କାମକୁ ବି ବିଗାଡି ଦେଇଥାଏ। ଯେଉଁଥିପାଇଁ ସେ ମଧ୍ୟ ଅନେକ ସମୟରେ ମାନସିକ ଅଶାନ୍ତିରେ ରହିଥାଏ।

ଶେଷରେ ଏତିକି କହିବି ତ୍ୟାଗ କରୁଥିବା ମଣିଷ ହାରେନି କିନ୍ତୁ ତ୍ୟାଗୀକୁ ନିନ୍ଦା କରୁଥିବା ମଣିଷ ହାରିଯାଏ। କାହିଁକି ନା ତ୍ୟାଗୀ ମଣିଷର ସବୁଠାରୁ ବଡ଼ ସଂଘର୍ଷ ହୋଇଥାଏ ତା' ନୀରବତା। ହୁଏତ ସେ ନିଜର ଦୁଃଖ କାହାକୁ କହିପାରେନା। କିନ୍ତୁ ଅନ୍ତରରୁ କୁହେ କାହିଁକି ଏତେ ଯନ୍ତ୍ରଣା। ତ୍ୟାଗର ମୂଲ୍ୟ ଯଦିଓ ସମସ୍ତେ ବୁଝିବେନି କିନ୍ତୁ ଯେଉଁମାନେ ଅନ୍ୟର ତ୍ୟାଗକୁ ବୁଝିବେ ସେମାନେ ଅନ୍ତରରୁ ଶାନ୍ତି ପାଇବେ। ତେଣୁ ଏଇଠୁ ବୁଝିଯାଆନ୍ତୁ ଯଦି ଆପଣ ତ୍ୟାଗୀର ତ୍ୟାଗକୁ ଦେଖି ତାଙ୍କୁ ଟିକେ ପ୍ରଶଂସା କରିପାରୁନାହାନ୍ତି ତାହାହେଲେ କାହିଁକି ସେମାନଙ୍କର ନିନ୍ଦା କରୁଛନ୍ତି। ସେମାନେ ତ ତୁମଭଳି ଜଣେ ଜଣେ ମଣିଷ। ଅନ୍ୟର ପ୍ରଶଂସା କରନ୍ତୁ ଦେଖିବେ ସେଥିରେ ଯେଉଁ ମଜାଥାଏ ତାହା ଅନ୍ୟର ନିନ୍ଦା କରିବାରେ ନ ଥାଏ। କାହିଁକି ନା ପ୍ରଶଂସା ହେଉଛି ଏକ ଶାନ୍ତିର ପ୍ରତୀକ ଆଉ ନିନ୍ଦା ହେଉଛି ଅଶାନ୍ତିର ପ୍ରତୀକ।

ଭୁବନେଶ୍ୱର, ଅନ୍ଧାରୁଆ
ମୋ:୯୦୯୦୬୬୧୫୮୬

## ଚିରନ୍ତନୀ

ଏ ପାରୁଁ ବାରତା ମୋର ପଠାଏଁ ପବନେ
ଲାଗଇ କି ସେ ବାରତା ତା'ର ଅପଘନେ
ସେ ବାରତା ପୂରେ ତା'ର ରଚଇ କି ହାହାକାର
କାତର ନିଃଶ୍ୱାସ ସମ ଲାଗେ କି ନୟନେ
ଯେ ବାରତା ପଠାଏଁ ପବନେ ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନନ୍ଦ ଅର୍ବାନରାଇଜ୍ସ ଏଲ୍ଏଲ୍ପିର ନୂଆ ୟାମାହା ଶୋ'ରୁମ୍

ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)



ନନ୍ଦ ଅର୍ବାନରାଇଜ୍ସ ଏଲ୍ଏଲ୍ପି ପକ୍ଷରୁ ଏକ ନୂଆ ୟାମାହା ଶୋ'ରୁମ୍ ଭୁବନେଶ୍ୱର-ପୁରୀ ବାଇପାସ୍ ରୋଡ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଆଇୱାଇଏମ୍‌ର ନିର୍ଦ୍ଦେଶକ ସେଟୋଗାୱା ହିରୋସି ଉପସ୍ଥିତ ରହି ଶୋ'ରୁମ୍ ଉଦ୍‌ଘାଟନ କରିଥିଲେ। ନନ୍ଦ ଅର୍ବାନରାଇଜ୍ସ ଏଲ୍ଏଲ୍ପିର ପରିଚାଳନା ନିର୍ଦ୍ଦେଶକ ଦେବେଶ ପ୍ରସାଦ ନନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଏହି ନୂତନ ଶୋ'ରୁମ୍ ଜାପାନୀ ଇଞ୍ଜିନିୟରିଂର ଉତ୍କୃଷ୍ଟତା, ଆଧୁନିକ ଡିଜାଇନ ଓ ନବୀନ ଚିନ୍ତାଧାରାର ସମନ୍ୱୟରେ ଗ୍ରାହକମାନଙ୍କୁ ଏକ ବିଶିଷ୍ଟ ଓ ଆକର୍ଷଣୀୟ ଅନୁଭୂତି ପ୍ରଦାନ କରିବ। ୟାମାହା ବ୍ରାଣ୍ଡର ଗୁଣବତ୍ତା, ନିପୁଣତା ଓ ନବୀନତାକୁ ନିକଟରୁ ଅନୁଭବ କରିବା ପାଇଁ ଏକ ଆଧୁନିକ ଓ ସୁବିଧାସମ୍ପନ୍ନ ପ୍ଲାଟ୍‌ଫର୍ମ ଭାବେ ଏହାକୁ ପ୍ରସ୍ତୁତ କରାଯାଇଛି। ଏଠାରେ ଗ୍ରାହକମାନେ ୟାମାହା ଦୁଇଚକିଆ ଯାନର ଉନ୍ନତ ସେବା ଓ ଉତ୍କୃଷ୍ଟ ଶୋ'ରୁମ୍ ଉଭୟର ଅନୁଭୂତି ପାଇପାରିବେ। ଶୋ'ରୁମ୍‌ର ମାର୍କେଟିଂ ମ୍ୟାନେଜର ଶ୍ରୀମୟ ମିଶ୍ର କହିଛନ୍ତି, ଉକ୍ତ ଶୋ'ରୁମ୍ ଦ୍ୱାରା ଭୁବନେଶ୍ୱର ସମେତ ପୁରୀ ଓ କଟକର ଗ୍ରାହକ ମଧ୍ୟ ଉପକୃତ ହେବେ। ଏଠାରେ ୟାମାହାର ଆର୍‌ୱାନ୍‌୫, ଏମ୍‌ଟି ୧୫, ଏକ୍ସଏସଆର୍‌୧୫୫, ଫ୍ୟାଶିନୋ, ଏଫ୍‌ଜେଡ୍‌ଏକ୍ସ ସହ ଅନ୍ୟାନ୍ୟ ମଡେଲ ଉପଲବ୍ଧ ରହିଛି। ଗ୍ରାହକମାନେ ଶୋ'ରୁମ୍‌ର ସିଲେକ୍ସନ ଜୋନ୍‌ରେ ଗାଡ଼ିର ମଡେଲ ଚୟନ ସହ ଫଟୋ ଉଠାଇବା ଆଦି ସୁବିଧା ପାଇବେ। ପ୍ରାରମ୍ଭିକ ଭାବେ ଗାଡ଼ିର ପ୍ରଥମ ସର୍ଭିସିଂ ଚାର୍ଜରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଆର୍‌ଏମ୍ ମୋଟର୍ସର ପ୍ରୋବାଇକିଂ ଶୋ'ରୁମ୍



ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)

ଆର୍‌ଏମ୍ ମୋଟର୍ସ ପକ୍ଷରୁ ସମ୍ବଲପୁର ପଡ଼ିଆପଲ୍ଲୀରେ ନୂଆ ପ୍ରୋବାଇକିଂ ଶୋ'ରୁମ୍ ଉଦ୍‌ଘାଟିତ ହୋଇଯାଇଛି। ଏଠାରେ ମୋଟରସାଇକେଲ ବ୍ରାଣ୍ଡ କେଟିଏମ୍ ଓ ଟ୍ରିୟୁମ୍ଫ (triumph) ମୋଟର ସାଇକେଲ ଉପଲବ୍ଧ ହେବ। ଉଦ୍‌ଘାଟନ ଉତ୍ସବରେ ପରିଚାଳନା ନିର୍ଦ୍ଦେଶକ ରଜେଶ ମହାପାତ୍ର, ସର୍କଲ ସର୍ଭିସ୍ ହେଡ୍ ହିମାଂଶୁ ପ୍ରସାଦ ମିଶ୍ର ଏବଂ ଏରିଆ ସର୍ଭିସ୍ ମ୍ୟାନେଜର ଆଶିଷ ବିକାଶ ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି ପ୍ରୋବାଇକିଂ ଶୋ'ରୁମ୍‌ରେ କେଟିଏମ୍ ଓ ଟ୍ରାଇଆମ୍ଫର ରୋମାଞ୍ଚକର ମଡେଲଗୁଡ଼ିକ ପ୍ରଦର୍ଶିତ ହୋଇଛି। ଟ୍ରିୟୁମ୍ଫ୍‌ର ଲୋକପ୍ରିୟ ମଡେଲ ସ୍ପିଡ୍ ୪୦୦ ଓ ସ୍କ୍ରାମ୍ବଲର ୪୦୦ଏକ୍ସ ସହିତ କେଟିଏମ୍‌ର ଡ୍ୟୁକ୍, ଆର୍‌ସି ଏବଂ ଆଡଭେଞ୍ଚର ସିରିଜ ଉପଲବ୍ଧ ରହିଛି। ଶୋ'ରୁମ୍‌ଟି ଗ୍ରାହକମାନଙ୍କୁ ପ୍ରିମିୟମ ଅଭିଜ୍ଞତା ପ୍ରଦାନ କରିବା ସହ ବୃତ୍ତିଗତ ସର୍ଭିସ୍ ସମର୍ଥନ ଏବଂ ଅରିଜିନାଲ ଆକ୍ସେସରିଜ ମଧ୍ୟ ଯୋଗାଇଦେବ। ଅନୁଷ୍ଠାନର ଜେନେରାଲ ମ୍ୟାନେଜର ମାନସ ମହାନ୍ତି କହିଥିଲେ, ଏହି ନୂଆ ପ୍ରୋବାଇକିଂ ଶୋ'ରୁମ୍ ସମ୍ବଲପୁର ଓ ଆଖପାଖ ଅଞ୍ଚଳର ବାଇକ୍ ଚାଳକମାନଙ୍କ ପାଇଁ ଏକ ନୂଆ ଅଧ୍ୟାୟ ଖୋଲିବ। ବ୍ରାଞ୍ଚ ମ୍ୟାନେଜର ଗୁରୁଦେବ ପ୍ରଧାନ କହିଥିଲେ, ଏଠାରେ ଗ୍ରାହକମାନେ ବିଶ୍ୱସ୍ତରୀୟ ମୋଟରସାଇକେଲ, ବିଶେଷଜ୍ଞ ପରାମର୍ଶ ପାଇବେ।

# ପତଞ୍ଜଳିରେ ଜେବ୍ରାଫିସ୍, ଡ୍ରୋସୋଫିଲା ପ୍ରୟୋଗଶାଳା

ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)

ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନରେ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ଦ୍ୱାରା ଅତ୍ୟାଧୁନିକ ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା (ଫଳମାଛି) ଅନୁସନ୍ଧାନ ପ୍ରୟୋଗଶାଳାର ଉଦ୍‌ଘାଟନ କରାଯାଇଛି। ଏହି ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ପ୍ରୟୋଗଶାଳା ଆଧୁନିକ ଜୈବ-ଚିକିତ୍ସା ଅନୁସନ୍ଧାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଭାବେ ଗଣନା କରାଯାଉଛି, ଯାହା ଔଷଧୀୟ ଉଦ୍ଭିଦ ଏବଂ ଆୟୁର୍ବେଦିକ ଔଷଧଗୁଡ଼ିକର ବୈଜ୍ଞାନିକ ମୂଲ୍ୟାଙ୍କନକୁ ନୂଆ ଦିଗ ପ୍ରଦାନ କରିବ। ମନୁଷ୍ୟମାନଙ୍କ ସହିତ ଆନୁବଂଶିକ ସାମଞ୍ଜସ୍ୟ କାରଣରୁ ଜେବ୍ରାଫିସ୍ ଏବଂ ଡ୍ରୋସୋଫିଲା ଜୈବ ଚିକିତ୍ସା ଅନୁସନ୍ଧାନରେ ଏକ ଶକ୍ତିଶାଳୀ ମଡେଲ ଜୀବ ଭାବେ ଉଭା ହୋଇଛନ୍ତି। ଜେବ୍ରାଫିସ୍‌ର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟରେ ପାରଦର୍ଶୀ ଗଠନ ଏବଂ ଦ୍ରୁତ ପ୍ରଜନନ କ୍ଷମତା, ସେହିପରି ଡ୍ରୋସୋଫିଲା ମାଛିଗୁଡ଼ିକର କ୍ଷୁଦ୍ର ଜୀବନଚକ୍ର କାରଣରୁ ଏହି ଜୀବଗୁଡ଼ିକ ରୋଗ ପ୍ରକ୍ରିୟା, ବିଷକ୍ରିୟା ଏବଂ ଔଷଧ ଆବିଷ୍କାର ଅନୁସନ୍ଧାନରେ ଅତ୍ୟନ୍ତ ଉପଯୋଗୀ ବୋଲି ବିବେଚନା କରାଯାଏ। ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଭାରତର ପ୍ରାଚୀନ ଆୟୁର୍ବେଦିକ ପରମ୍ପରାରେ ଅପାର ଜ୍ଞାନର ଭଣ୍ଡାର ରହିଛି, ଯାହାକୁ ଆଧୁନିକ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ପ୍ରମାଣିତ କରିବା ସମୟର ଆବଶ୍ୟକତା। ସେ କହିଛନ୍ତି, ସନାତନ ଋଷିମାନଙ୍କର ବିଦ୍ୟା, ବୈଦିକ ଚେତନା, ଊର୍ଜା ଏବଂ ଭାରତର ସ୍ୱର୍ଣ୍ଣିମ କାଳକୁ ପୁନଃ ସ୍ଥାପନ କରିବା ଏବଂ ଏଗୁଡ଼ିକୁ ବିଶ୍ୱ ଆଗରେ ସାକ୍ଷ୍ୟ ସହ ଆଧୁନିକ ଅନୁସନ୍ଧାନ କୌଶଳ ମାଧ୍ୟମରେ ଉପସ୍ଥାପନ କରିବାର କାର୍ଯ୍ୟ ପତଞ୍ଜଳି କରୁଛି।

# ଓପିଟିସିଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ମାସ ଉଦ୍‌ଯାପିତ



ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)

ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ସୁରକ୍ଷାକୁ ଗୁରୁତ୍ୱ ଦେଇ ୫୫ତମ ଜାତୀୟ ସୁରକ୍ଷା ମାସର ଉଦ୍‌ଯାପନ ଦିବସ ପାଳନ କରିଛି। ଓପିଟିସିଏଲ୍‌ର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ଭାସ୍କର ଶର୍ମା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓପିଟିସିଏଲ୍‌ର ନିର୍ଦ୍ଦେଶକ(ଅପରେଶନ୍ସ) ପ୍ରଶାନ୍ତ କୁମାର ପଟ୍ଟନାୟକ, ଗ୍ରୀଡ୍‌କୋର ନିର୍ଦ୍ଦେଶକ (କମର୍ସିଆଲ) ଦେବାଶିଷ ଦାସ, ମୁଖ୍ୟ ମହାପ୍ରବନ୍ଧକ (ପରିଚାଳନା ଓ ରକ୍ଷଣାବେକ୍ଷଣ) ଏଲ୍.କେ. ପଣ୍ଡା, ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା) ଦିଲୀପ କୁମାର ମହାନ୍ତି, ଓ ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ଅନିତା ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା ଓଡ଼ିଆ ଓ ଇଂରାଜୀରେ ସ୍ଲୋଗାନ ଲେଖନ, ସେଫ୍ଟି ପୋଷ୍ଟର ପ୍ରତିଯୋଗିତା, ସୁରକ୍ଷା ପ୍ରଚଳନ ପାଇଁ ସର୍ବଶ୍ରେଷ୍ଠ ଗ୍ରୀଡ୍ ସବ୍‌ଷ୍ଟେଶନ ଏବଂ ସର୍ବଶ୍ରେଷ୍ଠ ସେଫ୍ଟି ଇଞ୍ଜିନିୟର ଓ ସର୍ବଶ୍ରେଷ୍ଠ ଟେକ୍ନିସିଆନ୍ ପୁରସ୍କାରର ବିଜେତାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସୁରକ୍ଷା ସଚେତନତାକୁ ପ୍ରୋତ୍ସାହନ ଦେବାରେ ତାଙ୍କ ସକ୍ରିୟ ଅବଦାନ ପାଇଁ ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଉପମହାପ୍ରବନ୍ଧକ(ଇଲେକ୍ଟ୍ରିକାଲ) ଶେଷରେ ମୃତ୍ୟୁଞ୍ଜୟ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ଛତୁଚାଷ



ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)

## ବେଦାନ୍ତ ଆଲୁମିନିୟମର ପ୍ରୟାସ

ବେଦାନ୍ତ ଆଲୁମିନିୟମ, ଏହାର ଗୋଷ୍ଠୀ ଜୀବିକା କାର୍ଯ୍ୟକ୍ରମ ଅଧୀନରେ ରାୟଗଡ଼ା ଜିଲାର କାଶୀପୁର ବ୍ଲକ୍‌ର ସୁଙ୍ଗେର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡୁମେରପଦର ଏବଂ ପୋରଲୋଙ୍ଗ ଗ୍ରାମରେ ପ୍ରଥମ ଛତୁଚାଷ ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପର ଅଂଶବିଶେଷ ଭାବେ ୭୦ ଜଣ ମହିଳା ହିତାଧିକାରୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ଛତୁଚାଷ, ଶଯ୍ୟା ପ୍ରସ୍ତୁତି, ପରିଷ୍କାର ପରିଚ୍ଛନ୍ନତା ଏବଂ ଛତୁ ଅମଳ ବୃଦ୍ଧିକୁ ବଜାୟ ରଖିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଚାଷ ଆରମ୍ଭ କରିବା ପାଇଁ ଦୁଇଟି ଛତୁ ଶଯ୍ୟା ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ଅଙ୍କୁରୋଦ୍‌ଗମ ଠାରୁ ଅମଳ ପର୍ଯ୍ୟନ୍ତ ସୁରୁଖୁରୁରେ ଅଗ୍ରଗତି କରାଯାଇ ପାରିଥିଲା। ବେଦାନ୍ତ ଆଲୁମିନିୟମ ୧ବର୍ଷ ମଧ୍ୟରେ ଏହାକୁ ୧୦,୦୦୦ ଶଯ୍ୟାକୁ ବୃଦ୍ଧି କରିବାକୁ ଯୋଜନା କରିଛି, ଯାହାକୁ ନିୟମିତ ସମର୍ଥନ, ସମୟୋଚିତ ସାମଗ୍ରୀ ଯୋଗାଣ, ଶଯ୍ୟା ବିତରଣ ଏବଂ ବଜାର ସୁବିଧା ଦ୍ୱାରା ସମର୍ଥନ ଜାରି ରହିବ।

# ବଲାଙ୍ଗୀରରେ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ନୂଆ ଶାଖା

ଭୁବନେଶ୍ୱର, ୧୧।୩(ଅନୁରାଧା ମହାରଣା)

ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ପକ୍ଷରୁ ବଲାଙ୍ଗୀରରେ ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ପ୍ରବନ୍ଧକ ନିର୍ଦ୍ଦେଶକ ଓ ପ୍ରଧାନ କାର୍ଯ୍ୟନିର୍ବାହୀ ସ୍ୱରୂପ କୁମାର ଶାହା ତାଙ୍କର ଓଡ଼ିଶା ଗସ୍ତ ସମୟରେ ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶାହା କହିଥିଲେ, ଓଡ଼ିଶାରେ ବ୍ୟାଙ୍କର ନେଟ୍‌ୱର୍କକୁ ଆହୁରି ବୃଦ୍ଧି କରିବା ସହ ଲୋକମାନଙ୍କ ପାଖକୁ ସୁବିଧାଜନକ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଇବା ପାଇଁ ବ୍ୟାଙ୍କ ପ୍ରତିବଦ୍ଧ। ରାଜ୍ୟର ଆର୍ଥିକ ଉନ୍ନତିରେ କୃଷି ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟମ ଖାତାର ଗୁରୁତ୍ୱ ଥିବାରୁ ବ୍ୟାଙ୍କ ଏହି ଖାତାଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନରେ ବିଶେଷ ଗୁରୁତ୍ୱ ଦେଉଛି। ସେ ଆହୁରି ମଧ୍ୟ କହିଥିଲେ, କୃଷକ, କ୍ଷୁଦ୍ର ଉଦ୍ୟୋଗୀ ଓ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହନ ଓ ଆର୍ଥିକ ସହଯୋଗ ଦେବାରେ ବ୍ୟାଙ୍କ ଗୁରୁତ୍ୱ ପ୍ରଦାନ କରୁଛି। ବଲାଙ୍ଗୀରରେ ଆରମ୍ଭ ହୋଇଥିବା ଏହି ନୂତନ ଶାଖା ଦ୍ୱାରା ସ୍ଥାନୀୟ ଲୋକମାନେ, କୃଷକ ଓ ଉଦ୍ୟୋଗୀମାନେ ସହଜରେ ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ ଏବଂ ଏହା ଉକ୍ତ ଅଞ୍ଚଳର ଆର୍ଥିକ କାର୍ଯ୍ୟକଳାପକୁ ଆହୁରି ଗତିଶୀଳ କରିବ।

# ମହିଳାଙ୍କ ପାଇଁ ବିଓବିର ସ୍ୱତନ୍ତ୍ର ସେଭିଂସ୍ ଆକାଉଣ୍ଟ

ଭୁବନେଶ୍ୱର, ୧୧।୩
(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ପକ୍ଷରୁ ମହିଳାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ସେଭିଂସ ଆକାଉଣ୍ଟ 'ବବ୍ ୱିମେନ୍ ସାଫାୟାର ସେଭିଂସ ଆକାଉଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏହି ଆକାଉଣ୍ଟ ଅନ୍ତର୍ଗତ ୧୦ ଲକ୍ଷ ଟଙ୍କାର କର୍କଟ ରୋଗ ଚିକିତ୍ସା କଭରେଜ, ୬ ଜଣ ପରିବାର ସଦସ୍ୟଙ୍କ ପାଇଁ ମାଗଣା ଅନ୍‌ଲାଇନ ଡାକ୍ତର ପରାମର୍ଶ ଏବଂ ମେଡିସିନ୍ ଓ ପାଥୋଲୋଜି ପରୀକ୍ଷାରେ ରିହାତି ସମେତ ଅନେକ ସ୍ୱାସ୍ଥ୍ୟଗତ ସୁବିଧା ଉପଲବ୍ଧ ରହିଛି। ଏଥିରେ ବବ୍ ଭୂମି ରୂପେ ସିଲେକ୍ଟ ଡେବିଟ୍ କାର୍ଡର ସୁବିଧା ରହିଛି। ଏହା ମାଧ୍ୟମରେ ଦେଶୀୟ ବିମାନ ବନ୍ଦର ଲାଉଞ୍ଜ ପ୍ରବେଶ, ନିଃଶୁଳ୍କ ଜିମ୍ ସଦସ୍ୟତା, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଓଟିଟି ସବ୍‌ସ୍କ୍ରିପ୍‌ସନ୍ ପରି ପ୍ରିମିୟମ ଲାଇଫ୍‌ଷ୍ଟାଇଲ୍ ସୁବିଧା ମିଳିବ। ଆକାଉଣ୍ଟଧାରୀମାନେ ବିଓବି କାର୍ଡ ଟିଆରା କ୍ରେଡିଟ୍ କାର୍ଡ ଉପରେ ପ୍ରଥମ ବର୍ଷର ଫି ର ୫୦% ରିହାତି ରିୱାର୍ଡ ପଏଣ୍ଟ ରୂପେ ପାଇବେ। ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ଚାନ୍ଦ କହିଛନ୍ତି , ପ୍ରିମିୟମ ବ୍ୟାଙ୍କିଙ୍ଗ୍ ଏବଂ ଜୀବନଶୈଳୀ ସୁବିଧା ସହିତ ମହିଳାମାନଙ୍କ ବିକଶିତ ଆକାଂକ୍ଷାକୁ ପୂରଣ କରିବା ସହ ଉଚ୍ଚ ମୂଲ୍ୟର ଡିପୋଜିଟ୍ ବର୍ଗ ସହିତ ସମ୍ପର୍କକୁ ଆହୁରି ସୁଦୃଢ କରିବା ବ୍ୟାଙ୍କର ଲକ୍ଷ୍ୟ ରହିଛି।


## वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

लापता: आवश्यक सूचना



गुमशुदा महिला चम्पा सबर, उम्र–करीब 18 वर्ष।

उपरोक्त प्रसंग एवं विषय के संबंध में सूचित करना है कि आवेदक सह पति कृष्णा पातर के द्वारा अपनी पत्नी चम्पा सबर, उम्र–करीब 18 वर्ष की गुमशुदगी के संबंध में संबंधित थाना चाकुलिया में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा चम्पा सबर, उम्र–करीब 18 वर्ष, पति–कृष्णा पातर, पता–ग्राम–नरसिंहपुर, पो0–माटियाबांधी, थाना–चाकुलिया, जिला–पूर्वी सिंहभूम, जमशेदपुर जो दिनांक–23.02.2026 को अपने घर से बिना बताये निकली है अभी तक वापस नहीं लौटी है। आवेदक एवं इनके परिजनों के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका। गुमशुदा महिला का हुलिया निम्न प्रकार है :–उम्र–18 वर्ष, कद–04 फीट 06 इंच, रंग–सांवला, बाल–काला, पहनावा–साड़ी, भाषा–बंगला।

अतः अनुरोध है कि गुमशुदा महिला चम्पा सबर, उम्र–करीब 18 वर्ष को खोजबीन / पता कराने हेतु कम से कम तीन राष्ट्रीय स्तर के समाचार पत्रों एवं तीन राज्य स्तर के समाचार पत्रों में प्रकाशित कराये जाने का कष्ट किया जाय।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदा0, घाटशिला : 9431706485
थाना प्रभारी, चाकुलिया : 9431706520

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 374690 Police (25-26)_D

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108



## GOVERNMENT OF JHARKHAND
Office of the Executive Engineer
Irrigation Division, Jasidih Camp-Deoghar

E-Procurement Tender Notice

Tender Reference No. :- WRD/Irr. Div., Jasidih camp-Deoghar/ SBD-IFB-01/2025-26 Dt :11.03.2026

| | | |
|---|---|---|
| 1. | Name of the work | Construction of CD at ch. 1715/1709, ch. 1754/1748, ch. 1784/1778, ch. 1843 & ch. 2064.00, DLR Bridge at ch. 1728, ch. 1747/1750 & ch. 2000.00 and SLR Bridge at ch. 1824.00 of Punasi Main Canal |
| 2. | Estimated Cost (Rs.) | Rs. 06,70,24,396.07 (Rs. Six crore seventy lakh twenty four thousand three hundred ninty six and seven paisa) only/- |
| 3. | Time of Completion | 360 Days |
| 4. | Last date & Time for receipt of bids | 06.04.2026 Up to 5:00 P.M. |
| 5. | Date of Publication of Tender on website | 16.03.2026 01:00 P.M. |
| 6. | Name & address of office Inviting tender | Executive Engineer Irrigation Division, Jasidih Camp-Deoghar |
| 7. | Contact no. of Procurement officer | 097710-63448 |
| 8. | Helpline number of e-Procurement cell | 06432-232477 |

Note :- Only E-Tender will be accepted
Further details can be seen on website http://jharkhandtenders.gov.in

Executive Engineer
Irrigation Division, Jasidih Camp-Deoghar

PR 374711 Water Resource(25-26)§D



## OFFICE OF THE PURI MUNICIPALITY, PURI
Phone-06752 222122, e-mail-purim.hud@nic.in

No.2358 /Date: 10.03.2026

QUOTATION CALL NOTICE 2026-27

No.13001/570/2526 : Sealed quotations are invited from the intending persons/ Agencies for auction of different Sairat Mahals of Puri Municipality for the financial year 2026-27. The intending persons/agencies are required to visit the website: www.purimunicipality.nic.in & www.puri.nic.in and download the auction papers along with the terms and conditions between from dt.11.03.2026, 10 A.M. to dt.19.03.2026 up to 5 P.M. The quotation must reach the office of the undersigned by registered post/speed post on or before dt.19.03.2026 by 5 P.M. and will be opened on dt.20.03.2026 at 11.00 A.M. in presence of the Executive Officer & quotationers or their authorized representatives. Puri Municipality will in no way be responsible for delay in reaching of the quotations.

Sd./- Executive Officer,
Puri Municipality, Puri

OIPR-13001/13159/1/25-26/0026



## DEPARTMENT OF P.R & D.W
No.19001/80/2526

INVITATION FOR BIDS (IFB)
IDENTIFICATION No. : KANB-03/2025-26
E-mail address : ori-kanhia@nic.in

1. The Block Development Officer, Kaniha on behalf of the Governor of Orissa invites Percentage rate civil bid in single cover system for the works as detailed in the table, from the class of eligible contractors as mentioned in Col.4 (Four), registered with the State Government and contractors of equivalent grade / Class registered with Central Government / MES / Railway, to the eventually drawn up in PWD P-I form for execution of Building (Civil Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the following works.

| Sl. No. | Name of works | Approx. Value of work (Rs. In lakhs) | Class of Contractor | Bid Security (Rs.) | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of Addl. Classroom 2 Nos. at Govt. High School, Derang | 24.12 | 'C' | 24500 | 10000.00 | Six Calendar months |

For more details log on to www.angul.odisha.gov.in.

Sd./- Block Development Officer
Kaniha

OIPR-19001/19318/1/25-26/0001



## ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼

ପତ୍ର ସଂଖ୍ୟା ୫୩ ତା୧୧।୦୩।୨୦୨୬

### ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆଠଗଡ଼ ଦେବୋତ୍ତର ପରିଚାଳନାଧୀନ ଶ୍ରୀ ଶ୍ରୀ ଧବଳେଶ୍ୱର ଦେବ, ଶ୍ରୀ ଶ୍ରୀ ସର୍ପେଶ୍ୱର ଦେବ ଓ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ଠାକୁରଙ୍କ ନିମ୍ନ ସୈରାତମାନ ଆଗାମୀ ୨୦୨୬–୨୦୨୭ ବର୍ଷ ନିମନ୍ତେ ଜଉମୁଦ ଟେଣ୍ଡର ସୂତ୍ରେ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ଆଠଗଡ଼ ଦେବୋତ୍ତର ବିଭାଗ ଦ୍ୱାରା ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମ ସଂଗ୍ରହ କରି (ଏକ ଶହ ଟଙ୍କା ଫର୍ମର ମୂଲ୍ୟ) ନିଜ ନାମ, ପିତା/ସ୍ୱାମୀଙ୍କ ନାମ ସହିତ ପୂର୍ଣ୍ଣ ଠିକଣା ଲେଖି ନିଜର ପରିଚୟ ପତ୍ର ଫଟୋ କପି ସହିତ ନିର୍ଦ୍ଧାରିତ ଫର୍ମ ସଂଲଗ୍ନ କରି ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଠଗଡ଼ ଦେବୋତ୍ତର ସାକିନ/ପୋ: ଆଠଗଡ଼, ଜିଲ୍ଲା: କଟକ, ପିନକୋଡ୍ ନମ୍ବର – ୭୫୪୦୨୯ରେ ଆବେଦନ କରିପାରିବେ। ନ ୪ ନମ୍ବର ସ୍ତମ୍ଭରେ ଉଲ୍ଲେଖିତ ଅମାନତ ଦେୟକୁ ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଠଗଡ଼ ଦେବୋତ୍ତର (Sub-Collector-cum-Executive Officer, Athgarh Debottar)ଙ୍କ ସପକ୍ଷରେ ବ୍ୟାଙ୍କ ଡ୍ରାଫ୍ଟ ସଂଲଗ୍ନ କରି ପଠାଇବେ। ଯାହାକି ଆଠଗଡ଼ରେ ଉଠାଣ କରାଯାଇ ପାରିବ। ଜଉମୁଦ ଟେଣ୍ଡର କାଗଜ ଦେବୋତ୍ତର ଆଠଗଡ଼ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ତାରିଖ ତା୧୯।୦୩।୨୦୨୬ରିଖ ସୈରାତ ଉପର ନିଜର ଧାର୍ଯ୍ୟ ମୂଲ୍ୟ (Offer Price) ଉଲ୍ଲେଖ କରି ଅପରାହ୍ନ ୫ ଘଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ପହଞ୍ଚାଇବା ଆବଶ୍ୟକ। ଦରଖାସ୍ତଗୁଡ଼ିକ ତା୨୦।୦୩।୨୦୨୬ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ। ଦରଖାସ୍ତକାରୀମାନେ ନିମ୍ନ ନିଲାମର ସର୍ତ୍ତାବଳୀ ଓ ନିଲାମ ସମ୍ବନ୍ଧୀୟ ଆବଶ୍ୟକତା ସୂଚନା ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼ଙ୍କଠାରୁ ଛୁଟିଦିନ ବ୍ୟତୀତ ନେଇପାରିବେ। କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ଉକ୍ତ ନିଲାମକୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ।

| କ୍ରମିକ ନମ୍ବର | ଠାକୁରଙ୍କ ନାମ ଓ ସୈରାତ ନାମ | ଧାର୍ଯ୍ୟଦର | ଅମାନତ ଦେୟ |
|---|---|---|---|
| ୧ | ୨ | ୩ | ୪ |
| ୧ | ଦୀପ, ଦହି, କ୍ଷୀର ଦୋକାନ (ଏକ ଗୋଟି), ଶୁଦ୍ଧ ଘିଅ (ଓମ୍ଫେଡ ଘିଅ) ବ୍ୟବହାର କରିବେ | ଟ.୩୭,୬୧,୮୧୭/- | ଟ.୩,୭୬,୧୮୨/- |
| ୨ | ପୁରୀମିଠା (ଏକ ଗୋଟି) | ଟ.୩,୧୦,୯୯୨/- | ଟ.୩୧,୦୯୯/- |
| ୩ | ନଡ଼ିଆ, କଦଳୀ, ଧୂପ ଭାସ୍କର (ଏକ ଗୋଟି) | ଟ.୧୭,୧୮,୧୧୨/- | ଟ.୧,୭୧,୮୧୧/- |
| ୪ | ହବିଷ୍ୟାଅନ୍ନ (ଏକ ଗୋଟି) | ଟ.୨୯,୮୭,୮୮୩/- | ଟ.୨,୯୮,୭୮୮/- |
| ୫ | ଚାଟ୍ ଦୋକାନ (ଏକ ଗୋଟି) | ଟ.୫୬,୪୦୩/- | ଟ.୫,୬୪୦/- |
| ୬ | ଖିଲି ପାନ (ଏକ ଗୋଟି) | ଟ.୧,୧୨,୫୬୬/- | ଟ.୧୧,୨୫୭/- |
| ୭ | ଥଣ୍ଡା ଦୋକାନ (ଏକ ଗୋଟି) | ଟ.୭,୨୦,୫୦୦/- | ଟ.୭୨,୦୫୦/- |
| ୮ | ଆଖୁ ରସ (ଏକ ଗୋଟି) | ଟ.୨,୮୪,୯୦୦/- | ଟ.୨୮,୪୯୦/- |
| ୯ | ଚା ଦୋକାନ (ଏକ ଗୋଟି) | ଟ.୧,୧୫,୭୭୫/- | ଟ.୧୧,୫୭୮/- |
| ୧୦ | ଚୁଡ଼ି ଦୋକାନ (ଏକ ଗୋଟି) | ଟ.୨,୮୬,୮୫୫/- | ଟ.୨୮,୬୮୬/- |
| ୧୧ | ବହି, ଫଟୋ, କଡ଼ାମାଳି ଓ ମନୋହରୀ (ଏକ ଗୋଟି) | ଟ.୯,୦୨,୮୫୫/- | ଟ.୯୦,୮୨୬/- |
| ୧୨ | ଫଳ ଓ ପରିବା ଦୋକାନ (ନଡ଼ିଆ, କଦଳୀ ବ୍ୟତୀତ) (ଏକ ଗୋଟି) | ଟ.୧୦,୦୦୦/- | ଟ.୧,୦୦୦/- |
| ୧୩ | ଆଇସ୍‌କ୍ରିମ (ଏକ ଗୋଟି) | ଟ.୧,୧୦,୦୦୦/- | ଟ.୧୧,୦୦୦/- |
| ୧୪ | ବାସନ ଦୋକାନ (ଏକ ଗୋଟି) | ଟ.୩୦,୦୦୦/- | ଟ.୩,୦୦୦/- |
| ୧୫ | ଶ୍ରୀ ଶ୍ରୀ ସର୍ପେଶ୍ୱର ଦେବଙ୍କ ଭୋଗ ଓ ଦୀପ ଦୋକାନ (ଏକ ଗୋଟି) | ଟ.୨୬,୫୮୭/- | ଟ.୨,୬୫୯/- |
| ୧୬ | ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ଆମ୍ବ ବାଗାୟାତ (ଏକ ଗୋଟି) | ଟ.୨୬,୫୮୪/- | ଟ.୨,୬୫୮/- |

ସ୍ୱା./- ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ
ଅଧିକାରୀ, ଆଠଗଡ଼ ଦେବୋତ୍ତର



## झारखण्ड सरकार
अधीक्षक का कार्यालय, शहीद निर्मल महतो मेडिकल कॉलेज अस्पताल, धनबाद
दूरभाष : 0326-2230352(O), 9431120164(M) Email: superintendentsnmmch@gmail.com

पत्रांक :– 397 / SNMMCH दिनांक :– 11.03.2026

ई–निविदा सूचना

शहीद निर्मल महतो चिकित्सा महाविद्यालय अस्पताल, धनबाद में वित्तीय वर्ष 2025–26 के लिए मानक स्तर के निर्माताओं अथवा उनके अधिकृत एवं अनुभवी वितरक से शिशु रोग विभाग में Neonatal Ventilators के क्रय आपूर्ति अधिष्ठापन हेतु 2–बोली व्यवस्था (2-bid system) के अन्तर्गत ONLINE निविदा आमंत्रित किया गया है जिसका Gem Bid No,.- Gem/2026/B/7329666 है। ई–निविदा को www.Gem.gov.in पर देखी तथा इच्छुक संवेदक द्वारा भाग ली जा सकती है। जिसका सकती है। निविदा अपलोड करने की अंतिम तिथि– 31.03.2026 को संध्या : 01:00 बजे अपराह्न तक होगी।

ह0 / –
अधीक्षक
शहीद निर्मल महतो चिकित्सा महाविद्यालय अस्पताल, धनबाद

PR 374785 Health Med Edu and Family Welfare(25-26).D



## कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल, लातेहार

शुद्धि-पत्र

एतद् द्वारा भवन निर्माण विभाग के सभी संवेदकों को सूचित किया जाता है कि PR संख्या–372909 Building(25-26)#D के द्वारा प्रकाशित ई–निविदा (लातेहार जिलान्तर्गत बारियातु में 1000 MT क्षमता के गोदाम निर्माण) आमंत्रण सूचना (E-Tender Reference No.- 12/2025-26/EE/BCD/LATEHAR) निम्नवत संशोधित की जाती हैः–

1. वेबसाईट पर निविदा प्रकाशन की तिथि :– दिनांक–28.02.2026 / 11:00 बजे अपराह्न के स्थान पर दिनांक–13.03.2026 / 11:00 बजे अपराह्न
1. बीड प्राप्ति की अंतिम तिथि व समय :– दिनांक–16.03.2026 / 11:00 बजे अपराह्न के स्थान पर दिनांक– 27.03.2026 / 11:00 बजे अपराह्न
2. निविदा खोलने की तिथि एवं समय :– दिनांक–17.03.2026 के 11:30 बजे अपराह्न के स्थान पर दिनांक–30.03.2026 / 11:30 बजे अपराह्न

निविदा की अन्य शर्ते यथावत रहेगी।

कार्यपालक अभियंता,
भवन प्रमण्डल, लातेहार

PR.NO.374763 Building(25-26):D



## झारखण्ड शैक्षिक अनुसन्धान एवं प्रशिक्षण परिषद्, राँची
Jharkhand Council of Educational Research and Training, Ranchi
D.I.E.T. Campus, Ratu, Ranchi – 835222, e-mail: jcert.ran@gmail.com,
website:jcert.jharkhand.gov.in

Notice Inviting Bids

Short term tenders are invited from interested firms/service providers for the provision of food and canteen services for the participants attending various types of training workshops/seminars etc. to be organized in this office premises.
Detailed information related to this can be obtained from website www.jharkhandtenders.gov.in from 12.03 2026 to 01.04.2026 till 04:00 PM.

**The tender details are as follows:**
Date of issue of tender form: 12.03.2026
Date of pre-bid meeting : 17.03.2026
Last date for submission of tender : 01.04.2026 (04:00 PM)
Date and time of opening of technical tender : 02.04.2026
Date and time of opening of financial bid : After finalization of technical bid
Place of opening of tender : Jharkhand Education Project Council, Dhurwa, Ranchi

Memorandum: JCERT/Trg.03-56/2021/538

Sd/-
(Shashi Ranjan)
Director
Ranchi, Date:10/03/2026

PR 374714 Human Resource Developement(25-26)#D

## ଦିଲ୍ଲୀରେ ଆଜି



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜଳ ଜୀବନ ମିଶନ ପକ୍ଷରୁ ବୁଧବାର ଆୟୋଜିତ ଜଳ ମହୋତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ। (ଫଟୋ– ଚମନ ଗୌତମ)

# ଯୁଦ୍ଧାବସାନର ସଙ୍କେତ ନାହିଁ

**ତେହରାନ୍ ,୧୧।୩**

ଇରାନ-ଆମେରିକା ଯୁଦ୍ଧ ବୁଧବାର ୧୨ ଦିନରେ ପହଞ୍ଚିବା ସହିତ ବେଳକୁ ବେଳ ମଧ୍ୟପ୍ରାଚ୍ୟ ସ୍ଥିତି ଗମ୍ଭୀର ହେବା ଲାଗିଛି। କେବଳ ମଧ୍ୟପ୍ରାଚ୍ୟ ନୁହେଁ , ଯୁଦ୍ଧ ଯୋଗୁ ଉର୍ଜାକୁ ନେଇ ଉପୁଜିଥିବା ସମସ୍ୟା ଏବେ ସାରା ବିଶ୍ୱରେ ଉତ୍କଟ ସ୍ଥିତି ଉତ୍ପନ୍ନ କରିଛି। ଏହାସତ୍ତ୍ୱେ ଏହି ଯୁଦ୍ଧର ଅନ୍ତ କେବେ ହେବ ତାହା ଏବେ କହିବା ଅତ୍ୟନ୍ତ ମୁସ୍କିଲ। କାରଣ ସାମ୍ପ୍ରତିକ ସ୍ଥିତିରେ ଇରାନ ଏବଂ ଆମେରିକାର ଆଭିମୁଖ୍ୟ ଯେଭଳି ରହିଛି, ମଧ୍ୟପ୍ରାଚ୍ୟ ଯୁଦ୍ଧ ଯେ ନିକଟ ଭବିଷ୍ୟତରେ ଶେଷ ହେବ, ତାହା ଅସମ୍ଭବ ମନେ ହେଉଛି ବୋଲି ସାମରିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୨୫ ଜୁନ୍‌ରେ ଇସ୍ରାଏଲ ଇରାନ ବିରୋଧରେ ଆରମ୍ଭ କରିଥିବା ଯୁଦ୍ଧ ମାତ୍ର ୧୨ ଦିନରେ ଶେଷ ହୋଇଥିଲା। ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ମଧ୍ୟ ଇସ୍ରାଏଲର ବହୁ ଗୁରୁତ୍ୱପୂର୍ଣ୍ଣ ଠିକଣା ଉପରେ ଆକ୍ରମଣ କରିଥିଲା। ଏହାପରେ ଆମେରିକା ଇରାନର ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ର ଓ କ୍ଷେପଣାସ୍ତ୍ର ଭଣ୍ଡାର ଉପରେ ବୋମାମାଡ଼ କରି ସେଗୁଡ଼ିକୁ ଧ୍ୱଂସ କରିଦେଇଥିବା କହିଥିଲା। କିନ୍ତୁ ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଫେବୃଆରୀ ୨୮ରେ ଆରମ୍ଭ କରିଥିବା ଯୁଦ୍ଧକୁ ଏବେ ୧୨ ଦିନ ପୂରିଥିଲେ ମଧ୍ୟ ଏହି ଯୁଦ୍ଧ ଏବେ ଶୀଘ୍ର ଶେଷ ହେବା ସଙ୍କେତ ମିଳୁନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା କରି ନୂଆ ଶାସନତନ୍ତ୍ର ପ୍ରତିଷ୍ଠାକରି ସପ୍ତାହ ଭିତରେ ଯୁଦ୍ଧ ଶେଷ କରିଦେବେ ବୋଲି ପ୍ରାକ୍ ଆକଳନ କରିଥିଲେ। କିନ୍ତୁ ଟ୍ରମ୍ପଙ୍କ ଏହି ଆକଳନ ଏବେ ଭୁଲ୍ ସାବ୍ୟସ୍ତ ହୋଇଛି। ଟ୍ରମ୍ପ ଆରମ୍ଭ କରିଥିବା ଯୁଦ୍ଧକୁ କିଭଳି ଶେଷ କରିବେ ତାହା ମଧ୍ୟ ନିଜେ ବୁଝିପାରୁନାହାନ୍ତି। ସେପଟେ ନିଜର



ସର୍ବୋଚ୍ଚ ନେତାଙ୍କୁ ହରାଇଥିବା ଇରାନ ଏବେ ସାମରିକ,ଆର୍ଥିକ ଦୃଷ୍ଟିକୋଣରୁ ଦିଶାହୀନ ହୋଇପଡ଼ିଥିଲେ ମଧ୍ୟ ଆମେରିକା ଓ ଇସ୍ରାଏଲ ବିରୋଧରେ ଯେଭଳି ହୁଙ୍କାର ଦେଇଛି, ତଦ୍ଵାରା ଯୁଦ୍ଧ ନିକଟ ଭବିଷ୍ୟତରେ ଶେଷ ହେବାର ସମ୍ଭାବନାକୁ କମ୍ ଦର୍ଶାଉଛି। ଆମେରିକା ଓ ଇସ୍ରାଏଲ ଇରାନ୍ ତୁଳନାରେ ବାୟୁସେନା ଦୃଷ୍ଟିରୁ ଅତ୍ୟନ୍ତ ସବଳ ରହିଥିବା ସତ୍ତ୍ୱେ ଇରାନ ଏହି ଯୁଦ୍ଧର ଅନ୍ତ ନିଜେ ଘୋଷଣା କରିବ ବୋଲି କହିବା ତାହାର ଅନ୍ତର୍ନିହିତ ସାମର୍ଥ୍ୟକୁ ପ୍ରକାଶ କରିଛି। ଇରାନ ପ୍ରତିରକ୍ଷା ଏବଂ ପ୍ରତ୍ୟକ୍ଷ ଯୁଦ୍ଧ ବଦଳରେ ଯେଭଳି ରଣନୀତି ଆପଣାଇଛି, ତାହାହିଁ ତାକୁ ଯୁଦ୍ଧକୁ ଆଗକୁ ବଢ଼ାଇବାକୁ ବଳ ଯୋଗାଇଛି ବୋଲି ସାମରିକ ବିଶେଷଜ୍ଞମାନେ କହିଛନ୍ତି। ପ୍ରଥମତଃ ଇରାନ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରି ପରୋକ୍ଷରେ ସେଗୁଡ଼ିକୁ ଯୁଦ୍ଧ ବିବାଦକୁ ଟାଣିଆଣିଛି। ଅନ୍ୟପଟେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରି ସାରା ବିଶ୍ୱ ପାଇଁ ଉର୍ଜା ସଙ୍କଟ ଛିଡ଼ା କରିଛି। ଏହାଛଡ଼ା ଇରାନର ସ୍ୱଦେଶୀ ଏବଂ କମ୍ ଖର୍ଚ୍ଚରେ ନିର୍ମିତ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆମେରିକାର ବହୁମୂଲ୍ୟ କ୍ଷେପଣାସ୍ତ୍ର ପାଇଁ ଆର୍ଥିକ ଦୃଷ୍ଟିରୁ ଘାତକ ହୋଇଛି। ସେହିପରି ଅନ୍ତରୀଣ ମୁଖିଆଙ୍କ ପ୍ରତି ଇରାନବାସୀଙ୍କ ଦୃଢ଼ ସମର୍ଥନ ଏବଂ ଇରାନର ଭୌଗୋଳିକ ସ୍ଥିତି ଆମେରିକା ପାଇଁ ସ୍ଥଳ ଯୁଦ୍ଧ ପାଇଁ ପ୍ରତିବନ୍ଧକ ହୋଇଛି।

## କାଟ୍ ଖାଇଲା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

### ଶାସକ-ବିରୋଧୀ ମୁହାଁମୁହିଁ


ଅମିତ ଶାହା

**ନୂଆଦିଲ୍ଲୀ ,୧୧।୩**

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବୁଧବାର ଖାରଜ ହୋଇଯାଇଛି। ବାଚସ୍ପତିଙ୍କୁ ତାଙ୍କ ପଦରୁ ହଟାଇବା ଲାଗି ଅଣାଯାଇଥିବା ଏହି ପ୍ରସ୍ତାବ ଉପରେ ଗତ ମଙ୍ଗଳବାରଠାରୁ ଆଲୋଚନା ଆରମ୍ଭ ହୋଇଥିଲା ବେଳେ ବୁଧବାର ମଧ୍ୟ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଏହି ପ୍ରସଙ୍ଗକୁ ନେଇ ଶାସକ ଏବଂ ବିରୋଧୀ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କିନ୍ତୁ ବାଚନିକ ଭୋଟ୍‌ରେ ଏହି ପ୍ରସ୍ତାବ ଖାରଜ ହୋଇଯାଇଛି।

ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାରିତ କରିବାକୁ ଯୁକ୍ତି ବାଢ଼ିଥିଲାବେଳେ ଶାସକ ଗୋଷ୍ଠୀ ବାଚସ୍ପତିଙ୍କ ସପକ୍ଷରେ ବିରୋଧୀଦଳଗୁଡ଼ିକୁ ଟାର୍ଗେଟ କରି ଅନେକ ପ୍ରଶ୍ନ ଉଠାଇଥିଲେ। ବିଶେଷକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି ୧୫ତମ ଲୋକ ସଭାରୁ ୧୭ତମ ଲୋକ ସଭା ଭିତରେ ରାହୁଲଙ୍କ ଉପସ୍ଥିତି ସମ୍ପର୍କରେ ପ୍ରଶ୍ନ ଉଠାଇଥିଲାବେଳେ ବିରୋଧୀ ସଦସ୍ୟମାନେ ଏହାକୁ ଘୋର ବିରୋଧ କରି ହଙ୍ଗାମା କରିଥିଲେ। ଶାହା ଗୃହରେ ଏଭଳି ପ୍ରଶ୍ନ ଉତ୍ଥାପନ ପାଇଁ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। ତେବେ ଗୃହ କାର୍ଯ୍ୟ କୌଣସି ଦଳର ଇଚ୍ଛା ଅନୁସାରେ ଚାଲେ ନାହିଁ , ସାମ୍ବିଧାନିକ ନିୟମ ଅନୁସାରେ ପରିଚାଳିତ ହୋଇଥାଏ ବୋଲି ଶାହା କହିଥିଲେ। ପ୍ରାୟ ୫୬ ମିନିଟ୍ ଧରି ଶାହା ଏହି ପ୍ରସଙ୍ଗରେ ଆଲୋଚନା କରି କହିଥିଲେ, ୧୮ତମ ଲୋକସଭାରେ ଭାଜପା ତୁଳନାରେ କଂଗ୍ରେସ ଏମ୍‌ପିମାନଙ୍କୁ ଅଧିକ ସମୟ କହିବାକୁ ସୁଯୋଗ ଦିଆଯାଇଛି। ଏହାସତ୍ତ୍ୱେ ସେମାନେ ଭିତ୍ତିହୀନ ଅଭିଯୋଗ ଆଣି ସେମାନଙ୍କୁ କହିବାକୁ ସୁଯୋଗ ଦିଆଯାଉ ନାହିଁ ବୋଲି କହୁଛନ୍ତି। ଯେତେବେଳେ କହିବାକୁ ସୁଯୋଗ ମିଳୁଛି ବିରୋଧୀ ଦଳ ନେତା ଜର୍ମାନୀ କିମ୍ବା ଇଂଲଣ୍ଡ ପଳାଉଛନ୍ତି ବୋଲି ଶାହା ରାହୁଲଙ୍କ ଉଦ୍ଦେଶ୍ୟରେ କହିବା ପରେ ବିରୋଧୀ ଦଳର ସଦସ୍ୟମାନେ ହଙ୍ଗାମା କରିଥିଲେ।

## ଆମେରିକୀୟ ବ୍ୟାଙ୍କଗୁଡ଼ିକୁ ଇରାନ୍‌ର ଟାର୍ଗେଟ

**ତେହରାନ୍ ,୧୧।୩**

ଇରାନ୍-ଆମେରିକା ଯୁଦ୍ଧ ୧୨ ଦିନରେ ପହଞ୍ଚିଥିଲା ବେଳେ ଉଭୟ ପକ୍ଷଙ୍କ ଆକ୍ରମଣ ଲକ୍ଷ୍ୟ ବେଳକୁ ବେଳ ବଦଳିବାରେ ଲାଗିଛି। ପ୍ରଥମେ ତୈଳ ରିଫାଇନେରିଗୁଡ଼ିକୁ ଉଭୟ ପକ୍ଷ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏହାପରେ ଉପସାଗରୀୟ ଦେଶଗୁଡ଼ିକରେ ରହିଥିବା ପ୍ରାୟ ୪୦୦ ୱାଟର ଡି-ସାଲାଇନେଶନ୍ ପ୍ଲାଣ୍ଟଗୁଡ଼ିକୁ ଉଭୟ ପକ୍ଷ ଟାର୍ଗେଟ କରି ଆକ୍ରମଣ କରିଥିଲେ। ଏବେ ଆମେରିକା ଇରାନ୍‌ର ବ୍ୟାଙ୍କ ଉପରେ ଆକ୍ରମଣ କରିବା ପରେ ଇରାନ୍‌ର ଆଇଆର୍‌ଜିସି ମଧ୍ୟପ୍ରାଚ୍ୟରେ ରହିଥିବା ଆମେରିକାର ବିଭିନ୍ନ ଆର୍ଥିକ ଅନୁଷ୍ଠାନ ଓ ବ୍ୟାଙ୍କଗୁଡ଼ିକୁ ଟାର୍ଗେଟ କରି ବୁଧବାର ଆକ୍ରମଣ କରିଛି।

## ୨୦୨୮ ଡିସେମ୍ବର ଯାଏ ବଢ଼ିଲା ଜଳ ଜୀବନ ମିଶନ ଅବଧି

### କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ,୧୧।୩(ପି.ଟି.)**

ଜଳ ଜୀବନ ମିଶନର ଅବଧି ୨୦୨୮ ପର୍ଯ୍ୟନ୍ତ ବୃଦ୍ଧି କରିବା ପ୍ରସ୍ତାବକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏଥିପାଇଁ ୮.୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଗ୍ରାମୀଣ ଭାରତର ସବୁ ପରିବାରକୁ ଟ୍ୟାପ୍ ଯୋଗେ ନିରାପଦ ଓ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇଦେବା ପାଇଁ ୨୦୧୯ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଳଜୀବନ ମିଶନ ପ୍ରକଳ୍ପ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକାରିତାର ପୁନର୍ଗଠନ ଓ ନୂତନ ଦିଗରେ ପରିଚାଳନା ପାଇଁ ଜଳଶକ୍ତି ମନ୍ତ୍ରଣାଳୟର ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହାର ଢାଞ୍ଚାଗତ ସଂସ୍କାର ଉପରେ ଗୁରୁତ୍ୱ ଦିଆଯାଇଛି।

## ଯୁଦ୍ଧ ସତ୍ତ୍ୱେ ତୈଳ ଯୋଗାଣ କ୍ଷେତ୍ର ସୁରକ୍ଷିତ: କେନ୍ଦ୍ର



**ନୂଆଦିଲ୍ଲୀ ,୧୧।୩**

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଏବେ ତୈଳ ଏବଂ ଗ୍ୟାସ୍ ଯୋଗାଣ ଶୃଙ୍ଖଳ ଭାରି ମାତ୍ରାରେ ପ୍ରଭାବିତ ହୋଇଛି। ଏହାକୁ ନେଇ ଦେଶରେ ପେଟ୍ରୋଲିୟମଜାତ ସାମଗ୍ରୀ ଏବଂ ଗ୍ୟାସ୍‌ର ଉତ୍କଟ ଅଭାବ ଦେଖାଯିବା ସହ ମୂଲ୍ୟ ବହୁମାତ୍ରାରେ ବୃଦ୍ଧି ପାଇବ ବୋଲି ସାଧାରଣରେ ଭୟ ପଶିଛି। କିନ୍ତୁ ଯୁଦ୍ଧ ସତ୍ତ୍ୱେ ଦେଶର ତୈଳ ଯୋଗାଣ କ୍ଷେତ୍ର ସୁରକ୍ଷିତ ରହିଛି ବୋଲି କେନ୍ଦ୍ର ସରକାର ବୁଧବାର ନିଶ୍ଚିତ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପଶ୍ଚିମ ଏସିଆରେ ଯୁଦ୍ଧ ସଙ୍କଟ ଏବଂ ବିଶେଷକରି ହର୍ମୁଜ୍ ଷ୍ଟ୍ରେଟ୍ ସମସ୍ୟା ସତ୍ତ୍ୱେ ଭାରତର ଦୈନିକ

### ଆତଙ୍କିତ ନ ହେବାକୁ ଖାଉଟିଙ୍କୁ ପରାମର୍ଶ

ଅଶୋଧିତ ତୈଳ ଯୋଗାଣ କ୍ଷେତ୍ର ସ୍ୱାଭାବିକ ରହିଛି। ୧୨ ଦିନର ଯୁଦ୍ଧ ମଧ୍ୟରେ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯେତିକି ପରିମାଣର ତୈଳ ଆମଦାନୀ ହୋଇଥାଆନ୍ତା ଏବେ ଦୈନିକ ଯେତିକି ପରିମାଣର ଅଶୋଧିତ ତୈଳ ଆବଶ୍ୟକତା ରହିଥାଆନ୍ତା, ବର୍ତ୍ତମାନ ତା' ଠାରୁ ଅଧିକ ପରିମାଣର ତୈଳ ଗଚ୍ଛିତ ରହିଛି। ଆବଶ୍ୟକତା ଅନୁସାରେ ବର୍ତ୍ତମାନ ଦୈନିକ ୫୫ ଲକ୍ଷ ବ୍ୟାରେଲ ଅଶୋଧିତ ତୈଳ ଯୋଗାଣ ହୋଇପାରୁଛି ବୋଲି କେନ୍ଦ୍ର ସରକାର କହିଛନ୍ତି। ଦେଶର ଚାହିଦା ଅନୁସାରେ ତୈଳ ଆମଦାନୀ ସନ୍ତୁଳିତ ରଖିବାକୁ କେନ୍ଦ୍ର ସରକାର ଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ବିକଳ୍ପ ଉତ୍ସ ନିଶ୍ଚିତ କରିଛନ୍ତି ବୋଲି କୁହାଯାଇଛି।

ସେହିପରି ଗ୍ୟାସ୍‌ର ଅଭାବକୁ ନେଇ ବର୍ତ୍ତମାନ ସାଧାରଣରେ ଛନିଆ ପଶିଥିଲାବେଳେ ଆଦୌ ଆଶଙ୍କିତ ନ ହେବାକୁ କେନ୍ଦ୍ର ସରକାର କହିଛନ୍ତି। ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ ରହିଛି ଏବଂ ଲୋକମାନେ ଆଗୁଆ ଗ୍ୟାସ୍ ବୁକିଂ ପାଇଁ ବ୍ୟାକୁଳ ହେବା ଦରକାର ନାହିଁ। ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ, ଗୁରୁଗ୍ରାମ ଭଳି ବଡ଼ ବଡ଼ ସହରରେ ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ଗ୍ୟାସ୍ ବ୍ୟବହାର କରିବାକୁ କୁହାଯାଇଥିଲାବେଳେ ଘରୋଇ ସ୍ତରରେ ଖାଉଟିମାନଙ୍କୁ ଠିକଣା ସମୟରେ ଏବଂ ଆବଶ୍ୟକତା ଅନୁସାରେ ଗ୍ୟାସ୍ ଯୋଗାଇଦେବାକୁ ଅଗ୍ରାଧିକାର ଦିଆଯାଇଛି ବୋଲି ସରକାର କହିଛନ୍ତି।

## ବର୍ତ୍ତମାନ ସ୍ଥିତିରେ ବି ତେହରାନ୍ ଆକାଶ ଦିଲ୍ଲୀଠାରୁ ଭଲ

**ତେହରାନ୍ ,୧୧।୩**

ଇରାନ୍ ଉପରେ ଆମେରିକାର ଓ ଇସ୍ରାଏଲର ମିଳିତ ଆକ୍ରମଣ ଯୋଗୁ ତେହରାନ୍ ସମେତ ଅନ୍ୟ ପ୍ରମୁଖ ସହରଗଡ଼ିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷକରି ତେହରାନ୍ ଓ ଏହାର ଆଖପାଖ ଅଞ୍ଚଳରେ ରହିଥିବା ପ୍ରମୁଖ ଭିତ୍ତିଭୂମି ଏବଂ ତୈଳ ଡିପୋ ଉପରେ ବୋମାମାଡ଼ କରାଯାଇଛି। ଏହାଦ୍ୱାରା ତୈଳ ଡିପୋଗୁଡ଼ିକରେ ନିଆଁ ଲାଗି ତେହରାନ୍ ଆକାଶ ନିଆଁ ପିଣ୍ଡୁଳାରେ ଭର୍ତ୍ତି ହୋଇଯାଇଛି। ଏହାସତ୍ତ୍ୱେ ଦିଲ୍ଲୀ ଆକାଶଠାରୁ ତେହରାନ୍ ଆକାଶ ନିର୍ମଳ ରହିବା ସହ ଏହାର ବାୟୁମଣ୍ଡଳ ଦିଲ୍ଲୀଠାରୁ ଭଲ ରହିଥିବା କୁହାଯାଇଛି। ୧୧ ତାରିଖରେ ତେହରାନ୍ ଓ ନୂଆଦିଲ୍ଲୀର ବାୟୁସ୍ତର ମାନକୁ ନେଇ ରିଆଲ୍



ଟାଇମ୍ ତଥ୍ୟ ନିଆଯାଇଥିଲାବେଳେ ତେହରାନ୍‌ର ଏକ୍ୟୁଆଇ(ଏୟାର କ୍ୱାଲିଟି ଇଣ୍ଡେକ୍ସ) ୫୦ ରୁ ୭୦ ମଧ୍ୟରେ ରହିଛି। କିନ୍ତୁ ଦିଲ୍ଲୀର ଏକ୍ୟୁଆଇ ୧୨୮ରୁ ଅଧିକ ରହିଥିବା କୁହାଯାଇଛି।

## ୧୨ରୁ ବଢ଼ିବ ଏୟାର ଇଣ୍ଡିଆ ଭଡ଼ା

**ନୂଆଦିଲ୍ଲୀ,୧୧।୩**

ମଧ୍ୟପ୍ରାଚ୍ୟ ସଙ୍କଟକୁ ନେଇ ଏବେ ତୈଳ ସମସ୍ୟା ବଢ଼ି ଚାଲିଥିବାବେଳେ ଆଗକୁ ବିମାନ ଯାତ୍ରା ମହଙ୍ଗା ହେବ ବୋଲି ଏକ ପ୍ରକାର ନିଶ୍ଚିତ ହୋଇଛି। ଆସନ୍ତା ୧୨ରୁ ଏୟାର ଇଣ୍ଡିଆ ଏବଂ ଏହାର ସହଯୋଗୀ କମ୍ପାନୀ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍‌ରେ ପର୍ଯ୍ୟାୟକ୍ରମେ ସର୍‌ଚାର୍ଜ ଲାଗୁ କରିବ ବୋଲି ମଙ୍ଗଳବାର ସୂଚନା ଦେଇଛି। ପ୍ରଥମ ପର୍ଯ୍ୟାୟରେ ସାର୍କ ରାଷ୍ଟ୍ର ଏବଂ ଘରୋଇ ରୁଟ୍‌ରେ ଉଡ଼ାଣ କରୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଯାତ୍ରା ପାଇଁ କମ୍ପାନୀ ୩୯୯ ଟଙ୍କାର ସର୍‌ଚାର୍ଜ ଲଗାଇବ। ସେହିପରି ଦକ୍ଷିଣପୂର୍ବ ଏସିଆ, ପଶ୍ଚିମ ଏସିଆ ଏବଂ ଆଫ୍ରିକା ଦେଶଗୁଡ଼ିକୁ ଯାଉଥିବା ବିମାନଗୁଡ଼ିକ ପାଇଁ ଯଥାକ୍ରମେ ୧୦ ଡଲାର, ୨୦ ଡଲାର ଏବଂ ୩୦ ଡଲାରର ସର୍‌ଚାର୍ଜ ଲାଗୁ ହେବ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଏୟାର ଇଣ୍ଡିଆର ୧୩୩ ଯାତ୍ରୀ



**ନୂଆଦିଲ୍ଲୀ ,୧୧।୩**

ହାଇଦ୍ରାବାଦ୍‌ରୁ ଥାଇଲାଣ୍ଡର ଫୁକେଟ୍ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ ଅବତରଣ ସମୟରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେବା ଯୋଗୁ ଏଥିରେ ଥିବା ୧୩୩ ଯାତ୍ରୀ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ଏହି ବିମାନଟି ଫୁକେଟ୍ ବିମାନ ବନ୍ଦରରେ ଅବତରଣ କରିବା ସମୟରେ ଏହାର ନୋଜ୍ ଲ୍ୟାଣ୍ଡିଂ ଗିଅର୍ ଭାଙ୍ଗି ଯାଇଥିଲା। ଫଳରେ ବିମାନଟି ହାର୍ଡ ଲ୍ୟାଣ୍ଡିଂ କରିବାକୁ ବାଧ୍ୟ ହୋଇଥିଲା। ତେବେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି ଏବଂ ସମସ୍ତେ ସୁରକ୍ଷିତ ରହିଥିଲେ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି। ହାର୍ଡ ଲ୍ୟାଣ୍ଡିଂ ଦ୍ୱାରା ରନ୍‌ୱେ କିଛି ମାତ୍ରାରେ ନଷ୍ଟ ହେବା ଯୋଗୁ ଏହାକୁ ପ୍ରାୟ ୬ ଘଣ୍ଟା ଧରି ବନ୍ଦ କରିଦିଆଯାଇଥିଲା। ବିମାନ ବନ୍ଦର କର୍ତ୍ତୃପକ୍ଷ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାମୀଙ୍କଠାରୁ ଅଲଗା ହେଲେ ହଂସିକା

**ମୁମ୍ବାଇ**

ସେଲିବ୍ରିଟି ଛାଡ଼ପତ୍ର ତାଲିକାରେ ଏବେ ଯୋଡ଼ି ହୋଇଛନ୍ତି ଆଉ ଜଣେ ଅଭିନେତ୍ରୀ। ସେ ତାଙ୍କ ବ୍ୟବସାୟୀ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ସେମାନଙ୍କ ବୈବାହିକ ଜୀବନରେ ଫାଟ ନେଇ ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚା ଏବେ ସତ ହୋଇଛି। ମୁମ୍ବାଇର ବାନ୍ଦ୍ରା କୋର୍ଟ ଅଭିନେତ୍ରୀ ହଂସିକା ମୋଟୱାନି ଏବଂ ବ୍ୟବସାୟୀ ସୋହେଲ କାଥୁରିଆଙ୍କ ମଧ୍ୟରେ ଛାଡ଼ପତ୍ରକୁ ଅଫିସିଆଲି କରିଛନ୍ତି। ସେମାନଙ୍କ ବିବାହ ମାତ୍ର ୪ ବର୍ଷ ଚାଲିଥିଲା। ତେବେ ଏହି ଦମ୍ପତିଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ୪ ଡିସେମ୍ବର ୨୦୨୨ରେ ବ୍ୟବସାୟୀ ସୋହେଲଙ୍କୁ ବହୁ ଆଡ଼ମ୍ବରରେ ବିବାହ କରିଥିଲେ ହଂସିକା। କିନ୍ତୁ ସେମାନଙ୍କ ବିବାହ ଅଧିକ ଦିନ ପର୍ଯ୍ୟନ୍ତ ରହିପାରିଲା ନାହିଁ। ତିନି ବର୍ଷ ପରେ ସେମାନଙ୍କ ବିବାହରେ ଅଶାନ୍ତିର ଖବର ଚର୍ଚ୍ଚା ହେଉଥିଲା।

ଏହା ସୋହେଲଙ୍କର ହଂସିକାଙ୍କ ସହିତ ଦ୍ୱିତୀୟ ବିବାହ ଥିଲା। ସେ ପୂର୍ବରୁ ହଂସିକାଙ୍କ ବାନ୍ଧବୀ ରିଙ୍କି ବଜାଜଙ୍କୁ ବିବାହ କରିଥିଲେ। ତଥାପି ସୋହେଲ ଏବଂ ହଂସିକାଙ୍କ ଛାଡ଼ପତ୍ରର ମୁଖ୍ୟ କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। କିନ୍ତୁ ଗତ ଦୁଇ ବର୍ଷ ଧରି ସେମାନଙ୍କ ବିବାହରେ ସମସ୍ୟା ଲାଗି ରହିଥିଲା। ହଂସିକା ଛାଡ଼ପତ୍ର ସମୟରେ ତାଙ୍କ ଭରଣପୋଷଣ ପାଇଁ କୌଣସି ଦାବି କରି ନ ଥିଲେ। କୋର୍ଟ ଶୁଣାଣି ସମୟରେ ମୋଟୱାନିଙ୍କ ଓକିଲ୍ ଅଦନାନ ଶେଖ କହିଥିଲେ, ବିବାହ ପରେ ଦମ୍ପତି କିଛି ସମୟ ପାଇଁ ଏକାଠି ରହିଥିଲେ। କିନ୍ତୁ ଧୀରେ ଧୀରେ ସେମାନେ ଅନୁଭବ କଲେ ଯେ, ସେମାନଙ୍କ ସ୍ୱଭାବ, ଚିନ୍ତାଧାରା ଏବଂ ଜୀବନଶୈଳୀରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିଲା। ଯାହାକି ଗୋଟିଏ ଛାତ ତଳେ ରହିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଥିଲା।


ସାହେଲ କାଥୁରିଆ
ହଂସିକା ମୋଟୱାନି

# ସଜବାଜ ହେଉଛନ୍ତି ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ସଜବାଜ ହେଉଛନ୍ତି। କେବଳ ସେତିକି ନୁହେଁ, ଏଥିଲାଗି ସେ ପୂରାଦମ୍‌ରେ ଲାଗିପଡିଛନ୍ତି। ହେଲେ କ'ଣ ପାଇଁ ଏଭଳି ସ୍ୱତନ୍ତ୍ର ସଜବାଜ ହେଉଛନ୍ତି ? କଥା କ'ଣ କି ଅନନ୍ୟା ଖୁବ୍ ଶୀଘ୍ର ଦର୍ଶକଙ୍କ ସାମନାକୁ ଡବଲ ରୋଲ୍‌ରେ ଆସିବେ। ଏହି ଫିଲ୍ମଟିର ପ୍ରଯୋଜନା ଜଣେ ନୂଆ ପ୍ରଯୋଜକ କରୁଛନ୍ତି। ହେଲେ ଏହାର ଷ୍ଟୋରି ଆଇଡିଆ କିଏ ଦେଇଛନ୍ତି ଜାଣନ୍ତି ? ଖୋଦ୍ ଅନନ୍ୟା। ତେବେ ଏ ବିଷୟରେ ସେ କହନ୍ତି, ''ଜଣେ ଗାଉଁଲୀ ଯୁବତୀ ସମାଜରେ କିଛି ଉନ୍ନତିମୂଳକ କାମ କରିବାକୁ ଆଗଭର ହୋଇଛି। ହେଲେ ଏହି ସମୟରେ ତାକୁ କେତେକ ବାଧାବିଘ୍ନର ସାମନା କରିବାକୁ ପଡିଛି। ଏଭଳି ସମୟ ଆସିଛି ସେ ଏକ ନୂଆ ରୂପରେ ନିଜର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିଛି। ଏଭଳି ଏକ ଭିନ୍ନ ଭିନ୍ନ ଦୁଇଟି ରୋଲ୍ ମୋତେ ତୁଲାଇବାକୁ ପଡିବ। ତେଣୁ ଏବେଠାରୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି।'' ଅନନ୍ୟାଙ୍କର ବଲିଉଡ୍ କ୍ୟାରିୟର ୨୦୧୯ରୁ ଆରମ୍ଭ ହୋଇଥିଲା ଆଉ ତାଙ୍କର ପ୍ରଥମ ସିନେମାର ଟାଇଟଲ ଥିଲା 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'।


ଅନନ୍ୟା


ସାନ୍ୟାକ

# ୧୫,୦୦୦ ଟଙ୍କାରୁ ଆରମ୍ଭ

ସାନ୍ୟା ମାଲହୋତ୍ରା ଅଭିନୟ କରିବା ପୂର୍ବରୁ ଡ୍ୟାନ୍ସ ସହ ଜଡିତ ଥିଲେ। ଯେତେବେଳେ ସେ ମୁମ୍ବାଇ ଆସିଲେ ତାଙ୍କର ଲକ୍ଷ୍ୟ ଥିଲା ଜଣେ ନାମୀ ଡ୍ୟାନ୍ସର ହେବା ଆଉ କୋରିଓଗ୍ରାଫି କରିବା। ପ୍ରଥମେ କିଛି ରୋଜଗାର କରିବାକୁ ସେ ଏକ ସ୍କୁଲରେ ଡ୍ୟାନ୍‌ସ ଟିଚର ଭାବରେ କାମ କରିଥିଲେ। ଆଉ ସେତେବେଳେ ତାଙ୍କର ପ୍ରଥମ ପାରିଶ୍ରମିକ କେତେ ଥିଲା ଜାଣନ୍ତି ? ମାତ୍ର ୧୫,୦୦୦ଟଙ୍କା। ଆଉ ଏହାକୁ ପାଇବା ପରେ ସେ ବେଶ୍ ଭାବପ୍ରବଣ ହୋଇପଡିଥିଲେ। ଏ ବିଷୟରେ ସାନ୍ୟା କହନ୍ତି, ''ଯେତେବେଳେ ମୋତେ ମୁମ୍ବାଇସ୍ଥିତ ଏକ ସ୍କୁଲରେ ଡ୍ୟାନ୍ସ ଟିଚର ଭାବରେ ଆପଏଣ୍ଟମେଣ୍ଟ ମିଳିଲା ସେତେବେଳେ ମୋ ଖୁସିର ସୀମା ନ ଥିଲା। ଆଉ ଯେତେବେଳେ ପ୍ରଥମ ସାଲାରି ପାଇଲି ସେତେବେଳେ ମୁଁ ଭାବପ୍ରବଣ ହୋଇପଡିଥିଲି। ମୋର ଦୁଇ ଆଖି ଛଳଛଳ ହୋଇଯାଇଥିଲା। ପାଖାପାଖି ଅଧ ଘଣ୍ଟାଏ ପରେ ମୁଁ ସାଧାରଣ ଅବସ୍ଥାକୁ ଆସିଥିଲି।'' ସାନ୍ୟାଙ୍କ ପ୍ରଥମ ସିନେମା 'ଦଙ୍ଗଲ' ସୁପରହିଟ୍ ହୋଇଥିଲା। ଏଥିରେ ବବିତା ପୋଘଟ ଭୂମିକା ପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। ପାଖାପାଖି ୧୦୦୦ ନବାଗତାଙ୍କ ମଧ୍ୟରୁ ସାନ୍ୟାଙ୍କୁ ଚୟନ କରାଯାଇଥିଲା।

## ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି, ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। କଥା କ'ଣ କିଛି ବର୍ଷର ନୀରବତା ପରେ ପରେ ପୁଣି ଥରେ ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି ଅଂଶୁମାନ ସାମନ୍ତରାୟ। ନିକଟରେ ସେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ପୁଣି ଏଥିରେ ତାଙ୍କୁ ମିଳିଛି ଏକ ମନଲାଖି ଭୂମିକା।


ଅଂଶୁମାନ ସାମନ୍ତରାୟ

କାରଣ ଏହି ରୋଲ୍‌ରେ ଆକ୍ସନ ଭରିରହିଛି। ଏ ବିଷୟରେ ଅଂଶୁମାନ କହନ୍ତି, ''ଏହି ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏଥିରେ ମୁଁ ମାଫିଆ ଡନ୍ ରୋଲ୍‌ରେ ଅଭିନୟ କରିବି ଯେଉଁଥିରେ ଆକ୍ସନ ଭରିରହିଛି। ଭୂମିକାଟିକୁ ସକ୍‌ସେସ କରିବାକୁ ଶତ ପ୍ରତିଶତ ଚେଷ୍ଟା କରିବି।'' ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ 'ଆଇଲାରେ ଓଡ଼ିଆ ପୁଅ'ରୁ ଅଂଶୁମାନ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ।

# ଜଙ୍ଗଲ ଜଳୁଛେ

'ଜଙ୍ଗଲ ଜଲୁଛେ'–ଏଭଳି ଏକ ଟାଇଟଲକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ତଥା କୋରାପୁଟିଆ ଫିଲ୍ମ। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାରଣା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ସଂଳାପ ରଚନା କରିଛନ୍ତି ଗୋରେଖ ନାଥ ସାହୁ ଏବଂ ନିବେଦିତା ନାୟକ। ବିଭିନ୍ନ ଭୂମିକାରେ ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧା ମହାରଣା ଏବଂ ମୁନା ମୋଦି ଅଭିନୟ କରିଛନ୍ତି।

ନୂଆ ସିନେମା

## ମୋନଷ୍ଟର : ଦ ଅଲ୍‌ଟିମେଟ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମୋନଷ୍ଟର : ଦ ଅଲ୍‌ଟିମେଟ'। ଖାସ୍ କଥା ହେଲା ଏହି


ଆଦିତ୍ୟ

ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଆଦିତ୍ୟ। 'ଆଇ ଲଭ୍ ୟୁ–୨'ରୁ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଗୋପୀନାଥ ମୋସନ ପିକ୍ଚର୍ସ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ବିଶେଷଭାବରେ ଏଥିରେ ଆକ୍ସନ ଭରି ରହିଛି। ଆଉ ଏକ ଖାସ୍ କଥା ହେଲା ଆଦିତ୍ୟଙ୍କ ଅଭିନୀତ ପ୍ରଥମ ସିନେମାର ନିର୍ଦ୍ଦେଶନା ଦେଇଥିଲେ ବରିଷ୍ଠ ନିର୍ଦ୍ଦେଶକ ସୁଧାଂଶୁ ସାହୁ। ସେ ମଧ୍ୟ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉକ୍ତ ବିଗ୍ ବଜେଟ ସିନେମାରେ ରୋବୋଟିକ୍ ଆର୍ମ ମେଶିନ୍ ବ୍ୟତୀତ ଆହୁରି ଅନେକ ଆଧୁନିକ ଟେକ୍ନୋଲୋଜିର ପ୍ରୟୋଗ କରାଯାଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଫିଲ୍ମଟିର ସଫଳତାକୁ ନେଇ ଢେର ଆଶା ବାନ୍ଧିଛନ୍ତି ଆଦିତ୍ୟ। ପ୍ରଥମ ସିନେମାରେ ରୋମାଣ୍ଟିକ ଭୂମିକାରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଆଉ ଏବେ ନିଜର ଦ୍ୱିତୀୟ ସିନେମା ମଧ୍ୟ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଯୋଗାଇବ ବୋଲି ସେ ଆଶା ରଖିଛନ୍ତି। ଫିଲ୍ମଟି ଚଳିତ ବର୍ଷ ଦଶହରାରେ ରିଲିଜ ହେବାର ଯୋଜନା ରହିଛି ବୋଲି ଜଣାପଡିଛି।

# ଯଦି ମୃଣାଳ ରାଜି ହୋଇଥାଆନ୍ତେ...

ମୃଣାଳ ଠାକୁର କେବଳ ତେଲୁଗୁ ନୁହେଁ ବେଶ୍ କେତୋଟି ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି।୨୦୧୪ରେ ସେ 'ହେଲୋ ନନ୍ଦନ' ନାମକ ଏକ ମରାଠୀ ଫିଲ୍ମରେ ଅଭିନୟ କରିଥିଲେ। ଏହାର ଚାରି ବର୍ଷ ପରେ ତାଙ୍କୁ ବଲିଉଡ୍‌ରେ ସୁଯୋଗ ମିଳିଥିଲା। ସେ ଅଭିନୟ କରିଥିବା ପ୍ରଥମ ହିନ୍ଦୀ ସିନେମାଟି ଥିଲା 'ଲଭ୍ ସୋନିଆ'। କିନ୍ତୁ ନିଜ ଆକ୍ଟିଂ କ୍ୟାରିୟର ମଧ୍ୟରେ ସେ ଗୋଟିଏ କଥାକୁ ପ୍ରାୟ ସବୁବେଳେ ମନେ ପକାନ୍ତି। ଏକଦା ତାଙ୍କୁ ଆମିର ଖାନ୍‌ଙ୍କ ଅଭିନୀତ 'ଥଗ୍‌ସ ଅଫ ହିନ୍ଦୁସ୍ତାନ'ରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ହାତଛଡା କରିଥିଲେ। ''ଯଦି ମୁଁ 'ଥଗ୍‌ସ ଅଫ ହିନ୍ଦୁସ୍ତାନ' ଫିଲ୍ମରେ ଅଭିନୟ କରିବାକୁ ରାଜି ହୋଇଥାଆନ୍ତି, ତେବେ ତାହା ମୋ କ୍ୟାରିୟରର ଆଉ ଏକ ହିଟ୍ ସିନେମା ଭାବରେ ପରିଗଣିତ ହୋଇଥାଆନ୍ତା। ହେଲେ କେତେକ କାରଣରୁ ମୁଁ ଏହି ଅଫରଟିକୁ ହାତଛଡା କରିଥିଲି। ଅବଶ୍ୟ ଏବେ ସେ କଥା ଭାବିଲା ବେଳକୁ ମନ ଦୁଃଖ ହେଉଛି। ପିଲାଦିନେ ତାଙ୍କର ଫଟୋଗ୍ରାଫି ଏକ ନିଶା ଥିଲା। ସେହି ସମୟରେ ସେ ବିଶେଷଭାବରେ ଛୁଟିଦିନଗୁଡ଼ିକରେ ଫଟୋ ଉଠାଇ ସେଗୁଡିକୁ ଏକ ସ୍ୱତନ୍ତ୍ର ଆଲବମ୍ କରି ସାଇତି ରଖୁଥିଲେ।


ମୃଣାଳ

ଛୋଟ ପରଦା

# ତୁ ଖରା ମୁଁ ଛାଇ

ଜୀ ସାର୍ଥକରେ ପ୍ରସାରିତ ତଥା ଅକ୍ଷୟ ପରିଜାଙ୍କ ପ୍ରଯୋଜିତ ଏବଂ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶତି ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' (ସୋମବାରରୁ ଶନିବାର ରାତି ୮.୩୦)୧୦୦୦ତମ ଏପିସୋଡ୍‌ରେ ପହଞ୍ଚିଛି। ସାତ ବର୍ଷ ପରେ ମାନି (ସ୍ମୃତି)ର ମୃତ୍ୟୁ ଖବର ଅଭି (ରଞ୍ଜନ)କୁ ଭିତରୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ହେଲେ ମାନି ମରିନାହିଁ ବରଂ ନିଜ ପୁଅକୁ ଏକ ସୁରକ୍ଷିତ ଭବିଷ୍ୟତ ଦେବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରୁଛି। କାହାଣୀରେ ମାଧବ'ର ପ୍ରବେଶ ସବୁକିଛି ଓଲଟପାଲଟ କରିଦେଉଛି। ଏହାପରେ କ'ଣ ଘଟୁଛି ତାହା ଧାରାବାହିକର ପରବର୍ତ୍ତୀ ଏପିସୋଡ୍ ଦେଖିଲେ ଜାଣିପାରିବେ। ''ଆମର ପ୍ରତିଟି ମେଗା ଧାରାବାହିକଗୁଡିକୁ ମିଳିଛି ଦର୍ଶକଙ୍କ ପ୍ରଚୁର ଭଲ ପାଇବା। 'ତୁ ଖରା ମୁଁ ଛାଇ'ର ସଫଳତା ଆମକୁ ଆହୁରି ଉତ୍ସାହିତ କରିଛି ବୋଲ କହନ୍ତି ଜୀ–ସାର୍ଥକର ଚିଫ୍ ଚାନେଲ ଅଫିସର ରାହୁଲ ରାଓ ।''


ରଞ୍ଜନ–ସ୍ମୃତି

# ନାମକରଣ ରହସ୍ୟ

ଟାଇଗର ଶ୍ରଫ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା। ଜ୍ୟାକି ଶ୍ରଫଙ୍କର ଏହି ସୁପୁତ୍ର ନିଜର ଆକ୍ସନ ଏବଂ ଡ୍ୟାନ୍ସ ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି। ତେବେ ତାଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି ? ଜୟ ହେମନ୍ତ ଶ୍ରଫ। ହେଲେ ପରବର୍ତ୍ତୀ ସମୟରେ ସେ ଟାଇଗର ନାମରେ ପରିଚିତ ହେଲେ। ଏହାପଛରେ ଏକ ମଜାଦାର କାହାଣୀ ଲୁଚି ରହିଛି। ତାହା କ'ଣ ଜାଣିବେନି ? ପିଲାଦିନେ ସେ ଅନ୍ୟମାନଙ୍କୁ କାମୁଡିବାକୁ ଗୋଡାଉଥିଲେ। ପୁଅର ଏଭଳି ପ୍ରକୃତି ଦେଖି ଜ୍ୟାକି ତାକୁ 'ଟାଇଗର' ବୋଲି ଡାକିବା ଆରମ୍ଭ କଲେ। ବାସ୍, ତା'ପରେ ଏହି ନାମଟିକୁ ସମସ୍ତେ ଗ୍ରହଣ କରିନେଲେ। ଆଉ ସେହି ଦିନରୁ ସେ ଟାଇଗର ଶ୍ରଫ ଭାବରେ ପରିଚିତ। ଟାଇଗର ହେଉଛନ୍ତି ଫିଫ୍‌ଥ ଗ୍ରେଡ ଟାଇକୋଣ୍ଡୋ ବ୍ଲାକ୍ ବେଲ୍ଟ ହୋଲ୍‌ଡର। ସେ ଅଭିନୟ କରୁଥିବା ସିନେମାଗୁଡିକରେ ନିଜେ ହିଁ ଅଧିକାଂଶ ଷ୍ଟଣ୍ଟ କରିଥାଆନ୍ତି। ଏ କ୍ଷେତ୍ରରେ ସେ ବ୍ରୁସ୍ ଲି'ଙ୍କୁ ନିଜର ମଡେଲ ଭାବରେ ଗ୍ରହଣ କରିଛନ୍ତି। ଡ୍ୟାନ୍ସରେ ମଧ୍ୟ ସେ ପଛରେ ପଡିନାହାନ୍ତି। ମାଇକେଲ ଜ୍ୟାକ୍‌ସନଙ୍କ ଡ୍ୟାନ୍ସ ତାଙ୍କୁ ବେଶ୍ ଅନୁପ୍ରାଣିତ କରିଥିଲା। ଟାଇଗର ସବୁବେଳେ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ ଥାଆନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ହିରୋପନ୍ତୀ'। ଯେତେବେଳେ ସେ 'ବାଗୀ' ଫିଲ୍ମରେ ଅଭିନୟ କଲେ ସେତେବେଳେ ତାଙ୍କର ନାୟିକା ସାଜିଥିଲେ ଶ୍ରଦ୍ଧା କପୁର। ସୂଚନାଯୋଗ୍ୟ ଦୁହେଁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ।


ଟାଇଗର

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁତୁରା ଟାଙ୍ଗିଆ ଚୋଟରେ ଖୁଡ଼ୀ ମୃତ

ଟେନ୍‌ସା,୧୧।୩(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ସଣୁଆ ଗ୍ରାମରେ ମଙ୍ଗଳବାର ରାତିରେ ଘରୋଇ କଳିକୁ କେନ୍ଦ୍ରକରି ପୁତୁରାଙ୍କ ଟାଙ୍ଗିଆ ଚୋଟରେ ଖୁଡ଼ୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତା ହେଲେ ତପସ୍ୱିନୀ ସେଠୀ(୪୦)। ହତ୍ୟା ପରେ ପୁତୁରା ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଡାକ୍ତରଖାନା ପଠାଇଛି।

# ତଣ୍ଟି କାଟି ମହିଳାଙ୍କୁ ହତ୍ୟା

■ଭଡ଼ା ଘରୁ ମୃତଦେହ ଜବତ
■ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ ଆରମ୍ଭ

ବାଲେଶ୍ୱର,୧୧।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଫକୀରମୋହନ ନଗରରେ ଜଣେ ମହିଳାଙ୍କ ତଣ୍ଟି କାଟି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ବୁଧବାର ଭଡ଼ାଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ଜବତ ହୋଇଛି। ମୃତ ମହିଳା ହେଲେ ବସ୍ତା ଅଞ୍ଚଳର ମମତା ଦେବନାଥ (୨୯)। ମମତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୮୬/୨୬) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଅରମ୍ଭ କରିଛି।

ସୂଚନା ଅନୁସାରେ, ଫକୀରମୋହନ ନଗର ଅଞ୍ଚଳର ଏକ ଭଡ଼ା ଘରେ ମମତା ଏକୁଟିଆ ରହୁଥିଲେ। ସେ ବାଲେଶ୍ୱରର ଏକ ବିୟୁଟି ପାର୍ଲରରେ କାମ କରୁଥିଲେ। ସହଦେବଖୁଣ୍ଟା ଅଞ୍ଚଳରେ ରହୁଥିବା ତାଙ୍କ ଭାଇ ଅରବିନ୍ଦ ତାଙ୍କୁ ଫୋନ କରିଥିଲେ ହେଁ ସେ ଉଠାଇ ନ ଥିଲେ। ଫଳରେ ତାଙ୍କର ସନ୍ଦେହ ହୋଇଥିଲା। ଅରବିନ୍ଦ ଭଡ଼ା ଘରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମମତା ଶୋଇଥିବା ଦେଖିଥିଲେ। ସନ୍ଦେହ ହେବାରୁ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମମତାଙ୍କ ବେକକୁ ଏକ ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ପାଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# ଯୁବତୀଙ୍କୁ ପ୍ରତାରଣା, ଅଧ୍ୟାପକ ଗିରଫ

୪ ଥର ଗର୍ଭନଷ୍ଟ ଅଭିଯୋଗ

ବ୍ରହ୍ମପୁର,୧୧।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିବା ଓ ପରବର୍ତ୍ତୀ ସମୟରେ ପ୍ରତାରିତ କରିଥିବା ଜଣେ ଅଧ୍ୟାପକଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ବ୍ରହ୍ମପୁରର ଏକ ସରକାରୀ କନିଷ୍ଠ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ତଥା କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଅଞ୍ଚଳର ସୁଜିତ୍ କନ୍ଧ(୩୦)। ସଂପୃକ୍ତ ଯୁବତୀଙ୍କ ସେ ୪ଥର ଗର୍ଭ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ପୋଲିସ ବୁଧବାର ଉକ୍ତ କଲେଜକୁ ଯାଇ ଅଭିଯୁକ୍ତ ଅଧ୍ୟାପକ କନ୍ଧଙ୍କୁ ମାମଲା ନଂ.୯୯/୨୬ରେ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି।

ବ୍ରହ୍ମପୁରରେ ରହି ଏକ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା କନ୍ଧମାଳ ଜିଲାର ଜଣେ ଯୁବତୀଙ୍କ ସହ ଅଧ୍ୟାପକ କନ୍ଧ ୪ ବର୍ଷ ହେବ ସମ୍ପର୍କରେ ରହିଥିଲେ। ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଯୁବତୀଙ୍କଠାରୁ ୨ ଲକ୍ଷ ଟଙ୍କା ସହ ବିଭିନ୍ନ ସମୟରେ ସୁନା ଚେନ ଓ ମୁଦି ମଧ୍ୟ ନେଇଥିଲେ। ଯୁବତୀ ଜଣଙ୍କ ବିବାହ କଥା କହିଲେ ନାନା ବାହାନା କରି ଦିନ ଗଡାଉଥିଲେ। ୧୦ ଦିନ ତଳେ ସୁଜିତ୍ ବିବାହ କରିବେ ନାହିଁ ବୋଲି ମନା କରି ଦେବାପରେ ପ୍ରତାରଣାର ଶିକାର ଯୁବତୀ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ।


# Classified Everyday
0674-2580101, 9692975378




## REAL ESTATE
## SALE

2000 sqft. commercial for rent, near Ganesh Mandap, Jharapada, Mobile No.- 9937287807. D-3604

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23





All types of physiotherapy and massage contact 9556924059 / 7656969134. D-3591

## AFFIDAVIT

By virtue of an affidavit sworn before Executive Magistrate, Basudevpur, Dtd.- 23.02.26, I, Abhaya Kumar Das, 42 years, S/o.- Sridhar Das, At- Mamadila, P.O.- Patanamishrapur, P.S.- Naikanidihi solemnly declare that as per my daughter birth certificate her name is Ananya Das but in Aadhaar card it is mentioned as Annya Das. Henceforth, she will named as Ananya Das for all purpose. D-3605

By virtue of an affidavit sworn before the Executive Magistrate, Badbil, dated 05.03.2026, I, Rama Munda, resident of At- Jhadagaon, P.O.- Bhadrasahi, P.S.- Barbil, Dist.- Keonjhar, Odisha-758035 declare that I have changed my name from "Mara Munda" to "Rama Munda". Henceforth, I shall be known as "Rama Munda" for all purposes.
Rama Munda
D-3609

By virtue of an affidavit sworn before Executive Magistrate, Basudevpur, Dtd.- 27.02.26, I, Dipak Kumar Nayak, son of Kailash Chandra Nayak, At/P.O.- Padmapur, P.S.- Basudevpur solemnly declare that my minor son formerly named as Kanha Nayak in some documents. Henceforth, he will be named and known as Ayush Kumar Nayak for all purpose. D-3606

By virtue of an affidavit sworn before Notary Public, Bhubaneswar, dated- 05.03.2026, I, Manjula Tripathy, Address: Plot No. 778/1351//1879, Syamapur, P.O./P.S.- Bharatpur, Bhubaneswar- 751003, Dist.- Khordha declare that I have changed my name from Manjula Panda to Manjula Tripathy. Henceforth, I shall be known as Manjula Tripathy for all purposes.
Manjula Tripathy
D-3607

I, Premalata Giri, W/o. Sameer Tamang, D/o. Bachu Giri, R/o. At- Bhuyanpada, P.O.- OMP Line, P.S./Dist.- Jharsuguda, Odisha, PIN- 768204 declare by this affidavit No.174, Dtd.- 26.02.2026 that now onwards I shall be known as Premlata Tamang for all future purposes. D-3608


ଧରିତ୍ରୀ DHARITRI
## Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LOST

ମୁଁ, ପଞ୍ଚାନନ ସ୍ୱାଇଁ, ପି- ଘନଶ୍ୟାମ ସ୍ୱାଇଁ, ଗ୍ରାମ- ଦିଘି, ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡା ଜଣାଉଅଛି କି ମୌଜା/ଥାନା- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା, ଥାନା ନଂ- ୮୭, ଖାତା ନଂ. ୪୩୦/୯୧୯, ପ୍ଲଟ୍ ନଂ. ୧୧୭୬/୧୩୫୭ ଏ୦.୦୪୦ଡି ଜମିକୁ ରେଜେଷ୍ଟ୍ରି କବଲା ନଂ. ୧୦୯୮୨୩୦୦୧୩୬ ତା.୩୦।୦୧।୨୦୨୩ରେ ରାକେଶ ଓରଫ ରାକେଶ ହୃଷୀକେଶ ଦାସଙ୍କ ଠାରୁ ଖର୍ଦ୍ଦି କରି ନିଜ ନାମ ଦରଜ କରାଇ ମାଲିକ ସ୍ୱତ୍ୱବାନ ଦଖଲକାର ଅଛି। ଦୁର୍ଭାଗ୍ୟବଶତଃ ଉକ୍ତ ଜମିର ଘରବାଡି କିସମ ପରିବର୍ତ୍ତନ କଲା ପରେ ତହସିଲଦାର ରାଜନଗର ଆମ୍ଭ ନାମରେ ପ୍ରଦାନ କରିଥିବା ଅସଲ ଖତିୟାନ ମୌଜା ରାଜନଗର, ଖାତା ନଂ. ୪୩୦/୯୧୯, ଆମ୍ଭ ବିକ୍ରେତା ରାକେଶ ଦାସଙ୍କ ନାମରେ ସଂପାଦିତ ହୋଇଥିବା ଅସଲ ରେଜେଷ୍ଟ୍ରି କବଲା ନଂ. ୯୬୦ ତା.୨୦।୦୬।୨୦୦୮ରିଖ ଓ ରାକେଶ ଦାସଙ୍କ ନାମରେ ଥିବା ଅସଲ ଖତିଆନ ଖାତା ନଂ. ୪୩୦/୫୪୭ ମୁଁ ତା.୧୭।୦୧।୨୦୨୬ରିଖ ଦିବା ୧୦ ଘଟିକା ସମୟରେ ମୋ ଗ୍ରାମରୁ ରାଜନଗର ଆସୁଥିଲା ବେଳେ ବାଟରେ ହଜିଗଲା। ମୋର ସମସ୍ତ ଉଦ୍ୟମ ସତ୍ତ୍ୱେ ତାହାକୁ ପାଇପାରୁ ନାହିଁ। ମୁଁ ଏ ବିଷୟ ରାଜନଗର ଥାନାରେ ଲିଖିତ ଭାବେ ଜଣାଇ ଅଛି ଯାହା ରାଜନଗର ଥାନା ଡାଏରୀ ନଂ. ୦୧୫ ତା.୨୬।୦୧।୨୦୨୬ରିଖରେ ଲିପିବଦ୍ଧ ହୋଇଅଛି। ମୁଁ ଉକ୍ତ ଦୁଇଗୋଟି ଅସଲ ଖତିଆନ ମାନ ଓ କବଲାକୁ କୌଣସି ବ୍ୟକ୍ତି ବିଶେଷ, ବ୍ୟାଙ୍କ, ଅର୍ଥ ଲଗାଣ ସଂସ୍ଥା ନିକଟରେ ବନ୍ଧକ ଦଲିଲ ଭାବେ ଦାଖଲ କରି ଋଣ ଆଣି ନାହିଁ। ଯଦି କେହି ଉକ୍ତ ଖତିଆନ ଓ କବଲାମାନଙ୍କୁ ବନ୍ଧକ ଦଲିଲ ଭାବେ ଗ୍ରହଣ କରି ଋଣ ପ୍ରଦାନ କରିଥାନ୍ତି ତେବେ ଉକ୍ତ ବିଷୟ ଭାରତୀୟ ଷ୍ଟେଟ ବ୍ୟାଙ୍କ, ରାଜନଗର ଶାଖା, ସା/ପୋ- ରାଜନଗର, ଜିଲ୍ଲା- କେନ୍ଦ୍ରାପଡ଼ା ୭୫୪୨୨୫ଙ୍କୁ ଉକ୍ତ ନୋଟିସ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ ଯାହାଙ୍କ ଠାରୁ ମୁଁ ଖତିଆନ ଓ କବଲା ମାନର ସହିମୋହର ନକଲ ଦାଖଲ କରି ଋଣ ଆଣିବାକୁ ଚାହୁଁଅଛି। ଯଦି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ କୌଣସି ଆପତ୍ତି ନ ମିଳେ ତେବେ ଧରାଯିବ ଉକ୍ତ ଖତିଆନ ଓ କବଲାମାନଙ୍କୁ କେହି ବନ୍ଧକ ଦଲିଲ ଭାବେ ଗ୍ରହଣ କରି ନାହାନ୍ତି ବୋଲି ବିବେଚନା କରାଯିବ।
ପଞ୍ଚାନନ ସ୍ୱାଇଁ
ଧ-୭୬୯୫୬


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

Letter No. 432, Dtd.- 10.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍, ଚତୁର୍ଥ ମହଲା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନମ୍ବର ୧୨୪୦/ ୨୦୨୩
ରାକେଶ କୁମାର ରାଉତରାୟ .......ବାଦୀ
ବନାମ
ଗୀତାଞ୍ଜଳୀ ପାଲ ଓ ଅନ୍ୟମାନେ ......ପ୍ରତିବାଦୀମାନେ
ନୋଟିସ ଅଣ୍ଡର ଅର୍ଡର-୫, ରୁଲ୍- ୨୦ ସି.ପି.ସି. ମୁତାବକ
ପ୍ରାପ୍ତେଷୁ,
ପ୍ରତିବାଦୀ: ଶ୍ରୀମତୀ ବାରିକ, ସ୍ୱାମୀ- ପୁରୁଷୋତ୍ତମ ବାରିକ, ଠିକଣା: ସା- ସୋନୁପାଟ, ଥା- ପାଟକୁରା, ଜିଲ୍ଲା- କେନ୍ଦ୍ରାପଡ଼ା
ନୋଟିସ

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ
ସାବକ: ଖାତା ନମ୍ବର- ୨୬୯, ପ୍ଲଟ୍ ନମ୍ବର- ୯୯୧, ରକବା- ମୋଟ ଏ.୨.୫୭୦ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୨୨୩୬/୧୩୬, ପ୍ଲଟ୍ ନମ୍ବର- ୪୨୨୩/୮୦୬୦, ରକବା- ମୋଟ ଏ.୦.୦୫୨ଡି., ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୪୨୩, ପ୍ଲଟ୍ ନମ୍ବର- ୪୨୨୩, ରକବା- ମୋଟ ୦.୧୦୪ଡି, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୧୨

Letter No. 432, Dtd.-10.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୧୫୦୮/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଚୌଧୁରୀ ତିଳୋତମା ଦାସ ଓ ଅନ୍ୟମାନେ ....ବାଦୀ/ଦରଖାସ୍ତକାରୀ
ବନାମ
ବସୁନ୍ଧରା ଇଷ୍ଟେଟର୍ସ ଡେଭେଲୋପର୍ସ ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୨. ଶତ୍ରୁଘନ ସେଠ, ପିତା- ସ୍ୱର୍ଗତ ହାଡିବନ୍ଧୁ ସେଠ, ୩. ଜର୍ମାନୀ ସେଠ, ପିତା- ସ୍ୱର୍ଗତ ହାଡିବନ୍ଧୁ ସେଠ, ୪. ରବୀନ୍ଦ୍ର ସେଠ, ପିତା- ସ୍ୱର୍ଗତ ହାଡିବନ୍ଧୁ ସେଠ, ଉପରୋକ୍ତ ସମସ୍ତଙ୍କ ଠିକଣା: ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୩୩, ମୌଜା- ଭୁଆସୁଣୀ
ସାବକ: ଖାତା ନମ୍ବର- ୨୨୬, ପ୍ଲଟ୍ ନମ୍ବର- ୪୨୪, କିସମ- ପୁରାତନ ପତିତ, ରକବା- ମୋଟ ଏ୦.୪୪୫ ସ୍ଥରୁ ଏ୦.୦୫୯, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୨୨୬, ପ୍ଲଟ୍ ନମ୍ବର- ୪୨୨, କିସମ- ପୁରାତନ ପତିତ, ରକବା- ମୋଟ ଏ ୧.୦୧୫ ସ୍ଥରୁ ଏ ୦.୦୪୧ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୧୫୭୦, ପ୍ଲଟ୍ ନମ୍ବର- ୨୧୭୮, କିସମ- ପତିତ, ରକବା- ମୋଟ ଏ ୦.୩୫୦ ସ୍ଥରୁ ଏ ୦.୦୫୯ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୧୫୭୦, ପ୍ଲଟ୍ ନମ୍ବର- ୨୧୭୫, କିସମ- ପତିତ, ରକବା- ମୋଟ ଏ ୦.୬୫୧ ସ୍ଥରୁ ଏ ୦.୦୪୧ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୧୧

I. No. 130, dtd.- 21.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଡକ୍ଟର ଆଶୁତୋଷ ସାମଲ, ଓଡ଼ିଶା ପ୍ରଶାସନିକ ସେବା (ଏସ୍ଏଜି), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନମ୍ବର ୧୯/୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଅବିନାଶ ପାଢ଼ୀ, ପି- ଅଶ୍ୱିନୀ କୁମାର ପାଢ଼ୀ .......ବାଦୀ/ଦରଖାସ୍ତକାରୀ
ବନାମ
ଅମରେଶ ସ୍ୱାଇଁ ଓ ଅନ୍ୟମାନେ .......ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ. ୨. ଅମରେଶ ସ୍ୱାଇଁ, ପିତା- ଡକ୍ଟର ଅରୁଣ କୁମାର ସ୍ୱାଇଁ, ପ୍ଲଟ୍ ନଂ. ଏନ୍- ୧ ୩୩- ଏ, ଆଇଆରସି ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୧୩।୦୩।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ. ୪୨, ମୌଜା- ଗୋଠପାଟଣା
ସାବକ: ଖାତା ନମ୍ବର- ୯୨, ପ୍ଲଟ୍ ନମ୍ବର- ୪୯୭, କିସମ- ଶାରଦ-୩, ରକବା- ମୋଟ ଏ ୦.୪୧୦ ରୁ ଏ ୦.୧୧୯, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୩୬୫, ପ୍ଲଟ୍ ନମ୍ବର- ୯୯୬, କିସମ- ଶାରଦ ଅଣ ଜଳସେଚିତ ତିନି, ରକବା- ମୋଟ ଏ ୦.୧୫୭ ରୁ ଏ ୦.୧୧୯, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀମାନେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୧୦

## ମନେ ପଡ଼ନ୍ତି

ପୁଣ୍ୟ ୨୫ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ



✓ ବିଦ୍ୟାଧର ସାହୁ
ଧରାବତରଣ : ତା:୦୧.୦୯.୧୯୧୬
ସ୍ୱର୍ଗାରୋହଣ: ତା: ୧୮.୦୩.୨୦୦୧
ଚୈତ୍ର, କୃଷ୍ଣ, ନବମୀ
ସା: ଗୋପାଳପୁର, ଥାନା : ଆଳି, ଜିଲ୍ଲା:କେନ୍ଦ୍ରାପଡ଼ା
ଚାହୁଁ ଚାହୁଁ ଆପଣଙ୍କର ସ୍ୱର୍ଗବାସକୁ ୨୫ବର୍ଷ ବିତିଗଲା। ଆପଣଙ୍କ ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ମ, ନିଷ୍ଠା ଓ ମେଳାପିପଣ, ସମସ୍ତଙ୍କୁ ଆପଣା କରିବାର କଳା ଆମ ସମସ୍ତଙ୍କ ପାଇଁ ଦିଗ୍‌ଦର୍ଶନ, ଶିକ୍ଷଣୀୟ ଏବଂ ପ୍ରେରଣାର ଉତ୍ସ ହୋଇଛି। ସ୍ୱର୍ଗରେ ଥାଇ ଆପଣ ଆମ୍ଭମାନଙ୍କୁ ସତ୍‌ପଥରେ ଆପଣେଇବା ପାଇଁ ଆଶୀର୍ବାଦ କରୁଛନ୍ତି। ମହାପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତିରେ ରଖନ୍ତୁ, ଏହା ହିଁ ଆଜି ଦିନରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ
D-3613

## ୧୧ ତମ ଶ୍ରାଦ୍ଧବାର୍ଷିକୀ



✓ ଡଃ ନାରାୟଣ ଦାଶ
ବାଲିଘାଟ, ତୀର୍ଥ ନିବାସ, ପୁରୀ
ଆବିର୍ଭାବ : ୦୧.୦୨.୧୯୪୮
ତିରୋଧାନ : ୧୨.୦୩.୨୦୧୫
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉପଦେଶ ଓ ଆଶୀର୍ବାଦ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥାଉ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ ଏହା ହିଁ ଆମ୍ଭର ବିନମ୍ର ପ୍ରାର୍ଥନା।
ଆପଣଙ୍କ ହତଭାଗିନୀ ସ୍ତ୍ରୀ
ବୀଣାପାଣି ଦାଶ ଓ ପରିବାର ବର୍ଗ
D-75865

## ପ୍ରଥମ ଶ୍ରାଦ୍ଧବାର୍ଷିକୀ



✓ସତ୍ୟନାରାୟଣ ମହାନ୍ତି
ଅବସରପ୍ରାପ୍ତଯୁଗ୍ମ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା।
ପ୍ଲଟ୍ ନଂ ୭୮୨, ବସନ୍ତ ନିବାସ, ଜେଲ୍‌ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୬.୦୩.୧୯୪୩ ତିରୋଧାନ: ୨୩.୦୩.୨୦୨୫
ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତି ଗଲାଣି କିନ୍ତୁ ଆପଣଙ୍କର ଅନୁପସ୍ଥିତି ରେ ସୃଷ୍ଟି ହୋଇଥିବା ବିରାଟ ଶୂନ୍ୟତା ସବୁବେଳେ ଅନୁଭବ ହେଉଛି, ଆପଣ ଯେଉଁଠି ଥାନ୍ତୁ ଆପଙ୍କର ଆଶୀର୍ବାଦ ଆମ ଉପରେ ସର୍ବଦା ଥାଉ ଏବଂ ଆପଣଙ୍କ ଆଦର୍ଶ ଆମର ପଥ ପ୍ରଦର୍ଶକ ହେଉ।
।। ଇତି ।।
ଆପଣଙ୍କର ଶୋକସନ୍ତପ୍ତ ପରିବାର
ପତ୍ନୀ-ମାହେଶ୍ୱରୀ, ସୂର୍ଯ୍ୟ-ଚପଳାରାଣୀ (ସାନଭାଇ/ ବୋହୂ), ଶୈଳେଶ, ଶୁଭେନ୍ଦୁ (ପୁତ୍ର), ସ୍ନେହା, ଶ୍ରଦ୍ଧା (ପୁତ୍ରବଧୂ), ସିପ୍ରା, ସୁରଜିତ (ଝିଅ/ ଜ୍ୱାଇଁ), ନନ୍ଦୁ, ରାୟା, ଅଂଶି, ସାଗର (ନାତି/ ନାତୁଣୀ)
D-3615


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ନୂଆପଡ଼ା, ୧୧ା୩ (ମକାରୁ ବେମାଲ) ନୂଆପଡ଼ା ଜିଲା କୋମନା ଥାନା ତରବୋଡ଼ ପଞ୍ଚାୟତ ଗୋହିରାପଦର ଛକଠାରେ ବୁଧବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଜୁନାନୀ ଗାଁର ବିଦ୍ୟାଧର ହଂସ (୩୧)। ସୂଚନା ଅନୁଯାୟୀ ବିଦ୍ୟାଧର ନିଜ ଶ୍ୱଶୁର ଘର କୋମନା ବ୍ଲକ ରଜନା ପଞ୍ଚାୟତ ବେଲଗାଁରୁ ବାଇକ୍‌ରେ ଫେରୁଥିବା ବେଳେ ନୂଆପଡା ପଟୁ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତରବୋଡ଼ ଫାଣ୍ଡି ଅଧିକାରୀ ବିନୋଦ ବିହାରୀ ସେଠୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ କୋମନା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା, ୧୧ା୩ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲାର ସମସ୍ତ କୋର୍ଟ ପରିସରରେ ଆସନ୍ତା ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରାଧିକରଣ ସଚିବ ସ୍ନିଗ୍ଧା ପଣ୍ଡା ଏହି ସୂଚନା ଦେଇଛନ୍ତି। ଜିଲାର ସମସ୍ତ ବିଚାରପତି ଏହି ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜୀକୃତ ଦେୱାନୀ, ଫୌଜଦାରି, ପାରିବାରିକ, ମୋଟରଯାନ ଦୁର୍ଘଟଣା, ବ୍ୟାଙ୍କ ଋଣ ଜନିତ ମାମଲାଗୁଡିକର ଫଇସଲା କରିବେ। ଏହାସହିତ ଅବହେଳିତ, ଗରିବଶ୍ରେଣୀ, ଗ୍ରାମାଞ୍ଚଳର ଲୋକେ ଏହି ଲୋକ ଅଦାଲତରେ ବିନାମୂଲ୍ୟରେ ନ୍ୟାୟ ପାଇପାରିବେ। ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନସେବା ସମିତି ସହ ଯୋଗାଯୋଗ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

### ୨୪ ପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ଖଡ଼ିଆଳ, ୧୧ା୩ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରଥମ ବାର୍ଷିକ ଉପଲକ୍ଷେ ୨୪ ପ୍ରହର ନାମଯଜ୍ଞ ପାଇଁ ବୁଧବାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଏଥିରେ କର୍ତ୍ତା ଭାବରେ ଚନ୍ଦୁଲାଲ ମେହେର ଓ ତାଙ୍କ ଧର୍ମପତ୍ନୀ ଏବଂ ଜଗନ୍ନାଥ ମନ୍ଦିର ପୂଜକ ନାରାୟଣ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିଲେ। ଆସନ୍ତା ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସଂକୀର୍ତ୍ତନ ଦଳକୁ ନିମନ୍ତ୍ରଣ କରାଯାଇଛି। ଏହି ନାମଯଜ୍ଞ ଉପଲକ୍ଷେ ମିନାବଜାର ଓ ପ୍ରତ୍ୟହ ଅନ୍ନଭୋଗର ବ୍ୟବସ୍ଥା ଅଛି ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ଆୟୋଜକ କମିଟିର ଚିତ୍ରସେନ ମେହେର, କୋମଳ ଚନ୍ଦ୍ର ମେହେର, ସୁନୀଲ ମେହେର, ବିନୋଦ ଶବର, ସୁରଜ ଦାସ, କୁଞ୍ଜଲାଲ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ଜୁନାଗଡ଼ରେ ଟ୍ରାଫିକ୍ ସମସ୍ୟା ଜଟିଳ

ଭବାନୀପାଟଣା/ଜୁନାଗଡ଼, ୧୧ା୩ (ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)



ସହରରେ ଗାଡିମୋଟର ଅଟକି ଟ୍ରାଫିକ ସମସ୍ୟା ସୃଷ୍ଟି କରିଛି।



ଏସ୍‌ଡିପିଓଙ୍କୁ ଦାବିପତ୍ର ଦିଆଯାଉଛି।

- ରାସ୍ତାପାର୍ଶ୍ୱ ଜବରଦଖଲ, ତୁର୍କେଲ ବ୍ରିଜ୍‌ର ପ୍ରଭାବ
- ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏସ୍‌ଡିପିଓଙ୍କୁ ଦାବିପତ୍ର

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ବିଶେଷ କରି ସହରର କଲମପୁର ଛକ ଓ ତହସିଲ ଯିବା ରାସ୍ତାରେ ପ୍ରତିଦିନ ଏହି ସମସ୍ୟା ଦେଖିବାକୁ ମିଳିଛି। ଏହି ରାସ୍ତାରେ ଗୋଟିଏ ଭାରିଯାନ ରହିଗଲେ ପଛରେ ଓ ଆଗରେ ଅନେକ ଗାଡି ଅଟକି ରହିଯାନ୍ତି। ଫଳରେ ଦୀର୍ଘସମୟ ଧରି ସେଠାରେ ଟ୍ରାଫିକ ଜାମ ହୋଇଥାଏ। ପୂର୍ବରୁ ସହରରେ ଏପରି ସମସ୍ୟା ପ୍ରାୟ ଦେଖିବାକୁ ମିଳୁ ନ ଥିଲା। ଗତ ୬ ମାସ ହେବ ଭବାନୀପାଟଣା ବ୍ଲକ ତୁର୍କେଲ ବ୍ରିଜ ଦବିଯିବା ପରେ ପୂର୍ତ୍ତ ବିଭାଗ ଉକ୍ତ ରାସ୍ତା ବନ୍ଦ କରିଦେବାରୁ ଏଭଳି ସମସ୍ୟା ଦେଖାଦେଇଛି। ନୂଆପଡ଼ାରୁ ତୁର୍କେଲ ବ୍ରିଜ୍ ଦେଇ ରାୟପୁରରୁ ବିଭିନ୍ନ ଗ୍ୟାସ୍, ପେଟ୍ରୋଲ ତଥା ଅନ୍ୟାନ୍ୟ ସାମଗ୍ରୀ ବୋଝେଇ ଭାରିଯାନ ରାୟଗଡା, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶକୁ ଯାଉଥିବାବେଳେ ଏବେ ତାହା ଉକ୍ତ ରାସ୍ତା ଦେଇ ଯିବା ବନ୍ଦ ହୋଇଯାଇଛି। ଫଳରେ ଏହି ଭାରିଯାନଗୁଡିକ ଏବେ ନୂଆପଡ଼ାରୁ ଧର୍ମଗଡ଼ ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ଜୁନାଗଡ଼ ସହରକୁ ଆସି ଭବାନୀପାଟଣା ବାଇପାସ୍ ରାସ୍ତାରେ ଗନ୍ତବ୍ୟ ସ୍ଥଳକୁ ଯାଉଛନ୍ତି। ଦିନ ବେଳା କୌଣସି କଟକଣା ନ ଥିବାରୁ ପ୍ରତିଦିନ ଶତାଧିକ ଭାରିଯାନ ଯାତାୟାତ କରୁଛନ୍ତି। ଏହା ଟ୍ରାଫିକ ସମସ୍ୟାର ମୁଖ୍ୟ କାରଣ ହୋଇଛି। ଅନ୍ୟପଟେ ସହରର ରାସ୍ତା କଡରେ ଥିବା ସରକାରୀ ଜାଗାକୁ କିଛି ଲୋକ ଅକ୍ତିଆର କରିଥିବାବେଳେ କେତେଜଣ ବ୍ୟବସାୟୀ ତାଙ୍କ ଦୋକାନକୁ ଆଗକୁ ବଢେଇ ଦେଇଥିବାରୁ ଏପରି ସମସ୍ୟା ଉପୁଜୁଛି। ଜିଲାର ଜୁନାଗଡ଼ ଏକ ବାଣିଜ୍ୟିକ କେନ୍ଦ୍ର ହୋଇଥିବାବେଳେ ପ୍ରତିଦିନ ଏହି ସହରକୁ ଜିଲାର ଅନ୍ୟ ଅଞ୍ଚଳରୁ ଲୋକେ ବିଭିନ୍ନ ସାମଗ୍ରୀ କିଣିବାକୁ ଆସିଥାନ୍ତି। ଏଠାରେ ରେଳ ଷ୍ଟେଶନ ଥିବାରୁ କଳାହାଣ୍ଡି ଜିଲା ସମେତ ପଡୋଶୀ ନୂଆପଡ଼ା ଜିଲାର ଲୋକ ମଧ୍ୟ ନିର୍ଭର କରନ୍ତି। ଜିଲାର ଭବାନୀପାଟଣା ସହରରେ ବାଇପାସ୍ ରାସ୍ତା ଶେଷ ହୋଇଥିବାବେଳେ ଧର୍ମଗଡ଼ରେ ବାଇପାସ୍ ରାସ୍ତା କାର୍ଯ୍ୟ ଏବେ ଦ୍ରୁତ ଗତିରେ ଚାଲିଛି। ହେଲେ ଜୁନାଗଡ଼ ଭଳି ଏକ ଜନଗହଳି ସହରକୁ ବାଇପାସ ରାସ୍ତା ନ ହେବା ସ୍ଥାନୀୟ ପ୍ରଶାସନ ଓ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଭଳି ମନେହୁଏ। ଏପରିକି ଅଞ୍ଚଳବାସୀ ଦୀର୍ଘ ଦିନ ହେବ ବାଇପାସ୍ ରାସ୍ତା ପାଇଁ ଦାବି କରୁଥିଲେ ମଧ୍ୟ ନା ପ୍ରଶାସନ ନା ରାଜନେତା କେହି କର୍ଣ୍ଣପାତ କରୁନାହାନ୍ତି। ଟ୍ରାଫିକ ସମସ୍ୟାକୁ ନେଇ ବୁଧବାର ସ୍ଥାନୀୟ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧର୍ମଗଡ଼ ଏସ୍‌ଡିପିଓ ସୁଶ୍ରୀ ଭର୍ଷିଥା ଅଡେପୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହର ମଧ୍ୟରେ ପିକ୍ ସମୟରେ ଭାରି ଯାନବାହନ ପ୍ରବେଶ ନିୟନ୍ତ୍ରଣ ସହ ସ୍ପିଡ ଚେକିଂ ଓ ମଦ୍ୟପାନ କରି ଗାଡ଼ି ଚାଳନା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏଥିରେ ଦାବି କରାଯାଇଛି। ସେହିପରି ଭାରିଯାନଗୁଡିକୁ ସକାଳ ୯ଟାରୁ ୨ଟା ଓ ଅପରାହ୍ନ ୪.୩୦ରୁ ୮.୩୦ ପର୍ଯ୍ୟନ୍ତ ସହର ମଧ୍ୟରେ ପ୍ରବେଶ ନିଷେଧ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଭବାନୀପାଟଣା ପଟୁ ଆସୁଥିବା ଟ୍ରକ୍‌ଗୁଡ଼ିକୁ ଜାରିଙ୍ଗ ନିକଟ ଟ୍ରକ୍ ଟର୍ମିନାଲ କିମ୍ବା ଭବାନୀପାଟଣା ବାଇପାସ୍ ରାସ୍ତା ନିକଟରେ ଅଟକାଇବା ଓ ଧର୍ମଗଡ଼ ପଟୁ ଆସୁଥିବା ଟ୍ରକ୍‌କୁ ସହରରେ ପ୍ରବେଶ ପୂର୍ବରୁ ଅଟକାଇବା ପାଇଁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ତଥା ସିଟିଜେନ ଫୋରମ ଜୁନାଗଡ଼ ସଭାପତି ଅଶୋକ କୁମାର ପାତ୍ର, ଜୁନାଗଡ଼ ସାମ୍ବାଦିକ ସଂଘ ସଭାପତି ସନ୍ତୋଷ କୁମାର ସିଂଦେଓ, ବଣିକ ସଂଘ ସମ୍ପାଦକ ପ୍ରଭାତ ଦାଶ, କମିଟି ସଦସ୍ୟ ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ବାଇକ୍ ମୁହାଁମୁହିଁ: ଗ୍ରାମରକ୍ଷୀ ମୃତ, ଜଣେ ଗୁରୁତର

କୋକସରା, ୧୧ା୩ (ଦୁଷ୍ମନ୍ତ କୁମାର ପାଇଯୋଷୀ) ୨୬ନଂ. ଜାତୀୟ ରାଜପଥର କୋକସରା ବ୍ଲକ ସଦର ମହକୁମା ଦାସ କଲୋନି ନିକଟରେ ବୁଧବାର ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଗ୍ରାମରକ୍ଷୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଝରିଆଗୁଡା ଗ୍ରାମର ଗ୍ରାମରକ୍ଷୀ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ(୫୩)। ଆଟିଗାଁ କାନ୍ଧୁଲଗୁର ଗୁପ୍ତେଶ୍ୱର ନାଏକ (୨୬) ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ, ଗୋବିନ୍ଦ କୋକସରା ଥାନାକୁ ଡ୍ୟୁଟିରେ ଆସି ଫେରୁଥିବା ସମୟରେ କୋକସରା ପଟୁ ଆସୁଥିବା ଗୁପ୍ତେଶ୍ୱରଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଉଭୟ ଛିଟିକିପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଗୋବିନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଗୁରୁତର ଥିବା ଗୁପ୍ତେଶ୍ୱରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି। କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୋକସରା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଏକତା ସ୍ୱାଭିମାନ ସମିତିର ବିକ୍ଷୋଭ



ବିକ୍ଷୋଭରେ ସାମିଲ ସମିତି କର୍ମକର୍ତ୍ତା ଓ ଅଞ୍ଚଳବାସୀ।

ରୁପ୍ରା ରୋଡ୍, ୧୧ା୩ (ସଞ୍ଜୀବ ଦାସ )

**ବହୁମୁଖୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣରେ ବିଳମ୍ବ**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଡାକ୍ତରଖାନା ପରିସରରେ ଏକ ବହୁମୁଖୀ ଅତ୍ୟାଧୁନିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ରାଜ୍ୟ ସରକାର ପାଖାପାଖି ୧୯ କୋଟି ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁ ଦୀର୍ଘ ୧ବର୍ଷ ହେଲା ନିର୍ମାଣ କାର୍ଯ୍ୟ ହୋଇପାରି ନାହିଁ। ଏହାର ପ୍ରତିବାଦରେ ବୁଧବାର ନର୍ଲା ଏକତା ସ୍ୱାଭିମାନ ସମିତି କର୍ମକର୍ତ୍ତାଙ୍କ ସହ ଅଞ୍ଚଳର ଜନସାଧାରଣ ରାଜପଥ ଅବରୋଧ ସହ ନର୍ଲା ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୮ଟା ସମୟରେ ଆନ୍ଦୋଳନକାରୀ ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ ଜାରି ରଖିଥିଲେ। ସ୍ଥାନୀୟ ତହସିଲଦାର ବିଭୁପ୍ରସାଦ ସିଂ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରିଥିଲେ। ଏହି ସମୟରେ ଏକତା ସ୍ୱାଭିମାନ ସମିତି ପକ୍ଷରୁ ତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ମୁଖ୍ୟତଃ ବହୁମୁଖୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ରକ୍ତ ଭଣ୍ଡାର, ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଭଳି ଦାବି ଉଲ୍ଲେଖ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ୧୫ଦିନ ଭିତରେ ଆରମ୍ଭ ହେବା ନେଇ ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହି ଜିଲାପାଳ ଆସି ଏହାର ଆଶୁ ସମାଧାନ କରନ୍ତୁ ବୋଲି ପ୍ରକାଶ କରିଥିଲେ। ପରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ ଓ ମେଡିକାଲ ଅଧିକାରୀ ଡା. ଆଶୁତୋଷ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରି ଆନ୍ଦୋଳନ ପ୍ରତ୍ୟାହାର କରିବାରେ ସଫଳ ହୋଇଥିବା ଜଣାପଡିଛି। ସମାବେଶରେ ଏକତା ସମିତିର ଦୁର୍ଯ୍ୟୋଧନ କୁମାର ଚୁଳମଣୀ, ଗୌଡ଼ିଆ ଦିପୁପାତ୍ର, ସନ୍ତୋଷ ପାତ୍ର, ଟଙ୍କ ମାଝୀ, ଘନଶ୍ୟାମ ମାଝୀ, ବଷ୍ଟି ମହାନନ୍ଦ, ସୁରଜିତ ମହାନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

## ଖଡ଼ିଆଳ ଏନ୍‌ଏସି ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଖଡ଼ିଆଳ, ୧୧ା୩ (ସୁଜିତ କୁମାର ପ୍ରଧାନ): ଖଡ଼ିଆଳ ଏନ୍‌ଏସି ପକ୍ଷରୁ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସଠାରୁ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ୱାର୍ଡରେ ସଫେଇ ସହ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ ଓ ପଲିଥିନମୁକ୍ତ ପରିବେଶ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୧୪ ମାର୍ଚ୍ଚ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ। ଏହି କ୍ରମରେ ବୁଧବାର ୱାର୍ଡ ନଂ.୨ ଓ ୩ଠାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ୨ନଂ. ୱାର୍ଡମେମ୍ବର ରେବତୀ ଶବର, ୩ନଂ. ୱାର୍ଡ ମେମ୍ବର ପ୍ରତିନିଧି ରିତେଶ ପଟ୍ଟନାୟକ, ସାମାଜିକ କର୍ମୀ ମହେନ୍ଦ୍ର ଜୋଷୀ, ସ୍ୱଚ୍ଛ ସାଥୀ ପରି ଟଣ୍ଡନଙ୍କ ସମେତ ବହୁ ମହିଳାପୁରୁଷ ସାମିଲ ଥିଲେ।

## ଓଡ଼ିଆ ଭାଷାର ଭବିଷ୍ୟତ ଓଡ଼ିଆଙ୍କ ଉପରେ ନିର୍ଭର




ଭାଷା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଭବାନୀପାଟଣା, ୧୧ା୩ (ଉତ୍ତମ କୁମାର ଦାଶ)

**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ ବୁଧବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ଓଡିଆ ଭାଷାର ପ୍ରାଚୀନତା ସମ୍ପର୍କରେ କହିବାକୁ ଯାଇ ଭୁବନେଶରର ହାତୀଗୁମ୍ଫା ଶିଳାଲେଖ ଓ ଦ୍ୱୈ-ଭାଷିକ ଶିଳାଲେଖର ଉଦାହରଣ ଦେଇଥିଲେ। କୁଳସଚିବ ଡ. ଗୁଣନିଧି ନାଏକ, ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ମାତୃଭାଷା ଓଡିଆର ଗୁରୁତ୍ୱ ବିଷୟରେ କହିଥିଲେ। ଡ. ଉମେଶଚନ୍ଦ୍ର ଶତପଥି ମାନକଭାଷା ଓ ଆଞ୍ଚଳିକ ଭାଷାର ପରିସର ବିଷୟରେ ଆଲୋକପାତ କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ଦେଇ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ । ସେହିପରି ଓଡିଆ ଭାଷା ପ୍ରତିଷ୍ଠାନର ଯୁଗ୍ମସଚିବ ତଥା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଦସ୍ୟ ସୁଦର୍ଶନ ଦାଶ ବକ୍ତା ରୂପେ ଯୋଗଦାନ କରି ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନଦଣ୍ଡ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ବାଲ୍ମିକୀ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପତଞ୍ଜଳି ଯୋଗ ସମିତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, ୧୧ା୩ (ଉତ୍ତମ କୁମାର ଦାଶ): ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିର ସମ୍ମୁଖରେ ପତଞ୍ଜଳି ଯୋଗ ସମିତି କଳାହାଣ୍ଡି ପକ୍ଷରୁ ମଙ୍ଗଳବାର ଯୋଗ ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲା ପ୍ରଭାରୀ ଡା. ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଭଉଣୀଭାଇ ଯୋଗଦେଇଥିଲେ। ଏ ଅବସରରେ ସକାଳ ୬ଟାରୁ ୭ଟା ଯାଏ ଘଣ୍ଟାଏ ଧରି ସମସ୍ତେ ଯୋଗର ବିଭିନ୍ନ ଶୈଳୀ ପ୍ରଦର୍ଶନ କରିଥିଲେ। ଏହାଦ୍ୱାରା ସାଧାରଣ ଲୋକେ ଯୋଗର ଭୂମିକା ଓ ଗୁରୁତ୍ୱ ବିଷୟରେ ଅବଗତ ହୋଇଥିଲେ। ଯୋଗ କିପରି ଆମର ଜୀବନକୁ ସହଜ, ସରଳ ଓ ସୁନ୍ଦର କରିବାରେ ସହାୟକ ହୋଇପାରୁଛି ତାହା ଏହି ପ୍ରଦର୍ଶନର ଲକ୍ଷ୍ୟ ବୋଲି ଆୟୋଜକମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ମହାମନ୍ତ୍ରୀ ଗଜେନ୍ଦ୍ର ପାଢ଼ୀ ସଂଯୋଜନା କରିଥିଲେ।

# ୫ ବର୍ଷରେ ପାଣିରେ ବୁଡ଼ି ୧୯୪ଜଣଙ୍କ ମୃତ୍ୟୁ

ଭବାନୀପାଟଣା, ୧୧ା୩ (ଉତ୍ତମ କୁମାର ଦାଶ)

**କଳାହାଣ୍ଡି ଜିଲା**

ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟରେ ଅନେକ ଲୋକଙ୍କ ଜୀବନ ଯାଉଥିବାବେଳେ କେବଳ ପାଣିରେ ବୁଡ଼ି ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୭୭୮ ଜଣଙ୍କର ମୃତ୍ୟୁ ହୋଇଛି। କେବଳ ୨୦୨୨-୨୩ ବର୍ଷରେ ସର୍ବାଧିକ ୧୭୩୮ ଜଣଙ୍କର ମୃତ୍ୟୁ ହୋଇଛି, ଯାହା ଚିନ୍ତାର କାରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ କଳାହାଣ୍ଡି ଜିଲାକୁ ଦେଖିବା ଗତ ୫ ବର୍ଷ ମଧ୍ୟରେ ଏଠାରେ ପାଣିରେ ବୁଡ଼ି ୧୯୪ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୦ରେ ୩୨ ଜଣ, ୨୦୨୧ରେ ୨୯, ୨୦୨୨ରେ ୨୫, ୨୦୨୩ରେ ୩୧, ୨୦୨୪ରେ ୩୭ ଓ ୨୦୨୫ରେ ୩୮ ଜଣଙ୍କର ମୃତ୍ୟୁ ହୋଇଛି। ଏହି ତଥ୍ୟକୁ ଦେଖିଲେ ପ୍ରତିବର୍ଷ ପାଣିରେ ବୁଡ଼ି ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ଚଳିତ ୨୦୨୬ ଜାନୁୟାରୀ ଓ ଫେବୃଆରୀ ମାସରେ ୨ ଜଣଙ୍କର ମୃତ୍ୟୁ ହୋଇସାରିଛି। ଜିଲାରେ ଥିବା ପୋଖରୀ, ନଦୀ, ଡ୍ୟାମ୍‌ରେ ବୁଡି ଏଭଳି ଅଘଟଣ ଘଟିଛି। ଜିଲାରେ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ବର୍ଷା ପୂର୍ବରୁ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ପାଣି ପହଁରା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହାଦ୍ୱାରା ସେମାନେ ପାଣିରେ ବୁଡିବାରୁ ରକ୍ଷା ପାଇବା ସହ ଅନ୍ୟକୁ ମଧ୍ୟ ବଞ୍ଚାଇ ପାରିବେ ବୋଲି ଜିଲା ଜରୁରିକାଳୀନ ବିଭାଗର ସହକାରୀ ଜିଲାପାଳ ଅଲେଖ ଭୋଇ ପ୍ରକାଶ କରିଛନ୍ତି।

## କୃଷି ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ

ନୂଆପଡ଼ା, ୧୧ା୩ (ମକାରୁ ବେମାଲ )

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରୁ ଜଣାପଡିଥିଲା ଯେ, ରବି ଋତୁ ଫସଲ କାର୍ଯ୍ୟକ୍ରମ ଅନ୍ତର୍ଗତ ୧୨୨୩୦ ହେକ୍ଟର ଧାନ ଚାଷ ଲକ୍ଷ୍ୟ ଥିଲାବେଳେ ୧୬୬୫୩ ହେକ୍ଟର ହାସଲ ହୋଇଛି। ଡିଜିଟାଲ କ୍ରପ ସର୍ଭେରେ ୭୨ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇଛି। ଏହି ଅବସରରେ ୫ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ମୋହନପଦର ଗ୍ରାମର ଟିକେସୁନ୍ଦର ମାଝୀ, କଇନ୍ତପଦରର ଉଗ୍ରସେନ ହେର୍ଣ୍ଣା, ଡୁମେରଝରର ନିରଞ୍ଜନ ନିଆଲ, ବିଶ୍ୱନାଥପୁରର ମାୟାଧର ପ୍ରଧାନ ଓ କୋଦୋମେରିର ମନୁଲାଲ ରାଉତ। ବୈଠକରେ ଜିଲା କୃଷି ଅଧିକାରୀ ସୋମନାଥ ମହାପାତ୍ର, ନୂଆପଡ଼ା ବ୍ଲକ କୃଷି ଅଧିକାରୀ ସତ୍ୟ ଭୂଷଣ ନାଗ, ନୂଆପଡ଼ା ସହକାରୀ କୃଷି ଅଧିକାରୀ ବର୍ଷା ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

# ମୂଷାନାଳ-ଭବାନୀପାଟଣା ରାସ୍ତା ମରଣଯନ୍ତା

ଲାଞ୍ଜିଗଡ଼, ୧୧ା୩ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଭବାନୀପାଟଣାଠାରୁ ରାୟଗଡ଼ା ଭାୟା ମୂଷାନାଳକୁ ସଂଯୋଗ ହୋଇ ଏକ ନୂତନ ରାସ୍ତା ପୂର୍ତ୍ତ ବିଭାଗ ଦ୍ୱାରା ଚାଲିଛି। ଏଥିମଧ୍ୟରୁ ଭବାନୀପାଟଣାଠାରୁ ମୂଷାନାଳକୁ ସଂଯୋଗ କରୁଥିବା ୨୭ କି.ମି. ରାସ୍ତା ବର୍ଷେ ହେଲା ଆରମ୍ଭ ହୋଇଥିବା ବେଳେ ତାହା ଏବେ ମରଣଯନ୍ତା ପାଲଟିଛି। ମନ୍ଥର ଗତିରେ ତଥା ନିମ୍ନମାନର କାମ ହେଉଥିବା ନେଇ ଲାଞ୍ଜି ପଞ୍ଚାୟତବାସୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଉକ୍ତ ରାସ୍ତାଟି ଗତବର୍ଷ ବର୍ଷାଦିନ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ବହୁ ସ୍ଥାନରେ କାମ ନ କରି ଛାଡି ଦିଆଯାଇଥିଲା। ଫଳରେ ବର୍ଷା ଦିନରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛିମାସ କାମ ବନ୍ଦ ପରେ ଏବେ ପୁଣି ଥରେ ଆରମ୍ଭ ହୋଇଛି। ଏବେ ରାସ୍ତାର କିଛି ସ୍ଥାନରେ ମେଟାଲିଂ କରି ଛାଡ଼ି ଦିଆଯାଇଛି। ଅନ୍ୟ କିଛି ସ୍ଥାନରେ ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଖୋଳି ଦିଆଯାଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ଜିଲା ମୁଖ୍ୟାଳୟକୁ ରାସ୍ତା ସଂଯୋଗ କରୁଥିବା ବେଳେ ବ୍ଲକର ୧୦ ପଞ୍ଚାୟତବାସୀଙ୍କ ସରକାରୀ, ବେସରକାରୀ, ମେଡ଼ିକାଲ ତଥା ଉଚ୍ଚଶିକ୍ଷା ନିମନ୍ତେ ଏହା ଲାଇଫଲାଇନ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ଏହାକୁ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ମିଳି ପାରୁ ନ ଥିବା ଲୋକେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କୁ ପଚାରିବାରୁ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଘାଟି ରହିଛି। ତେଣୁ ରାସ୍ତା କାମରେ ବିଳମ୍ବ ହେଉଛି। ୨୦୨୭ ମାର୍ଚ୍ଚ ସୁଦ୍ଧା କାମ ଶେଷ ହେବ ବୋଲି ସେ କହିଛନ୍ତି।



ନିର୍ମାଣାଧୀନ ରାସ୍ତା।

# ଏସ୍‌ଏଚ୍‌ଜିଙ୍କ ଆର୍ଥିକ ଉନ୍ନତିରେ ମେଳାର ଗୁରୁତ୍ୱ ରହିଛି

**ଜିଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟିତ**

ନୂଆପଡ଼ା, ୧୧ା୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଜିଲା ସ୍ତରୀୟ ସୁଭଦ୍ରା ଶକ୍ତିମେଳା ସ୍ଥାନୀୟ ନ୍ୟାଶନାଲ ମହାବିଦ୍ୟାଳୟ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟ ଅତିଥି ଓ ଆରକ୍ଷୀ ଅଧୀକ୍ଷକ ଅମିତପାଲ ସିଂ, ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ମହିଳା ସଶକ୍ତୀକରଣ ଓ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଆର୍ଥିକ ଉନ୍ନତିରେ ଏପରି ମେଳାର ଗୁରୁତ୍ୱ ରହିଛି ବୋଲି କହିଥିଲେ। ମେଳା ଉପଲକ୍ଷେ ଆୟୋଜିତ ଦୌଡ଼ ଓ ମେହେନ୍ଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୋମନାର ରାଧେଶ୍ୟାମ ଘୁମୁରା ଦଳ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ନୂଆପଡ଼ା କେଜିବିଭି ବିଦ୍ୟାଳୟ, କୋଶଳ ଫୋକ ଏକାଡେମୀ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଷ୍ଟାର୍ ନାଇଟ କାର୍ଯ୍ୟକ୍ରମରେ ପ୍ରସିଦ୍ଧ କଳାକାର ଭାଗ୍ୟଶ୍ରୀ, ଦେବେଶ ପତି ଓ ଶୁଭଲକ୍ଷ୍ମୀଙ୍କ ଆକର୍ଷଣୀୟ ଅର୍କେଷ୍ଟ୍ରା ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଏହି ଅବସରରେ ଜିଲାପାଳ ମେଳାକୁ ଆସି ଷ୍ଟଲ ପରିଦର୍ଶନକରି ସ୍ୱୟଂସହାୟକ ଗୋଷ୍ଠୀଙ୍କ ସାମଗ୍ରୀ କ୍ରୟ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେବାକୁ ଆହ୍ୱାନ କରିଥିଲେ। ମେଳାରେ ଜିଲା ଓ ରାଜ୍ୟର ପ୍ରାୟ ୩୦୦ ଉଦ୍ୟୋଗୀ ଓ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ସେମାନଙ୍କ ହସ୍ତଶିଳ୍ପ, ଘରୋଇ ଉତ୍ପାଦ, ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଦେଇଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

## ସଂକ୍ଷେପରେ

### ମାଟ୍ରିକ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ମାମଲା, ୨ ଶିକ୍ଷକ ଅଟକ

**ପଦ୍ମପୁର,୧୧।୩(ପ୍ରଦୀପ୍ତ ଦାଶ):** ବରଗଡ଼ ଜିଲା ପଦ୍ମପୁରରେ ଦଶମ ଶ୍ରେଣୀର ସାମାଜିକ ବିଜ୍ଞାନ ପ୍ରଶ୍ନ ପତ୍ର ଲିକ୍ ମାମଲାରେ ମଙ୍ଗଳବାର ରାତିରେ ବିଭିନ୍ନ ସ୍କୁଲର ୮ଜଣ ଶିକ୍ଷକଙ୍କୁ ପୋଲିସ ଅଟକ ରଖିଥିଲା । ସେଥିମଧ୍ୟରୁ ବିଳମ୍ବିତ ରାତିରେ ୬ ଜଣ ଶିକ୍ଷକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିବା ବେଳେ ନୂଆପଡ଼ା ଜିଲା ଅଧୀନରେ ଗାଇସିଲେଟ ଅଞ୍ଚଳର ଜଣେ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ସେହିପରି ବୁଧବାର ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସମେତ ରାଜବୋଡ଼ାସମ୍ବର ହାଇସ୍କୁଲ ଓ ସରକାରୀ ବାଳିକା ବିଦ୍ୟାଳୟର କିଛି ଶିକ୍ଷକଙ୍କୁ ଡାକି ପଚରାଉଚରା କରାଯାଇଛି। ଦରକାର ପଡ଼ିଲେ ଆହୁରି ଶିକ୍ଷକଙ୍କୁ ଡାକି ତଦନ୍ତ କରାଯିବ ବୋଲି ପଦ୍ମପୁର ଆଇଆଇସି କ୍ରିସେନସିଆ ସାମାରିଆ କହିଛନ୍ତି। ସେହିପରି ବର୍ତ୍ତମାନ ତଦନ୍ତ ଚାଲିଛି ବୋଲି ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର କହିଛନ୍ତି। ତେବେ ଏହି ପ୍ରଶ୍ନ ପତ୍ର ଲିକ୍‌ର ଚେର ନବରଙ୍ଗପୁର ଯାଏ ଲମ୍ବିଥିବା ଜଣାପଡ଼ିଛି ।

### ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ପଦ୍ମପୁର,୧୧।୩(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗାଁରେ ବର୍ତ୍ତମାନ ବେଆଇନ ଭାବରେ ଅନେକ ଇଟା ଭାଟି ଚାଲିଥିବା ଅଭିଯୋଗ ଉଠିଛି। ପଦ୍ମପୁର ଉପଅଞ୍ଚଳର ଅନେକ ଗ୍ରାମରେ ଲାଇସେନ୍ସ ବିନା ଓ ପରିବେଶ ନିୟମକୁ ଅମାନ୍ୟ କରି ଇଟାଭାଟି ଚାଲିଛି। ଏହା ଦ୍ୱାରା ସରକାରଙ୍କୁ ଲକ୍ଷାଧିକ ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ବେଳେ କିଛି ବ୍ୟବସାୟୀ ଓ ମଧ୍ୟସ୍ଥମାନେ ଅବୈଧ ଭାବେ ଲାଭ ଉଠାଉଛନ୍ତି। ବେଆଇନ ଇଟାଭାଟିରୁ ବାହାରୁଥିବା ଧୂଆଁ ଓ ଧୂଳି କାରଣରୁ ପରିବେଶ ପ୍ରଦୂଷଣ ହେବା ସହ ନିକଟସ୍ଥ ଚାଷ ଜମି ଓ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟରେ କୁପ୍ରଭାବ ପଡୁଛି। ଏହା ସତ୍ତ୍ୱେ ପ୍ରଶାସନ ତରଫରୁ କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହି ବେଆଇନ ଇଟାଭାଟି ଉପରେ ତୁରନ୍ତ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଜିଲା ପ୍ରଶାସନଙ୍କୁ ଦାବି କରିଛନ୍ତି।

### ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ସାଧାରଣ ସଭାର ଆହ୍ୱାନ

**ପାଇକମାଲ,୧୧।୩(ବଢ଼ ଶତପଥୀ):** ପାଇକମାଲ ଶକ୍ତିନଗରରେ ବୁଧବାର ନୃସିଂହନାଥ ଗନ୍ଧମାର୍ଦ୍ଦନ ବିକାଶ ପରିଷଦ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗନ୍ଧମାର୍ଦ୍ଦନର ସୁରକ୍ଷା ଓ ବିକାଶ ତଥା ପଦ୍ମପୁର ଜିଲା ଗଠନ ପାଇଁ ସବ୍ ଡିଭିଜନ ସ୍ତରୀୟ ବିରାଟ ଜନ ସମାବେଶ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗନ୍ଧମାର୍ଦ୍ଦନ ପାହାଡ଼କୁ କିଛି ଦୂରରେ ଥିବା ଦଲାଲମାନଙ୍କରେ ସରକାର ଖଣିଜ ବ୍ଲକ ତିଆରି କରି ବିନା ପଲ୍ଲୀ ସଭା, ଗ୍ରାମସଭା ତଥା ଜନଶୁଣାଣି ନ କରି ସରକାର ଏସବୁ କମ୍ପାନୀଗୁଡ଼ିକ ନିଲାମ କରି ଦେଇଥିବାରୁ ଏଥିରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏହା ପରେ ପରେ ଗନ୍ଧମାର୍ଦ୍ଦନର ପାଳି ପଡ଼ିବାର ସମ୍ଭାବନା ଥିବାରୁ ସରକାରଙ୍କୁ ଏଥିପାଇଁ ଚେତାବନୀ ଦେବାକୁ ପରିଷଦ ତରଫରୁ ଆସନ୍ତା ୩୧ ତାରିଖରେ ପାଇକମାଲରେ ଏକ ବିରାଟ ସାଧାରଣ ସଭା ଆୟୋଜନ କରାଯାଇ ବିଡିଓଙ୍କ ଜରିଆରେ ସରକାରଙ୍କୁ ଏକ ସ୍ମାରକ ପତ୍ର ଦିଆଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ସଭା ପରିଷଦ ଉପଦେଷ୍ଟା ସଂଗ୍ରାମୀ ସଞ୍ଜୟ ବହିଦାରଙ୍କ ସଭାପତିତ୍ୱରେ ହୋଇଥିଲା। ରାଜକୁମାର ସେଠଙ୍କ ଆହ୍ୱାନ କ୍ରମେ କ୍ଷେତ୍ରୀ ଲୁହାର, ଧବଳେଶ୍ୱର ସାହୁ, ସଞ୍ଜୀବ ବରିହା, ମାଣ୍ଡିଆଡିପା ସମିତି ସଭ୍ୟା ଜୟନ୍ତୀ ସାହୁ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

### ଅଟୋ ରିକ୍ସା ମାଲିକ ସଂଘର ମିଳିତ ବୈଠକ

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଅଟୋ ରିକ୍ସା ମାଲିକ ସଂଘ ଓ ରେଲୱେ ଷ୍ଟେଶନ ଅଟୋ ରିକ୍ସା ସଂଘର ମିଳିତ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ବରଗଡ଼ ଅଟୋ ମାଲିକ ସଂଘର ସଭାପତି ସର୍ଦ୍ଦାର ପ୍ରୀତମ ସିଂ ବୈଠକରେ ସଭାପତିତ୍ୱ କରିଥିଲେ। ରେଲୱେ ଷ୍ଟେଶନ ଅଟୋ ରିକ୍ସା ସଂଘର ସଭାପତି ସଞ୍ଜୟ ବାଗ, ଉପସଭାପତି ଅଭିଜୀତ ନାୟକ, କୋଷାଧ୍ୟକ୍ଷ ରଞ୍ଜିତ ଯାଦବ ଏବଂ ଅଟୋ ରିକ୍ସା ମାଲିକ ସଂଘର ଉପଦେଷ୍ଟା ଆଶୁତୋଷ ରଥ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୋଷାଧ୍ୟକ୍ଷ ଜୟ ତାଣ୍ଡି, ଉପସଭାପତି ବୃନ୍ଦାବନ ବେହେରା ଉପସ୍ଥିତ ଥିଲେ।

# ପାକ୍ସ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

**ଧାନବିକ୍ରି ଅବ୍ୟବସ୍ଥା**

- ସମସ୍ୟା ଅସମାହିତ, ଆନ୍ଦୋଳନ ତୀବ୍ର
- ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଜାରି

**ବରଗଡ଼/ଭେଡ଼େନ,୧୧।୩ (ପ୍ରେମାନନ୍ଦ ଖମାରୀ/ହୃଷୀକେଶ ଖମାରୀ)**


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା।

ବରଗଡ଼ ଜିଲାରେ ରବି ଧାନ କିଣାବିକା ପାଇଁ ମଙ୍ଗଳବାରରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଖରିଫ୍‌ରେ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। କେବଳ ସେତିକି ନୁହେଁ, ଖରିଫ୍ ଧାନବିକ୍ରି ପାଇଁ ବହୁଚାଷୀ ପଞ୍ଜୀକୃତ ହୋଇପାରି ନଥିବା ବେଳ ଅନେକ ଚାଷୀଙ୍କ ପାଖକୁ ଧାନବିକ୍ରି ଟୋକନ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। ଧାନବିକ୍ରିରେ ଏଭଳି ଅବ୍ୟବସ୍ଥାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନଗଦା କରି ଚାଷୀଙ୍କ ଧାରଣା ଜାରି ରହିଥିବାବେଳେ ଦିନକୁ ଦିନ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଧାନବିକ୍ରି ଟୋକନ ପାଇ ନଥିବାରୁ ବୁଧବାର ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁପୁରସିଂହା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ସ୍ଥାନୀୟ ଜଣେ ଚାଷୀ ପ୍ରକାଶ ଚାନ୍ଦା ତାଲା ମାରି ଦେଇଛନ୍ତି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଚାଷୀ ଗତ ଖରିଫ୍‌ରେ ପ୍ରାୟ ୧୦ ଏକର ଜମିରେ ଧାନଚାଷ କରିଥିଲେ। ସେଥିରେ ନିଜର ଜମି ସହିତ ଭାଗଚାଷ ଜମି ମଧ୍ୟ ରହିଛି। ତେବେ ଏପର୍ଯ୍ୟନ୍ତ ଧାନବିକ୍ରି ଟୋକନ ମିଳି ନଥିବାରୁ ସେ ଧାନବିକ୍ରି କରି ପାରି ନାହାନ୍ତି। ଅନ୍ୟପଟେ ସେ ଅସୁସ୍ଥ ଥିବା ଯୋଗୁ ଧାର, କରଜ କରି ଚିକିତ୍ସିତ ହୋଇଥିଲେ। ସେହିପରି ପରିବାର ଗୁଜୁରାଣ ମେଣ୍ଟାଇବା ମଧ୍ୟ କଷ୍ଟସାଧ୍ୟ ହୋଇ ପଡ଼ିଛି ବୋଲି ଚାଷୀ ପ୍ରକାଶ କହିଛନ୍ତି।

ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ କିଛି ସୁଫଳ ମିଳି ନଥିଲା। ଫଳରେ ସେ ପାକ୍ସ କାର୍ଯ୍ୟାଳୟରେ ତାଲା ମାରିବାକୁ ବାଧ୍ୟ ହୋଇଛନ୍ତି ବୋଲି ପ୍ରକାଶ କହିଛନ୍ତି। ତେବେ କେବଳ ପ୍ରକାଶ ନୁହଁନ୍ତି, ଭେଡ଼େନ ବ୍ଲକର ଲୁପୁରସିଂହା, ଖାଉପାଲି, ବକଟି, ସହରାଟିକ୍ରା, ଦେହେରୀପାଲି, ବହଳପାଲି, ତାଲମେଣ୍ଡା, ଦେକୁଲବା ଆଦି ଅଞ୍ଚଳର ଅନେକ ଚାଷୀ ଧାନବିକ୍ରି ଟୋକନ ପାଇ ନଥିବାରୁ ଏପର୍ଯ୍ୟନ୍ତ ଖରିଫ୍‌ରେ ଅମଳ ଧାନ ବିକ୍ରି କରି ପାରି ନାହାନ୍ତି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି।

ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାରେ ବୁଧବାର ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, କଳାକାର ଦେହେରୀ, ବିଜୁ ସାହୁ, ଝସକେତନ ସାହୁ, ଯାଦବ ସାହୁ, ଦିପକ ବଢ଼େଇ, ପୂର୍ଣ୍ଣ ସାହୁ, ଆମ ଆଦମୀ ପାର୍ଟିର ଶାହରୁଖ ଲୋଧିଆ, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଅତାବିରାର ଚାଷୀନେତା ଟିକେଲାଲ ମିଶ୍ର, ସୁବାଷ ବିଶ୍ୱାଳ, ବାରପାହାଡ଼ କୃଷକ ସଂଗଠନର ଇଶାନ୍ତ ଭୋଇ, ରୋହିତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚଢ଼ାଦରରେ ସାର ବିକ୍ରି, ୨ ଦୋକାନୀଙ୍କ ଲାଇସେନ୍ସ ରଦ୍ଦ

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ସାର କଳାବଜାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ କିଛି ଦୋକାନୀ ସାର ବିକ୍ରି କରୁଥିବା ଯୋଗୁ ଚାଷୀମାନେ ଶୋଷିତ ହେଉଛନ୍ତି। ଏଭଳି ଚଢ଼ାଦରରେ ସାରବିକ୍ରି ଜିଲାର ୨ସାର ଦୋକାନୀଙ୍କୁ ମହଙ୍ଗା ପଡ଼ିଛି। ଏହି କ୍ରମରେ ବୁଧବାର କୃଷି ବିଭାଗ ବରଗଡ଼ସ୍ଥିତ ଉମାଶଙ୍କର ଶୁକ୍ଳା ଏବଂ ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରାସ୍ଥିତ ସାଇରାମ ଫର୍ଟିଲାଇଜର୍ସ ଏଣ୍ଡ୍ ପେଷ୍ଟିସାଇଡ୍ସର ସାରବିକ୍ରି ଲାଇସେନ୍ସକୁ ରଦ୍ଦ କରି ଦେଇଛି।

ସୂଚନା ଅନୁଯାୟୀ, ଉପରୋକ୍ତ ୨ ସାର ଦୋକାନରେ ଚଢ଼ାଦରରେ ସାରବିକ୍ରି ହେଉଥିବା ନେଇ କୃଷି ବିଭାଗକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି କୃଷି ବିଭାଗର ଏକ ଟିମ୍ ଉପରୋକ୍ତ ଦୋକାନରେ ଅତର୍କିତ ଚଢ଼ାଉ କରି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ସମ୍ପୃକ୍ତ ଦୋକାନୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏହାକୁ ଭିତ୍ତି କରି ଗୋଷ୍ଠୀ କୃଷି ଅଧିକାରୀ(ବିଏଓ) ଇତିସ୍ମିତା ଦେବତା ଏବଂ ସହକାରୀ କୃଷି ଅଧିକାରୀ ଜ୍ୟୋସ୍ନାରାଣୀ ଭିଡ୍ରିୟା କୃଷି ବିଭାଗଠାରେ ଯାଞ୍ଚ ରିପୋର୍ଟ ଦାଖଲ କରିଥିଲେ। ସେହି ଯାଞ୍ଚ ରିପୋର୍ଟ ଆଧାରରେ କୃଷି ଜିଲା ଅଧିକାରୀ(ଏଡିଓ) ମମତାରାଣୀ ତ୍ରିପାଠୀ ଉପରୋକ୍ତ ଦୋକାନୀଙ୍କ ସାରବିକ୍ରି ଲାଇସେନ୍ସକୁ ରଦ୍ଦ କରିଥିଲେ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


କୃଷି ବିଭାଗର ଟିମ୍ ସାର ଦୋକାନରେ ଯାଞ୍ଚ କରୁଛନ୍ତି।

# ବିଶାଶହେ କୁଲତା ସମାଜର ବାର୍ଷିକ ମିଳନ

**ପଦ୍ମପୁର,୧୧।୩(ପ୍ରଦୀପ୍ତ ଦାଶ )**

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ଗାଁରେ ବିଶାଶହେ କୁଲତା ସମାଜର ବାର୍ଷିକ ମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ସମ୍ବଲପୁରୀ ଶାଖା କେନ୍ଦ୍ର ସଭାପତି ଲକ୍ଷ୍ମଣ ବେହେରା, ଉପ ସଭାପତି ଗୋପାଳ ପ୍ରଧାନ, ସମ୍ପାଦକ ଦେବାନନ୍ଦ ପ୍ରଧାନ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କୁଲତା ସମାଜ ଆରାଧ୍ୟ ଦେବତା ବାବା ରଣେଶ୍ୱର, ଇଷ୍ଟଦେବୀ ମା'ରାମଚଣ୍ଡୀଙ୍କ ପୂଜା କାର୍ଯ୍ୟ ହୋଇଥିଲା। ନିମନ୍ତ୍ରିତ ଅତିଥିଙ୍କୁ ସମାଜ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚଣ୍ଡୀଙ୍କ ପୂଜା କାର୍ଯ୍ୟ ଗୌଡ଼ମାଳ ଶାଖା କେନ୍ଦ୍ର ଜାତିଭାଇ ଗଣେଶକୁମାର ଭୋଇ ସମ୍ପାଦନ କରିଥିଲେ। ଅତିଥିମାନେ ସମାଜର ଶିକ୍ଷା, ଚଳଣି ଓ ସଂସ୍କାର ମୂଳକ ସାମଗ୍ରିକ ଉନ୍ନତି ପାଇଁ ମାତୃଶକ୍ତି ଓ ଯୁବପିଢ଼ିଙ୍କୁ ଆଗକୁ ଆସିବାକୁ ଆହ୍ୱାନ କରିଥିଲେ। କେନ୍ଦ୍ର ସଭାପତି ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ଗଠନ, ମହିଳା ସମିତି ଗଠନ, ବୈବାହିକ କାର୍ଯ୍ୟକ୍ରମରେ ମୁଦି ପିନ୍ଧା


ବାର୍ଷିକ ସମ୍ମିଳନୀରେ ସମାଜ ତରଫରୁ ସମ୍ମାନିତ କରାଯାଉଛି।

ଉତ୍ସବ ନିଷିଦ୍ଧ, ଫଳଦାନ କାର୍ଯ୍ୟକ୍ରମରେ ଉତ୍ତରୀୟ ପ୍ରଦାନ ନିଷିଦ୍ଧ, ପିଠାଖିଆ କାର୍ଯ୍ୟକ୍ରମ ପୂର୍ବ ବିଧି ଅନୁଯାୟୀ କେବଳ କନ୍ୟାପିତା ଓ ମାଇଁ ମାମୁଁ ଓ ବାପା କାକାଙ୍କୁ ଅନୁମତି ପ୍ରଦାନ, କୁଲତା ସମାଜର ପୁଅ ଝିଅ ସର୍ବନିମ୍ନ ଯୁକ୍ତ ୨ ଯାଏଁ ପାଠ ପଢ଼ିବା ସୁନିଶ୍ଚିତ କରିବା, ଯୁବବର୍ଗଙ୍କୁ ନିଶାରୁ ସମ୍ପୂର୍ଣ୍ଣ ନିବୃତ୍ତ କରିବା ସଂକଳ୍ପ ଗ୍ରହଣ କରାଗଲା। ଏହି ଅବସରରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କ ନାମଲେଖା ଖର୍ଚ୍ଚ ପ୍ରଦାନ କରିବା ପାଇଁ ଚୈତନ୍ୟ ବିଶ୍ୱାଳ ଘୋଷଣା କରିଥିଲେ। ଆଗ ଧାଡ଼ିର କର୍ମକର୍ତ୍ତାଭାବେ କୃଳମଣି ବାରିକ, ଲୋକନାଥ ପ୍ରଧାନ, ହାରାଧନ ପ୍ରଧାନ, ତୀର୍ଥ ସାହୁ, ଭାରତ ପ୍ରଧାନ, ନିରଞ୍ଜନ ପ୍ରଧାନ, ସୁନୀଲ ପ୍ରଧାନ, ଭୀଷ୍ମଦେବ ବେହେରା, ପ୍ରତାପ ସାହୁ, ଭୁବନେଶ୍ୱର ପ୍ରଧାନ,ପୁରନ ବିଶ୍ୱାଳ, ସୁରେଶ ପ୍ରଧାନ ଅରୁଣ ପ୍ରଧାନ ପ୍ରମୁଖ ବିଶେଷ ଭାବରେ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରେଇକେଲା କୁଲତା ସମାଜର ସମସ୍ତ ଜାତିଭାଇ ଅଂଶଗ୍ରହଣ କରିଥିଲେ। ନିରାକାର ପ୍ରଧାନ ସଭାକାର୍ଯ୍ୟ ପରିଚାଳନା ଏବଂ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

# ଗ୍ୟାସ୍ ଦର ବୃଦ୍ଧି, ଜାଳେଣି କାଠ ଚାହିଦା ବଢୁଛି

**ପଦ୍ମପୁର,୧୧।୩(ପ୍ରଦୀପ୍ତ ଦାଶ )**

ବର୍ତ୍ତମାନ ମଧ୍ୟ ପ୍ରାଚ୍ୟର ଯୁଦ୍ଧର ପ୍ରଭାବ ପଦ୍ମପୁର ଅଞ୍ଚଳରେ ଦେଖିବାକୁ ମିଳୁଛି। ଏହି ପ୍ରଭାବ ସିଧାସଳଖ ରୋଷେଇ ଘରେ ପଡିଛି। ଖାଇବା ତେଲ ଲିଟର ପିଛା ୧୦ଟଙ୍କା ବୃଦ୍ଧି ହୋଇଥିବା ବେଳେ ରନ୍ଧନ ଗ୍ୟାସ ଏବେ ୧୦୦୦ ଟଙ୍କା ଉପରେ। ତେବେ ଏହି ଦରବୃଦ୍ଧି ଯୋଗୁ ଗରିବ ଓ ମଧ୍ୟ ବିତ୍ତ ଶ୍ରେଣୀର ଲୋକେ କିଣିବା ଅସମର୍ଥ ହେଉଛନ୍ତି। ଫଳରେ ସେମାନେ ପୁଣି ଥରେ କାଠ ଚୁଲିକୁ ଫେରିବାକୁ ବାଧ୍ୟ ହେଉଛନ୍ତି। ସେମାନେ ଜାଳେଣୀ କାଠ ଉପରେ ନିର୍ଭର କରିଛନ୍ତି ।ବର୍ତ୍ତମାନ ପଦ୍ମପୁର ସହରକୁ ପ୍ରତିଦିନ ବିଡାବିଡା କାଠ ବିକ୍ରି ପାଇଁ ଆସୁଛି । କେତେକ ଅସାଧୁ କାଠ ବେପାରୀ ମଧ୍ୟ ଏହାର ସୁଯୋଗ ନେଇ ଜଙ୍ଗଲରୁ ମୂଲ୍ୟବାନ କାଠ ମଧ୍ୟ କାଟି ଦେଉଛନ୍ତି। ସେହିପରି ରନ୍ଧନ ଗ୍ୟାସ ବୃଦ୍ଧି ସମ୍ପର୍କରେ ଜଣେ ଡିଲରଙ୍କୁ ପଚାରିବାରୁ, ଦରବୃଦ୍ଧି ପରେ ବିଶେଷ କରି ଉଜ୍ଜ୍ୱଳା ଯୋଜନାର ପ୍ରାୟ ୪୦ପ୍ରତିଶତ ଉପଭୋକ୍ତା ଗ୍ୟାସ ନେଉନାହାନ୍ତି ।ସେହିପରି ବ୍ୟବସାୟୀକ ଗ୍ୟାସ ସିଲିଣ୍ଡର ପ୍ରାୟ ୨୨୦୦ଟଙ୍କା ଉପରେ ରହୁଥିବାରୁ ଜଳଖିଆ ଦୋକାନୀ ମଧ୍ୟ କାଠ ଉପରେ ନିର୍ଭର କରିବା ପାଇଁ ବାଧ୍ୟ ହେଉଛନ୍ତି ।

# କଲେଜରେ ଶିଳ୍ପ-ଶିକ୍ଷାଭିତ୍ତିକ ଆଲୋଚନାଚକ୍ର




**ବରପାଲି,୧୧।୩(ଚିତ୍ତରଞ୍ଜନ ସାହୁ)**

ବରପାଲି ରାଜୀବ ଲୋଚନ ହୋତା ଏଜୁକେଶନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଫାର୍ମାସ୍ୟୁଟିକାଲ କଲେଜ, ବରପାଲି ଆନୁକୂଲ୍ୟରେ 'ଇଣ୍ଟର୍ନଶିପ ଏବଂ ଗବେଷଣାର ସୁଯୋଗ' ଶୀର୍ଷକ ଏକ ଶିକ୍ଷା-ଶିଳ୍ପ ସମନ୍ୱୟ ଆଲୋଚନାଚକ୍ର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ 'ଟିଜେ ଟାୟାର୍ସ'ର ପ୍ରତିଷ୍ଠାତା ତଥା ସିଇଓ ସମୀର ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ବହୁମୂଲ୍ୟ ଅନୁଭୂତି ବାଣ୍ଟିଥିଲେ। ଶିଳ୍ପ ଜଗତର ଆବଶ୍ୟକତା, ବୃତ୍ତିଗତ ବିକାଶ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଇଣ୍ଟର୍ନଶିପ ଓ ଗବେଷଣାର ଗୁରୁତ୍ୱ ସମ୍ପର୍କରେ ସେ ପ୍ରାଞ୍ଜଳ ଭାବେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରମ୍ୟାନ ନରେନ୍ଦ୍ର କୁମାର ହୋତା ସଭାପତିତ୍ୱ କରିଥିଲେ। ସମ୍ପାଦକ ଦାମୋଦର ପଣ୍ଡା ଏବଂ ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ସାହୁ ଉପସ୍ଥିତି ଥିଲେ। ଅଧ୍ୟକ୍ଷ ଡ. ଆଶୁତୋଷ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଶିଳ୍ପ ପ୍ରଶିକ୍ଷଣ ଓ ବ୍ୟାବହାରିକ ଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସେମିନାର ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ କଲେଜର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

# ଚଳନ୍ତା ଟ୍ରେନ୍ ଆଗରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ବରପାଲି,୧୧।୩(ଚିତ୍ତରଞ୍ଜନ ସାହୁ)**

ହାତଯୋଡ଼ି ଚଳନ୍ତା ଟ୍ରେନ୍ ଆଗକୁ ଯାଇ ଜଣେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାର ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ଏହି ଘଟଣାଟି ମଙ୍ଗଳବାର ରାତିରେ। ବରଗଡ଼ ଜିଲା ବରପାଲି ରେଳ ଷ୍ଟେଶନ ନିକଟରେ ଏହା ଘଟିଥିଲା ବୋଲି ଚର୍ଚ୍ଚା ଚାଲିଛି। ସେହିପରି ଯୁବକ ଜଣକ ବରପାଲି ଥାନା ରେମତା ଗ୍ରାମର ବୋଲି ଲୋକେ କହୁଛନ୍ତି। ଭାଇରାଲ ଭିଡିଓରୁ ଯାହା ଜଣାପଡୁଛି, ଯୁବକ ଜଣକ ହାତ ଯୋଡ଼ି ଚଳନ୍ତା ଟ୍ରେନ୍ ଆଗକୁ ଯାଇ ଛିଡ଼ା ହୋଇ ଥିବା ବେଳେ ଟ୍ରେନ୍‌ଟି ଧକ୍କା ଦେଇଛି। ସୌଭାଗ୍ୟ ବଶତଃ ସେ ବଞ୍ଚିଯାଇ ଥିବା ବେଳେ ତାଙ୍କ ଗୋଡ଼ କଟିଯାଇଛି। ଯୁବକ ଜଣକ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

# ଶୁଦ୍ଧି ସଂସ୍କାର ଯଜ୍ଞ

**ଅତାବିରା,୧୧।୩(ଯୁଧିଷ୍ଠିର ମହାପାତ୍ର ):** ବରଗଡ଼ ଜିଲା ଅତାବିରା ରାମ ବାବା ମଠରେ ବିଶ୍ୱହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ ଆନୁକୂଲ୍ୟରେ ବୁଧବାର ଶୁଦ୍ଧି ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଧି ପୂର୍ବକ ପଣ୍ଡିତ ଅଚ୍ୟୁତାନନ୍ଦ କରଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ସହିତ ଯଜ୍ଞ ଆରମ୍ଭ ହୋଇଥିଲା । ପରେ ପରାବର୍ତ୍ତନ ପାଇଁ ଆସିଥିବା ଗଞ୍ଜାଉଡା ଗ୍ରାମର ୭ ଟି ପରିବାରର ୨୩ ଜଣ ବ୍ୟକ୍ତିଙ୍କୁ ପଞ୍ଚଗବ୍ୟ, ଗଙ୍ଗାଜଳରେ ଶୁଦ୍ଧି କରାଯାଇଥିଲା। ଶେଷରେ ଦିଲ୍ଲୀରୁ ଆସିଥିବା ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ମନ୍ତ୍ରୀ ବୀରେନ୍ଦ୍ର ଜୀ ଶର୍ମା, ପ୍ରାନ୍ତ ସଭାପତି ଡ. ରାଜକୁମାର ବଡପଣ୍ଡା, କ୍ଷେତ୍ରୀୟ ଧର୍ମ ପ୍ରସାର ପ୍ରମୁଖ ଅଚ୍ୟୁତାନନ୍ଦ କର ପରବର୍ତ୍ତିତ ଲୋକଙ୍କୁ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ। ଏହି ଯଜ୍ଞର କର୍ତ୍ତା ଭାବରେ ବରଗଡ଼ ଜିଲାର ପରମାନନ୍ଦ ମିଶ୍ର ଓ ସରିତାମୟୀ ମିଶ୍ର ସପତ୍ନୀକ ସମ୍ପାଦନ କରିଥିଲେ।

# ପେଟ୍ରୋଲ ଅଭାବ, ତେଲ ଟାଙ୍କିରେ ଲମ୍ବା ଲାଇନ

**ବୀରମହାରାଜପୁର,୧୧।୩ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହରରେ ଏବେ ପେଟ୍ରୋଲ ଅଭାବ ଦେଖାଦେଇଛି। ଇରାନ ଆମେରିକା ଯୁଦ୍ଧ ଫଳରେ ତେଲ ଆସୁ ନଥିବାରୁ ତେଲ ଅଭାବ ଦେଖା ଦେଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ବୀରମହାରାଜପୁର ହିଲୁଙ୍ଗ ଛକ ପାଖରେ ଥିବା ଟାଙ୍କିରେ ତେଲ ନଥିବାରୁ ଲୋକ ଫେରୁଥିବା ବେଳେ ଉଫୁଲା ପାଖରେ ଥିବା ଟାଙ୍କିରେ ତେଲ କମ ଥିବାରୁ ଜଣକ ପିଛା ମାତ୍ର ଶହେ ଟଙ୍କାର ତେଲ ଦିଆଯାଉଛି। ସେଭଳି ଭାବରେ କାନପୁର ବେରିହା ପେଟ୍ରୋଲ ପମ୍ପରେ କେବଳ ଏକ୍ସଟ୍ରାପ୍ରିମିୟମ ତେଲ ମିଳୁଥିବାରୁ ସେଠାରେ ଲମ୍ବା ଲାଇନ ଲାଗିଛି । ସେଭଳି ଭାବରେ ବାଗବର୍ ତେଲ ଟାଙ୍କିରେ ତେଲ ଥିବାର ଜଣାଯାଇଛି।


ବୀରମହାରାଜପୁର କାନପୁର ପେଟ୍ରୋଲ ପମ୍ପରେ ତେଲ ପାଇଁ ବାଇକ୍ ଆରୋହୀଙ୍କ ଲମ୍ବା ଲାଇନ।

# ଦୟାନିଧି ମିଶ୍ର ଥିଲେ ଓଡ଼ିଆ ସାହିତ୍ୟର ପାୟୋନିୟର

**ବରଗଡ଼,୧୧।୩(ପ୍ରେମାନନ୍ଦ ଖମାରୀ)**

ସାହିତ୍ୟ ଓ ସାଧନାର ଦିବ୍ୟଭୂମି ଓଡ଼ିଶାରେ ଜଣେ ସ୍ମରଣୀୟ ସାରସ୍ୱତ ସନ୍ତାନ ହେଉଛନ୍ତି ବିଶିଷ୍ଟ କଥାକାର ଓ କବି ଦୟାନିଧି ମିଶ୍ର। ଓଡ଼ିଆ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସର ଆଦିପର୍ବରେ ତାଙ୍କର ଅବଦାନ ଅନନ୍ୟ। ସମକାଳୀନ ସମାଜ ଓ ସମୟର ପ୍ରାଣସ୍ପନ୍ଦନ ହେଉଛି ଦୟାନିଧି ମିଶ୍ରଙ୍କ ଉଚ୍ଚକୋଟୀର ସାରସତ ସୃଷ୍ଟି। ଜଣେ ଉଚ୍ଚମାନର କବି, ଗାଳ୍ପିକ, ଔପନ୍ୟାସିକ, ସମ୍ପାଦକ, ପ୍ରାବନ୍ଧିକ ଭାବେ ଓଡ଼ିଆ ସାରସ୍ୱତ ଜଗତର ସେ ଜଣେ ଶ୍ରଦ୍ଧାଶୀଳ ଉଚ୍ଚାରଣ ତଥା ଆଧୁନିକ ଓଡ଼ିଆ ସାହିତ୍ୟର ସେ ଜଣେ ପାୟୋନିୟର ଥିଲେ ବୋଲି ବୁଧବାର କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟ ଡ. ମନୋଜ କୁମାର ପଣ୍ଡା ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନକୁଳ ସେଠ ସ୍ୱାଗତ ଭାଷଣ ଭାଷଣ ଦେଇଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗ ମୁଖ୍ୟ ଡ. ଶେଷନ ବିଶି ପ୍ରାରମ୍ଭିକ ସୂଚନା ପ୍ରଦାନ ସହିତ ଦୟାନିଧି ମିଶ୍ରଙ୍କ ସାରସ୍ୱତ ଜୀବନର ମହତ୍ତ୍ୱପୂର୍ଣ୍ଣ ଘଟଣାର ଆଲୋକପାତ କରି କହିଥିଲେ, ଯୁବପିଢ଼ି ହିଁ ତାଙ୍କ ସାରସ୍ୱତ କୃତିର ପ୍ରାମାଣିକ ଗବେଷଣା କରି ପାରିବେ। ପ୍ରାକ୍ତନ ପ୍ରଫେସର ବବ୍ରୁବାହନ ମହାପାତ୍ର କଥାଶିଳ୍ପୀ ଦୟାନିଧି ମିଶ୍ରଙ୍କ ଗଳ୍ପ ଜଗତ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ବିଶ୍ୱନାଥ ସାହୁ ପ୍ରବନ୍ଧ ପାଠ ମାଧ୍ୟମରେ ଦୟାନିଧି ମିଶ୍ରଙ୍କ ଉପନ୍ୟାସର ବହୁ ନୂତନ ତଥ୍ୟ ଉପସ୍ଥାପନ କରିଥିଲେ। ଆଲୋଚିକା ଡ. ଲିପିକା ମିଶ୍ର ଦୟାନିଧି ମିଶ୍ରଙ୍କ ଜୀବନ ଓ ସୃଜନ ଉପରେ ଆଲୋଚନାପୂର୍ବକ ନିଜ ପ୍ରବନ୍ଧ ପାଠ କରିଥିଲେ। ଗବେଷକ ଓ ସାରସ୍ୱତ ସାଧକ ଅଧ୍ୟାପକ ମୋହନ ସାହୁ ଦୟାନିଧି ମିଶ୍ରଙ୍କ ସାରସ୍ୱତ ଜଗତର ସାହିତ୍ୟିକ ମୂଲ୍ୟ ଅପେକ୍ଷା ସମୟର ନିଛକ ଓ ଜୀବନ୍ତ ପ୍ରାଣସ୍ପନ୍ଦନ ବୋଲି ମତପ୍ରକାଶ କରିଥିଲେ। ଡ. ସଞ୍ଜୟ କୁମାର ମିଶ୍ର ନିଜ ପ୍ରବନ୍ଧ ପାଠରେ ଦୟାନିଧି ମିଶ୍ରଙ୍କ ବିରହ ବଂଶୀ କବିତା ସଂକଳନ ଆଧାରରେ ତାଙ୍କୁ ଜଣେ ସାର୍ଥକ ପ୍ରେମିକ କବିର ଆଖ୍ୟା ଦେଇଥିଲେ। ଦୟାନିଧି ମିଶ୍ରଙ୍କୁ


ଆଲୋଚନାଚକ୍ରରେ ଛାତ୍ରୀମାନେ ସଙ୍ଗୀତ ଗାନ କରୁଛି।

ଓଡ଼ିଆ ସାହିତ୍ୟର ଜଣେ ସମର୍ଥ ଏବଂ ସମର୍ପିତ ସାଧକ ସଭାମୁଖ୍ୟ ମନୋଜ କୁମାର ପଣ୍ଡା ଅଭିହିତ କରିଥିଲେ। ଏହି ଅବସରରେ ଅତିଥିମାନେ ତପସ୍ୱିନୀ ଉଦ୍ୟାନରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଓଡ଼ିଆ ବିଭାଗର ପ୍ରାଚୀର ପତ୍ରିକା 'ଅନ୍ୱେଷା'ର ନୂତନ ସଂଖ୍ୟା ଉନ୍ମୋଚିତ କରିଥିଲେ। ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀଙ୍କ ସଂଯୋଜନାରେ ଛାତ୍ରୀମାନେ ପ୍ରାରମ୍ଭିକ ଓ ଅନ୍ତିମ ସଙ୍ଗୀତ ଗାନ କରିଥିଲେ। ଆଲୋଚନାଚକ୍ରରେ କଣ୍ଟାବାଞ୍ଜି କେନ୍ଦ୍ରୀୟ ବିଦ୍ୟାଳୟ, ବରଗଡ଼ ପାର୍ବତୀ ଗିରି ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଏବଂ ପଞ୍ଚାୟତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବରଗଡ଼ ଜିଲାର ଶିକ୍ଷାବିତ୍ ଓ ସାରସ୍ୱତ ପ୍ରେମୀ ପ୍ରଫେସର ରବୀନ୍ଦ୍ର ପ୍ରଧାନ, ମନୋରଞ୍ଜନ ସାହୁ, ଡୋଳାମଣି ଶତପଥୀ, ଦିବ୍ୟ କିଶୋର ଦେବତା, ବିରେନ୍ଦ୍ର ପ୍ରଧାନ, ଉମେଶ ବିଶ୍ୱାଳ, ମକରଧ୍ୱଜ ବିଶ୍ୱାଳ, ପ୍ରମୋଦ ସାହୁ, ଦୟାନିଧି ମିଶ୍ରଙ୍କ ବଂଶଜ ବିକ୍ରମାଦିତ୍ୟ ମିଶ୍ର ଓ ବିଜୟକୃଷ୍ଣ ମିଶ୍ର ପ୍ରମୁଖ ସାହିତ୍ୟପ୍ରେମୀ ଯୋଗଦାନ କରିଥିଲେ।

# ଅଚଳ ନଳକୂପ ଶୀଘ୍ର ମରାମତି କର

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲା ସ୍ତରୀୟ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼,୧୧।୩(ଜୟ ନାରାୟଣ ମେଣ୍ଡୁଲି)



ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟ ସମସ୍ତ ସରକାରୀ ଅଧିକାରୀ।

ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବୁଧବାର ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିକାଶ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ଡା.ମହାପାତ୍ର ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧ୍ୟାନ ଦିଆଯିବାକୁ ଗୁରୁତ୍ୱାରୋପ କରିଥିଲେ। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଅପାତକାଳୀନ ପରିସ୍ଥିତି ଉପୁଜିଲେ ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସମସ୍ତ ଅଧିକାରୀଙ୍କୁ କହିଛନ୍ତି। ରାଉରକେଲା ମହାନଗର ନିଗମ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ୱାଟକୋ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୂରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଏବଂ ଜଳ ଛତ୍ର କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଚଳ କିମ୍ବା ଖରାପ ହୋଇଯାଇଥିବା ନଳକୂପ ଗୁଡିକ ଶୀଘ୍ର ମରାମତି କରାଯିବାକୁ ଏବଂ ଜଳ ସମସ୍ୟା ଥିବା ଅଞ୍ଚଳ ଗୁଡିକ ବିଶେଷ ଧ୍ୟାନ ଦେବା, ପ୍ରମୁଖ ସ୍ଥାନ ଗୁଡିକରେ ଜଳଛତ୍ରମାନ ଖୋଲା ଯିବା ସହିତ ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା ତଥା ପ୍ରାଣୀ ଓ ପକ୍ଷୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ତାଙ୍କ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା, ଗ୍ରୀଷ୍ମ ସମୟରେ ଗୃହ ପାଳିତ ପ୍ରାଣୀଙ୍କ କିଭଳି ଯତ୍ନ ନିଆଯିବ ତାହା ନେଇ ସଚେତନତା ସୃଷ୍ଟି କରିବା ଆଦି ନେଇ ବୈଠକରେ ଆଲୋଚନା କରାଯାଇଛି। ସେହିପରି ଅଂଶୁଘାତର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନା ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ପରିମାଣରେ ଓ.ଆର୍.ଏସ ପ୍ୟାକେଟ, ଆବଶ୍ୟକୀୟ ଔଷଧ ଆଦି ମହଜୁଦ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି। କଣ୍ଟ୍ରୋଲ ରୁମ ମଧ କାର୍ଯ୍ୟକାରୀ ହେଉଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ କରାଇଥିଲେ। ସେହିଭଳି ଏହି ସ୍ୱତନ୍ତ୍ର ୱାର୍ଡ ଗୁଡିକରେ ନିରବଛିନ୍ନ ବିଦ୍ୟୁତ୍ ଓ ଏସି ବ୍ୟବସ୍ଥା କରିବାକୁ କୁହାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନେ ଗସ୍ତ କରି ନିଜ ନିଜ ଅଞ୍ଚଳର ସବୁ ବ୍ୟବସ୍ଥା ଆଦିକୁ ସୁନିଶ୍ଚିତ କରିବାକୁ ଜିଲାପାଳ ଡା.ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସକାଳୁଆ ସ୍କୁଲ ଓ ଅଙ୍ଗନୱାଡ଼ି ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ସ୍କୁଲ, ଅଙ୍ଗନୱାଡ଼ି ଗୁଡିକରେ ଯଥେଷ୍ଟ ପରିମାଣରେ ପାନୀୟ ଜଳ, ଓ. ଆର୍. ଏସ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ସେହିପରି ଅଂଶୁଘାତରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଯେପରି ଅତ୍ୟଧିକ ଖରା ସମୟରେ କାମ ନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ନିୟମିତ କାର୍ଯ୍ୟସ୍ଥଳ ଗୁଡିକରେ ଶ୍ରମିକଙ୍କ ପାଇଁ ବ୍ୟବସ୍ଥା ଓ କାର୍ଯ୍ୟ ସମୟ ଠିକ ଭାବରେ କାର୍ଯ୍ୟକାରୀ କରୁଛନ୍ତି କି ନାହିଁ ତଦାରଖ କରିବାକୁ କହିଛନ୍ତି। ଅତ୍ୟାବଶ୍ୟକ ନ ହେଲେ ବାହାର କୁ ନ ବାହାରିବା ନିମନ୍ତେ ଜନସଚେତନତା କରାଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପଜିଲାପାଳ ତେଜସ୍ୱନୀ ବେହେରା, ସହକାରୀ ବନ ସଂରକ୍ଷକ(ଏସିଏଫ) ରାଜ କୁମାର ସେଠୀ, ଡେପୁଟି କଲେକ୍ଟର (ଅପାତକାଳୀନ) ଅଶିନୀ ପଣ୍ଡା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଡିପିଏଚଓ) ଡା. ଶ୍ରୀନିବାସ ମହାରଣାଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

# ରାସ୍ତା ନ ଥିବାରୁ ଖଟିଆରେ ବୁହାହେଲେ ରୋଗୀ



ସୁନ୍ଦରଗଡ଼,୧୧।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ ପଞ୍ଚାୟତର ସଲଙ୍ଗାବୁଡ ଗ୍ରାମ ଅନ୍ତର୍ଗତ ଭୀଷ୍ମପଡାରେ ପୁଣିଥରେ ରାସ୍ତା ସମସ୍ୟାର କଷ୍ଟଦାୟକ ଚିତ୍ର ସାମ୍ନାକୁ ଆସିଛି। ଗ୍ରାମର ଫୁଲ ମୁଣ୍ଡା (୭୯) ନାମକ ଜଣେ ବୃଦ୍ଧା ହଠାତ୍ ଅସୁସ୍ଥ ହୋଇପଡିବାରୁ ସେ ଚାଲି ପାରୁ ନ ଥିଲେ। ଗାଁକୁ ଯିବା ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ଗ୍ରାମଭିତରକୁ ପଶି ପାରି ନ ଥିଲା। ଆମ୍ବୁଲାନ୍ସ ଟି ଗାଁ ଠାରୁ ଦେଢ କିମି ଦୂରରେ ଅଟକି ଥିଲା। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ବୃଦ୍ଧାଙ୍କୁ ଖଟିଆରେ ବୋହି ପ୍ରାୟ ଦେଢ କିଲୋମିଟର ଦୂର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେଇଥିଲେ। ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିଲା। ଉକ୍ତ ଭୀଷ୍ମପଡାରେ ଦୀର୍ଘଦିନ ଧରି ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ଗ୍ରାମବାସୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସ ଗ୍ରାମକୁ ପଶି ପାରୁନଥିବାରୁ କେହି ଅସୁସ୍ଥ ହେଲେ ତାଙ୍କୁ ରାସ୍ତା ପର୍ଯ୍ୟନ୍ତ ବୋହି ଆଣିବାକୁ ପଡୁଛି। ରୋଗୀଙ୍କ ଅବସ୍ଥା ଗୁରୁତର ହେଲେ ଖଟିଆ ହିଁ ଏକମାତ୍ର ଭରସା ସାଜୁଛି। ବିଶେଷକରି ଗର୍ଭବତୀ ମହିଳାମାନେ ପ୍ରସବ ବେଦନାରେ ପଡିଲେ ଏହି ସମସ୍ୟା ଆହୁରି ଗୁରୁତର ହେଉଛି। କେତେବେଳେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ମଧ ରାସ୍ତାରେ ପ୍ରସବ ହେବା ପର୍ଯ୍ୟନ୍ତ ଘଟଣା ଘଟୁଥିବା ଗ୍ରାମବାସୀମାନେ କହିଛନ୍ତି। ତେଣୁ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଏହି ଜିଲାର ପ୍ରାୟ ୧୨୦ଟି ଗାଁ କୁ ଏପର୍ଯ୍ୟନ୍ତ ଭଲ ରାସ୍ତା ଟିଏ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ୬୪ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏନ୍‌ଟିପିସି ଉତ୍କୃଷ୍ଟ ମେଧାବୃତ୍ତି ପ୍ରଦାନ


ଏନ୍‌ଟିପିସି ଉତ୍କୃଷ୍ଟ ମେଧା ବୃତ୍ତି ପ୍ରଦାନ ଅବସରରେ ପ୍ରଦାନ ଅବସରରେ ଅତିଥି ଓ ପ୍ରକଳ୍ପର ଅଧିକାରୀ ଙ୍କ ସହ ମେଧାବୀ ଛାତ୍ରୀଛାତ୍ର।

ସୁନ୍ଦରଗଡ,୧୧।୩(ଜୟ ନାରାୟଣ ମେଣ୍ଡୁଲି)

ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପ ପ୍ରଭାବିତ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ଅବସ୍ଥିତ ୧୯ଟି ବିଦ୍ୟାଳୟର ୬୪ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍କୃଷ୍ଟ ମେଧାବୃତ୍ତି ବଣ୍ଟନ କରାଯାଇଛି। ସେମାନଙ୍କର ଶୈକ୍ଷିକ ଉତ୍କର୍ଷତାକୁ ସ୍ୱୀକୃତି ଦେଇ ଏବଂ ସେମାନଙ୍କୁ ଉଚ୍ଚ ଶିକ୍ଷାଗତ ଆକାଂକ୍ଷା ହାସଲ କରିବାକୁ ଏନଟିପିସି ଦର୍ଲିପାଲି ଉତ୍ସାହିତ କରିଛି। ଏହି ଉପଲକ୍ଷେ ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଏନଟିପିସି ଦର୍ଲିପାଲିର ପ୍ରକଳ୍ପ ମୁଖ୍ୟ ଫୈଜ ତୈୟାବ, ମହାପ୍ରବନ୍ଧକ ( ଓ ଆଣ୍ଡ ଏମ) ରବିନ୍ଦ୍ର ଶର୍ମା, ମହାପ୍ରବନ୍ଧକ ଇପିଲ ବାଗେ, ମହାପ୍ରବନ୍ଧକ (ଅପରେସନ) ଏବଂ ଅଭିଲାଷ ଲେଡିଜ କ୍ଲବର ସଭାପତି ତାଜିନ ଜାୱେଦ ପ୍ରମୁଖ ଉପସ୍ଥିତ ଥିଲେ। ଲେଫ୍ରିପଡାର ବ୍ଲକ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା ମଧ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଏନଟିପିସି ଦର୍ଲିପାଲି ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ମଧ୍ୟରେ ଶିକ୍ଷା ଏବଂ ଶିକ୍ଷାଗତ ଉନ୍ନତିର ସଂସ୍କୃତିକୁ ପ୍ରୋତ୍ସାହିତ କରିଚାଲିଛି। ଏହି କାର୍ଯ୍ୟକ୍ରମରେ ଛାତ୍ର, ଅଭିଭାବକ, ସ୍କୁଲ ପ୍ରତିନିଧି ଏବଂ ଏନଟିପିସି ଅଧିକାରୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଯାହା ଏହାକୁ ଶୈକ୍ଷିକ ଉତ୍କର୍ଷତା ପାଳନ କରିବା ଏବଂ ଶିକ୍ଷା ମାଧ୍ୟମରେ ସାମୁଦାୟିକ ବିକାଶ ପ୍ରତି ଏନଟିପିସି ର ପ୍ରତିବଦ୍ଧତାକୁ ସୁଦୃଢ଼ କରିବାର ଏକ ଅର୍ଥପୂର୍ଣ୍ଣ ଅବସର କରିଥିଲା ବୋଲି ପ୍ରକଳ୍ପର ମାନବ ସମ୍ବଳ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି।

# ଚିଫ୍ ସେକ୍ରେଟାରିଙ୍କ ସହ ବ୍ୟାରେଜ ନିର୍ମାଣ ନେଇ ଆଲୋଚନା

ବଡ଼ଗାଁ,୧୧।୩(ଅଶୋକ ଷଡଙ୍ଗୀ)


ଚିଫ ସେକ୍ରେଟାରିଙ୍କ ସହିତ ଆଲୋଚନା।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ଗ୍ରାମ ନିକଟ ସଫେଇ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ସରକାରୀ ମଞ୍ଜୁରୀ ହୋଇଥିଲେ ମଧ ଏ ଯାଏଁ ଟେଣ୍ଡର ହୋଇନାହିଁ। ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହାର ଶୀଘ୍ର ନିର୍ମାଣ ପାଇଁ ବୁଧବାର ଅପରାହ୍ନରେ ବଡ଼ଗାଁ ବ୍ଲକ ଅନ୍ତର୍ଗତ ଚେମଠାପଡା ଗ୍ରାମର ଇଂଜିନିୟର ଅଜେକ କୁମାର ପ୍ରଧାନଙ୍କ ସହିତ ରାଉରକେଲା ସଚେତନ ନାଗରିକ ମଞ୍ଚର ସଭାପତି ବିମଳ ବିଶି, ସାମାଜିକକର୍ମୀ ସୁନିଲ ପଟେଲ, ଆବାହକ ନଳିନୀ ଧର ଚିଫ ସେକ୍ରେଟାରି ଅନୁ ଗର୍ଗଙ୍କ ସହିତ ଆଲୋଚନା କରିଛନ୍ତି। ଇଂଜିନିୟର ପ୍ରଧାନ ସଫେଇ ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ କୃଷି ଓ ପାନୀୟ ଜଳ ସମସ୍ୟା ଦୂର କରାଯାଇପାରିବ। ଏହିପ୍ରକଳ୍ପ ଶୀଘ୍ର ନିର୍ମାଣ କରିବାକୁ ଜଣାଇଥିଲେ। ଏଥିସହିତ ରାଉରକେଲାର ବିଭିନ୍ନ ସମସ୍ୟା ଉପରେ ସଚେତନ ନାଗରିକ ମଞ୍ଚର ସଭାପତି ବିମଳ ବିଶିଙ୍କ ସହିତ ସଙ୍ଗଠନ କର୍ମକର୍ତ୍ତାମାନେ ଚିଫ ସେକ୍ରେଟାରିଙ୍କୁ ଜଣାଇଥିଲେ। ସଫେଇ ନଦୀରେ ହେବାକୁ ଥିବା ପ୍ରକଳ୍ପର ଅଗ୍ରଗତି ଉପରେ ରିଭ୍ୟୁ କରି ଯଥାଶୀଘ୍ର କାମ ଆଗେଇ ନେବାକୁ ଚିପ ସେକ୍ରେଟାରୀ ପ୍ରତିଶ୍ରୁତି ଦେଇଥିଲେ।

# ମେନକା ପୁଣି ଜରଙ୍ଗଲୋଇ ସରପଞ୍ଚ ଦାୟିତ୍ୱ ନେବେ

ବଡ଼ଗାଁ,୧୧।୩(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ଜରଙ୍ଗଲୋଇ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ପୁଣି ମେନକା କାଲୋ ନେବେ। ହାଇକୋର୍ଟଙ୍କ ଆଦେଶ ମୁତାବକ ଜିଲାପାଳ କାଲୋଙ୍କୁ ବିଧିବଦ୍ଧ ଭାବେ ଜରଙ୍ଗଲୋଇ ସରପଞ୍ଚ ଆସନରେ ବସାଇବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ୱାର୍ଡ଼ ସଭ୍ୟମାନେ ସରପଞ୍ଚ କାଲୋଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଅନାସ୍ଥା ପ୍ରସ୍ତାବ ପରେ ଏହି ଘଟଣା ହାଇକୋର୍ଟରେ ବିଚାରାଧୀନ ରହିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶରେ କିଛି ମାସ ପାଇଁ ନାଏବ ସରପଞ୍ଚ ବିରେନ୍ଦ୍ର ବାର୍ଲା ସରପଞ୍ଚ ଦାୟିତ୍ୱରେ ରହିଥିଲେ। ତେବେ ହାଇକୋର୍ଟଙ୍କ ପୁନର୍ବାର ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ଜିଲାପାଳ ବୁଧବାର ପୁଣି ମେନକାଙ୍କୁ ସରପଞ୍ଚ ଦାୟିତ୍ୱ ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବୁଧବାର ବଡ଼ଗାଁ ବ୍ଲକ ପଞ୍ଚାୟତ ଅଧିକାରୀ ଦାୟିତ୍ୱରେ ରହିଥିବା ଦିଲିପ ମାଝୀ, ଜରଙ୍ଗଲୋଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବୈଷ୍ଣବ ଉରମାଲ କାଲୋଙ୍କ ଘରକୁ ଯାଇ ଜିଲାପାଳ ତାଙ୍କୁ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବାକୁ ଦେଇଥିବା ପତ୍ର ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ୧୫.୧.୨୦୨୬ ତାରିଖ ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ କାଲୋ ପୁଣି ଥରେ ଜରଙ୍ଗଲୋଇ ଗ୍ରାମ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବେ। ଏହି ବିଷୟରେ ବଡ଼ଗାଁ ଗ୍ରାମ ପଞ୍ଚାୟତ ଅଧିକାରୀ ଦିଲିପ ମାଝୀଙ୍କୁ ପଚାରିବାରୁ , କାଲୋ ଜରଙ୍ଗଲୋଇ ସରପଞ୍ଚ ଦାୟିତ୍ୱ ପୁଣି ଥରେ ଗ୍ରହଣ କରିବାକୁ ତାଙ୍କୁ ପତ୍ର ପ୍ରଦାନ କରାଯାଇଛି। ଗୁରୁବାର ସେ ବିଧିବଦ୍ଧ ଭାବେ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିବେ ବୋଲି କହିଛନ୍ତି।


ଅଧିକାରୀମାନେ ଜିଲାପାଳଙ୍କ ପତ୍ର ଦେଉଛନ୍ତି।

# ଏଲଗା ଗ୍ରାମରେ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ହାତୀ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

କୁତ୍ରା,୧୧।୩(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଅମ୍ବଗୋଭା ପଞ୍ଚାୟତ ଏଲଗା ଗ୍ରାମରେ ଏକ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ପରିବେଶ ଅଧ୍ୟୟନ କେନ୍ଦ୍ର ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଏରବାହାଲର ଇକୋ କ୍ଲବ ଆନୁକୂଲ୍ୟରେ ଏହି ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗଏରବାହାଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟୁତ ବିଭାଗ ଅଧିକାରୀ ବିକାଶ ମହାପାତ୍ର ଯୋଗଦେଇ ହାତୀମାନଙ୍କୁ ବିଦ୍ୟୁତ ଆଘାତରୁ ସୁରକ୍ଷା ଦେବାପାଇଁ ବିଭିନ୍ନ ଉପାୟ ଜଣାଇ ଥିଲେ। ହାତୀମାନଙ୍କୁ ଦୂରେଇ ରଖିବା ପାଇଁ ସୌର ଝଟକା ମେସିନ ବ୍ୟବହାର କରବା ପାଇଁ କହିଥିଲେ।ଏଥିରେ ହାତୀ ମୃତ୍ୟୁ ହେବନାହିଁ। ବନପାଳ ଦୀପନ କୁମାର ପଟେଲ ହାତୀ ଓ ବନ୍ୟପ୍ରାଣୀ ସୁରକ୍ଷା ଓ ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା, ବନ୍ୟପ୍ରାଣୀ ଆକ୍ରମଣରେ ମଣିଷ ମୃତ୍ୟୁ ହେଲେ ସରକାରୀ ସହାୟତା ବିଷୟରେ ସଚେତନ କରାଇଥିଲେ। ଏହାସହିତ କୁତ୍ରା ଥାନା ପକ୍ଷରୁ ସୁରୁ ବିଶାଳ, ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ ରାଇନୁ ସିଂହ,ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଯୋଗଦେଇ ହାତୀ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରୋଷାନ ପ୍ରସାଦ, ପୂଜାରଣୀ ଦେବସା, ଏଲଗା ଗ୍ରାମର ସୁଭାଷ ଭଗତ, ଝରଣା ଭଗତ, ସୁଶୀଲ କୁମାର ଭଗତ, ରାଜକୁମାର କୁଜୁର, ମଙ୍ଗଳ କୁଜୁର ସୁନ୍ଦରମଣି ଭଗତ, ସୁନାରମ କୁଜୁର, ପଞ୍ଚାନନ କୁଜୁର, ପ୍ରଭୁଦାସ ବାଡା ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନ ସଫଳ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

# ସୁରକ୍ଷା ବିତର୍କ ପ୍ରତିଯୋଗିତା

ରାଉରକେଲା,୧୧।୩(ବିପ୍ଲବ ରଞ୍ଜନ ଦାଶ): ଏକ ଦୃଢ଼ ସୁରକ୍ଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆର୍‌ଏସ୍‌ପିର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ (ଏସ୍‌ଇଡି) ଆଗାମୀ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମର ଅଂଶଭାବରେ ଗତ ୨୫ ଫେବୃଆରୀରେ ଗବେଷଣା ଏବଂ ନିୟନ୍ତ୍ରଣ ବିଭାଗ ଠାରେ ଏକ ତ୍ରିଭାଷୀ ସୁରକ୍ଷା ବିତର୍କ ପ୍ରତିଯୋଗିତା ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସମସ୍ତ ସ୍ତରରେ କର୍ମକ୍ଷେତ୍ର ସୁରକ୍ଷା ପ୍ରତି ସଚେତନତା, ଆଲୋଚନା ଏବଂ ସହଭାଗୀ ଦାୟିତ୍ୱକୁ ପ୍ରୋତ୍ସାହିତ କରିବାରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସକ୍ରିୟ ପଦକ୍ଷେପଗୁଡ଼ିକୁ ଆଲୋକପାତ କରାଯାଇଥିଲା। ବିତର୍କର ବିଷୟବସ୍ତୁ ଥିଲା 'କେବଳ ନିୟମ ନୁହେଁ , ସମ୍ପୃକ୍ତି , ଶିକ୍ଷା ଏବଂ ସଶକ୍ତିକରଣ – କାର୍ଯ୍ୟସ୍ଥଳ ସୁରକ୍ଷାର ପ୍ରକୃତ ଚାଳକ" ଉଭୟ କର୍ମଚାରୀ ଏବଂ ଠିକା ଶ୍ରମିକ ଆଗ୍ରହର ସହିତ ସେମାନଙ୍କର ମତାମତ ପ୍ରକାଶ କରିଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟର ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବ

ସୁନ୍ଦରଗଡ,୧୧।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ବିଜ୍ଞାନ ସଂସଦର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ବିଜ୍ଞାନର ସାମଗ୍ରିକ ଉପଯୋଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ସ୍ଥିତ ସିଏସଆଇଆର –ଆଇଏମଏମଟିର ପ୍ରଫେସର ନବୀନ କୁମାର ଧଳ ବିଜ୍ଞାନକୁ ଉପଯୋଗ କରି ନିଜର ଦକ୍ଷତା ବୃଦ୍ଧି କରିବା ଏବଂ ନିଜର ଭବିଷ୍ୟତ ସୁଦୃଢ଼ କରିବା ପାଇଁ ଛାତ୍ରୀମାନଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇ ସ୍ଥାନୀୟ ସରକାରୀ ସ୍ୱୟଂ ସାଶିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ସହ ପ୍ରାଧ୍ୟାପକ ଡ. ଦିପକ ରାଉତ ନିଜର ଗବେଷଣାର ସନ୍ଦର୍ଭ ଉପରେ ବାର୍ତ୍ତା ରଖି ଛାତ୍ରୀମାନଙ୍କୁ ଉତ୍ସହିତ କରିଥିଲେ। ବିଜ୍ଞାନ ସଂସଦର ସମ୍ପାଦକ ଡ.ସାରଦା ପ୍ରସାଦ ମହାପାତ୍ର ନିଜର ବକ୍ତବ୍ୟରେ ପିଲାମାନଙ୍କୁ ଗବେଷଣା ଉପରେ ମନ ବଳେଇବାକୁ କହିଥିଲେ। ଉଦ୍ଭିଦ ବିଜ୍ଞାନର ସହ ପ୍ରାଧ୍ୟାପକ ଚିତ୍ତ ରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନର ଛାତ୍ରୀ ନିତୁ ପ୍ରଧାନ ୨୦୨୫– ୨୬ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକୁ ଗଣିତ ବିଭାଗର ଅଧ୍ୟାପକ ଡ. ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ। ଏହି ସଭାରେ ବିଜ୍ଞାନ ସଂସଦ ତରଫରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ବିଜ୍ଞାନ ବିଭାଗର ବହୁ ସଂଖ୍ୟାରେ ଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଶେଷରେ ଯୁକ୍ତ ୨ର ସଂଯୋଜକ ରଶ୍ମି ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

# କଳା, ସଂସ୍କୃତିର ଝଲକରେ ଝଲସିଲା ମଞ୍ଚ

■ ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ
■ ବହୁ ପ୍ରତିଭାବାନ ସମ୍ମାନିତ

ବଣାଇଁ, ୧୧।୩(ପ୍ରଦୀପ ତ୍ରିପାଠୀ)


ଖଣ୍ଡାଧାର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।


ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଅବଲୁପ୍ତ କଳା ଓ ବିଲୁପ୍ତ ପ୍ରାୟ ସଂସ୍କୃତିର ପୁନରୁତ୍ଥାନ ପାଇଁ ପ୍ରଚେଷ୍ଟାର ମଞ୍ଚ "ଖଣ୍ଡାଧାର ମହୋତ୍ସବ"ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ଏହି ମହୋତ୍ସବର ପ୍ରଥମ ଦିନରେ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶରଙ୍କ ନିକଟରେ ବଣାଇଁ ରାଜା ସାହେବ ବୀର କିଶୋର ଇନ୍ଦ୍ର ଦେଓ ଦେବ ଓ ବଣାଇଁ ଉପଜିଲାପାଳ ଅକ୍ଷୟ କୁମାର ପିଲ୍ଲେଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତ୍ତ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ। ପରେ ଏକ ଶୋଭାଯାତ୍ରାରେ କଳାହାଣ୍ଡି କଟାପ୍ପାଙ୍କ ସହିତ ଅନେକ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ବାହାରି ବଣାଇଁ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଉଚ୍ଚକୋଟୀର କଳା ପ୍ରଦର୍ଶନ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ସେହିଭଳି ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଡିଏଫଓ ଲଳିତ କୁମାର ପାତ୍ର ଓ ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଦୀପ ଟପ୍ପୋ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ଅନ୍ତିମ ଦିବସରେ ସୁରେନ୍ଦ୍ର ମାଇନିଂ ଆଣ୍ଡ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ଇଂ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ଥିଲେ। ତିନିଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗୀତା ଆୟୋଜନ କରାଯାଇ ଉତ୍କୃଷ୍ଟ କଳା ପ୍ରଦର୍ଶନ ଚୟନ କ୍ରମେ ପ୍ରଥମ ଭାବେ ବରଘାଟ ଆଦିବାସୀ ଓରାମ ନୃତ୍ୟ ଓ ଦ୍ୱିତୀୟ ଭାବେ ଠାକୁରପାଲୀ ଆଦିବାସୀ କିଷାନ ନୃତ୍ୟ ଶ୍ରେଷ୍ଠ ବିବେଚିତ ହୋଇ ଆର୍ଥିକ ପୁରସ୍କାର ଗ୍ରହଣ କରିଥିଲେ। ମଞ୍ଚରେ ତିନିଦିନ ଧରି ଉତ୍କୃଷ୍ଟ କଳା ପ୍ରଦର୍ଶିତ ହୋଇଥିଲା। ଏହି ମହୋତ୍ସବରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯଥା ସର୍ଗତଃ ଦିଲ୍ଲୀପ ତ୍ରିପାଠୀ ସ୍ମୃତି ସମ୍ମାନ – ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ଜଟାଧାରୀ ମାଝୀ, କର୍ତ୍ତବ୍ୟନିଷ୍ଠ ସମ୍ମାନ – କୋଇଡ଼ା ବନପାଳ ପ୍ରତାପ କୁମାର ସାହୁ, ସେବା ଧର୍ମ ସମ୍ମାନ – ବାଦଲ ବାରିକ, ଗଣୁଆଁ କୋଇଡ଼ା, ସର୍ଗତଃ କୁମାର ଗୌତମ ବାରିକ ସ୍ମୃତି ସମ୍ମାନ – ଅଧ୍ୟାପିକା ପ୍ରଣତି ବେହେରା, ସ୍ୱର୍ଗତଃ ରମେଶ ଚନ୍ଦ୍ର ବେହେରା ସ୍ମୃତି ସମ୍ମାନ – ବାଣୀପୁତ୍ର ସୁବେଦାର ଦେବରାଜ କିଷାନ ସୁଆରପାଲୀ, ମହିଳା ଦିବସରେ ଅନନ୍ୟା ପ୍ରତିଭା – ଭିନ୍ନକ୍ଷମ ବର୍ଗରେ ଜାତୀୟ ପାରା ଆଥଲେଟ ଆଶା ସିଂହ, ସିହିଡିଆଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶୁଭଶ୍ରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବର ସର୍ବୋଚ୍ଚ ସମ୍ମାନ ଖଣ୍ଡାଧାର ସମ୍ମାନ ଚଳିତ ବର୍ଷ ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ମଣିପୁର ରାଜ୍ୟର ଆଚାର୍ଯ୍ୟ ଡ. ବୁଦ୍ଧେଶ୍ୱର ଷଡଙ୍ଗୀଙ୍କୁ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଛି । ମହୋତ୍ସବରେ ସଭାପତି ପ୍ରଦୀପ ତ୍ରିପାଠୀ, ସମ୍ପାଦକ ଧିରୋଜ ସାହୁ, କୋଷାଧ୍ୟକ୍ଷ ଚିନ୍ମୟ ତ୍ରିପାଠୀଙ୍କ ସମେତ ଖଗେଶର ବାରିକ, ବିକ୍ରମ ବାରିକ, ଶତେ ବସନ୍ତ ବିଶାଳ, ଉମେଶ ସାହୁ, ବିରଜା ପ୍ରସାଦ ମହାନ୍ତି, ସିରାଜ ଖାନ, ସୂରଜ ପ୍ରତାପ ମହାନ୍ତି, ହବିବ ଖାନ, ପ୍ରଭାତ ବେହେରା, ଶୁଭ ସଂକେତ ବାରିକ, ଲିଙ୍ଗରାଜ ପ୍ରଧାନ, ରଞ୍ଜିତ ମୁଣ୍ଡା, ଫିରୋଜ ଖାନ, ପ୍ରଭାତ ସାଇଁ, ହରି ଶଙ୍କର ସାହୁ, ଟୁନା ପାତ୍ର ପ୍ରମୁଖ ମହୋତ୍ସବର ସଫଳତାରେ ପ୍ରମୁଖ ଭାବେ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)

ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିବା ଅଭିଯୋଗରେ ଦେବଗଡ଼ ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଦେବଗଡ଼ ପୌରାଞ୍ଚଳ ଅଧୀନ ତଳଭୁଲିଆସାହିର ରୋଶନ ନାଏକ। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ଦେବଗଡ଼ ପୌରାଞ୍ଚଳର ଜଣେ ଯୁବତୀଙ୍କୁ ୫ ବର୍ଷ ହେବ ପ୍ରେମ କରୁଥିଲେ। ଏଥିସହ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ଜଣଙ୍କ ବିବାହ ପାଇଁ କହିବାରୁ ରୋଶନ ମନା କରିବା ସହ ଗାଳିଗୁଲଜ ଓ ମାର୍‌ପିଟ୍ କରି ହତ୍ୟା ଧମକ ଦେଇଥିଲେ। ଫଳରେ ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶାରୀରିକ ସମ୍ପର୍କ ପାଇଁ ମନା କରିବାରୁ ମାଡ଼ମାରି ସ୍ତ୍ରୀଙ୍କ ହାତ ଭାଙ୍ଗିଲେ: ସ୍ୱାମୀ ଗିରଫ

ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)

ଶାରୀରିକ ସମ୍ପର୍କପାଇଁ ମନା କରିବାରୁ ସ୍ତ୍ରୀଙ୍କୁ ମାଡ଼ ମାରି ହାତ ଭାଙ୍ଗିବା ଅଭିଯୋଗରେ ରିଆମାଳ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ରିଆମାଳ ଥାନା ଅଞ୍ଚଳର ଅଭିଯୁକ୍ତ ଜଣଙ୍କ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଉଥିଲେ। ମହିଳା ଜଣଙ୍କ ଗତ ୫ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟ୍‌ରେ ଠାକୁର ପୂଜା ସାରି ଘରେ ଥିବାବେଳେ ତାଙ୍କ ସ୍ୱାମୀ ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ତାଙ୍କୁ ଅନେକ କଥା କହିବା ସହ ଶାରୀରିକ ସମ୍ପର୍କ ସ୍ଥାପନ ପାଇଁ ବାଧ୍ୟ କରିଥିଲେ। ମାତ୍ର ମହିଳା ଏଥିରେ ଅରାଜି ହେବାରୁ ସ୍ୱାମୀ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏପରି କି କାନ୍ଥକୁ ଠେଲିଦେବାରୁ ମହିଳାଙ୍କ ହାତ ଭାଙ୍ଗି ଯାଇଥିଲା। ମହିଳା ଜଣଙ୍କ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ମଙ୍ଗଳବାର ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା।

### ଆକ୍ରମଣ, ୨ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୧୧।୩ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ବେହେରାମାଲ ଅଞ୍ଚଳରେ ସୋମବାର ରାତିରେ ଆକ୍ରମଣ ଓ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ସୌରଭ ଉପାଧ୍ୟାୟ ଏବଂ ମହେଶ ନାୟକ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଦୀପକ କୁମାର ଚୌହାନ(୨୨) ଥାନାରେ ଅଭିଯୋଗ କରିଛନ୍ତି, ସୋମବାର ରାତି ୧୧ଟାରେ ବେହେରାମାଲ ଚାନ୍ଦି ଭଣ୍ଡାରସ୍ଥିତ ଫୁଲ ଦୋକାନ ପାଖରେ ୨ ଜଣ ବ୍ୟକ୍ତି ପରିସ୍ରା କରୁଥିଲେ। ପାଖରେ ଗୁପ୍‌ଚୁପ୍ ବିକ୍ରି କରୁଥିବା ରକି ସାହ ଓ ତାଙ୍କ ଭାଇ ମିନସୁ କୁମାର ସେମାନେ ପରିସ୍ରା କରିବା ପାଇଁ ବାଧା ଦେଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ଦ୍ୱୟ ସେମାନଙ୍କ ସାଙ୍ଗଙ୍କୁ ଡାକି ଗାଳିଗୁଲଜ କରିଥିଲେ। ଏପରିକି ସେମାନେ ରକିଙ୍କୁ ଆକ୍ରମଣ କରିଥିଲେ। ଦୀପକ ଏବଂ ମିନସୁ ମିଶି ସେମାନଙ୍କ କବଳରୁ ରକିଙ୍କୁ ରକ୍ଷା କରିଥିଲେ। ପରେ ଅଭିଯୁକ୍ତମାନେ ଦୀପକ, ରକି ଏବଂ ମିନସୁଙ୍କୁ ହତ୍ୟା ଧମକ ଦେଇଥିଲେ। ରକିଙ୍କ ଛାତି ଏବଂ ପେଟରେ ଆଘାତ ଲାଗିବାରୁ ଚିକିତ୍ସା ଲାଗି ତାଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୯/୨୬) ରୁଜୁ ହୋଇଛି।

### ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର

ଝାରସୁଗୁଡ଼ା, ୧୧।୩ (ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ପୁରୁଣାବସ୍ତି ଅଞ୍ଚଳରୁ ବୁଧବାର ଏକ ବିରଳ ପ୍ରଜାତିର ଏଣ୍ଡୁଅ ଉଦ୍ଧାର କରାଯାଇଛି। ଶ୍ରମିକ ନେତା ରକ୍ଷାକର ଅନୁପମ ଏହାକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ ଟିମ୍ ପଞ୍ଚପଡ଼ା ଶିଳ୍ପାଞ୍ଚଳରେ ପହଞ୍ଚି ଉକ୍ତ ଏଣ୍ଡୁଅକୁ ଜବତ କରିଥିଲେ। ବନ ବିଭାଗ ପକ୍ଷରୁ ରୋଜି ସାହୁଙ୍କ ନେତୃତ୍ୱରେ ବନ ଅଧିକାରୀମାନେ ଉକ୍ତ ଏଣ୍ଡୁଅକୁ ଜଙ୍ଗଲରେ ଛାଡ଼ିଥିଲେ।

# କୃଷିକ୍ଷେତ୍ରରେ ସଶକ୍ତ ହୁଅନ୍ତୁ ମହିଳା

ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)

**ଜିଲାସ୍ତରୀୟ ମହିଳା କୃଷକ ସମ୍ମିଳନୀ**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ମହିଳା ଚାଷୀ।

ଦେବଗଡ଼ ଜିଲା କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମହିଳା କୃଷକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ଅନ୍ୟ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ, କ୍ଷୀରୋଦ କୁମାର ବିଶ୍ୱାଳ, ଶିଶିର କୁମାର ଷଡ଼ଙ୍ଗୀ, ମନୋଜ କୁମାର ମାରାଣ୍ଡି ଯୋଗଦେଇ କୃଷି କ୍ଷେତ୍ରରେ ମହିଳା ସଶକ୍ତ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ। ପ୍ରୋଗ୍ରାମ ମ୍ୟାନେଜର ଅରୁଣିମା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ଓ ଭୁବନେଶ୍ୱରସ୍ଥିତ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟିର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକୃତିକ କୃଷି କାର୍ଯ୍ୟ କରୁଥିବା ଦେବଗଡ଼ ଜିଲାର ମହିଳା କୃଷକ ଏବଂ ଓଡ଼ିଶା ଜୀବିକା ମିଶନର କୃଷିମିତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରାକୃତିକ କୃଷିକୁ ଆଗକୁ ନେବାରେ ସହଯୋଗ କରୁଥିବା ଚାଷୀ ଏବଂ କୃଷିମିତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଦେବଗଡ଼ ଜିଲା ସଂଯୋଜକ ଲିଙ୍ଗରାଜ ମହାକୁଡ ଧନ୍ୟବାଦ ଦେଇଥିଲେ।

# ଦେବଗଡ଼ ଜିଲାରେ କାର୍ଯ୍ୟକ୍ଷମ ରହିଛି ୬୦୨ ମୋବାଇଲ ଟାୱାର

## ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଲେ ମନ୍ତ୍ରୀ

ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ବିଭିନ୍ନ ଟେଲିକମ୍‌ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ମୋଟ ୬୦୨ଟି ୪ଜି ଓ ୫ଜି ମୋବାଇଲ ଟାୱାର କାର୍ଯ୍ୟକ୍ଷମ ରହିଛି। ବିଧାନସଭାରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଏକ ପ୍ରଶ୍ନର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏକଥା କହିଛନ୍ତି। ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନର ସୂଚନା ଆଧାରରେ ମନ୍ତ୍ରୀ ଏହି ଉତ୍ତର ଦେବାସହ ଦେବଗଡ଼ ଜିଲାର ୭୮୨ଟି ଗ୍ରାମରେ ବିଭିନ୍ନ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ସେବା ପ୍ରଦାନ କରାଯାଉଥିବା କହିଛନ୍ତି। ସେହିପରି ଅବଶିଷ୍ଟ ୫୩ଟି ଗ୍ରାମରେ ନେଟ୍‌ୱର୍କ ସୁବିଧା ଯୋଗାଇବା ପାଇଁ 'ଡିଜିଟାଲ ଭାରତନିଧି' ଯୋଜନା ଅଧୀନରେ ଟାୱାର ସ୍ଥାପନ କାର୍ଯ୍ୟ ଜାରି ରହିଛି। ଏହି ଟାୱାରଗୁଡିକ ଆସନ୍ତା ଜୁନ୍ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ମହାଲିଙ୍ଗ ସୂଚନା ଦେଇଛନ୍ତି।

# ୧୪ରେ ପ୍ରକାଶ ପାଇବ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

ଝାରସୁଗୁଡ଼ା, ୧୧।୩(ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା ଜିଲା ଓକିଲ ସଂଘ ନିର୍ବାଚନ**

ଝାରସୁଗୁଡ଼ା ଜିଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀପତ୍ର ଦାଖଲ ମଙ୍ଗଳବାର ଶେଷ ହୋଇଛି। ଜିଲା ଓକିଲ ସଂଘ ସଭାପତି ପଦବୀ ପାଇଁ ତ୍ରିନାଥ ଗୁଆଳ ଏବଂ ରଘୁମଣୀ ପଟେଲ, ସମ୍ପାଦକ ପଦବୀ ପାଇଁ ମନୀଷ କୁମାର ବାଜପେୟୀ, ନୀଳାଦ୍ରି ବିହାରୀ ପଣ୍ଡା, ଉପସଭାପତି ପଦବୀ ପାଇଁ ସାଧନା ସାମନ୍ତରାୟ, ଯୁଗ୍ମ ସମ୍ପାଦକ-୧ ପଦବୀ ପାଇଁ ଅହଲ୍ୟା ନାଇକ, ଯୁଗ୍ମ ସମ୍ପାଦକ-୨ ପଦବୀ ପାଇଁ ଅକ୍ଷୟ କୁମାର ନାଇକ, କୋଷାଧ୍ୟକ୍ଷ ପଦବୀ ପାଇଁ ରଶ୍ମିରାଣୀ ପଣ୍ଡା, ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ପଦବୀ ପାଇଁ ବିନୟ କୁମାର ଶର୍ମା, କଳ୍ପନା ସାହୁ, ନୃପତି ସାହୁ, ସନ୍ତୋଷ କୁମାର ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୩ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ହେବା ପରେ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜିଲା ଓକିଲ ସଂଘ ନିର୍ବାଚନ ଅଧିକାରୀ ବି. ନାଗେଶ୍ୱରୀ ସୂଚନା ଦେଇଛନ୍ତି।

# ଆଜି ୨ ରେଳଷ୍ଟେଶନର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବେ ଡିଆର୍‌ଏମ୍

ବେଲପାହାଡ଼, ୧୧।୩(ସୁବାସ ପ୍ରଧାନ)

ଦକ୍ଷିଣପୂର୍ବ ମଧ୍ୟ ରେଲୱେ ମୁଖ୍ୟାଳୟ ବିଳାସପୁରରେ ଡିଆର୍‌ୟୁସିସି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜରାଜନଗର ଓ ବେଲପାହାଡ଼ ରେଲୱେ ଷ୍ଟେଶନର ଉନ୍ନୟନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉଠିଥିଲା। ବୈଠକରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ପ୍ରତିନିଧି ଏବଂ ଡିଆର୍‌ୟୁସିସି ସଦସ୍ୟ କହ୍ନେୟା ଝା ଯୋଗଦେଇ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେଶନରେ ଚାଲିଥିବା ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଓ ବିଭିନ୍ନ ସମସ୍ୟା ବିଷୟରେ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବୈଠକରେ କହ୍ନେୟା କହିଥିଲେ, ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେଶନ ଦକ୍ଷିଣପୂର୍ବ ମଧ୍ୟ ରେଲୱେର ଏକ ମୁଖ୍ୟ ପ୍ରବେଶ ଦ୍ୱାର ହୋଇଥିବା ସତ୍ତ୍ୱେ ଏଠାରେ ଅନେକ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ଏପର୍ଯ୍ୟନ୍ତ ଠିକ୍‌ଭାବେ କାର୍ଯ୍ୟକାରୀ ନାହିଁ। ବିଳାସପୁର ଡିଆର୍‌ଏମ୍‌ଙ୍କ ସମେତ ରେଲୱେର ଅନ୍ୟ ଅଧିକାରୀମାନେ ଗୁରୁବାର ପୂର୍ବାହ୍ନରେ ବ୍ରଜରାଜନଗର ଓ ବେଲପାହାଡ଼ ଷ୍ଟେଶନ ପରିଦର୍ଶନ କରି ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ସମସ୍ତ ଅସୁବିଧାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ଜଣାପଡିଛି। ଏଥିସହ ଆସନ୍ତା ୨୦ ତାରିଖରେ ଜିଏମ୍ କାର୍ଯ୍ୟାଳୟର ସଚିବ ମଧ୍ୟ ବ୍ରଜରାଜନଗର ଓ ବେଲପାହାଡ଼ ରେଲୱେ ଷ୍ଟେଶନ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି।

# ଲଖନପୁର ମଣ୍ଡଳ ଭାଜପାର ବୈଠକ



ବୈଠକରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ଲଖନପୁର, ୧୧।୩(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ଜୋନ୍-୨ ମଣ୍ଡଳ ଭାଜପାର ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପାଇଁ ଜୋନ୍‌ସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଲଖନପୁର ମଣ୍ଡଳ ଭାଜପା ଉପସଭାପତି ଜଗଦିଶ ପ୍ରଧାନଙ୍କ ସଭାପତିତ୍ୱରେ ବେଲପାହାଡ଼ ପିପିଲିମାଲସ୍ଥିତ କଦେଲପିଟା ମା' ରାମଚଣ୍ଡୀ ମନ୍ଦିର କଲ୍ୟାଣ ମଣ୍ଡପରେ ବୈଠକ ହୋଇଥିଲା। ଆସନ୍ତା ଏପ୍ରିଲ ୪ ଏବଂ ୫ ତାରିଖରେ ଲଖନପୁର ମଣ୍ଡଳସ୍ତରୀୟ ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କୋଇଲିଘୁଘରେ ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ବୈଠକରେ ଲଖନପୁର ମଣ୍ଡଳ ପ୍ରଭାରୀ ତପନକାନ୍ତ ଜେନା, ଜଗଦୀଶ ପ୍ରଧାନ, କ୍ଷିତିଭୂଷଣ ପ୍ରଧାନ, ଶତ୍ରୁଘନ ସେନାପତି, ତୋଫାନ ପ୍ରଧାନଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ କୋଠା ଭଙ୍ଗାଗଲା



ଜେସିବି ସହାୟତାରେ ବିପଦସଙ୍କୁଳ କୋଠା ଭଙ୍ଗାଯାଉଛି।

ଝାରସୁଗୁଡ଼ା,୧୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ଥିବା ବିପଦସଙ୍କୁଳ କୋଠାଗୁଡ଼ିକୁ ବୁଧବାର ପୂର୍ବାହ୍ନରେ ଭାଙ୍ଗି ଦିଆଯାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବିପଦସଙ୍କୁଳ କୋଠାଗୁଡିକୁ ନିଜେ ମାଲିକମାନେ ମାର୍ଚ୍ଚ ୫ ତାରିଖ ମଧ୍ୟରେ ଭାଙ୍ଗିବେ ନଚେତ୍ ପୌର ପରିଷଦ ପକ୍ଷରୁ ମାର୍ଚ୍ଚ ୧୧ରୁ ୧୮ ତାରିଖ ମଧ୍ୟରେ ୭ଟି କୋଠା ଭାଙ୍ଗିବାକୁ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଥିଲେ। ଏନେଇ କୋଠା ମାଲିକମାନଙ୍କୁ ନୋଟିସ୍ ଦିଆଯାଇଥିଲା। ହେଲେ ମାଲିକମାନେ ଉକ୍ତ କୋଠାକୁ ଭାଙ୍ଗି ନ ଥିଲେ। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର ମାଜିଷ୍ଟ୍ରେଟ୍ ଭାବେ ଝାରସୁଗୁଡ଼ା ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ଷଡ଼ଙ୍ଗୀ ଏବଂ ପୋଲିସ ଉପସ୍ଥିତିରେ ପୌର ପରିଷଦ ପକ୍ଷରୁ ଜେସିବି ସହାୟତାରେ କୋଠାକୁ ଭାଙ୍ଗି ଦିଆଯାଇଛି। ଆସନ୍ତା ୧୮ ତାରିଖ ମଧ୍ୟରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଅନ୍ୟ କୋଠାଗୁଡିକୁ ଭଙ୍ଗାଯିବ ବୋଲି ଇଓ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଥମ ପର୍ଯ୍ୟାୟ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ଓ ସଦସ୍ୟା ସ୍ନିଗ୍ଧାରାଣୀ ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ମାନସୀ ବାରିକ ଅତିଥି ପରିଚୟ ଏବଂ ଗୀତା ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଶିଶୁ ଶିକ୍ଷାର ଭାରତୀୟ ଏବଂ ପାଶ୍ଚାତ୍ୟ ସଂକଳ୍ପନା ଓ ଶିଶୁ ଶିକ୍ଷାର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଗୁରୁମାଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଐତିହାସିକ କୁକୁରଜଙ୍ଘା ମନ୍ଦିର ପରିଦର୍ଶନ କଲେ ଜିଲାପାଳ

ଝାରସୁଗୁଡ଼ା, ୧୧।୩(ଆଶିଷ ରଞ୍ଜନଦାଶ)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ବୁଧବାର ଜିଲାର ପ୍ରସିଦ୍ଧ କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ମନ୍ଦିର ଦାୟିତ୍ୱରେ ଥିବା ଅନିଲ ସିଂ ଓ ମନ୍ଦିର ଟ୍ରଷ୍ଟ ସଦସ୍ୟଙ୍କ ସହ ମନ୍ଦିରର ସାମଗ୍ରିକ ଉନ୍ନୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ, ସୁସଙ୍ଗଠିତ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା। ଏଥିସହ ରଥଯାତ୍ରା ସମୟରେ ଭକ୍ତଙ୍କ ପାଇଁ ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। କୁକୁରଜଂଘା ଜଗନ୍ନାଥ ମନ୍ଦିରକୁ ଆହୁରି ବିକଶିତ କରାଯାଇ ରାଜ୍ୟର ଧାର୍ମିକ ମାନଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହ ମନ୍ଦିର ପରିସରର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ଆଗାମୀ ଦିନରେ କରାଯିବ ବୋଲି ଜିଲାପାଳ କହିଥିଲେ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ଝାରସୁଗୁଡ଼ା, ୧୧।୩(ଆଶିଷ ରଞ୍ଜନ ଦାଶ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟକ୍ଷା ଓ ଅଧ୍ୟାପକ।

ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ରେଣୁକା ପୂଜାରୀ ସଭାପତିତ୍ୱ କରି ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଗୋକୁଳା ନନ୍ଦ ସାହୁ ଶାସ୍ତ୍ରୀୟ ଭାଷାର ବିଭିନ୍ନ ମାନଦଣ୍ଡ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନୈରୁତ ରଥ ଓଡ଼ିଆ ଭାଷା ଆନ୍ଦୋଳନରେ ସମ୍ବଲପୁର ଲେଖକଙ୍କ ଅବଦାନକୁ ଆଲୋକପାତ କରିଥିଲେ। ଅଧ୍ୟାପିକା ରେଣୁକା ପଟେଲ ଭାଷାର ସୃଷ୍ଟି ଓ ପ୍ରାଚୀନଠାରୁ ଆଧୁନିକ ଓଡ଼ିଆ ଭାଷାର ବିକାଶକୁ ନେଇ ବକ୍ତବ୍ୟ ଦେଇଥିଲେ। ଏଥିରେ ଅଧ୍ୟାପିକା ନିକି ମିଶ୍ର, ସଂଯୁକ୍ତା କର, ରେଶ୍ମା ଏକ୍କା, ସଂଘମିତ୍ରା ପୃଷ୍ଟି, ପିଇଟି ସରୋଜ ନାଏକ, କାଳୁଚରଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ମାଟ୍ରିକ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ମାମଲା, ୨ ଶିକ୍ଷକ ଅଟକ

ପଦ୍ମପୁର,୧୧।୩(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁରରେ ଦଶମ ଶ୍ରେଣୀର ସାମାଜିକ ବିଜ୍ଞାନ ପ୍ରଶ୍ନ ପତ୍ର ଲିକ୍ ମାମଲାରେ ମଙ୍ଗଳବାର ରାତିରେ ବିଭିନ୍ନ ସ୍କୁଲର ୮ଜଣ ଶିକ୍ଷକଙ୍କୁ ପୋଲିସ ଅଟକ ରଖିଥିଲା। ସେଥିମଧ୍ୟରୁ ବିଳମ୍ବିତ ରାତିରେ ୬ ଜଣ ଶିକ୍ଷକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିବା ବେଳେ ନୂଆପଡ଼ା ଜିଲା ଅଧୀନରେ ଗାଇସିଲେଟ ଅଞ୍ଚଳର ଜଣେ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚରା ଚାଲିଛି। ସେହିପରି ବୁଧବାର ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ସମେତ ରାଜବୋଡ଼ାସମ୍ବର ହାଇସ୍କୁଲ ଓ ସରକାରୀ ବାଳିକା ବିଦ୍ୟାଳୟର କିଛି ଶିକ୍ଷକଙ୍କୁ ଡାକି ପଚରାଉଚରା କରାଯାଇଛି। ଦରକାର ପଡ଼ିଲେ ଆହୁରି ଶିକ୍ଷକଙ୍କୁ ଡାକି ତଦନ୍ତ କରାଯିବ ବୋଲି ପଦ୍ମପୁର ଆଇଆଇସି କ୍ରିସେନସିଆ ସାମାରିଆ କହିଛନ୍ତି। ସେହିପରି ବର୍ତ୍ତମାନ ତଦନ୍ତ ଚାଲିଛି ବୋଲି ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର କହିଛନ୍ତି। ତେବେ ଏହି ପ୍ରଶ୍ନ ପତ୍ର ଲିକ୍‌ର ଚେର ନବରଙ୍ଗପୁର ଯାଏ ଲମ୍ବିଥିବା ଜଣାପଡ଼ିଛି ।

# ୧୪ରେ ଚଳିତ ବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ

ଝାରସୁଗୁଡ଼ା, ୧୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆସନ୍ତା ୧୪ ତାରିଖରେ ଜିଲା ସିଭିଲ କୋର୍ଟ ପରିସରରେ ଚଳିତବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲା ଆଇନସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନଙ୍କ ସୂଚନା ଅନୁସାରେ, ଏହି ଲୋକ ଅଦାଲତରେ କୋର୍ଟରେ ପଡ଼ିରହିଥିବା ବିଭିନ୍ନ ବିଚାରାଧୀନ ମାମଲା ଏବଂ ପ୍ରି-ଲିଟିଗେଶନ ମାମଲାର ଆପୋସ ସମାଧାନ କରାଯିବ। ବିଶେଷକରି ବ୍ୟାଙ୍କ ଋଣ, ପାରିବାରିକ ବିବାଦ, ବିଦ୍ୟୁତ୍ ଓ ପାଣି ବିଲ୍ ସମ୍ବନ୍ଧୀୟ ସମସ୍ୟା ଏବଂ ସାମାନ୍ୟ ଆପରାଧିକ ମାମଲାର ଶୀଘ୍ର ଫଇସଲା ପାଇଁ ସୁଯୋଗ ରହିଛି। ଏହି ଜାତୀୟ ଲୋକ ଅଦାଲତକୁ ସଫଳ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ସୂଚନା ପ୍ରଦାନ ପୂର୍ବକ ସଚେତନ କରିବାକୁ ବିଭାଗ ପକ୍ଷରୁ ସମସ୍ତ ପକ୍ଷଙ୍କୁ ନିମନ୍ତ୍ରଣ କରାଯାଇଛି। ସାଧାରଣ ଜନତା ଏହାର ସୁଯୋଗ ନେଇ ନିଜର ବହୁଦିନର ବିବାଦକୁ ବିନା ଖର୍ଚ୍ଚରେ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସମାଧାନ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

# ଓଡ଼ିଆ ଭାଷାକୁ ଭଲ ପାଇବା ଉଚିତ

ଦେବଗଡ଼,୧୧।୩(ଶଶାଙ୍କ ଶେଖର ଝାଙ୍କର)

**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୁଢ଼ାପାଳ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଅଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ଯୋଗଦେଇ କହିଥିଲେ, ସମସ୍ତେ ଓଡ଼ିଆ ଭାଷାକୁ ଭଲ ପାଇବା ଉଚିତ। ଓଡ଼ିଆ ସାହିତ୍ୟର ଅତୀତ ଐଶ୍ୱର୍ଯ୍ୟମୟ, ବର୍ତ୍ତମାନ ଗରିମାମୟ ଏବଂ ଭବିଷ୍ୟତରେ ଏହାର ଭାଷା ଓ ସାହିତ୍ୟ ଜାତୀୟସ୍ତରରେ ଅନେକ ସମ୍ଭାବନା ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଏଥିରେ ଅଧ୍ୟାପିକା ଶତରୂପା ମିଶ୍ର, ଅଧ୍ୟାପକ ମିଳନ କୁମାର ସାହୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ସାହିତ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ବୀଣାପାଣି ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଅଧ୍ୟାପକ ଜୟନ୍ତ କୁମାର ସାହୁ, ଅନାଦି ଚରଣ ଦାଶ, ସୁନୀଲ କୁମାର ସାହୁ, ଅଧ୍ୟାପିକା ସଞ୍ଜିତା ଜେନା, ସୁଭଦ୍ରା ନାୟକଙ୍କ ସମେତ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ 52 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨/୨୦୨୬ Bhubaneswar, Thursday, March 12/ 2026




# ଆର୍‌ସିବି-ସନ୍‌ରାଇଜର୍ସ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୧୧।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ବୁଧବାର ଘୋଷିତ ହୋଇଛି। ତଦନୁସାରେ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚ ଚଳିତ



ମକାସ ୨୮ ତାରିଖରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ସମ୍ପ୍ରତି ଦେଖାଦେଇଥିବା ପଶ୍ଚିମ ଏସିଆ ବିବାଦ ପରିପ୍ରେକ୍ଷୀରେ ଖେଳାଳିଙ୍କ ଟ୍ରାଭେଲକୁ ନେଇ ଚିନ୍ତା ରହିଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିଆଇ) ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ମ୍ୟାଚର କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଉଦ୍‌ଘାଟନୀ ସମେତ ବେଙ୍ଗାଲୁରୁରେ ହେବାକୁ ଥିବା ସମସ୍ତ ମ୍ୟାଚ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ କମିଟିର କ୍ଲିୟରାନ୍ସ ଉପରେ ନିର୍ଭର କରିବ। ଆସନ୍ତା ୧୩ ତାରିଖରେ ଏକ୍ସପର୍ଟ କମିଟିର ସଦସ୍ୟମାନେ ଭେନ୍ୟୁ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଗତ ସିଜନରେ ହୋଇଥିବା ମାରାତ୍ମକ ଦଳାଚକଟା ସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ଆରସିବିର ବିଜୟ ଉତ୍ସବ ପାଳନ ଅବସରରେ ଦଳାଚକଟାରେ ୧୧ ଲୋକଙ୍କ ଜୀବନ ଯାଇଥିଲା।

ତିନୋଟି ରାଜ୍ୟ ତାମିଲନାଡୁ, ଆସାମ ଓ ପଶ୍ଚିମବଙ୍ଗ ନିର୍ବାଚନ ତାରିଖ ଘୋଷଣା ପରେ ଆଇପିଏଲ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ ପାଇବ। ନିର୍ବାଚନ ସମେତ ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସଂଘର୍ଷ ଜନିତ ସ୍ଥିତି ଉପରେ ମଧ୍ୟ ବିସିସିଆଇ କର୍ମକର୍ତ୍ତାଙ୍କ ନଜର ରହିବ। ଯୁଦ୍ଧଯୋଗୁ ଅନ୍ତର୍ଜାତୀୟ ଟ୍ରାଭେଲ ଗୁରୁତର ପ୍ରଭାବିତ ହୋଇଛି। ଏଥିପାଇଁ ଟି୨୦ କ୍ରିକେଟ ବିଶ୍ୱକପ ପାଖାପାଖି ସପ୍ତାହେ ହେଲା ସରି ଯାଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜର କିଛି ଖେଳାଳି ଏପର୍ଯ୍ୟନ୍ତ ସେମାନଙ୍କ ଘରେ ପହଞ୍ଚି ପାରିନାହାନ୍ତି। ତେଣୁ ସେମାନେ ଠିକ୍ ସମୟରେ ସେମାନଙ୍କ ଆଇପିଏଲ୍ ଦଳରେ ଯୋଗ ଦେଇ ପାରୁଛନ୍ତି କି ନାହିଁ ତାହା ଦେଖିବାର ଅଛି।

ଏହି ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ୫ଟି ଘରୋଇ ମ୍ୟାଚ ବେଙ୍ଗାଲୁରୁରେ ଏବଂ ୨ଟି ରାୟପୁରରେ ଖେଳିବ। ପଞ୍ଜାବ କିଙ୍ଗ୍ସ ଏହାର ୪ ଘରୋଇ ମ୍ୟାଚ ନ୍ୟୁ ଚଣ୍ଡିଗଡ଼ରେ ଏବଂ ୩ଟି ଧର୍ମଶାଳାରେ ଖେଳିବ। ସେହିପରି ରାଜସ୍ଥାନ ରୟାଲ୍ସ ୩ ଘରୋଇ ମ୍ୟାଚ ଗୁଆହାଟୀରେ ଏବଂ ୪ଟି ଜୟପୁରରେ ଖେଳିବ। ପ୍ରଥମ ୧୬ ଦିନ ମଧ୍ୟରେ ୪ଟି ଡବଲ ହେଡର ମ୍ୟାଚ ଖେଳାଯିବ। ଅପରାହ୍ନ ମ୍ୟାଚ ଗୁଡ଼ିକ ୩ଟା ୩୦ରେ ଏବଂ ସନ୍ଧ୍ୟା ମ୍ୟାଚ ୭ଟା ୩୦ରେ ଆରମ୍ଭ ହେବ। ବେଙ୍ଗାଲୁରୁ ଦଳ ୭ମ ଥରଲାଗି ଉଦ୍‌ଘାଟନୀ ମ୍ୟାଚ ଖେଳିବାକୁ ଯାଉଛି। ତେବେ ଡିଫେଣ୍ଡିଂ ଚାମ୍ପିୟନଭାବେ ଏହା ହେବ ଦଳପାଇଁ ପ୍ରଥମ ମ୍ୟାଚ।

### ଆଇପିଏଲ୍ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ | ସ୍ଥାନ | ସମୟ |
|---|---|---|---|
| ମାର୍ଚ୍ଚ ୨୮ | ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ | ବେଙ୍ଗାଲୁରୁ | ସନ୍ଧ୍ୟା ୭ଟା ୩୦ |
| ମାର୍ଚ୍ଚ ୨୯ | ମୁମ୍ବାଇ ବନାମ କୋଲକାତା | ମୁମ୍ବାଇ | ସନ୍ଧ୍ୟା ୭ଟା ୩୦ |
| ମାର୍ଚ୍ଚ ୩୦ | ରାଜସ୍ଥାନ ବନାମ ଚେନ୍ନାଇ | ଗୁଆହାଟୀ | ସନ୍ଧ୍ୟା ୭ଟା ୩୦ |
| ମାର୍ଚ୍ଚ ୩୧ | ପଞ୍ଜାବ ବନାମ ଗୁଜରାଟ | ନ୍ୟୁ ଚଣ୍ଡିଗଡ଼ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧ | ଲକ୍ଷ୍ନୌ ବନାମ ଦିଲ୍ଲୀ | ଲକ୍ଷ୍ନୌ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୨ | କୋଲକାତା ବନାମ ହାଇଦ୍ରାବାଦ | କୋଲକାତା | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୩ | ଚେନ୍ନାଇ ବନାମ ପଞ୍ଜାବ | ଚେନ୍ନାଇ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୪ | ଦିଲ୍ଲୀ ବନାମ ମୁମ୍ବାଇ | ଦିଲ୍ଲୀ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୪ | ଗୁଜରାଟ ବନାମ ରାଜସ୍ଥାନ | ଅହମଦାବାଦ୍ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୫ | ହାଇଦ୍ରାବାଦ ବନାମ ଲକ୍ଷ୍ନୌ | ହାଇଦ୍ରାବାଦ୍ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୫ | ବେଙ୍ଗାଲୁରୁ ବନାମ ଚେନ୍ନାଇ | ବେଙ୍ଗାଲୁରୁ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୬ | କୋଲକାତା ବନାମ ପଞ୍ଜାବ | କୋଲକାତା | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୭ | ରାଜସ୍ଥାନ ବନାମ ମୁମ୍ବାଇ | ଗୁଆହାଟୀ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୮ | ଦିଲ୍ଲୀ ବନାମ ଗୁଜରାଟ | ଦିଲ୍ଲୀ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୯ | କୋଲକାତା ବନାମ ଲକ୍ଷ୍ନୌ | କୋଲକାତା | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧୦ | ରାଜସ୍ଥାନ ବନାମ ବେଙ୍ଗାଲୁରୁ | ଗୁଆହାଟୀ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧୧ | ପଞ୍ଜାବ ବନାମ ହାଇଦ୍ରାବାଦ | ନ୍ୟୁ ଚଣ୍ଡିଗଡ଼ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୧୧ | ଚେନ୍ନାଇ ବନାମ ଦିଲ୍ଲୀ | ଚେନ୍ନାଇ | ସନ୍ଧ୍ୟା ୭ଟା ୩୦ |
| ଏପ୍ରିଲ ୧୨ | ଲକ୍ଷ୍ନୌ ବନାମ ଗୁଜରାଟ | ଲକ୍ଷ୍ନୌ | ଅପରାହ୍ନ ୩ଟା ୩୦ |
| ଏପ୍ରିଲ ୧୨ | ମୁମ୍ବାଇ ବନାମ ବେଙ୍ଗାଲୁରୁ | ମୁମ୍ବାଇ | ସନ୍ଧ୍ୟା ୭ଟା ୩୦ |

# ଟାଇଟଲ ବଜାୟ ରଖିଲା ସୁନ୍ଦରଗଡ଼



ଚାମ୍ପିୟନ ସୁନ୍ଦରଗଡ଼ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

**କଟକ, ୧୧।୩ (କୁମାରଶ୍ରୀ)**

### କଳାହାଣ୍ଡି କପ୍

କଳାହାଣ୍ଡି କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ କଟକ-ଏ'କୁ ହରାଇ ଟାଇଟଲ ବଜାୟ ରଖିଛି। ଗୋବିନ୍ଦ ପୋଦାରଙ୍କ ନେତୃତ୍ୱାଧୀନ ସୁନ୍ଦରଗଡ଼ ଦଳ କ୍ରମାଗତ ଦ୍ୱିତୀୟଥର ଲାଗି କଳାହାଣ୍ଡି କପ୍ ବିଜେତା ହୋଇଛି। ବିଜୟୀ ଦଳକୁ ଟ୍ରଫି ସହ ୫ ଲକ୍ଷ ଓ ରନରଅପ୍ ଦଳକୁ ଟ୍ରଫି ଓ ୩ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସୌମ୍ୟରଞ୍ଜନ ଲେଙ୍କା ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ କଟକ-ଏ' ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଓପ୍‌ନର ରାଜେଶ ଧୂପର ୪ ଏବଂ ରାମଚନ୍ଦ୍ର ବେହେରା ୧୩ ରନ୍‌ରେ ପାଭିଲିୟନ ଫେରିଥିଲେ। ପରେ ସମିତ୍ କୁମାର ବେଜା ଖାତା ଖୋଲିବା ପୂର୍ବରୁ କ୍ରିଜ୍ ଛାଡ଼ିଥିଲେ। ସାଇଦୀପ ମହାପାତ୍ର ୭୪, ଅନିଲ ପରିଡ଼ା ୪୩ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ୩୩ ରନ୍ ବଳରେ କଟକ-ଏ' ୯ ଉଇକେଟ ବିନିମୟରେ ୨୩୬ ରନ୍ କରିଥିଲା। ସୁନ୍ଦରଗଡ଼ ପକ୍ଷରୁ ଅଧିନାୟକ ଗୋବିନ୍ଦଙ୍କ ସମେତ କ୍ରୀଷ୍ଣା ପଲାଇ, ଅଭିଷେକ ସିଂହ ଏବଂ ସୌମ୍ୟରଞ୍ଜନ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୨୩୭ ରନ୍ ବିଜୟଲକ୍ଷ୍ୟକୁ ସୁନ୍ଦରଗଡ଼ ୪୩ ଓଭରରେ ୮ ଉଇକେଟ ହରାଇ ହାସଲ କରିନେଇଥିଲା। ଓପ୍‌ନର ବିଭାଶ ସ' ୩୨ ବଲ୍‌ରୁ ୫୨ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ୱାଲଟର ଟପ୍ପୋ ୪୧, ଗୋବିନ୍ଦ ୨୯ ଓ ସୌଭାଗ୍ୟ ରାଉତ ୨୮ ରନ୍ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିବା ସୌମ୍ୟ ୧୯ ବଲ୍‌ରୁ ୨୩ ରନ୍ କରିଥିଲେ। ଦୁଇ ସ୍ପିନର ଶୁଭମ ନାୟକ ଏବଂ ସୁମିତ ଶର୍ମା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ତଥା ବିସିସିଆଇ ମ୍ୟାଚ୍ ରେଫରି ସଞ୍ଜୟ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ରେ ବୁଧବାର ଅତିଥିଭାବେ ଯୋଗ ଦେଇଥିବା ଅଲିମ୍ପିଆନ ଦ୍ୟୁତୀ ଚାନ୍ଦ କର୍ମକର୍ତ୍ତାଙ୍କ ଗହଣରେ।

# ଅଷ୍ଟ୍ରେଲିଆ ଛାଡ଼ିଲା ଇରାନ ମହିଳା ଫୁଟ୍‌ବଲ ଦଳ

**ଗୋଲ୍ଡ କୋଷ୍ଟ, ୧୧।୩ (ଏପି)**

ଇରାନ ମହିଳା ଫୁଟ୍‌ବଲ ଦଳ ଏହାର ୭ ସଦସ୍ୟଙ୍କୁ ଅଷ୍ଟ୍ରେଲିଆରେ ଛାଡ଼ି ସ୍ୱଦେଶ ଅଭିମୁଖେ ଗସ୍ତ କରିଛି। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପୂର୍ବରୁ ଏସିଆନ୍ ମହିଳା ଫୁଟ୍‌ବଲ କପ୍ ଖେଳିବା ଲାଗି ଅଷ୍ଟ୍ରେଲିଆ ଯାଇଥିଲା। ଦଳ ସେଠାରେ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବାଦ୍‌ପଡ଼ିଛି। ଯୁଦ୍ଧ ପରିସ୍ଥିତି ଯୋଗୁ ୭ ଜଣ ଖେଳାଳି ନିଜ ଦେଶକୁ ନ ଯାଇ ଅଷ୍ଟ୍ରେଲିଆରେ ଶରଣ ଭିକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ମାନବିକତା ଭିଜା ଗ୍ରହଣ କରିଛନ୍ତି, ଯାହାଫଳରେ ସେମାନେ ସ୍ଥାନୀୟ ଭାବେ ଅଷ୍ଟ୍ରେଲିଆରେ ବସବାସ କରିପାରିବେ। ମାତ୍ର ୭ମ ଜଣକ ପରେ ଇରାନ ଫେରିଯିବା ଲାଗି ନିଷ୍ପତ୍ତି ନେଇଛନ୍ତି ବୋଲି ଅଷ୍ଟ୍ରେଲିଆ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରୀ ଟୋନି ବୁର୍କ୍ କହିଛନ୍ତି। ଅଷ୍ଟ୍ରେଲିଆରେ ଜଣେ ଚାହିଁଲେ ତାଙ୍କ ମନ ପରିବର୍ତ୍ତନ କରିପାରିବେ।

# ବିଶ୍ୱକପ୍ ବିଜୟୀ ଭାରତକୁ ମିଳିଲା ୨୫ କୋଟି ପୁରସ୍କାର

**ଦୁବାଇ, ୧୧।୩ (ପି.ଟି.)**

ପୁରୁଷ ଟି୨୦ ବିଶ୍ୱକପ୍ ବିଜେତା ଭାବେ ଭାରତକୁ ପୁରସ୍କାରର ବଡ଼ଭାଗ ୨,୭୩୯,୪୨୩ ଆମେରିକୀୟ ଡଲାର (ପ୍ରାୟ ୨୫ କୋଟି ଟଙ୍କା) ପ୍ରଦାନ କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ତରଫରୁ ଘୋଷଣା କରାଯାଇଛି। ଭାରତ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଟ୍ରଫି ହାସଲ କରିପାରିଛି। ୨୦୨୪ ମସିହାରେ ପ୍ରଚଳିତ ଆଇସିସି ପୁରସ୍କାର ରାଶିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିବା ଏହି ପୁରସ୍କାରରୁ ପ୍ରତିଫଳିତ ହେଉଛି। ଖେଳାଳିମାନଙ୍କ ଆର୍ଥିକ ପୁରସ୍କାର ବୃଦ୍ଧି ଏବଂ ବିଶ୍ୱରେ କ୍ରିକେଟ୍ ଖେଳର ପ୍ରସାରକୁ ଲକ୍ଷ୍ୟ ରଖି ଏହା କରାଯାଇଛି। ରନରଅପ୍ ନ୍ୟୁଜିଲାଣ୍ଡ ଜାତୀୟ କ୍ରିକେଟ ଦଳକୁ ୧,୪୨୨,୬୯୨ ଆମେରିକୀୟ ଡଲାର(ପ୍ରାୟ ୧୩ କୋଟି ଟଙ୍କା) ଏବଂ ସେମିଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଯଥାକ୍ରମେ ୯.୨୪ କୋଟି ଏବଂ ୮.୯୭ କୋଟି ଟଙ୍କା ପାଇଛନ୍ତି। ଅନ୍ୟ ଫିନିଶରଙ୍କ ମଧ୍ୟରେ ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ୫୩୮,୨୬୯ ଡଲାର ଏବଂ ଶ୍ରୀଲଙ୍କା ୫୨୨.୬୯୨ ଡଲାର ପାଇଛି। ସେହିପରି ଜିମ୍ବାୱେ ଜାତୀୟ ଦଳକୁ ୪୯୧,୫୩୮ ଏବଂ ଶ୍ରୀଲଙ୍କାକୁ ୪୭୫,୬୯୨ ଡଲାର ମିଳିଛି। ସୁପର-୮ରୁ ବାଦ୍ ପଡ଼ିଥିବା ଆଫଗାନିସ୍ତାନ, ଅଷ୍ଟ୍ରେଲିଆ ଓ ୟୁଏସ୍ ପ୍ରତ୍ୟେକଙ୍କୁ ୩୦୯,୮୦୮ ଡଲାର ଲେଖାଏ ମିଳିଛି। ଅନ୍ୟ ୪ଟି ଦଳ ଇଟାଲୀ, ନେଦରଲାଣ୍ଡ୍ସ, ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ଓ ନେପାଳ ପ୍ରତ୍ୟେକେ ୨୫୬,୧୫୪ ଲେଖାଏ ଡଲାର ପାଇଛନ୍ତି ଏବଂ କାନାଡାକୁ ୨୨୫,୦୦୦ ଡଲାର ମିଳିଛି।

### ପଶ୍ଚିମ ଏସିଆ ବିବାଦ

# ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍ ସ୍ଥଗିତ

**ନୂଆଦିଲ୍ଲୀ, ୧୧।୩ (ପି.ଟି.):** ପଶ୍ଚିମ ଏସିଆ ବିବାଦ ଯୋଗୁ ଏପ୍ରିଲରେ ଅହମଦାବାଦ୍‌ରେ ହେବାକୁଥିବା ଏସିଆନ୍ ଭାରୋତ୍ତୋଳନ ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯିବା ସଙ୍ଗେସଙ୍ଗେ ଏହାକୁ ମେ' ମାସକୁ ଘୁଞ୍ଚାଇ ଦିଆଯାଇଛି। ଏହି ମହାଦେଶୀୟ ଇଭେଣ୍ଟ ପ୍ରକୃତରେ ଏପ୍ରିଲ ୧ରୁ ୧୦ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ଥିଲା। ବର୍ତ୍ତମାନ ଏହାକୁ ମେ' ୧୨ରୁ ୧୭ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଏସୀୟ ଭାରୋତ୍ତୋଳନ ମହାସଂଘ(ଏଡବ୍ଲୁଏଫ୍) କହିଛି, ସମସ୍ତ ପ୍ରତିନିଧିମଣ୍ଡଳୀ ଯେପରି ସୁରକ୍ଷିତ ସହ ପ୍ରତିଯୋଗିତାରେ ଭାଗ ନେଇପାରିବେ ସେଥିପ୍ରତି ଧ୍ୟାନ ଦିଆଯାଉଛି। ମଧ୍ୟପ୍ରାଚ୍ୟ ଓ ଉପସାଗର ଅଞ୍ଚଳର ସାମ୍ପ୍ରତିକ ପରିସ୍ଥିତିକୁ ନେଇ ୨୦୨୬ ଏଡବ୍ଲୁଏଫ୍ ଏସିଆନ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌କୁ ଘୁଞ୍ଚାଇବାକୁ ପଡ଼ିଛି।

# ବ୍ୟାଟିଂରେ ଅଭିଷେକ-କିଶନ ପ୍ରଥମ-ଦ୍ୱିତୀୟ

**ଦୁବାଇ, ୧୧।୩ (ପି.ଟି.)**

ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍‌ରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଇଶାନ କିଶନ ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ବ୍ୟାଟର ର୍‍ୟାଙ୍କିଙ୍ଗ୍ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତେବେ ଅଭିଷେକ ଶର୍ମା ତାଙ୍କଠାରୁ ୪ ପଏଣ୍ଟ ବ୍ୟବଧାନରେ ରହି ପ୍ରଥମ ସ୍ଥାନରେ ଅଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ଦ୍ରୁତ ଅର୍ଦ୍ଧଶତକ ପାଇଁ ଅଭିଷେକ ର୍‍ୟାଙ୍କିଙ୍ଗ୍ ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଟୁର୍ନାମେଣ୍ଟରେ ମୋଟ ୩୧୭ ରନ୍ ସଂଗ୍ରହ ପରେ ବାମହାତୀ ଇଶାନ କିଶନ ଦୁଇ ସ୍ଥାନ ଉନ୍ନତି ସହ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। କିଶନଙ୍କ ରେଟିଂ ପଏଣ୍ଟ ୮୭୧ ରହିଥିବା ବେଳେ ଅଭିଷେକଙ୍କ ପଏଣ୍ଟ ସଂଖ୍ୟା ୮୭୫ ରହିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ଟିମ୍ ଶିଫର୍ଟଙ୍କ ପଏଣ୍ଟ ସଂଖ୍ୟା ୪ ସ୍ଥାନ ଉପରକୁ ଉଠି ୬ଷ୍ଠ ସ୍ଥାନ ଅଧିକାର କରିଥିବା ବେଳେ ଟି୨୦ ବିଶ୍ୱକପ୍‌ରେ କେତୋଟି ପ୍ରଭାବୀ ବ୍ୟାଟିଂ ଯୋଗୁ ଇଂଲଣ୍ଡର ଜାକବ ବେଥେଲ ୧୭ ସ୍ଥାନ ଉନ୍ନତି ସହ ୧୬ତମ ସ୍ଥାନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ। ଅନ୍ତର୍ଜାତୀୟ ଟି୨୦ ବୋଲିଂ ର୍‍ୟାଙ୍କିଙ୍ଗ୍ ତାଲିକାରେ କିନ୍ତୁ ଗୋଟିଏ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭାରତ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରଥମ ସ୍ଥାନ ହରାଇବାକୁ ପଡ଼ିଛି। ତାଙ୍କ ସ୍ଥାନ ଆଫଗାନିସ୍ତାନ ସ୍ପିନର ରଶିଦ୍ ଖାନ୍ ଦଖଲ କରିନେଇଛନ୍ତି। ଚକ୍ରବର୍ତ୍ତୀଙ୍କ ପଏଣ୍ଟ ସଂଖ୍ୟା ୭୪୦ ରହିଥିବା ବେଳେ ରଶିଦ୍‌ଙ୍କ ପଏଣ୍ଟ ସଂଖ୍ୟା ୭୫୩ରେ ପହଞ୍ଚିଛି। ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟରେ ସେ ତାଙ୍କ ଦଳ ପାଇଁ ଚମତ୍କାର ବୋଲିଂ କରିଥିଲେ। ଚକ୍ରବର୍ତ୍ତୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗତ ସପ୍ତାହରେ କୌଣସି ମ୍ୟାଚ୍ ନ ଖେଳି ମଧ୍ୟ ରଶିଦ୍ ନମ୍ବର-୧ ସ୍ଥାନ ଅକ୍ତିଆର କରିନେଇଛନ୍ତି। ଗତ ଟି୨୦ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ନିମନ୍ତେ ଅନ୍ୟ କେତେଜଣ ଖେଳାଳିଙ୍କ ମଧ୍ୟ ଉନ୍ନତି ଘଟିଛି।

ଅନ୍ତର୍ଜାତୀୟ ଟି୨୦ ଅଲ୍‌ରାଉଣ୍ଡର ଦୌଡ଼ରେ ଜିମ୍ବାୱେ ଅଧିନାୟକ ସିକନ୍ଦର ରାଜା ଓ ଭାରତ ତାରକା ହାର୍ଦ୍ଦିକ୍ ପାଣ୍ଡ୍ୟା ସେମାନଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ସହ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

### ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍



ଅଭିଷେକ ଶର୍ମା ଓ ଇଶାନ କିଶନ।

# ଇରାକ ଖେଳାଳିଙ୍କୁ ଭିଜା ମଞ୍ଜୁର କଲା ମେକ୍ସିକୋ

**ମେକ୍ସିକୋ ସିଟି, ୧୧।୩ (ଏପି)**

ମଣ୍ଟେରୀରେ ମାର୍ଚ୍ଚ ୩୧ରୁ ଖେଳାଯିବାକୁ ଥିବା ବିଶ୍ୱକପ୍ ଆନ୍ତଃମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟ ଖେଳିବା ଲାଗି ଇରାକ ଜାତୀୟ ଫୁଟ୍‌ବଲ ଦଳର କେତେଜଣ ସଦସ୍ୟଙ୍କୁ ଭିଜା ମଞ୍ଜୁର କରାଯାଇଥିବା ମେକ୍ସିକୋ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରକାଶ କରିଛି। ଇରାନ ଯୁଦ୍ଧ ଯୋଗୁ ଇରାକୀ ଦଳ ପାଇଁ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଛି। ମାର୍ଚ୍ଚ ୮ରେ କେତେଜଣ ଖେଳାଳି ସାଉଦି-ଆରବସ୍ଥିତ ମେକ୍ସିକାନ୍ ଦୂତାବାସ ଯାଇ ଭିଜା ପାଇଁ ଆବେଦନ କରିଛନ୍ତି। ଗୁରୁବାର ଅନ୍ୟ କେତେଜଣ କାତାରସ୍ଥିତ ଦୂତାବାସରେ ଭିଜା ଲାଗି ଆବେଦନ କରିବେ। ତେବେ ଇତିମଧ୍ୟରେ କେତେଜଣ ଖେଳାଳିଙ୍କୁ ଭିଜା ମିଳିଯାଇଛି ଏବଂ ସରକାରଙ୍କ ତରଫରୁ ସେମାନଙ୍କ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ।

# ପ୍ରାପ୍ତି ପଦ୍ମଭା, କାର୍ତ୍ତିକେୟ ଚାମ୍ପିୟନ

**ଭୁବନେଶ୍ୱର, ୧୧।୩ (ତପନ ସ୍ୱାଇଁ)**

### ଏଆଇଟିଏ-ଓଟିଏ ସବ୍‌ଜୁନିୟର ଟେନିସ୍

ସର୍ବଭାରତୀୟ ଟେନିସ୍ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ୍ ଆସୋସିଏଶନ (ଓଟିଏ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ୧୦ ବର୍ଷରୁ କମ୍ ସବ୍‌ଜୁନିୟର ଟେନିସ୍ ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ୪ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକରୁ ୨୧ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହାର ବାଳିକା ବର୍ଗରେ ଓଡ଼ିଶାର ପ୍ରାପ୍ତି ପଦ୍ମଭା ଏବଂ ବାଳକରେ ଆନ୍ଧ୍ରପ୍ରଦେଶର କାର୍ତ୍ତିକେୟ ପଗଦଲ ଚାମ୍ପିୟନ ହୋଇଛନ୍ତି। ବାଳିକା ବର୍ଗ ଫାଇନାଲରେ ପ୍ରାପ୍ତି ପଦ୍ମଭା ନିଜ ରାଜ୍ୟର ଅଭିକା ମହାପାତ୍ରଙ୍କୁ ୪-୧, ୪-୧ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଅଲ୍ ଆନ୍ଧ୍ର ପ୍ରଦେଶ ଫାଇନାଲରେ କାର୍ତ୍ତିକେୟ ୪-୨, ୧-୪, ୪-୨ରେ ଆଶୁତୋଷ ବର୍ମାଙ୍କୁ ହରାଇ ଦେଇଛନ୍ତି। ଓଟିଏ ସମ୍ପାଦକ ସଞ୍ଜୀବ ପଣ୍ଡା, ମୁଖ୍ୟ କୋଚ୍ ବିନୋଦ ସେଠ୍ ଓ ଶିବଶଙ୍କର ପରିଡ଼ା ପ୍ରମୁଖ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସତ୍ୟଜିତ ମହାନ୍ତି ଓ ରେଫରି ଶିବଶଙ୍କର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳନା ହୋଇଥିଲା।



ପୁରସ୍କାର ସହ ଚାମ୍ପିୟନ, ରନରଅପ୍ ପ୍ରତିଯୋଗୀ ଓ ଅତିଥିବୃନ୍ଦ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ